

# ବଢ଼ ଯାଉଉଷ୍ଠି

ଶ୍ରୀ ଗଉରିଂହରା

# ବଡ଼ଘରର ଝିଅ

ଲେଖକ :

ଅଧ୍ୟାପକ—ନରସିଂହ ସାହୁ

ପ୍ରକାଶକ :

କଟକ ଟ୍ରେଡିଂ କମ୍ପାନୀ
ବାଲୁବଜାର, କଟକ

# ବଡ଼ଘରର ଝିଅ

ଲେଖକ :

ଅଧ୍ୟାପକ—ନରସିଂହ ସାହୁ

ପ୍ରକାଶକ :

ଶ୍ରୀ ସୁଶାନ୍ତ ମିଶ୍ର
କଟକ ଟ୍ରେଡ଼ିଂ କମ୍ପାନୀ
ବାଲୁବଜାର, କଟକ-୨

ମୁଦ୍ରଣ :

ଷବର୍ତ୍ତନ ପ୍ରିଣ୍ଟର୍ସ
ଝାଞ୍ଜିରିମଙ୍ଗଳା, କଟକ-୯

ମୂଲ୍ୟ—ପନ୍ଦରଟଙ୍କା ମାତ୍ର

ସେବା, ତ୍ୟାଗ, ନିଷ୍ଠା, ଆତ୍ମୋତ୍ସର୍ଗର ଜୀବନ୍ତ ପ୍ରତିମା, ଅଗ୍ନିଯୁଗର ମହୀୟସୀ ମହିଳା ମାଆ **ରମାଦେବୀ**ଙ୍କ ପବିତ୍ର ଚରଣ ତଳେ ।

ପ୍ରଣତ

—ନରସିଂହ

ତା ୫।୨।୯୦

## —ଏକ—

ମଶାଣି କୋଳରେ ଚିତା ଜଳେ—ଧୂ ଧୂ—ତରୁଣୀ ପ୍ରିୟାର ସୁକୁମାର ତନୁଟିକୁ ଜାଳିପୋଡ଼ି ଘଣ୍ଟାକେ କରିଦିଏ ମୁଠାଏ ପାଉଁଶ । ତରୁଣର ଆଖି ଫୁଟାଇ ଝରିଆସେ ରକ୍ତ । କିନ୍ତୁ ଉଡ଼ିଗଲା ଚଢ଼େଇଟି ଆଉ ଫେରେନା । ମାଟି ଦେହଟା ମିଳେଇ ଯାଏ ମାଟିରେ ।

ବିଚିତ୍ର ଏ ଚିତା । ମଲା ମଣିଷ ପ୍ରତି ତା'ର ଯେତିକି ଲୋଭ, ଜୀଅଁନ୍ତା ମଣିଷ ପ୍ରତି ତା'ର ସେତିକି ଅବଜ୍ଞା । ମଲା ମଣିଷର ଦେହଟା ଏଥିରେ ଜଳି ପୋଡ଼ି ପାଉଁଶ ହୁଏ ସିନା, ତା ଆତ୍ମା ଶାନ୍ତି ପାଏ, ମୁକ୍ତି ପାଏ । କିନ୍ତୁ ଯେ ଜୀଇଁ ବଞ୍ଚି ରହେ, ତା ଦେହଟା ଖାଲି ନାମକୁ ମାତ୍ର ଜୀଇଁ ରହେ ସିନା, ତା' ଆତ୍ମା ସେହିଦିନୁ ମରି ମରିଯାଏ—ତା' ପ୍ରାଣ ସେହି ଦିନୁ କଳବଳ ତଡ଼ଳ ବିକଳ ହୋଇ ଜୀବନ ସାରା ଝୁରି ହୁଏ ।

ଚିତା ଜଳେ—ମଲା ମଣିଷ ଶାନ୍ତି ପାଏ—ଜୀଅଁନ୍ତା ମଣିଷ ତିଳ ତିଳ କରି ମରେ ।

\+ \+ \+ \+

ନଈକୂଳ । ପାଖରେ ଗୋଟିଏ ଶ୍ରେଷ୍ଠ ମଶାଣି । ସେଥିରେ କେଇଟି ସାନବଡ଼ ସ୍ମୃତିସ୍ତମ୍ଭ । ତା' ସେପାଖକୁ ସ୍ୱର୍ଗଦ୍ୱାର—ଜଗନ୍ନାଥ, ଶିବ ଦୁର୍ଗାଙ୍କ ମନ୍ଦିର । ଛୋଟ ନଈଟି କୁଳୁକୁଳୁ ହୋଇ ବହି ଯାଉଛି କାହିଁ କେଉଁ ଅନାଦି ଅନନ୍ତ କାଳରୁ । କେତେ କାଠିକୁଟା ଭାସି ଯାଉଛି; କେତେ ପାଣି ଫୋଟକା ଘଡ଼ିକେ ଉଠି ଘଡ଼ିକେ ପୁଣି ମିଳେଇ ଯାଉଛି; କେତେ ମଣିଷ ଏହାର କୂଳରେ ହସିଖେଳି ନାଚିକୁଦି ଦିନ କେଇଟାରେ ପୁଣି ପାଖ ମଶାଣିରେ ପାଉଁଶ ହୋଇ ମାଟିରେ ମିଶି ଯାଉଛନ୍ତି । ସାନ ବଡ଼, ଗରିବ ଭଲବର, ପାଠୁଆ ମୂର୍ଖ, ଟୋକା, ବୁଢ଼ା, କାହାରି ବାଛ—ବିଗ୍ଭର ନାହିଁ । ସଭିଏଁ ଆସୁଛନ୍ତି । ସଭିଙ୍କ ମୁହଁରେ ସକାଳର ସୁନା ଆଲୁଅ ଭଳି ଦିନ କେଇଟି ପାଇଁ ହସ ଆନନ୍ଦ ଉକୁଟି ଉଠୁଛି । ନିର୍ଜନ ନଈ କୂଳଟି କ୍ଷଣକ ପାଇଁ ଫାଟି ପଡ଼ୁଛି ଗହଳ ଚହଳରେ । ପୁଣି ଘଡ଼ିକେ ସବୁ ଶୂନ୍‌ଶାନ୍ । ଗ୍ଭହୁଁ ଗ୍ଭହୁଁ ଆଖି ପିଛୁଳାକେ ମାଡ଼ି ଆସୁଛି ଅନ୍ଧାର । ଶ୍ରାବଣ ସନ୍ଧ୍ୟାଭଳି ଘନେଇ ଆସୁଛି ଜୀବନ ସନ୍ଧ୍ୟା । ଆଗିଲା ପିଛିଲା ଉଜା ଉଜା ହୋଇ ସଭିଏଁ ପୁଣି ଗୋଟିଏ ଗୋଟିଏ ଆଖି ବୁଜୁଛନ୍ତି । ·· ଜଣ ଜଣ ଏମିତି କେତେ ଆସୁଛନ୍ତି, କେତେ ଯାଉଛନ୍ତି—ନଈଟି କିନ୍ତୁ ବହି ଗ୍ଭଲିଛି ଚିରଦିନ - ଚିରକାଳ । କଅଁଳ ବାଲିଶେଯ ଉପରେ ମଥା ରଖି ଅଙ୍କାବଙ୍କା ସରୁ ନଈ ଧାରଟି କୁଳୁକୁଳୁ ଗୀତ ଗାଇ ଗାଇ ଥିର ଥିର ହୋଇ ବହି ଯାଉଛି ସୃଷ୍ଟିର କାହିଁ କେଉଁ ଆଦିମ ଯୁଗରୁ ।

ଏଇ ନଈକୂଳେ—ଏଇ ନଈ କୂଳର ସବୁଜ ଘାସ ଉପରେ ସେଦିନ ଡେଇଁ ଡେଇଁ ଖେଳି ବୁଲୁଥିଲା 'ମିନି' । କାଲିଭଳି ଲାଗୁଛି । ସେତେବେଳେ କିନ୍ତୁ ସେ ଏତେ ବଡ଼ଟେ ଝିଅ । ସୁନାଖଡ଼ିକା ଭଳି ପତଳପତଳିଆ ନହକା ରୂପ । ମୁଣ୍ଡରେ କେରାଏ କୁଞ୍ଚିକୁଞ୍ଚିଆ ବାଳ, କାନରେ ଯୋଡ଼ାଏ ସୁନାର ଫୁଲ, ହାତରେ ଦି'ପଟ ସରୁ ସରୁ ସୁନା କାଚ । ବଡ଼ ଘରର ଗୋଟିଏ ବୋଲି ଝିଅ । ପୁଅପିଲା କିଛି ନଥିଲେ । ତେଣୁ ପିଲାଟିଦିନୁ ସିଏ ଖାଲି ଅଲିଅଲି, ଖାଲି ଖେଳିବସର । ହେଲେ ବଡ଼ଲୋକି ଢଙ୍ଗ ତାର ମୋଟେ ନାହିଁ । ସବୁବେଳେ ଧୀର କଥା, ଥିର ଗ୍ଭଲି । ମାଛିକୁ ମ' କହେ ନାହିଁ; ହାଲୁକା ପାଣିକି ଗୋଡ଼

ବଢ଼ାଏ ନାହିଁ । ଯେତେବେଳେ ଦେଖିବ, ସେତେବେଳେ ହସ ହସ; ଗଳ୍ପ ଅଇଲ୍ପ, ପର ଆପଣା—ସଭିଙ୍କ କଅଁଳ ମିଠା କଥା । ସେଇ ମିନି—ପିଲାଦିନେ ବାପା, ଦାଦାଙ୍କ ସାଙ୍ଗରେ କେତେଥର ଏଇ ନଈକି ଗାଧୋଇ ଆସିଛି; କେତେଥର ବୁଢ଼ା ବାପାଙ୍କ ସାଙ୍ଗରେ ସଞ୍ଜବେଳେ ଆସି ଏଇ ନଈ ବାଲିରେ ବସି ବସି ଗପ ଶୁଣିଛି । ପୁଣି କେତେଥର ତା' ବୟସର ଆଉ ଆଉ ଝିଅମାନଙ୍କ ସାଥିରେ ଆସି ଏଇଠି ଲୁଚକାଳି ଖେଳିଛି, ବୋହୂ ବୋହୂକା ଖେଳିଛି, କଣ୍ଢେଇ ବାହାଘର କରି ନଈ ବାଲିରେ ମିଛିମିଛିକା ଭାତ ଡାଲି ରାନ୍ଧି ତା' ସାଙ୍ଗସାଥୀଙ୍କୁ ପରଷିଛି ।

+ + + +

ଶ୍ରାବଣ ଯାଇଁ ଭାଦ୍ରବ ଆସେ । ନଈ ପଠାରେ ହସିଉଠେ କାଶତଣ୍ଡୀ ଫୁଲ । ନଈ କାଣ୍ଡିଆରେ ଲମ୍ବା ଲମ୍ବା ଶିଁଷା କାଢ଼ି ପାଚିଆସେ ହଳଦି ଗୁରୁଗୁରୁ ବଆଳଧାନ । ମାଟିର ମା' ହସି ଉଠନ୍ତି । ସୁନାର ଲହରୀ ଖେଳାଇ ନେଇ ବହିଯାଏ ଶିଇଶିଇ ପବନ । ନେଳିଆ ଆକାଶ କୋଳରେ ଉଡ଼ି ଉଡ଼ି କାହିଁ କେଉଁ ଅଜଣା ଅଶୁଣା ରାଇଜରୁ ଧାଇଁ ଆସନ୍ତି କେତେ ଜାତିକା ନୂଆ ନୂଆ ପକ୍ଷୀ । ସତେ ଅବା କୋଉ ଅଗନାଅଗନ ବନର ଶାନ୍ତ ପ୍ରକୃତିକ ଦଳ—ଦେହରେ ଶାଗୁଆ ରଙ୍ଗ, ଆଖିରେ ଶାନ୍ତ ସରଳ ଭାବ, ତୁଣ୍ଡରେ ରାମନାମ । ସେହି ପକ୍ଷୀ—ସେହି ଶୁଆ ପକ୍ଷୀ କଳକଳ ଶବ୍ଦ କରି ଦଳ ଦଳ ହୋଇ ଆସି ଜମା ହୁଅନ୍ତି ପାଚିଲା ଧାନକ୍ଷେତ ଉପରେ । ପୁଣି ଟିକି ଟିକି ଅଣ୍ଟରେ କଚରି ମିଚରି କରି ଧାନ ଖୁଣ୍ଟି ଖାଉଁ ଖାଉଁ ହଠାତ୍ କେତେବେଳେ ଫୁର୍‌କିନା ଉଡ଼ିଯାନ୍ତି ଆକାଶକୁ । ଶୋଇଲା କ୍ଷେତର ସୁନା ଫୁଲିଆ ଲୁଗା ଉପରେ ସକାଳୁ ସଞ୍ଜଯାଏ ଖେଳି ବୁଲୁଥାନ୍ତି ଏହି ଶାଗୁଆ ରଙ୍ଗର ଦଳକୁଦଳ ଶୁଆ । ଗୋଟିଏ ଅଧେ ନୁହେଁ; ଲକ୍ଷ ଲକ୍ଷ ତାଙ୍କରି ସଂଖ୍ୟା—ଅସରନ୍ତି, ଅକଳନ୍ତି, ଅସୁମାରି ।

ଶରତର ଏହି ପରମ ରମଣୀୟ ଶୋଭାସମୃଦ୍ଧ ଦୁନିଆର ଅନ୍ୟ କେହି ଉପଭୋଗ କରିବା ପୂର୍ବରୁ ଆଗ ଉପଭୋଗ କରନ୍ତି ଗାଁଗହଳର କଅଁଳ ଛନଛନ ଫୁଲକଳି—ପଲ୍ଲୀକୁମାରୀଗଣ । ପହିଲୁ ଆରମ୍ଭ ହୁଏ ତାଙ୍କର ଭାଲୁକୁଣୀ ଓଷା—

ଖୁଦୁରୁକୁଣୀ ପୂଜା । ସଭିଏଁ ମିଳାମିଶି ଫୁଲ ତୋଳନ୍ତି, ଗୀତ ବୋଲନ୍ତି, ରଙ୍ଗରସ ଥଟ୍ଟାପରିହାସ କରି ପ୍ରକୃତିର ହସ ଆନନ୍ଦ ଭିତରେ ଆପଣାକୁ ହଜାଇ ଦିଅନ୍ତି ।

ମିନୁ ବି ଠିକ୍ ସେଦିନ ଏହିଭଳି କରୁଥିଲା । ସାହିଟା ସାକର ଝିଅଙ୍କୁ ସାଙ୍ଗରେ ଧରି ଖୁଦୁରୁକୁଣୀ ଓଷାଦିନ ବଡ଼ିସକାଳୁ ଆସି ସେ ପହଞ୍ଚେ ଏହି ନଈକୂଳରେ । କାହା ହାତରେ ନଡ଼ି, କାହା ହାତରେ ଗୁଲୁଗା, କାହା ହାତରେ ଡାଲା । କିଏ କନିଅର ଫୁଲ ତୋଳେ; କିଏ କେତକୀ ଫୁଲକୁ ଆଙ୍କୁସି ବଢ଼ାଏ; କିଏ ଟଗର, ତଗରଟ, ଗୋଡ଼ିବାଣ ତୋଳି ଗୁଞ୍ଜ ଭିତରେ ସଜାଡ଼ି ରଖେ । ଦି'ଚାରିଜଣ ଷୋଳ ସତର ବରଷିଆ ଝିଅ ଇଟାଖୋଳ ପୋଖରୀରେ ପଶି ଛାତିଏ ପାଣିରେ ଠିଆ ହୋଇ ନାଲି ନୀଳ କଇଁଫୁଲ ତୋଳନ୍ତି । ନଈକନାର ଝଙ୍କାଳିଆ ଗଛଟି ତଳେ ନଇଁପଡ଼ି ସକାଳର କାକରବୋଳା ଘାସ ଉପରୁ ମିନୁ ଗୋଟାଏ କେତୋଟି ଟିକି ଟିକି ଝିଙ୍ଗଫୁଲ—ରଙ୍ଗ-ଶିଉଳି ଠିକ୍ ତାରି ଭଳି ସ୍ୱଚ୍ଛ, ଶୁଭ୍ର, ଲଳିତ, କୋମଳ ଫଳରେ ଡାଳ ଉଛୁଳୁ ମୁଛୁଳୁ ହୁଏ । ମନରେ ଆନନ୍ଦ ଭରିଉଠେ, ମିନୁ ଫେରେ । ସଭିଏଁ ମିଳି, ନଈବାଲିରେ ବାଲୁକା ଥାପନ କରନ୍ତି । ସାତଫେଣ୍ଟି ଅପମାରଙ୍ଗ ଡାଙ୍ଗ ପୋଡ଼ି ପୂଜା କରନ୍ତି । ହୁଳହୁଳି ଶବ୍ଦରେ ଜାନଅତରୁ ପଡ଼େ ବଡ଼ ବଡ଼ ଝିଅଗୁଡ଼ାଙ୍କର ଜଳକାଳିଆ ହସରେ ନିର୍ଜନ ନଈକୂଳଟା କ୍ଷଣକ ପାଇଁ ଉଚ୍ଛୁଳି ଉଠେ । ନଈ ଭିତରେ ପଶି ଗାଧୋଇ ଗାଧୋଇ ମିନୁ ଅନ୍ୟ ଝିଅଙ୍କ ସାଙ୍ଗରେ ବୋଲେ ଖୁଦୁରୁକୁଣୀ ଓଷା ଗୀତ—

ନଈ ସେ ପାରିରେ କେ କେ ଯାଉଛ ଲୋ
ଗହମ ବୁଣା ହୋଇଛି,
ଗହମ ସାଙ୍ଗରେ କୋଶଳା ଶାଗ ଲୋ ମାଧୋଇ ତୋଳି ନେଉଛି ।
ମାଧୋଇ ଅଣ୍ଟାରେ ଗୋଠ;
ଏହି ଗୋଠ ଲାଗି ଯିବ କଟକ ଲୋ ଆଣିବ ପୁଳା ମକୁଟ ।

ସୁନା ମକୁଟରେ ଜରି,
ମୋ ଝିଅ କା' ସଙ୍ଗେ କରିଛି କଳି ଲୋ ମୁହଁଟା ଯାଇଛି କଳି ।

\+ + + +

ଦିନ ଗଡ଼ିଯାଏ । ଧୋବ ଫର ଫର ଜହ୍ନ ଆଲୁଅରେ ସାରା ପୃଥିବୀକୁ ଭସେଇ ନେଇ ହସିଉଠେ କୁଆଁର ପୁନେଇର ରୂପାଥାଳି ଚାନ୍ଦ । ବାଡ଼ିରଙ୍କାରେ ଫୁଟିଉଠେ ଅସୁମାରି ଜହ୍ନିଫୁଲ । ପୋଖରୀ ମଝିରେ ନାଲି ଟହ ଟହ ଓଡ଼ଣା ଖୋଲି ନାଚି ଉଠନ୍ତି ଅଗଣିତ ନାଲି, ନୀଳ, ଧଳା କଇଁ । ନଈବନ୍ଧର ଝଙ୍କାଳିଆ ଗଛ ଡାଳରେ ଟିକି ଟିକି ଓଠ ଥରାଇ ହସିଉଠେ କଅଁଳ ଛନ ଛନ ଗଙ୍ଗଶିଉଳି । କୁଆଁର ପୁନେଇ କୁଆଁରୀ ଝିଅଙ୍କର ବଡ଼ ପରବ । ରଙ୍ଗ ବେରଙ୍ଗର ନୂଆ ନୂଆ ଲୁଗାପିନ୍ଧି ଚନ୍ଦନ ଅଳତା ନାଇ ଗୋଟି ଗୋଟି ହୋଇ ସଭିଏଁ ଆସି ଜମାହୁଅନ୍ତି ନଈକୂଳରେ । ମୁହଁରେ ଉଛୁଳା ହସ, ଦେହରେ ଅଜଣା ପୁଲକ, ମନରେ ଉଛୁଳା ଆଶା, ରୁପେଲି ଜହ୍ନ ଆଲୁଅ ତଳେ ସଭିଏଁ ଫୁଲି ଫୁଲି ଉଠନ୍ତି ।....ଟିକିଏ ମଠେଇ କରି ପଛରେ ଆସେ ମିନି । ଗୋରା ତକ୍ ତକ୍ ସୁନାଦେହରେ ତାର ଖେଳି ଯାଉଥାଏ ଝରଣାଶାଢ଼ୀର ଢେଉ ଢେଉକା ଭଙ୍ଗ, ଟିକି ଟିକି ପାଦ ଯୋଡ଼ିକରେ ରକ୍ତର ଅଳତା, ସଜଫୁଟିଲା ଗୋଲାପ ମୁହଁଟି ଉପରେ ଚନ୍ଦନବିନ୍ଦୁର ମନୋରମ ପରିପାଟୀ । ଗଭାରେ ଫୁଲ, ହାତରେ ଫୁଲ, ବେକରେ ଫୁଲହାର । ସତେ ଯେମିତି ସରଗରାଇଜର ପରୀଟିଏ—ହସ ହସ, ଢଳ ଢଳ, ଛନ ଛନ । ମଂଜୁଟା ବଡ଼ ଦୁଷ୍ଟ । ଏତେଗୁଡ଼ାଏ ଲୋକଙ୍କ ଆଗରେ କହି- ପକାଏ—'କିଲୋ ! ଏ ଅପରୂପ ସାଜ କାହାପାଇଁ ? ଠିକ୍ ତ ବାହା ବେଦୀରୁ ଉଠି ଆସିଲୁ ଭଳି ଦିଶୁଛୁ । ବର ତୋ'ର କୁଆଡ଼େ ଗଲେ ଶୁଣେ ?' ଅଭିଆଡ଼ୀ ଟୋକ ପଞ୍ଝାକ କିଲି କିଲି ହୋଇ ହସିଉଠନ୍ତି । ମିନି କିନ୍ତୁ ଲାଜକୁଳୀ ଲତାଟି ଭଳି ଝାଉଁଳି ପଡ଼େ ସରମରେ । ମଂଜୁ ପିଠିରେ ବସାଏ ଠୋଠୋ ମାଡ଼ .... ସେଇ ମିନି, ସେଦିନ କୁଆଁରୀ ଝିଅଙ୍କ ସାଙ୍ଗରେ ବସି ଚାନ୍ଦ ପୂଜିଥିଲା, ପୁଚି ଖେଳିଥିଲା,

କୁଆଁର ପୁନେଇଁ ଗୀତ ବୋଲି ଗଗନ ପବନ ଉଚ୍ଛୁଳାଇ ଦେଉଥିଲା । ଏଇ ନଈ ଦେଖିଛି—ଏଇ ଗୁନ୍ଦ ସାକ୍ଷୀ ଅଛି ।

* * * *

ଠିକ୍ ତାର ମାସକ ପରେ—କାର୍ତ୍ତିକ ପୂନେଇ । ନଈକୂଳର ଚଉସମ୍ଭ୍ରଲେ ବାଲିର ମୁରୁଜ କାଟି ଭକ୍ତିପୂତ ଚିତ୍ତରେ ପୂଜାକରନ୍ତି ଗାଁର ବୋହୂ ଝିଅ । ସୂରୁଯ ଦେବତା ଉଠିବା ଆଗରୁ ସଭିଏଁ ଆସି ସେଦିନ ସ୍ନାନ ସାରନ୍ତି— ପିତୃପୁରୁଷଙ୍କ ସ୍ମୃତି ସ୍ମରଣ କରି ପିଲାଛୁଆ ଝିଅବୋହୂ—ସଭିଏଁ ଛୋଟ ଛୋଟ ସୋଲଡ଼ଙ୍ଗା ଭସାଇ ଦିଅନ୍ତି । ଦାମୀ ସାଲଖଣ୍ଡିଏ ଘୋଡ଼େଇ ହୋଇ ମା' ଖୁଡ଼ୀମା'ଙ୍କ ସାଙ୍ଗରେ ହସି ହସି ଆସି ପହଞ୍ଚେ ମିନ । ନାଲିନେଳି କାଗଜ- ଗୁଡ଼ା ଟିକି ଡଙ୍ଗାଟି ତା'ର । ଦି'ପାଖରେ ଯୋଡ଼ିଏ ରଙ୍ଗୀନ ପତକା, ଆଲୁଅ ଜାଳିବା ପାଇଁ ମଝିରେ ଦି'ଖଣ୍ଡ କାଉଁରିଆ, ତା' ଉପରେ ଘିଅବତି । ଡଙ୍ଗାଟିକି ଶୁଖିଲାରେ ରଖିଦେଇ ସେ ଆଗ ପାଣିରେ ପଶେ । ସଭିଙ୍କ ଭଳି ପାନଗୁଆ ହାତରେ ଧରି କହେ-'ଅକା ମା' ବଇ-ପାନଗୁଆଖାଇ ମାସକ ଧରମ ତୋର, ଦିନକ ଧରମ ମୋର ।' ବୁଡ଼ମାରି ଉପରକୁ ଉଠେ । ଶୁଖିଲା ପାକଲା ଲୁଗା ପିନ୍ଧି, ସାନ ଖୁଡ଼ୀମା'ଙ୍କ ସାଙ୍ଗରେ ସେ ତା'ର ନାଉଗିଅପିନ ଟିକି ଡଙ୍ଗାଟିକି ଭସାଇଦିଏ ନଈ ସୁଅରେ । ତା'ପରେ କେତେ ଫୁଲଝରି ଜଳେ, କେତେ ହାବେଲୀ ମାରେ । କେତେ ହସଖେଳ ମାନ ଅଭିମାନ କରି ସାଙ୍ଗସୁଖଙ୍କ ସାଥୀରେ ଘରକୁ ଫେରେ । ସବୁ ଦେଖିଛି ଏ ନଈ, ସବୁ ଦେଖିଛି ଏପାଖ ମଶାଣିର ଝଙ୍କା ବରଗଛ ।

ବେଶୀ ଦିନ ନୁହେଁ । ମୋଟେ ଦଶଟି ବରଷ ତଳର କଥା, ଆଜି ବି ସେ ସବୁ ଜଳ ଜଳ କରି ଆଖି ଆଗରେ ଦିଶିଯାଉଛି । ଦିଶିଯାଉଛି ତାର ଲାଜ ଢଳ ଢଳ ଟିକି ମୁହଁଟି, ନାଚି ଯାଉଛି ତାର ନାଲି ଟହ ଟହ ହସ ଖଣ୍ଡିକ । ସେଇ ନଈଅଛି, ସେଇ ଗୁନ୍ଦ ଉଠୁଛି । ସେଇ ଝଙ୍କାଳିଆ ଗଛ ଦେହରୁ ବେତା ବେତା ଗଙ୍ଗଶିଉଳି ଝଡ଼ି ଜମା ହେଉଛି । କିନ୍ତୁ ନାହିଁ କଣେ—ସେହି ସୁନାର ପ୍ରତିମା ସୁକୁମାରୀ ଝିଅଟି । ଅକାଳରେ ଫୁଲଟି ଝଡ଼ି ପଡ଼ିଛି । ଅବେଳରେ

ପାପଟି ଲଭିଯାଇଛ । ବାପ ମା' ସାଙ୍ଗସାଥୀ, ସ୍ୱାମୀ ଶାଶୁ ସଭିଙ୍କ ଆଖିରେ ଲୁହର ସୁଅ ବୁହାଇ ଦେଇ ମିନ ଆଜ ଚାଲି ଯାଇଛ ମର ଦୁନିଆର ଆର ପାରକୁ ।

—ଦୁଇ—

ସରଗ ଲଗା, ସାତମହଲା କୋଠାରେ ତା'ର ଜନମ । ପିଲାଟିଦିନୁ ଭୋଗ ବିଳାସ, ଧନଐଶ୍ୱର୍ଯ୍ୟ କୋଳରେ ବଢ଼ି ଆସିଛ । ଅଭାବ କ'ଣ ଜାଣିନାହିଁ, ଦୁଃଖ କଣ ଭୋଗିନାହିଁ । କୁବେରପୁରୀର ଅଳିଅଳ ରାଜଲଳନା ସେ; ଘିଅରେ ଖାଇ ଦୁଧରେ ହାତ ଧୋଇଛି, ଦାମୀ ଦାମୀ ଶାଢ଼ୀ, ଗହଣା, ସ୍ନୋ, ପାଉଡ଼ରରେ ସବୁବେଳେ ନିଜକୁ ସଜାଇ ରଖିଛି, ବହୁମୂଲ୍ୟହୀରା, ନୀଳା, ମଣି, ମାଣିକ୍ୟ ଭିତରେ ସବୁବେଳେ ଆପଣାକୁ ହଜାଇ ଦେଇଛି ।

କିନ୍ତୁ ଆଶ୍ଚର୍ଯ୍ୟର କଥା, ଏତେ ଧନ ଦଉଲତ, ଆଦର ଅଲିଅଳ ଭିତରେ ଥାଇ ବି ସେ ଆଜିକାଲିକାର ବଡ଼ଘର ଝିଅଙ୍କ ଭଳି ଖାଲି ଏକ ଫାମ୍ପା କାଚ-କଣ୍ଢେଇ ହୋଇ ଗଢ଼ା ହୋଇନି । ଆଜିକାଲି ଝିଅମାନେ "ଯେମିତି ମହାକାଳ ଫଳ ଭଳି ଉପରେ ନାଲି ଟୁହୁ ଟୁହୁ ଚହଟଚକଣ, ଅଥଚ ଭିତରେ କଳା କଟ କଟ ପୋଡ଼ା ଅଙ୍ଗାର, ମିନ ସେମିତିକା ଝିଅ ନୁହେଁ । ଗୋଟିଏ ଦୃଷ୍ଟିରେ ହୁଏତ ସେ ଗଢ଼ା ନୁହେଁ; କିନ୍ତୁ କୋଟିଏ ଗୁଣରେ ସେ ଭରା । ସିନ୍ଦୂରଗୋଳା ପଲାଶ ଫୁଲ ଭଳି ସେ ସୁନ୍ଦର ନୁହେଁ ସତ । କିନ୍ତୁ ଟିକି ଟିକି ହେନାଫୁଲ ଭଳି ସେ ଗୁଣର । ସୌନ୍ଦର୍ଯ୍ୟର ଗର୍ବରେ ଗର୍ବିତ ନହୋଇ ସୌରଭର ଗୌରବରେ ସେ ମହୀୟସୀ । ବଡ଼ଘର ହେଲେ କ'ଣ ହେବ ମନରେ ତାର ଏତେ ଟିକିଏ ବଡ଼ଲୋକି ଢଙ୍ଗ ନାହିଁ । ବେଖାତିର ଖୋଇ ନାହିଁ । ମାନଥାନ ଯେମିତି ସ୍ନେହମଧୁର ବ୍ୟବହାର ସେମିତି । ସେଇଥିପାଇଁ ପିଲାଙ୍କୁ ବୁଢ଼ା ଯାଏ ଘରବାହାର, ଗାଁ ଆଇଲା ସଭିଏଁ ତାକୁ ଭଲ ପାଆନ୍ତି ସଭିଏଁ ତାକୁ ସ୍ନେହ କରନ୍ତି ।

ଧନର ଅଭାବ ନଥିଲା । ଇଚ୍ଛା କରିଥିଲେ ତା'ଙ୍କୁ ବି. ଏ. ଏମ୍. ଏ. ପଢ଼େଇ ବିଲାତ ପର୍ଯ୍ୟନ୍ତ ପଠେଇ ପାରିଥାନ୍ତେ । କିନ୍ତୁ ଆଜିକାଲି ଝିଅମାନେ ପାଠପଢ଼ି ଯେମିତି ଗୁଣ ନ କମେଇ ଅବଗୁଣ କମେଇଛନ୍ତି ସେମିତି ଉଦ୍ଧତ, ଉପରମୁହାଁ ମନମୋଟୀ ହୋଇ ସ୍ୱାମୀ ଶଶୁର ବାପ ଭାଇଙ୍କି ବେଖାତିର କରୁଛନ୍ତି, ସେଥିରେ ସେ ହିଏ ବୋଲି ଝିଅକୁ ବେଶୀଗୁଡ଼ିଏ ପାଠ ପଢ଼େଇବାକୁ ଉଚିତ ମନେ କଲେନି ବାପା । କଲେଜରେ ଉଚ୍ଚ ଶିକ୍ଷା ନ ନେଇ ବରଂ ସେହି ସମୟରେ ଘରେ ମା' ଖୁଡ଼ୀମା'ଙ୍କ ପାଖରେ ରୋଷେଇ ବାସ, ସିଲେଇ ଓ ଅନ୍ୟାନ୍ୟ ଘରକାରଣା କାମ ସବୁ ଶିଖେଇବାକୁ ସେ ଉଚିତ୍ମଣିଲେ । ତେଣୁ ମ୍ୟାଟ୍ରିକୁଲେସନ୍ ପାଶ୍ ପରେ ଆଉ ବେଶୀ ନ ପଢ଼ି ମିନି ସ୍କୁଲଗୁଡ଼ ଆସି ଘରେ ରହିଲା ।

...ଅନଭିପ୍ରେତ କଥା—ସଭିଙ୍କ ଜୀବନରେ ବି ଏମିତି ଅନଭିପ୍ରେତ ଆସେ ସେହି ମାହେନ୍ଦ୍ର ବେଳାଟି—

ସବୁଜ ଲତାର ଗହଳ ପତ୍ରର ସନ୍ଧରେ ଉଙ୍କିମାରେ ଛୋଟ କଢ଼ିଟିଏ । ବସନ୍ତ ଆସି ଛୁଇଁଯାଏ ତା' ଦେହ, ଜୋଛନା ଆସି ଚୁମିଯାଏ ତା' ମଥା, ମଳୟ ଆସି ଅରାଇ ଦିଏ ତା' ବୁକୁ । ଥିରମନ ଚହଲିଯାଏ, ଶୋଇଲା ଆଶା ଚେଇଁ ଉଠେ ତା'ପରେ '....ତା' ପରେ ସବୁ ସବୁ ଓଠଭଳ୍ପ ତା'ର ଝୁଣିଆସେ 'କଅଁଳ ହସ । ସରମ ବୋଳା ଓଢ଼ଣାଟି ଟେକି ଧୀରେ ଧୀରେ ସେ ଆଖି ଖୋଲେ ପାଖୁଡ଼ା ମେଲିଏ । ସକାଳର ସୁନା ଆଲୁଅରେ ପୁଣି ପୂରିଉଠେ ତା' ଯୌବନ । ମନରେ ପୁଲକ ଜାଗେ, ଦେହରେ ଶିହରଣ ଖେଳିଯାଏ । ଦୁନିଆର ସକଳ ଲାଜ ସଙ୍କୋଚ, ବାଧାବିଘ୍ନ, ନିନ୍ଦା ଅପବାଦକୁ ଆଡ଼େଇ ଦେଇ ସେ ତାର ତନୁ, ଜୀବନ, ଯୌବନ—ନେଇ ଅଜାଡ଼ି ଦିଏ ରସିକ ଭ୍ରମରର ଚରଣ ତଳେ ।

ଅବିକଳ ସେଇଆ ହେଲା ମିନି ଜୀବନରେ । ଫଗୁବୋଳା ଫଗୁଣର ମଙ୍ଗଳ ଲଗ୍ନରେ ସେଦିନ ବସନ୍ତ ଆସିଥାଏ ଧରାକୁ । ଦୂର ବନ୍‌ଗ୍ରାମସ୍ଥର

ଘନଗୁଳ୍ମ ସହକାର- କୁଞ୍ଜରୁ ରହି ରହି ଗାଇ ଉଠୁଥାଏ କୋଇଲି—ମଧୁର ମୂର୍ଚ୍ଛନାରେ ଭରି ଉଠୁଥାଏ ଜୀବନ । ନରମ ସଞ୍ଜ ନଇଁ ଆସିଲା । ରୂପେଲି ଜ୍ୟୋତ୍ସ୍ନାର ତରଳ ସୁଅ ଝଡ଼ିପଡ଼ିଲା ଶାନ୍ତ, ସରଳ ଗାଁଟି ଉପରେ । ମନଫୁଲାଣିଆ ଗୀତ ଗାଇ ଗାଇ ମଞ୍ଜୁକୁ ସାଙ୍ଗରେ ଧରି ମିନି ବାହାରିଲା ନଈକୂଳକୁ ବୁଲି । ଆଗରେ ଯାଉଥିଲେ ବୁଢ଼ାବାପା । ପଛରେ ଚାଲିଲେ ଝିଅ ଦୁଓଟି—ତନ୍ୱୀ, ତରୁଣୀ, ରୂପସୀ । ଦେହରେ ଦାମୀ ବନାରସୀ ଶିଲ୍କ, ଚିବୁକରେ ଅଜଣା ସ୍ନୋ, ଗଣ୍ଠିରେ ଜବାକୁସୁମର ଭୁରୁ ଭୁରୁ ଗନ୍ଧ ।

ନଈକୂଳେ—ଲୁଚି ଲୁଚି ଚୋରଙ୍କ ଭଳି କେତେବେଳେ ଆସି ପହଞ୍ଚିଛି ମଳୟ; କ ହାରକ ଜଣାନାହିଁ । ନଈବନ୍ଧର ଘାସ ଉପରେ ବସି ଆରପାରିର ଗୋଟିକିଆ ତାଳଗଛ ଆଡ଼କୁ ଏକ ଧ୍ୟାନରେ ଚାହିଁ ରହିଥିଲା ମିନି । କେଜାଣି କାହିଁକି ଦେହଟା ତା'ର ଶିହରି ଶୀତେଇ ଉଠିଲା । ଉଡ଼ି ଯାଉଥିବା ଛ ଧର ଲୁଗାଟାକୁ ସଜାଡ଼ି ସଜାଡ଼ି ମିନି ଦେଖିଲା ସେହି ଦୁଷ୍ଟ ମଳୟଟା କେତେବେଳେ ଛପି ଛପି ଆସି ତା'ର ଅଞ୍ଚଳ ତଳେ ଲୁଚିରହି ଘନ ଘନ ଚୁମ୍ବି ଯାଉଛି ତା' ମୁକୁଳା ଛାତିଟାକୁ । ସରମରେ ସଢ଼ିଗଲା ସେ । କିନ୍ତୁ ପଣତ କାନିଟାକୁ ଟାଣିଟୁଣି ଯେତେ ଯେତେ ସଜାଡ଼ିଲା, ଚୋର ମଳୟଟା ଲୁଚି ଲୁଚି—ତାକୁ ସେତେ ସେତେ ବଲ୍‌ବଲ୍ କଲା—ସେତେ ସେତେ ତା' ଛାତିରେ, ମଥାରେ, ଓଠରେ, ଗାଲର ସରୁ ସରୁ ଚୁମା ଛାଇଦେଲା । ସାରା ଆକାଶର ଜହ୍ନ ଆଲୁଅ ଆସି ବହିହୋଇ ପଡ଼ିଲା ତା' ଘର ପାଖରେ, ସତେକି ତାକୁ ସ୍ନେହସରାଗରେ କୋଳକୁ ଟାଣିନେଇ ଘନ ଘନ ଆଲିଙ୍ଗନ କଲା । ଦୂରରୁ ଭାସି ଆସିଲା ହେନାଫୁଲର ମଉଳିଲା ଗନ୍ଧ, ନଦୀବକ୍ଷରୁ ଗୁମରି ଉଠିଲା କଲକଲ୍ଲୋଳ ତରଙ୍ଗାୟିତ ଛନ୍ଦ । ସଭିଏଁ ମିଳି ତା'କୁ ପାଗଳ କଲେ—ତା' ଦେହ ମନରେ ନିଆଁ ଲଗାଇ ଦେଲେ । ନିଶା ଖାଇଲାଭଳି ଦେହ ଲାଗିଲା ଅଳସ—ମନ ଲାଗିଲା ଅବଶ । ଗୋଟିଏ ଜଣେ ଥରି ଥରି ସେ ଧୀରେ ଧୀରେ ଢଳି ପଡ଼ିଲା ମଞ୍ଜୁ ଉପରେ ।

'କ'ଣ ହେଲା କଲେ ?'—ତୋଳି ଧରୁ ଧରୁ ମଞ୍ଜୁ ପଚାରିଲା ।

'କିଛି ନାହିଁ, ବଡ଼ ଶୀତ ଶୀତ ଲାଗୁଛି । ବୁଢ଼ାବାପାଙ୍କୁ ଡାକ, ଶୀଘ୍ର ଘରକୁ ଯିବା ।'

ମିନଠାରୁ ଦୁଇବର୍ଷ ବଡ଼ ମଞ୍ଜୁ । ଜାଣି ପାରିଲା ସିଏ ତା'ର ଛାତି ତଳର ଅକୁହା କଥା—ବୁଝି ପାରିଲା ତା' ଅନ୍ତରର ଗୋପନ ବ୍ୟଥାର କରୁଣ ଝଙ୍କାର । ନିବିଡ଼ ଭାବରେ ତାକୁ ଛାତି ଉପରେ ଜଡ଼ାଇ ଧରି କହିଲା— 'ବୁଝିଲି ଲୋ ବୁଝିଲି । ଯୌବନ ନିଶା ଘାରିଲେ ଦେହ ଏମିତି ଶୀତ ଶୀତ ଲାଗେ—ମନ ଏମିତି ଡେଣାଲଗା ଚଢ଼େଇ ଭଳି କାହିଁ କେଉଁ ଅଜଣା ଅଶୁଣା ରାଇଜକୁ ଉଡ଼ିଯାଏ । ଅଚିହ୍ନା ସାଥୀଟିଏ ଧରି ତା'ର ଦେହରେ ଦେହ ମିଶାଇ ଦେବାକୁ ମନ ଉଷ୍ଣ ହୁଏ । ରହ, ଆଜି ମଉସାଙ୍କୁ କହୁଛି—ଦିବ୍ୟସୁନ୍ଦର ରଜାପୁଅଟିଏ କାଲି ସକାଳେ ତୋ ପାଇଁ ଖୋଜି ଆଣିବେ । ତେବେ ଯାଇଁ ତୋ'ର ଏ ଦେହର ଶୀତ ଯିବ—ମନର ନିଆଁ ଲିଭିଯିବ ।'

ମଞ୍ଜୁ ମୁହଁରେ ମୁହଁ ରଖି ମିନ କହିଲା—'ସତେ ଲୋ, ଦେହଟା ମୋର କାହିଁକି ଆଜି କେମିତି ହେଇ ଯାଉଛି । ହେଇ ଦେଖିଲୁ, ଛାତିଟା ମୋର କେମିତି ପଡୁଛି ଉଠୁଛି ।'—ମଞ୍ଜୁ ହାତ ଟାଣି ନେଇ ମିନ ତା' ଛାତି ଉପରେ ଚାପି ଧରିଲା ।

ସେତେବେଳକୁ ପାଖ ମଶାଣିର ସ୍ୱର୍ଗଦ୍ୱାର ମନ୍ଦିରରୁ ଆରତି ସରି ଆସିଥାଏ । ବୁଢ଼ାବାପା ତେଣୁ ଫେରିଆସି ଡାକିଲେ—ଆସରେ ମା' ଯିବା । ରାତି ବେଶୀ ହେଉଛି ।

ମିନ ମଞ୍ଜୁ ଉଠି ଠିଆ ହେଲେ ।

ଜହ୍ନ ପଡ଼ିଥାଏ ରଣୀଫୁଲ ପରି । ଦୋଳପୁନେଇ ଜହ୍ନ—କେତେ ସୁନ୍ଦର; କେତେ ତୋଫା । ସତେ ଯେମିତି ସାରା ଧରଣୀ ହସି ଉଠୁଛି । 'ବଳବନ; ପାହାଡ଼ ପର୍ବତ; ଗଛଲତା—ସଭିଏଁ ଯେମିତି ଭାସି ଯାଉଛନ୍ତି ସେହି ଉଛୁଳା ଜୋଛନାର ତରଳ ସୁଅରେ । ବସନ୍ତ ଋତୁ; ନଈକୂଳ; ତା' ଉପରେ

ପୁଣି ଏ ମଳୟସ୍ପର୍ଶ ରଜନୀଗନ୍ଧ । କାହା ମନ ଏଥିରେ ହୁଲୁସି ନ ଉଠିବ ? କାହା ପ୍ରାଣରେ ଏଥିରେ ଶିହରଣ ଖେଳି ନ ଯିବ ? ଆଉ ବନସ୍ତ ତ ସହଜେ ତରୁଣ । ସ୍ୱପ୍ନ, ସୌନ୍ଦର୍ଯ୍ୟ ଆଉ ସାଧନା ଭିତରେ ହିଁ ଫୁଟି ଉଠିଛି ତା'ର ତାରୁଣ୍ୟ । କଳା-କଳ୍ପନା ଆଉ କବିତାକୁ ନେଇ ହସି ଉଠୁଛି ତା'ର ଯୌବନ । ସେ ତ ଚିରଦିନ ସୌନ୍ଦର୍ଯ୍ୟର ପୂଜାରି । ଆଜି ପ୍ରକୃତିର ଏହି ଅପରୂପ ରୂପସମ୍ଭାରକୁ ଆକଣ୍ଠ ଉପଭୋଗ ନ କରି ନୀରବରେ ସେ ଘର କଣରେ ପଶି ରହନ୍ତା କିପରି ? ତେଣୁ ଅଫିସ କାମରୁ ଟିକିଏ ମୁକ୍ତି ପାଇବା ମାତ୍ରେ ସେ ଧାଇଁ ଆସିଛି ଏହି ନଈକୂଳକୁ ।

ନଈଟି ଛୋଟ; ହେଲେ ସବୁଦିନେ ପାଣିଥାଏ; ପୁଣି ସମୁଦ୍ର ନିକଟ ହୋଇଥିବାରୁ ଜୁଆର ମାଡ଼ିଆସେ - ପୂନେଇ ରାତିରେ ଉଚ୍ଛୁଳି ମୁଚ୍ଛୁଳି ହୋଇ ଏ କୂଳ ସେ କୂଳ ଖାଏ । ଏପଟେ ସହର; ସେପଟେ ନିପଟ ମଫସଲ—ପଲ୍ଲୀ ଗାଁ । ତେଣୁ କାଲି ଅନ୍ଧାରରୁ ମାଛ ଅନ୍ଧାର ଯାଏ ସବୁଦିନେ ଡଙ୍ଗାଟିଏ ଏପାଖ ସେପାଖ ହେଉଥାଏ । ଖରା ବର୍ଷା ଶୀତ—ଆଠକାଳି ବାରମାସି । ଆଜି ପୂନେଇ ଜହ୍ନ ଆଲୁଅରେ ରାତି ଆଜି ଦିନଠୁ ବଳି ଯାଇଛି । ତେଣୁ ଘାଟଡଙ୍ଗା ଏତେବେଳଯାଏ ବନ୍ଦ ହୋଇନାହିଁ । ବଜାର —ଫେରନ୍ତ ପସରୀଙ୍କ ଗହଳ ଚହଳ ଲାଗିଛି । ଲୋକଙ୍କର ପାଟିତୁଣ୍ଡ; ଯା'ଆସ ଭିତରେ ମିନୁ; ମଞ୍ଜୁ ଆଉ ଲକ୍ଷ୍ୟ କରି ନ ଥିଲେ ଯେ ଠିକ୍ ତାଙ୍କଠାରୁ ଦଶ ପନ୍ଦର ହାତ ଦୂରରେ ବସିଥିଲେ ବନସ୍ତକୁମାର । ସବୁ କଥା ସେଙ୍କର ଶୁଣିଛନ୍ତି—ସବୁ ଭାବଭଙ୍ଗୀ ସେଙ୍କର ଦେଖିଛନ୍ତି । ଦେଖିଛନ୍ତି ମିନୁର କଅଁଳ ଛନ ଛନ; ଲହୁଣୀ-କୋମଳ ମୁହଁ ଟିକି । ଶୁଣିଛନ୍ତି 'ତା'ର ଆଦ୍ୟ ଯୌବନର ବିରହ-ବ୍ୟଥିତ କରୁଣ ରାଗିଣୀ । ବିମଳ ଜ୍ୟୋସ୍ନା ଲୋକରେ ମିନୁର ଅଶାନ୍ତ ଗତି, ଅଶାନ୍ତ ଦେହ, ଅଶାନ୍ତ ଓଠ—ସବୁ ଲକ୍ଷ୍ୟ କରିଛନ୍ତି ବନସ୍ତବାବୁ । ଆଉ ନିଜେ ମଧ୍ୟ କେଜାଣି କାହିଁକି କ୍ଷଣକ ପାଇଁ ଅଥିର ଉଠିଛନ୍ତି । ମନ ଦୁର୍ବଳ ହୋଇ ଆସିଛି । ସ୍ଥିର ପାଣି ଚହଲି ଯାଇଛି ।

ମିନ, ମଞ୍ଜୁ ଉଠି ଠିଆ ହେଲେ ଫେରିବାକୁ କ'ଣ ଗୋଟାଏ ଖିଆଲରେ ବନସ୍ତବାବୁ ବି ଉଠିଲେ । ଆଗରେ ବୁଢ଼ାବାପା, ମଝିରେ ଯୋଡ଼ାଏ ତରୁଣୀ, ଆଉ ତା'ର ଦଶ ଜୋଡ଼ାଏ ହାତ ପଛରେ ସ୍ୱପ୍ନ ବିହ୍ୱଳ ତରୁଣ ବନସ୍ତକୁମାର । ସଭିଏଁ କେଇଟି ପାଦ ନୀରବରେ ଆଗେଇ ଗଲେ । କେହି କାହାକୁ ଦେଖି ନାହାନ୍ତି । ଆଗରେ ସେହି ଝଙ୍କା ବରଗଛ ।··ହଠାତ୍ ଗୋଟାଏ ବିକଟ ଚିତ୍କାରରେ ମିନ ଚମକି ପଡ଼ିଲା । ପଛକୁ ଗୁହିଁ ଦେଖିଲା କିଏ ଜଣେ ଗଛ ଛାଇ ତଳେ ତଳେ ଅଣନିଃଶ୍ୱାସୀ ହୋଇ ଦଉଡ଼ି ପଳଉଛି । ଆଉ ତାଙ୍କଠାରୁ ମାତ୍ର କେଇଖୋଜ-ଦୂରରେ ଟଳମଳ ହୋଇ ମାଟି ଉପରେ ଗଡ଼ି ପଡ଼ୁଛି ଆଉଜଣେ । ସଭିଏଁ ଦଉଡ଼ି ଗଲେ ପାଖକୁ, କିନ୍ତୁ ଯାହା ଦେଖିଲେ ସେଥିରେ ତାଙ୍କର ଆଖି ଝୋପି ହୋଇଗଲା । ଚବିଶ ପଚିଶ-ବରଷର ଜଣେ ଯୁବକ—ରକ୍ତରେ ନିହୁ ନୁହାଣ—ଦେହରେ ଚେତା ନାହିଁ । ମୁଣ୍ଡ ଫାଟି ଝରଝର ରକ୍ତ ଝରୁଛି । କଥାଟା ବୁଝିବାକୁ ବାକି ରହିଲା ନାହିଁ । କୌଣସି ଏକ ଦୁର୍ବୃତ୍ତି କବଳରୁ ସେମାନଙ୍କୁ ରକ୍ଷା କରିବାକୁ ଯାଇଁ ହୁଏତ ଏହି ନିରୀହ ଯୁବକଟି ଜାଣି ଜାଣି ଏ ଦଶା ବରିଛି । ସମବେଦନାରେ ଭରିଗଲା ମିନର ଦରଦୀ ହୃଦୟ । ଅଜାଣତରେ ବହି ଆସିଲା ଦୁଇଧାର ଅଶ୍ରୁ । ସମସ୍ତେ ଧରାଧରି କରି କୌଣସିମତେ ଯୁବକଟିକୁ ଟେକିଅଣିଲେ ଘରକୁ ।

—ତିନି—

ଦୀର୍ଘ ଦଶଘଣ୍ଟା କାଳ ଅଚେତ ରହିବା ପରେ ଯେତେବେଳେ ପହିଲିଥର ପାଇଁ ବନସ୍ତ ଦେହରେ ଚେତା ଫେରିଆସେ, ସେତେବେଳେ ସେ ଦେଖିଲା ସେ ଶୋଇଛି ଏକ ପ୍ରକାଣ୍ଡ କୋଠାଘରେ । ଉପରେ ଇଲେକ୍ଟ୍ରିକ୍ ଫ୍ୟାନ୍, ଇଲେକ୍ଟ୍ରିକ୍ ଲାଇଟ, ତଳେ ମଖମଲ ଗଦିର ବିଛଣା, ଆଗରେ

ସିଭିଲ ସର୍ଜନ, ତାଙ୍କ ପାଖକୁ ଜଣେ କମ୍ପାଉଣ୍ଡର—ଟିକଏ ଛାଡ଼ି ଆଉ ଜଣେ ଅପରିଚିତ ଭଦ୍ରଲୋକ, କିଛି ବୁଝି ପାରିଲା ନାହିଁ । ସେ କେଉଁଠିକି ଆସିଛି, କାହିଁକି ଆସିଛି, କିପରି ଆସିଛି—କିଛି ବୋଲି କିଛି ସେ ଅସ୍ଥ କରି ପାରିଲା ନାହିଁ । ଦୂରରେ—ବହୁଦୂରରେ ଠିଆ ହୋଇଥିଲା ଗୋଟିଏ ନାରୀମୂର୍ତ୍ତି । କବାଟ ଫାଙ୍କରେ ଦିଶିଯାଉଥିଲା ତା'ର ସୁନାମୁହଁଟି—ନାଚି ଯାଉଥିଲା ତାର କଜ୍ଜଳ-କନ୍ଦୀ କଳାକଳା ଆଖି ଯୋଡ଼ିକ । ଚମକି ପଡ଼ିଲା ବିନୟ । ସପନ ଭଳି ଲାଗିଲା ତାକୁ । ଧୀରେ ଧୀରେ ମନେ ପଡ଼ିଲା ନଈକୂଳର ଗୋଟି ଗୋଟି ଘଟଣା ।

ଅପରିଚିତ ଭଦ୍ରଲୋକଟି ଆଗେଇ ଆସି କହିଲେ—'କିଛି ଭୟ ନାହିଁ ବାବା । ଆଘାତ ଟିକଏ ଜୋରରେ ଲାଗିଛି । ହେଲେ, କିଛିଦିନ ବିଶ୍ରାମ ନେଲେ ପୂର୍ଣ୍ଣ ଆରୋଗ୍ୟ ହୋଇଯିବ ।' ଡାକ୍ତର ବାବୁଙ୍କୁ ଲକ୍ଷ୍ୟକରି କହିଲେ—'ଯେତେ ଟଙ୍କା ଖର୍ଚ୍ଚ ହେଉ, ଆପଣ ଭଲ ଔଷଧ, ଭଲ ଇଞ୍ଜେକ୍‌ସନ୍ ଦେଇ ଅତିଶୀଘ୍ର ତାଙ୍କୁ ଭଲ କରନ୍ତୁ । ଆପଣଙ୍କ ଫିସ୍ ଯାହା କହିବେ, ତା ମୁଁ ଦେବାକୁ ପ୍ରସ୍ତୁତ ଅଛି ।' ହାଓ୍ୱାଇନ କୋର୍ଟ ଉପରେ ଷ୍ଟେଥିସ୍‌କୋପ୍ ଟା-ସଜାଡ଼ୁ ସଜାଡ଼ୁ ଡାକ୍ତର ଉତ୍ତର ଦେଲେ - 'ବ୍ୟସ୍ତ ହେବାର କିଛି କାରଣ ନାହିଁ କାହ୍ନୁବାବୁ । ଗୋଟିଏ କୋର୍ସ- ପେନସିଲିନ୍ ନେବାକୁ ହେବ । ଆଉ ମାମୁଲି କେତେଟା ଔଷଧ, ତା' ଛଡ଼ା ଏହି କେଇଦିନ ବ୍ୟାଣ୍ଡେଜ୍ ଖୋଲି ରେଗୁଲାର ୱାସିଂ—ଏତିକରେ ସେ ଭଲ ହୋଇଯିବେ । ମୋଟେ ଦିନ ଦଶଟାରେ ବିଛଣାରୁ ଉଠି ଚଲାବୁଲା କରିବେ, ଆପଣ ମୋଟେ ଚିନ୍ତା କରନ୍ତୁ ନାହିଁ ।'

କୃତଜ୍ଞତାରେ ନଇଁ ଆସିଲା କାହ୍ନୁ ବାବୁଙ୍କ ମୁଣ୍ଡ । ତିନଟିଣି ଦଶଟଙ୍କିଆ ନୋଟ ସେ ବଢ଼ାଇଦେଲେ ଡାକ୍ତରବାବୁଙ୍କ ହାତକୁ । କମ୍ପାଉଣ୍ଡରକୁ ଯଥାବିଧି ଉପଦେଶ ଦେଇ ଡାକ୍ତର ଫେରିଲେ ।

ବିଛଣା ଉପରେ ପଡ଼ି ପଡ଼ି ସବୁକଥା ଲକ୍ଷ୍ୟ କରୁଥିଲା ବିନୟ । ଏହି ଅଯାଚିତ ଅନୁଗ୍ରହର ଭିତରି ଉଦ୍ଦେଶ୍ୟ ପହିଲେ ସେ କିଛି ବୁଝି ପାରିଲା ନାହିଁ ।

କଲୁ ପରେ ଯେତେବେଳେ ଦେଖିଲ ଯେ କେବଳ କାହ୍ନୁ ବାବୁ ନୁହନ୍ତି ତାଙ୍କ ସ୍ତ୍ରୀ କନକ ଦେବୀ ମଧ୍ୟ ଦିନ ଭିତରେ ଦଶଥର ଆସି ତାଙ୍କର ସେବା, ଶୁଶ୍ରୂଷା କରୁଛନ୍ତି, ନାହିଁ ନାହିଁ କରୁକରୁ ଘଣ୍ଟା ଘଣ୍ଟା ବସି ଦେହମୁଣ୍ଡ ଆଉଁସି ଦେଉଛନ୍ତି, ପୁଣି ଆପଣା ମା'ଭଳି ପାଖରେ ବସି କେତେ ସ୍ନେହ ଶରଧାରେ ବାର୍ଲି, ଶାଗୁ, କମଳା, ଅଙ୍ଗୁର ଖୁଆଇ ଦେଉଛନ୍ତି, ସେତେବେଳେ ସେ ବେଶ୍ ବୁଝିପାରିଲ ତାଙ୍କର ଉଦ୍ଦେଶ୍ୟ—ଜାଣିପାରିଲ ତାଙ୍କର ମନକଥା ।

ଆଉ କିଏ ହୋଇଥିଲେ ହୁଏତ ଗର୍ବ, ଗୌରବ, ଆନନ୍ଦ, ଉଲ୍ଲାସରେ ଆତ୍ମହରା ହୋଇ ଉଠିଆନ୍ତା । କାରଣ କାହ୍ନୁ ବାବୁଙ୍କ ଭଳି ଜଣେ ଲକ୍ଷପତିର ଏକମାତ୍ର ଅଲଅଲି ଲକ୍ଷ୍ମୀ ପ୍ରତିମାଟିକି ହାତପାହାନ୍ତରେ ପାଇବା କମ ସୌଭାଗ୍ୟର କଥା ନୁହେଁ । ଏକେତ ଏତେବଡ଼ ସୁନ୍ଦର, ଗୁଣର, ପାଠୋଇ ଝିଅଟିଏ ପାଇବେ, ତା'ଛଡ଼ା ଏହି ଅଚଳାଚଳ ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ଜୀବନସାରା ସୁଖଭୋଗ କରିବା ସଙ୍ଗେ ସଙ୍ଗେ ସାତପୁରୁଷ ପାଇଁ ସ୍ୱଚ୍ଛସ୍ୱାଚ୍ଛନ୍ଦ୍ୟ, ଭୋଗ ଐଶ୍ୱର୍ଯ୍ୟ ଖଂଜି ଦେଇଯିବେ, କମ୍ କଥା ନୁହେଁ । କେତେଜଣଙ୍କ ଭାଗ୍ୟରେ ଏ ସୁଯୋଗ ଘଟେ ?···କିନ୍ତୁ କେଜାଣି କାହିଁକି, ବସନ୍ତ ମୋଟେ ସୁଖୀ ହୋଇ ପାରିଲ ନାହିଁ ଏ ପ୍ରସ୍ତାବରେ । ରଜାଘର ପାଟହାତୀ ଆସି ଆପଣାଛାଏଁ ତା' ମୁଣ୍ଡରେ ସୁନାକଳସ ଢାଳୁଛି, ଅଥଚ ସେ ତା'କୁ ଗ୍ରହଣ କରି ପାରୁନାହିଁ ଆନନ୍ଦରେ । ଦୁଷ୍ମନ୍ତ ମହାରାଜ ଦରନିଙ୍ଗଳା ଖାଙ୍କଡ଼ାପେଟ କେଉଟ-ଟିକି ଲକ୍ଷେ ସ୍ୱର୍ଣ୍ଣମୁଦ୍ରା ଉପହାର ଦେଲାବେଳେ ସେ ଯେମିତି ଶୋକାକୁଳ ଚିତ୍ତରେ ତାହା ଗ୍ରହଣ କରିବାକୁ ନାସ୍ତି କରିଥିଲା, ଠିକ୍ ସେମିତି ଅଯାଚିତ ଭାବରେ ଲକ୍ଷପତିର ସୁଖ ସୌଭାଗ୍ୟ ଆସି ବସନ୍ତ ଉପରେ ଅଜାଡ଼ି ପଡ଼ୁଥିଲେହେଁ ସେ ତାହା ଆଦରରେ ତୋଳି ନେବାକୁ ପଶ୍ଚାତ୍‌ପଦ ହେଲା—ପିଧାସଲଖ ବାରଣ କଲା ମଧ୍ୟ ।

ଏକଥା ହୁଏତ କେହି ବିଶ୍ୱାସ କରିବେ ନାହିଁ । ନହାତ ମୂର୍ଖ କିମ୍ବା ପାଗଳ ନହେଲେ ଏତେ ଧନରତ୍ନ, କାମିନୀ କାଞ୍ଚନର ମୋହ ଏଡ଼ିଦେଇ ଅଲଗା ହୋଇଯିବା ଅନ୍ୟ କାହାରି ପକ୍ଷରେ ହୁଏତ ଏକାବେଳକେ ଅସମ୍ଭବ,

କିନ୍ତୁ ତଥାପି—ତଥାପି—ସବୁ ପ୍ରଲୋଭନକୁ ଦୂରକୁ ଫିଙ୍ଗିଦେଇ ଅଲଗା ହୋଇ ଠିଆ ହେଲା ବିନୟ । କାରଣ ସିଏ ଗଢ଼ା ପୁଣି ଏକ ଭିନ୍ନ ଉପାଦାନରେ । ପିଲାଟିଦିନୁ ବଡ଼ଲୋକର ଅତ୍ୟାଚାର, ବଡ଼ଲୋକର ଅହଂକାର, ବଡ଼ଲୋକର ଅମାନୁଷିକତା ଦେଖି ଦେଖି ସେ ଏଭଳି ଉତ୍ତକ୍ତ ହୋଇ ପଡ଼ିଛି ଯେ ଯେତେ ଦରଦ, ସହାନୁଭୂତି ପାଇଲେ ବି କୌଣସି ବଡ଼ଲୋକ ପ୍ରତି ସେ କେବେ ଆକୃଷ୍ଟ ହୋଇପାରୁ ନାହିଁ—ଆତ୍ମୀୟତା ଆସିବା ତ ଦୂରର କଥା । ଭଲପାଇବା ତେଣିକି ଥାଉ ବରଂ ସେ ଅନ୍ତରେ ଅନ୍ତରେ ସେମାନଙ୍କୁ ଘୃଣା କରୁଛି, ସେମାନଙ୍କୁ ଅଭିଶାପ ଦେଉଛି ।

ସେ ଜାଣେ, ଏହି ବଡ଼ଲୋକଗୁଡ଼ାକ ନିହାତି ଆପଣା ସ୍ୱାର୍ଥୀ, ନିହାତି ଅମଣିଷିଆ, ପଶୁ । ପଥର ପାଚେରି ଘେରା କୋଠାଘରେ ରହି ରହି ତାଙ୍କ ହୃଦୟଟା ହୋଇ ଯାଇଥାଏ ପଥରଠାରୁ ବଳି କଠିନ । ପିଲାଟିଦିନୁ ଓଡ଼ିଶାଙ୍କ ଭଳି ଗରିବଙ୍କ ରକ୍ତ ଶୋଷି ଶୋଷି ବଡ଼ ହେଲା ବେଳକୁ ସେମାନେ ହୋଇଯାଇଥାନ୍ତି ଗୋଟାଏ ଗୋଟାଏ ମସ୍ତବଡ଼ ରକ୍ତଶୋଷା, ମଣିଷଖିଆ ଜାନୁଆର । ଆଉ କିଏ କିଏ ବା ଧନ, ଯୌବନ, କ୍ଷମତା, ଅବିବେକିତାରେ ବିଭୋଳ ହୋଇ ସଦାସର୍ବଦା ପଣା, ନିଶା, ବେଶ୍ୟା ମେଳରେ ରହି ଶେଷକୁ ହୋଇଯାନ୍ତି ଅତ୍ୟାଚାରୀ, ପାଷାଣ୍ଡ, ବର୍ବର । ଏମାନଙ୍କର ହିତାହିତ ଜ୍ଞାନ ନାହିଁ, ପାପପୁଣ୍ୟ ବିଚାର ନାହିଁ, ମଣିଷକୁ ମଣିଷ ବୋଲି ଚିହ୍ନିବାର ହୃଦୟ ନାହିଁ ଖାଲି ସବୁବେଳେ ସ୍ୱାଙ୍କର ନିଜ ନିଜର ସ୍ୱାର୍ଥ—ସବୁବେଳେ ଆପଣା ଆପଣା ଭାଇବନ୍ଧୁ, ପଡ଼ା ପଡ଼ୋଶୀଙ୍କର ରକ୍ତ ମାଉଁସ ଝୁଣି ଝୁଣି ନିଜର ଫୁଲିଲା ପେଟକୁ ଆଉ ଟିଆଁଏ ଲେ ଫୁଲାଇବାର ଚେଷ୍ଟା···ବିନୟ ବଡ଼ ଘୃଣା କରେ ଏହି ମଣିଷଖିଆ ବଡ଼ଲୋକଗୁଡ଼ାଙ୍କୁ ।

ପୁଣି ଜମିଦାର କୁହ, ମହାଜନ କୁହ, ବ୍ୟବସାୟୀ କୁହ, ମନ୍ତ୍ରୀ ଏମ୍. ଏଲ୍. ଏ. କୁହ ବା ମୋଟା ଦରମାର ସୁଟ୍‌ପିନ୍ଧା ହାକିମ ହୁକୁମା କୁହ—ସବୁ ବଡ଼ଲୋକଗୁଡ଼ାକ ଏକା ଶ୍ରେଣୀର । ଖାଲି ଭିନ୍ନ ଭିନ୍ନ ବେଶ ବଦଳାଇ ଭିନ୍ନ ରୂପରେ ଆସି ଦେଖାଦିଅନ୍ତି ଯାହା, ତା ନହେଲେ ସଭିଙ୍କର ଲକ୍ଷ୍ୟ ଲୋକଙ୍କୁ

ଶୋଷଣ କରିବା — ଦେଶର ଲକ୍ଷ ଲକ୍ଷ; କୋଟି କୋଟି ଗରିବ ଗୁରୁବା, ମଲା ମୁଣ୍ଡିଆଙ୍କ ଝାଳବୁହା ଧନ ଲୁଟକରି ଆଣି ମଟର ଚଢ଼ିବା, କୋଠା ତୋଳିବା ଅଭ୍ୟାସ କରିବା, କିଏ ବିଦ୍ୟାରେ, କିଏ ବୁଦ୍ଧିରେ, କିଏ ଛଳ କୌଶଳରେ ଆଉ କିଏ ବା ଚତୁରଚିକ୍କଣ ବାକ୍‌ଚାତୁରୀରେ—ସଭିଏଁ କରନ୍ତି ଶୋଷଣ—ସଭିଏଁ ଚଳାନ୍ତି ଗରିବଙ୍କ ଚମଧୂଡ଼ୁକା ପଞ୍ଜରହାଡ଼ ଉପରେ ଶୋଷଣ, ଅତ୍ୟାଚାର, ନିର୍ମମ ଲୁଣ୍ଠନ । ସେଇଥିପାଇଁ ଏ ଜୁଆଡ଼ିର ବଡ଼ଲୋକଗୁଡ଼ାଙ୍କୁ ପରି ନର୍ଦ୍ଦମାର ପୋକମାଛି ଅପେକ୍ଷା ବେଶୀ ଘୃଣା କରେ ବସନ୍ତ ।

ତେଣୁ ଆଜି ଯେତେବେଳେ ସେଇ ବଡ଼ଲୋକର ରାଜପ୍ରସାଦ ଉପରେ ବସାଇ ତା'କୁ ସମସ୍ତଙ୍କ ବଡ଼ଲୋକୀ ସାଜ—ଧନ, ଐଶ୍ୱର୍ଯ୍ୟ, ଭୋଗ ବିଳାସ, ସେତେବେଳେ ସେ ମୁହୂର୍ତ୍ତକ ପାଇଁ ଇତଃସ୍ତତଃ ନ ହୋଇ ଟେକ୍‌ଠୋକ୍ ଜବାବ ଦେଲା—'ମୋତେ କ୍ଷମା କରନ୍ତୁ । ବଡ଼ଘରେ ବନ୍ଧୁତା କରିବା ମୋର ଏକାବେଳକେ ଇଚ୍ଛାନୁହେଁ ।'....ଶୁଣିଜନା ଚମକି ପଡ଼ିଲେ କାହ୍ନୁବାବୁ । ସାତମହଲା କୋଠା ଉପରୁ ସତେକି ଗଡ଼ି ଗଡ଼ି ଆସି ତଳେ ପଡ଼ିଲେ ସେ । ତାଙ୍କର ଆଶା ଭରସା, ଆଗ୍ରହ, ଉତ୍ତେଜନା—ସବୁ କୁଆଡ଼େ ଘଡ଼ିକେ ଉଡ଼ିଯାଇ ଗଲା ଖାଲି ଏଇ କଥା ପଦକରେ । କନକଦେବୀଙ୍କ ଆଖିରୁ ବି ଅଜାଣତରେ ଝରି ଆସିଲା ଲୁହ । ଦୀର୍ଘ ନିଶ୍ୱାସ ପକାଇ ଦୁଇପ୍ରାଣୀ ଉଠିଲେ,···କେତେ ଆଶା କରିଥିଲେ ସେମାନେ । ସହଜେ ସେମାନଙ୍କ ହାଣ୍ଡିଆ କୁଳରେ ଶିକ୍ଷିତ ପାତ୍ରର ଅଭାବ । ତା'ପରେ ପୁଣି ବସନ୍ତଭଳି ଧୀର, ନମ୍ର ଶାନ୍ତ ସରଳ ପିଲାଟି—କୋଟିକେ ଗୋଟିଏ ମିଳନ୍ତି । ସ୍ୱାସ୍ଥ୍ୟ ଯେମିତି, ରୂପ ଯେମିତି, ଗୁଣ ବି ସେମିତି । କେଉଁ କଥାରେ ବାରିବାକୁ ନାହିଁ । ଅବଶ୍ୟ ସେମାନେ ଗରିବ, ହେଲେ ତାଙ୍କ ଗରିବ ତାଳବର ସାଙ୍ଗରେ ସ୍ୱା'ଙ୍କର ଯାଏ ଆସେ ବା କ'ଣ ? ଗୋଟିଏ ବୋଲି ଝିଅକୁ ତ ସ୍ୱା'ଙ୍କର ଅଚଳାଚଳ ସମ୍ପତ୍ତି । ସେଥିରେ ତାଙ୍କର ଥିଲା ନଥିଲାକୁ ମିଳିବ କ'ଣ ? ସେଇଥିପାଇଁ ପ୍ରଥମକରି ଯେତେବେଳେ କାହ୍ନୁବାବୁ ତା'ର ପରିଚୟ ପାଇଥିଲେ. ସେତେବେଳେ ଆଗପଛ, ଭଲମନ୍ଦ କିଛି ନବିଚାରି ମନେ ମନେ ଢଳି ପଡ଼ିଥିଲେ ତା'ଆଡ଼େ ।

## —ଘର—

କଟକ ଜିଲ୍ଲାର କେଉଁ ଏକ ସୁଦୂର ମଫସଲ ଅଞ୍ଚଳରେ ଗୋଟିଏ ଭଙ୍ଗା କୁଡ଼ିଆ ଭିତରେ ବିନସ୍ୱର ଜନ୍ମ । ଭାରି ଗରିବ ସେମାନେ, ବାପା କରନ୍ତି କୌଳିକ ବ୍ୟବସାୟ—ଗୁଡ଼ିଆ ଦୋକାନ । ଧୂଳି-ଧୂସରିଆ ନାଳି ସଡ଼କ କଡ଼ରେ ଗୋଟିଆ ଚାଳିଆ ଘରଟେ । ତା'ର ଭିତରେ ମୁଢ଼ି, ଉଖୁଡ଼ା, ବରା, ଗୁଲୁଗୁଲାର ପସରା ମେଲେଇ ବାପା ବସନ୍ତି ଆଠକାଳ ବାରମାସି । ବୟସବେଳୁ ତାଙ୍କ ମେରୁ—ମୁଣ୍ଡିଆ ବାସ ରହି କରିଛି । ବେଶୀ ଦୂରକୁ ଯାଇଆସି ପାରନ୍ତି ନାହିଁ । ବାଡ଼ି ଖଣ୍ଡିଏ ଧରି ଗୋଡ଼େଇ ଗୋଡ଼େଇ ସକାଳୁ ଯାଆନ୍ତି ଦୋକାନକୁ—ରାତି ଦ'ଘଡ଼ିକ ଫେରନ୍ତି । ଘରେ ପିଲାଛୁଆ ମିଶି ପାଞ୍ଚପ୍ରାଣୀ କୁଟୁମ୍ବ । ବାପଅଜା ଗୁନଆଢ଼ କିଛି ସେମିତି କିଛିନାହିଁ । ଜମି ଭିତରେ ମୋଟେ ଘର'ପା । କୁଆଡ଼କୁ ଅଣ୍ଟେନାହିଁ । ନିଜେ ସେ ପେଜ ତୋରାଣି ପିଇ ଛୁଆଙ୍କ ମୁହଁରେ କୌଣସିମତେ ଆହାର ଦିଅନ୍ତି, ନିଜେ ପେଟରେ ଓଦାକନା ଦେଇ ସ୍ତ୍ରୀ ତାଙ୍କର ପୁଅଝିଅଗୁଡ଼ିକୁ କୌଣସିମତେ ଦୁଃଖେ କଷ୍ଟେ ପାଳେ । ହେଲେ ଭଗବାନ ବଡ଼ ନିର୍ଦ୍ଦୟ । ଏମିତି ଯେ ଦିନରାତି ଖଟି ଖଟି ନିଜେ ନଖାଇ ନପିଇ, ନିଜ ଦେହ-ମୁଣ୍ଡ, ଭଲମନ୍ଦକୁ ନ ଅନେଇ ପିଲାଙ୍କ ପିଚ୍ଛାରେ ସଦାସର୍ବଦା ଲାଗିଥାଏ, ତାହା ବାଛି ସେ ତା'କୁହିଁ ଦିଅନ୍ତି ଦଣ୍ଡ । ମୋଟେ ବର୍ଷେ, ଛ'ମାସ ନପୁରୁଣୁ ଗୋଟିକ ପରେ ଗୋଟିଏ ତା'ରପିଲା ଆଖି ବୁଜନ୍ତି । ଦେଖୁଁ ଦେଖୁଁ ସାତୋଟି ପିଲା ତାଙ୍କର ଏମିତି ନଷ୍ଟ ହୋଇଗଲେ । ବାପାଙ୍କ ମୁଣ୍ଡରେ ବଜ୍ର ପଡ଼ିଲା, ବୋଉ କାନ୍ଦି କାନ୍ଦି ମାଟିରେ ଲୋଟିଗଲା । କେତେ ଦିଅଁ ଦେବତା ପୂଜିଲେ କେତେ ଭୋଗ-ରାଗ ମନାସିଲେ । ଠାକୁରେ ବଡ଼ ହଟିଆ । ଶେଷକୁ ତାଙ୍କ କଣ୍ଠରେ ଦୟା ବସିଲା । ଆଖାବନ—ଦୁଃଖୀ ବାପା ବୋଉଙ୍କ ମୁହଁରେ ହସ ଖେଳାଇ ଶେଷରେ ସେ ତାଙ୍କ କୋଳରେ ଆଣିଦେଲେ ପୁଅଟିଏ ।

ବାପା ଠାକୁର ତୁଳସୀ ଆଣି ବାନ୍ଧିଦେଲେ ପୁଅ ବେକରେ । ବୋଉ ଅନ୍ତୁଡ଼ିଶାଳରେ ଅଫିଟା କଦଳୀ ପତ୍ର ଉପରେ ଶୁଆଇ ଦେଇ ପୁଅକୁ ଆଣି

ଛଡେଇଦେଲ ଠାକୁରଙ୍କ ନାଁରେ । ସେହିଦନୁ ରବିବାରକୁ ରବିବାର ବୋଉ ଯାଏ ଦେଉଳକୁ । ଖରା, ବର୍ଷା ଶୀତ—ଆଠକାଳ ବାରମାସି । ଦିନେହେଲେ ବନ୍ଦନାହିଁ, ଯାଉଣୁ ଆସୁଣୁ ଘନକୋଷ ବାଟ –ହେଲେ ବ୍ରାହ୍ମଣର ଫୁଲ ତୁଳସୀ ଚଢ଼ା ଦିନେ ବନ୍ଦ ହୋଇଯିବ ପଛକେ ବୋଉର ଠାକୁରଙ୍କ ପାଖକୁ ଯିବା କେବେ ବନ୍ଦ ହେବନି । ଦଉଡ଼ି ଦଉଡ଼ି ଶେଷରେ ଗୋଡ଼ରେ ଗୁନ୍ଦ ଫୁଟିଲା, ମୁଣ୍ଡ ବାଡ଼େଇ ବାଡ଼େଇ ମୁଣ୍ଡରେ ବଣ୍ଡି ହେଲା—ତଥାପି ବି ବୋଉ ଠାକୁରଙ୍କୁ ଛାଡ଼ିଲା ନାହିଁ । ପୁଅପାଇଁ ନିଜର ସବୁ ସୁଖଶାନ୍ତି, ଭୋଗବିଳାସ ଏପରିକି ଜୀବନ ପର୍ଯ୍ୟନ୍ତ ନେଇ ସେ ଢାଳି ଢାଳି ବଳି ଦେଲା ଦେବତାଙ୍କର ଚରଣ ତଳେ ।

ଅନନ୍ତରେ ବାପାଙ୍କ ଗୋଡ଼ତଳେ ଲାଗେନାହିଁ । ପୁଅ ମୁହଁକୁ ଚାହିଁ ସେ ସବୁ ଦୁଃଖକଷ୍ଟ, ଓପାଶଉପାସ ଘଡ଼ିକେ ଭୁଲିଯାʼନ୍ତି । ନିଜେ ତାଙ୍କର ସବୁଦିନେ ଖାଙ୍କଡ଼ା ପେଟ, ନଙ୍ଗଳା ପିଠି—ହେଲେ ପୁଅକୁ ସେ କେବେହେଲେ ତାଙ୍କ ଦୁଃଖ, ଅଭାବ ଜଣାଇ ଦିଅନ୍ତି ନାହିଁ । ନିଜେ ଦିନ ଦିନ ଦିନ ଖାଡ଼ା ଖାଡ଼ା ଉପାସ ରହିଲେ ବି ପୁଅ ଯେତେବେଳେ ଯାହା ମାଗେ, ଯେତେବେଳେ ଯାହା ଖାଇବାକୁ ଚାହେଁ, ସଙ୍ଗେ ସଙ୍ଗେ ତାʼ ଧାର ଉଧାର କରି, ଜିନିଷପତ୍ର ବନ୍ଧାଛନ୍ଦା ପକେଇ ଆଣିଦିଅନ୍ତି । ତାଙ୍କର ଇଚ୍ଛା—ନିଜେ ସିନା ସେ ଗରିବ, ହେଲେ ପୁଅକୁ କାହିଁକି ସେହିଭଳି ଗରିବ କରି ଗଢ଼ିବେ ? ତାʼ ପିଲାମନର ସପନକୁ କାହିଁକି ଆଜନ୍ମ ଜାଣି ଜାଣି ଭାଙ୍ଗି ଦେବେ ?

ବୟସକୁ ଚାରି ପୂରି ପାଞ୍ଚ ପଶିଲା । ଖଡ଼ି ଖଣ୍ଡିଏ ଧରାଇଦେଇ ବାପା ତାକୁ ବସାଇଲେ ଚାଟଶାଳୀରେ । ପାଠର ମରମ ସେ ଜାଣନ୍ତି । ଅବଶ୍ୟ ଆଧୁନିକ ଶିକ୍ଷା ସେ ପାଇନଥିଲେ—କିନ୍ତୁ ଛାନ୍ଦବନ୍ଦୀ, ପୁରାଣ, ଭାଗବତ, ଭଜନ, ଚଉତିଶା—ସବୁଥିରେ ସେ ଭାରି ଦକ୍ଷ । ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣଙ୍କର କେତେ କେତେ ଛାନ୍ଦ ତାଙ୍କର ତୁଣ୍ଡ ଆଗରେ । ଲଳିତ ମଧୁର ସ୍ୱରରେ ସେଗୁଡ଼ିକୁ ସେ ବୋଲି ପାରନ୍ତି ଯେମିତି, ଗୀତା, ଭାଗବତରୁ ପଦ ମନେ ରଖି କଥା କଥାକେ ସେଥିରୁ ନଜିର ଦେଇ ପାରନ୍ତି ସେମିତି । ବେଶୀ ପାଠ ପଢ଼ି ନଥିଲେବି ଏମିତି

ଏଣୁତେଣୁ ହିସାବ ଜାଣି ପାଠର ମର୍ଯ୍ୟାଦା ସେ ବେଶ୍ ବୁଝିଥିଲେ । ତା'ଛଡ଼ା ବଜାରହାଟ କରି, କଟକବାଟକ ଯାଇଁ ଅନେକ ବାବୁଭୟାଙ୍କୁ ସେ ଦେଖିଥିଲେ ଏବଂ ପାଠଶାଠ ପଢ଼ି ଯେ ସେମାନେ ବଡ଼ ହୋଇଛନ୍ତି, ତା' ଅନ୍ତରେ ଅନ୍ତରେ ଅନୁଭବ କରିଥିଲେ । ତେଣୁ ଏତେ ଜୀବ ପୂଜା ପୂଜା ବୁଢ଼ାଦିନେ ଯେଉଁ ପୁଅଟିକି ପାଇଲେ, ତା'କୁ ଆଉ ଆପଣାର ମଇଲା, କୋଚଟ ଦୋକାନ ଭିତରେ ନ ଘାଣ୍ଟି ଦି'ଅକ୍ଷର ପାଠ ପଢ଼େଇ ବାବୁ କରିବା ପାଇଁ ସେ ଲାଗିପଡ଼ିଲେ । ଠାକୁରଙ୍କର ଅସୀମ ଦୟା—ପିଲାଟି ବି ଭଲ ପଢ଼ିଲା । ବାପାଙ୍କ ମନରେ ତେଉଁ ଉଠିଲା ଆଶା, ବୋଉ ମୁହଁରେ ଖେଳିଗଲା ଆନନ୍ଦ ।

ଅପର ପ୍ରାଇମେରୀ ପାଶ୍ କରି ବସନ୍ତ ଗଲା ମାଇନର ସ୍କୁଲକୁ । ଘରେ ଅଭାବ ଦିନକୁଦିନ ବଢ଼ି ଚାଲିଲା । ପୁଅର ସ୍କୁଲ ଦରମା, ବୋର୍ଡିଂ ଖର୍ଚ୍ଚ, ଲୁଗାପଟା —ସବୁ ଯୋଗାଇବାକୁ ହବ ସେହି ଜଣକୁ । ତା'ଛଡ଼ା ଘରର ନିତି ଦିନିଆ ତେଲ ଲୁଣ ଖର୍ଚ୍ଚ ତ ଅଛି । ଦୋକାନ ଖଣ୍ଡିକରୁ ଅବା କେତେ ବାହାରିବ ? ବାପା ଏଣିକି ସେହି ଛୋଟା ଗୋଡରେ ଛେଚେଇ ଛେଚେଇ ଦରି ପିଆଜ, ମୁଢ଼ି ଉଖୁଡ଼ାର ପସରାଟି ମୁଣ୍ଡରେ ଥୋଇ ଗାଁଗଣ୍ଡା କଲେ— ବାଡ଼ି ଖଣ୍ଡିଏ ଧରି ତିନକୋଶ ଦୂର ହାଟକୁ ବି ଦୋକାନ ଆଣିଲେ । ଏମିତି ବାରଆଡ଼ୁ ବାରଫନ୍ଦା ଭେଇ, ନାନା ଦୁଃଖ ଜଞ୍ଜାଳ ଅଭାବ ଅସୁବିଧା ଭିତରେ ପୁଅକୁ ଯୋଗାଇଲେ ଖରଚ ।

ଆଜଯାଏ ବସନ୍ତ କିଛି ଜାଣୁନଥିଲା । କିନ୍ତୁ ଯେତେବେଳେ ମାଇନର ସ୍କୁଲରୁ ଯାଇଁ ହାଇସ୍କୁଲରେ ନାଁ ଲେଖାଏ, ସେତେବେଳେ ସେ କ୍ରମେ କ୍ରମେ ବୁଝିପାରିଲା ଘରର ଅବସ୍ଥା । ଏଣେ ତା' ଦେହରେ କାଇଁଚକାଣ୍ଡ ବାଜୁନାହିଁ ସିନା, ଘରେ କିନ୍ତୁ ତେଣେ ଠ ଠା ଠି । ବାପା ଦେଣା କରଜରେ ବୁଡ଼ିଛନ୍ତି । ବୋଉ ଦିନରାତି ଖଟି ଖଟି ଆସି ଅଧାପ୍ରାଣ ହେଲାଣି । ମୁଢ଼ିଭଜା, ଖଇଭଜା ବରିବଟା, ଅଟାକୁଟା —କେତେବେଳେ କାମର ଛାଡ଼ନାହିଁ । କୁକୁଡ଼ା ବୋବେଇଲା ବେଳୁ ରାତି ଦି'ଘଡ଼ି ଯାଏ ସବୁବେଳେ ଖାଲି କାମ; କାମ,

କାମ । ନାକ ପୋଛିବାକୁ ଫୁରୁସତ ନାହିଁ, ନିଶ୍ୱାସ ମାରିବାକୁ ଭରନାହିଁ, ଅଥଚ ମରିପଡ଼ି ଏତେ ଦୁଃଖଧନ୍ଦା କଲେ ବି ପେଟ ମୁଖଣ୍ଡିକ କେବେହେଲେ ପୂରୁନାହିଁ । ଦିନେ ଚୂଲି ଜଳିଲେ ତିନିଦିନ ଉପାସ । ସାତଚିରା, ସତର ଗଇଁଠା ଦରବା କେଇଖଣ୍ଡରେ ବୋଉ ଆପଣା ଦେହ ଲୁଚେଇଛି । ସାହୁ ମହାଜନ ତାଗିଦାରେ ବାପା ଶୁଖି ଶୁଖି ଦିନକୁ ଦିନ ସଳିତା ହେଉଛନ୍ତି ।

ବିନୟ ଦେଖିଲା, ଘରର ଏ ଶୋଚନୀୟ ଅବସ୍ଥା କେବଳ ତା'ର ପାଇଁ । ବାପା ବୋଉଙ୍କର ଏ ଲୁଖୁରା ବେଶ, ଖାଙ୍କଡ଼ା ପେଟ, ମଳିଦରମଳି ଚେହେରା —ସବୁ କେବଳ ତା'ର ପାଠପଢ଼ା ଯୋଗୁ । ଛାତି ଭିତରୁ ତା'ର ପହିଲିଥର ପାଇଁ ଉଠି ଆସିଲା କୋହ । ଆଖି ହେଲା ଛଳ ଛଳ । ମୁହୂର୍ତ୍ତେ ବିଳମ୍ବ ନକରି ସିଧାସଳଖ ଯାଇଁ ବାପାଙ୍କୁ କହିଲା—'ପଢ଼ା ମୋର ଯେତିକ ଥାଉ ବାପା ! ମୁଁ ତମକୁ ଘରକାମରେ ସାହାଯ୍ୟ କରିବ । ଦୋକାନ କାମ ଶିଖି ଆଉ ଆଉ ପାଞ୍ଚଜଣଙ୍କ ଭଳି ଗାଁଗଣ୍ଡା, ବଜାର ହାଟ କରିବି ।' ବୃଦ୍ଧ ପିତାଙ୍କର କୋଟରଗତ ଚକ୍ଷୁରୁ ଝରିଆସିଲା ଅଶ୍ରୁ । ଧୀରେ ଧୀରେ ପୁଅ ମୁଣ୍ଡ ଆଉଁସି ଆଉଁସି ବୃଦ୍ଧ ଉତ୍ତର ଦେଲେ—'ନାହିଁରେ ବାପା । ମୁଁ ଖାଇ ଥାଉଁ ଥାଉଁ ତା' କେବେ ହବନାହିଁ । ଯେତେଦିନ ଠାକୁରେ ବଞ୍ଚେଇଥିବେ, ସେତେଦିନ ମୂଲପାଲ ଲାଗି, ଭିକଦୁଃଖ ମାଗି ତୋତେ ଦୁ'ଅକ୍ଷର ପଢ଼େଇବି । ତେଣିକି ତୋ' କପାଳ ।' ସତକୁ ସତ ବାପାଙ୍କର ଏକା ଜିଦ୍ । ନିଜେ ନଖାଇ ନପିଇ ଶୁଖି ଶୁଖି ମରିବେ ପଛକେ ପୁଅକୁ ନିଶ୍ଚୟ ପଢ଼େଇବେ । ସେଇଆହିଁ ହେଲା । ବିନୟ କହି କହି ଫାଟିଫୁଟି ଗଲା ବି ସେ ମୋଟେ ସେ କଥା କାନକୁ ନେଲେ ନାହିଁ ଶେଷରେ ନିରଣହୋଇ ବିନୟ ସ୍କୁଲକୁ ଫେରିଲା ।

କଟକର ପ୍ରାଇମେରୀ କି ମାଇନର ସ୍କୁଲ୍ ନୁହେଁ ହାଇସ୍କୁଲ୍ କଥା । ମୋଟା ମୋଟା ବହି କତା, ସ୍କୁଲ୍ ଦରମା ମେସ୍ ଖରଚ— ସବୁ ସବୁ ହୋଇ ମାସରେ କୋଡ଼ିଏ ଟଙ୍କାର ବେଶୀ ପଡ଼େ । ଅବଶ୍ୟ ନିଜର ଅବସ୍ଥା ବୁଝି ବିନୟ ଖୁବ କାଣ୍ଡି କୁଣ୍ଡି ଚଳେ । ପଇସାଟିଏ ଅବ୍ୟାଜରେ ଖରଚ କରିଦିଏ ନାହିଁ କି

ଅନ୍ୟ ପିଲାଙ୍କ ଭଳି ଘରେ କୁଲଦେଇ ଓସ୍ତାକରି ବଜାରରେ ବାବୁଗିରି ଦେଖେଇ ହୁଏ ନାହିଁ । ହେଲେ ଯେତେ ପାଟି ବୁଜି, ଫୁଙ୍ଗୁଲା କରି ଚଳିଲେ ବି ଟଙ୍କା ନଅଁଣ୍ଟ ହୁଏ । ଏତେ ଷ୍ଟେଟଗୁଡ଼ିଆ ଦୋକାନଟି ଭିତରୁ ମାସିକାମାସି କୋଡ଼ିଏଟି ଟଙ୍କା ବାହାର କରିବା ବାପାଙ୍କ ପକ୍ଷରେ କାଠିକର ପାଠ । ସେ ବାଧହୋଇ ସେ ବ୍ୟବସାୟ ଛାଡ଼ିଲେ । ବପଅଜା ଅମଳର ଜମି ଡିଜପା' ବନ୍ଧା ପକେଇ ମହାଜନ ଘରୁ ଆଣିଲେ ଟଙ୍କା । ଷ୍ଟେଟା ଗୋଡ଼ ସେତେବେଳକୁ ଟିକିଏ ଭଲହୋଇ ଆସିଥାଏ; ଟଙ୍କା ସେତିକ ଧରି ସେ ଆଠଗଡ଼, ଢଗିରିଆ, ବଡ଼ାମ୍ବା, ନରସିଂହପୁର ଯାଏଁ ବେପାର ଧରିଲେ । ତେଣୁ ପିଢ଼ିଆ, କାଠ, ମୁଗ, ବିରି, ଗୁଡ଼ ଆଦି ଆଣନ୍ତି ଆଉ ଏଣୁ ନଅନ୍ତି ଲୁଗା—ସହସିଆ ପାଟଣିଆ ଖଦି, କେନ୍ଦୁପାଟଣିଆ ଗାମୁଛା ।

ଅଳପ ଧନ, ଚଞ୍ଚଳ ମନ । ସବୁବେଳେ ଡ଼ରଥାଏ—ମହାଜନ ଟଙ୍କା ବୁଡ଼ିଯିବ କି ? ମନଖୁସିରେ ତେଣୁ ପଇସାଟିଏ ସେଥିରୁ ଖର୍ଚ୍ଚ କରିପାରନ୍ତି ନାହିଁ । ପୁଣି ଅସଲ କଥା, ପୁଅକୁ ଟଙ୍କା ଯୋଗେଇବାକୁ ହେବ । ନିଜେ ଭଲ ଖାଇପିଇ ଅସୁସ୍ଥକଲେ ଚଳିବ କିପରି ? ତେଣୁ ସବୁବେଳେ ନିଜ ପେଟରୁ କାଟି, ପିଠି ନିଙ୍ଗୋଳା କରି ବେପାରରୁ ଯାହା ଦି'ପଇସା ମୁନାଫା କରନ୍ତି ସବୁ ଅଧିଳିଏ ପଇଯାବଞ୍ଚି କୌଣସିମତେ ମାଯ ଶେଷରେ କୋଡ଼ିଏ ବାଇଶିଟି ଟଙ୍କା ପୁଅ ପାଖକୁ ପଠେଇ ଦିଅନ୍ତି । ସବୁଦିନେ, ସବୁମାସରେ ଏମିତି ନାନା ଦୁଃଖକଷ୍ଟ ଅଭାବ ଅସୁବିଧା ଭିତରେ ପୁଅ ପାଖକୁ ପଠାହୁଏ ଟଙ୍କା । ପୁଅକୁ ପାଠ ପଢେଇ ମଣିଷ କରିବାକୁ ସେ ନଖାଇ ନପିଇ 'ଶୀତଗ୍ରୀଷ୍ମ ଝଡ଼ବର୍ଷା, ଭୁକୁଡ଼ିକାକର ନମାନି ବୁଢ଼ା ବୟସରେ ରୋଗା ଦେହରେ କାହିଁ କେତେ ବଣ, ଜଙ୍ଗଲ, ନଈ, ନାଳ ଭିତରେ ମାସ ମାସ ବର୍ଷ ବର୍ଷ କଟାଇ ଦେଇଛନ୍ତି । "ମୋ ପୁଅ ପାଠ ପଢ଼ି ବାବୁ ହେବ ।" "ଦିନେ ମୋର ଦୁନିଆ ଭିତରେ ମଣିଷ ହୋଇ ମୁଣ୍ଡ ଟେକିବ"—ଏଇ ଆଶାରେ, ଏଇ ଭରସାରେ ସେ ପାଗଳ ହୋଇ ଯାଇଛନ୍ତି– ନିଜ ଦେହକୁ ଚାହିଁ ନାହାନ୍ତି, ନିଜ ପେଟକୁ ଚାହିଁ ନାହାନ୍ତି, ନିଜ ସୁଖସମ୍ଭୋଗ, ଭୋଗ ବିଳାସ ଆଡ଼କୁ ମନ ଦେଇ ନାହାଁନ୍ତି । ଜୀବନସାରା ସେ କରିଛନ୍ତି

କାମ—ଜୀବନସାରା ସେ କରିଛନ୍ତି ଅକ୍ଳାନ୍ତ ପରିଶ୍ରମ । ଫଳରେ ଅଧା ବୟସରେ ହୋଇଛନ୍ତି ବୁଢ଼ା—ଅଳପ ଦିନରେ ମିଶି ଯାଇଛନ୍ତି ମାଟିରେ ।

ସତକୁସତ ମୋଟେ ଦିନ ଦି'ଟା ଝାଡ଼ାରେ ଆଠଗଡ଼ର କେଉଁ ଏକ ବଣ ଜଙ୍ଗଲର ଗାଁ ଭିତରେ ଚିରଦିନ ପାଇଁ ଆଖି ବୁଜିଲେ ବାପା । ନିଷ୍ଠୁର ବିଧାତାର ନିର୍ମମ ଅଭିଶାପ । ଯେଉଁ ପୁଅ ପାଇଁ ଜୀବନକୁ ସେ ପଳପଳ କରି ମିଶାଇ ଦେଉଥିଲେ ମାଟି ସାଙ୍ଗରେ, ସେହି ପୁଅକୁ ଶେଷବେଳେ ଟିକିଏ ଦେଖିବି ପାରିଲେ ନାହିଁ । ମନରେ ବଡ଼ ଅବ୍ଶୋଷ ରହିଗଲା, ବାପା ଆଖି ବୁଜିଲେ······ବିନୟ ମୁଣ୍ଡରେ ସତେ କି ଛିଡ଼ି ପଡ଼ିଲା ବଜ୍ର । ହାଇସ୍କୁଲ ପାଠ ଆହୁରି ଦି'ବର୍ଷ ବାକି । ପଢ଼ିବ କି ନାହିଁ ଭାବିଲା । ଆଉ ଦି'ବର୍ଷ କୌଣସି-ମତେ ପଢ଼ି ମ୍ୟାଟ୍ରିକ୍ ଖଣ୍ଡିକ ଅନ୍ତତଃ ପାଶ ନକଲେ ଏତେ ପଢ଼ିବା ବୃଥା ଯିବ, ନା ଚକ୍ରୀ ନା ବଇଟିମ—କୋଉ କାମର ହୋଇପାରିବ ନାହିଁ । ପୁଣି ଯୋଉ ବାପା ଏତେ ଦୁଃଖକଷ୍ଟ ସହି ସହି ଶେଷରେ ତା'ରି ପାଇଁ ଅପନ୍ତରା ଭୂଇଁରେ ପଡ଼ି ଜୀବନ ଦେଲେ, ତାଙ୍କର ଆଶା ଅପୂର୍ଣ୍ଣ ରହିଯିବ । କିନ୍ତୁ ପଢ଼ିବ ବା କିପରି ? ଟଙ୍କା ପଇସା ଆସିବ କୋଉଠୁ ? ଏଣେ ବାପା ମଲା ଆଗରୁ ବେପାର ଧରିବା ପାଇଁ ଗଡ଼ଜାତରେ ଯେଉଁ ଟଙ୍କାସବୁ ଖେଳେଇ ଦେଇଥିଲେ, ତା' ବନପୋଡ଼ି ସିଆଡ଼େ ବୁଡ଼ିଲା । ଯେତେ ଧାଁଦଉଡ଼ କଲେ ବି ଅଧଲାଟିଏ ସେଥିରୁ ଆଦାୟ ହେଲାନାହିଁ । ମହାଜନ ଟଙ୍କା ନପାଇ ନାଲିସ କରି ତା' ସୁଧମୂଳ ବାବଦକୁ ବନ୍ଧକୀ ଜମିତକ ନେଲା । ଯେତେ ହାରଗୁହାରି, ନେହୁରାନମନ୍ତ କଲେ ବି ସେଥିରୁ ଅଧବିଶ୍ୱାଏ ହେଲେ ଛାଡ଼ିଲା ନାହିଁ । ବୋଉ ସେହିଦିନୁ ଚିନ୍ତାରେ ଚିନ୍ତାରେ କଚରା ଲାଗି ହେଲାଣି । ଏଭଳି ଅବସ୍ଥାରେ ସେ ପଢ଼ିବ ବା କିପରି ? ପୁଣି ଏଣେ ନପଢ଼ିଲେ ଯେ ବାପାଙ୍କ ଇଚ୍ଛା ପୂର୍ଣ୍ଣ ହେବନି, କ'ଣ କରିବ ସେ ? ଭାବନାର ଅଥଳ ଦରିଆରେ ଉବେଇ ଟୁବେଇ ହୋଇ ବିନୟ ଭାସିଲା ।

ବୋଉ କହିଲା—''ବାପା ! ମୋ ପାଇଁ ତୁ ବ୍ୟସ୍ତ ହ' ନା' ଯାହା ଭାଗ୍ୟରେ ଥିଲା ହୋଇଗଲା । ଭାବିଲେ କ'ଣ ହେବ ? ଏଣିକରୁ ଯେମିତି

ପଢ଼ିବୁ, ତା'ର ଚିନ୍ତା କର । ବାପା ସିନା ଥିଲେ ଯେ ମରିପଡ଼ି ତୋତେ ଟଙ୍କା ଯୋଗାଉଥିଲେ । ଏଣିକି ତୁ ଯଦି ନିଜ ଶିଙ୍ଗରେ ନିଜେ ମାଟି ନଖୋଳିବୁ, ତେବେ ତୋ' ପାଇଁ ଆଉ କିଏ କରିଦେବ ? ମୋ କଥା ତତେ ଭାବିବାକୁ ହବନାହିଁ । ଖଡ଼ିକା ମୁଠିଏ ଧରିଲେ ଏଇ ବୁଢ଼ିଆରେ ଘୁସୁରି ଘୁସୁରି ମୁଁ ମୋ ପେଟ ପାଳିବି । ମାଷ୍ଟରଙ୍କୁ କୁହାବୋଲା କରି ଯଦି ତୁ କୌଣସିମତେ ଆଉ ଦି'ବର୍ଷ ପଢ଼ିପାରୁ, ତେବେ ତା'ର ବନ୍ଦୋବସ୍ତ କର । ବାପା ସିନା ମରିଗଲେ, ହେଲେ ଉପରଟରେ ଥାଇଁ ଆଜି ବି ସେ ତୋ'ରି ମୁହଁକୁ ବିକଳ ହୋଇ ଚାହିଁଛନ୍ତି । ତୁ ପାଠଶାଠ ପଢ଼ି ମଣିଷ ନହେଲେ ତାଙ୍କ ପ୍ରାଣରେ କେତେ ଗୁରୁ ଆଘାତ ହେବ ଜାଣୁଚୁ ?

ବନସ୍ତର ମର୍ମସ୍ଥଳରେ ବାଜିଲା ଶେଷକଥା ପଦକ । ନା, ଯା' ହଉ'ତା ହେଉ ପଛକେ ତା'କୁ ବାପାଙ୍କ ଶେଷଇଚ୍ଛା ପୂର୍ଣ୍ଣ କରିବାକୁ ହେବ । କିଛି ନହେଲାବେଳକୁ ଅନ୍ତତଃ ମାଟ୍ରିକ ଖଣ୍ଡିକ ପାଶ କରିବାକୁ ପଡ଼ିବ । ତା'ପରେ ଯୋଉକଥା--ବୋଉର ଚରଣତଳେ ମଥାରଖି ବନସ୍ତ ଶପଥ କଲା ମନେ ମନେ ।

## —ପାଞ୍ଚ—

ଅରକ୍ଷିତକୁ ଦଇବ ସାହା । ବନସ୍ତର ଲୁହ ଛଳ ଛଳ ଆଖି ଦେଖି ସ୍କୁଲ କର୍ତ୍ତୃପକ୍ଷଙ୍କ କଣ୍ଠରେ ଦୟା ହେଲା । ସ୍କୁଲ ଦରମାତକ ଛାଡ଼ କରି ଦେଲେ । ମନରେ ଟିକିଏ ସାହାସ ଆସିଲା ବନସ୍ତର । କିନ୍ତୁ ଦରମା ଗଣ୍ଡିକରୁ ସିନା ଅବ୍ୟାହତି ମିଳିଲା । ମେସଖର୍ଚ୍ଚ, ଜଳଖିଆ, ବହିପତ୍ର—ଏସବୁ ପାଇଁ ଟଙ୍କା ଆସିବ କେଉଁଠୁ ? ଘରୁ ତ ପଇସାଟିଏ ପାଇବାର ଆଶା ନାହିଁ, ଉପରି ଯୋଗାଡ଼ କରିବ ମାସକୁ ମାସ ଏତେଗୁଡ଼ିଏ ଟଙ୍କା ? ବନସ୍ତ ମୁଣ୍ଡରେ ତେନ୍ତୁଳିଆ ବିଛା କାମୁଡ଼ିଲା । ବହୁତ ଭାବି ଭାବି ଶେଷରେ ଧରିଲା ସେଇ ଅଧମ ନାରାୟଣ ପନ୍ଥା ବଡ଼ଲୋକ ଦୁଆରେ ହାତ ପତେଇବା । ଯେମିତି ସହରର ଅନେକ ଗରିବ ପିଲା ଗଳିକନ୍ଦରେ ବୁଲି ବୁଲି ବଡ଼ଲୋକର ମେଘନାଦ

ପାଚଶିବେଳେ ଗୋଡ଼ଷିଙ୍ଗି ଦାନ୍ତନକୁଟି ଘଣ୍ଟା ଘଣ୍ଟା ଠିଆହୋଇ ରହନ୍ତି ଆଠଅଣା ଟଙ୍କାଏ ପାଇବା ପାଇଁ, ବିନସ୍ତୁ ଠିକ୍ ସେମିତି କେତେ ବଡ଼ଲୋକ, ଜମିଦାର, ମହାଜନର ଦ୍ୱାରସ୍ଥ ହେଲା ଏହି ଟଙ୍କା କେଇଟିର ଯୋଗାଡ଼ କରିବାକୁ । ଜଳଖିଆ ଖାଇବା ଏକାବେଳକେ ଛାଡ଼ିଦେଲା । ଲୁଗା ଦୁ'ଖଣ୍ଡି ଆଉ ଚଦର ଖଣ୍ଡିକରେ କୌଣସିମତେ ଧୋଇଶୁଖେଇ କାମ ଚଳେଇଲା । ଖାଲି ଦୁ'ଓଳି ଦୁ'ମୁଠା ଭାତର ଯୋଗାଡ଼ କରି ପାରିଲେ ସେ ତେଣିକି ନିଶ୍ଚିନ୍ତ ହୁଅନ୍ତା । କିନ୍ତୁ ଯେତେ ଦଉଡ଼ା ଦଉଡ଼ି କଲେବି ସେତକ ହୋଇପାରିଲା ନାହିଁ ।

କେତେ ଫୁଲିଲା ପେଟ ଜମିଦାର, ମହାଜନଙ୍କ ଦାଣ୍ଡରୁ ମିନତି ହୋଇ ମାଗିଛି, କେତେ ସୁଟ୍‌ପିନ୍ଧା ମୋଟା ହାକିମଙ୍କ କୋଠାତଳେ ଘଣ୍ଟି ଦଣ୍ଡାଯାଏ ଭୋକ ଉପାସରେ ପଡ଼ି ରହିଛି, କେତେ ଖଦଡ଼ପିନ୍ଧା ମନ୍ତ୍ରୀ, ଏମ,ଏଲ,ଏ ଙ୍କ ମଟର ପଛରେ ପାଠପଢ଼ା ଛାଡ଼ି ଦିନସାରା ଧାଇଁ ବୁଲିଛି—କିନ୍ତୁ କୋଉଥିରେ କିମ୍ପି ସୁରା ପଡ଼ିନାହିଁ । ଜମିଦାର କହିଛି—"ମୁଁ ବିଦେଶୀ । ମୋ ଦେଶପିଲାଙ୍କୁ ସାହାଯ୍ୟ ନଦେଇ ତମକୁ ସାହାଯ୍ୟ ଦେବି କାହିଁକି ? ପାଠପଢ଼ି ଶେଷରେ ତମେ ମୋର ଗୋଇ ଖୋଳିବ । କହିବ—"ସୂର୍ଯ୍ୟାସ୍ତ ଆଇନ ବଳରେ ଚକାନ୍ତ କରି ତମେ ଜମିଦାରି ସବୁ ନେଇଛ—ଏଠୁ ବାହାର ।'—ନା, ନା, ଦୁଧ ଦେଇ ମୁଁ କଦାପି ସାପ ପାଳି ପାରିବି ନାହିଁ ।" ହାକିମ ପଚାରିଛି— "ତମେ କି ଜାତି ? ବ୍ରାହ୍ମଣ, କରଣ ନା ଖଣ୍ଡାୟତ ?" ଗୁଡ଼ିଆ ନାଁ ଶୁଣି ମୁହଁ ନେଫେଡ଼ି ଦେଇଛି । ଓଲଟି ଲମ୍ବା ଉପଦେଶ ଦେଇ ବସିଛି— "ତମ Backward Community ( ଅନୁନ୍ନତ ଜାତି ) ପାଇଁ ସରକାରଙ୍କୁ ମାଗ । ତମେ ସବୁ ତେଲି, ଗୁଡ଼ିଆ, ଧୋବା, ଭଣ୍ଡାରି ପାଠ ପଢ଼ିଲେ ଦେଶ ଚଳିବ କିପରି ? ତମ ଶୂଦ୍ରଙ୍କ କାମ କରିବ କିଏ ?" ··ଏମ୍,ଏଲ୍, ଏ ପଚାରିଛି··· "ତମେ କୋଉ ପାର୍ଟିର ? ଟଙ୍କା ପଇସା ଦେଇ ପାଠ ପଢ଼େଇଲେ ତମେ ଶେଷରେ ଆମର ପାର୍ଟିପାଇଁ ପ୍ରଚାର କରିବ ତ ?' ଭୋଟବେଳେ ମଫସଲରେ ବୁଲି ଲୋକଙ୍କ ଉପରେ ପ୍ରଭାବ ପକାଇ ଆମପାଇଁ ଭୋଟ କିଣି ଦେବ ତ ?"

ନିଜର ସ୍ୱାଧୀନ ମତରେ ଜଳାଞ୍ଜଳି ଦେଇ ପାର୍ଟିର ସବୁ ଅନ୍ୟାୟ, ଅତ୍ୟାଚାର, ମନମୁଖି ଶାସନକୁ ମୁଣ୍ଡପାତି ସ୍ୱୀକାର କରି ନେବାକୁ ବିନୟ ଦୃଢ଼ଭାବରେ ତତଃପ୍ରତଃ ହୋଇଛୁ । ଏମ୍,ଏଲ୍,ଏ ଭବ୍ୟବସରେ ସିଗାରେଟ ଟାଣି ମଟର ଧରି ଭୂସକନା ବାହାରି ଯାଇଛନ୍ତି ।

ଦିନ ନାହିଁ, ରାତି ନାହିଁ, ବେଳ ନାହିଁ ଅବେଳ ନାହିଁ—ଏଠି ସେଠି ବାଟ ଦୁଆର ବୁଲି ବୁଲି ଅତି ବ୍ୟତିବ୍ୟସ୍ତ ହୋଇପଡ଼ିଲା ବିନୟ । ବଡ଼ ବିରକ୍ତି ଲାଗିଲା । ବଡ଼ ଘୃଣା ବି ଆସିଲା ଏହି ବଡଲୋକଗୁଡ଼ାଙ୍କ ଉପରେ । ଦିନ ଦି ପହରେ ସୋରିଷ ତେଲରେ ଅଗରି ତେଲ ମିଶେଇ, ଅଟାରେ କଇଁଆ ମଞ୍ଜି ମିଶେଇ ଲୋକଙ୍କଠାରୁ ହଜାର ହଜାର ଟଙ୍କା ଲୁଟି ନେଉଛୁ ବ୍ୟବସାୟୀ; ଓଡ଼ିଶାର ପାଣି ପବନରେ ବଢ଼ି, ଓଡ଼ିଶା ଲୋକଙ୍କର ରକ୍ତ ମାଉଁସ ଝୁଣି ଝୁଣି ପେଟ ଫୁଲେଇ, ଗଣ୍ଡି ବଢ଼େଇ ଗଦିରେ ବସିଛୁ ଜମିଦାର, କଣ୍ଟ୍ରାକ୍ଟରଠାରୁ ମୋଟା ପରସେଣ୍ଟେଜ ନେଇ ସରକାରୀ ମାଲମତା ଚୋରି କରି ଆକାଶ ଲଗା କୋଠା ତୋଳୁଛୁ ଇଞ୍ଜିନିୟର । ଆଉ ଗାନ୍ଧୀ ନାଁ' କହି ଖଦଡ଼ ସୁଟ, ଖଦଡ଼ ହାଓ୍ୱାଇ ପିନ୍ଧି କେଇଜଣ ଟିଣପଣ, ଛଡ଼ ସିମେଣ୍ଟରେ ଲକ୍ଷ ଲକ୍ଷ ଟଙ୍କା କଳା ପୋତେଇ କରୁଛୁ ଏମ,ଏଲ,ଏ—ମନ୍ତ୍ରୀ । ଅଥଚ, ପାଠ ପଢ଼ିବା ପାଇଁ ବିକଳ ହୋଇ ବୁଲୁଥିବା ଗରିବ ଗ୍ରାଜୁଏଟ୍ଟିକୁ କେହି ଟଙ୍କାଏ ଆଠଣା ସାହାଯ୍ୟ ଦେଉ-ନାହାଁନ୍ତି—କାହାରି ଗୁଣ୍ଡରୁ ଅନାଥ ପିଲାଟି ପାଇଁ ଆହା ପଦୁଟିଏ ବି ବାହାରୁ ନାହିଁ । ବଡ଼ ଦୁଃଖର କଥା—ବଡ଼ ଲଜ୍ଜାର କଥା – ବଡ଼ ଘୃଣାର କଥା । ବଡଲୋକଗୁଡ଼ାଙ୍କର ବିରୁଦ୍ଧରେ ବିନୟର ରକ୍ତ ଟକମକ ହୋଇ ଫୁଟିଲା ।

\+ + + + +

ଅମୀୟକୁମାର ଘୋଷ ସ୍କୁଲର ହେଡ଼ମାଷ୍ଟର – ଦେବତୁଲ୍ୟ ଲୋକ; ସାନବଡ଼ ନାହିଁ, ଜାତି ଅଜାତି ନାହିଁ, ଓଡ଼ିଆ ବଙ୍ଗାଳୀ ନାହିଁ—ଜାତିଧର୍ମ ନିର୍ବିଶେଷରେ ସବୁ ପିଲାଙ୍କୁ ସେ ପୁଅଭଳି ଦେଖନ୍ତି, ସବୁ ପିଲାଙ୍କ ଦୁଃଖ, ଅଭାବ, ହାରଗୁହାରି ଶୁଣନ୍ତି । ଗରିବ ପିଲାଙ୍କୁ ସେ ସାହାଯ୍ୟ ଦେଇ ଦେଇ କାଙ୍ଗାଳ । କାହାରି ନାଁ ଲେଖା ହୋଇପାରୁ ନାହିଁ, କା'ର ଦରମା ନଦେଇ ନାଁ କଟି-

ଯାଉଛି, କଏ ପରୀକ୍ଷା ଫିସ ସଂଗ୍ରହ କରିବାକୁ ବାରଦୁଆ ଶୁଣ୍ଢି ପିଣ୍ଡା ହେଉଛି ବା କଏ ମେସ୍ ଖର୍ଚ୍ଚ ଦେଇ ନପାରିବାରୁ ମେସ୍‌ରେ ମିଲ ବନ୍ଦ ହୋଇ ଯାଉଛି—ସବୁ ଖବର ସେ ନିଜେ ବୁଲି ବୁଲି ତନ୍ନ ତନ୍ନ କରି ବୁଝୁଥିବେ । ଯାହାର ଯାହା ଅଭାବ; ଖୋଜି ଖୋଜି ତାକୁ ତା ସାହାଯ୍ୟ ଦେଉଥିବେ । ଠିକ ନିଜର ବାପ ଭଳି—ମୁକ୍ତ ହୃଦୟରେ ନିଃସ୍ୱାର୍ଥପର ଭାବରେ । ମନରେ ଏତେଟିକିଏ ଭେଦଭାବ ନାହିଁ—ସ୍ୱଚ୍ଛ, ନିର୍ମଳ, ପବିତ୍ର । ହୃଦୟବାନ୍ ଯେମିତି ସ୍ୱାର୍ଥତ୍ୟାଗୀ ବି ସେମିତି ମଣିଷ ନୁହଁନ୍ତି ଦେବତା ।

ଏହା ମଧ୍ୟରେ କିନ୍ତୁ ସେ ଅନେକଦିନ ଧରି ଅନୁପସ୍ଥିତ ଥିଲେ ସ୍କୁଲରେ । ଉତ୍କଳ ସମ୍ମିଳନୀର ଆଜୀବନ ସଭ୍ୟ ସେ । ବଙ୍ଗାଳୀ ହେଲେ ବି ବହୁ ଦିନ ଧରି ଓଡ଼ିଶାରେ ବସବାସ କରୁଥିବାରୁ ଏବଂ ଓଡ଼ିଶାର ପାଣି ପବନରେ ଆଜୀବନ ବଢ଼ି ଆସିଥିବାରୁ ସେ ଅନ୍ତରର ସହିତ ଓଡ଼ିଶାକୁ ଭଲ ପାଉଥିଲେ ଏବଂ ବଙ୍ଗଳା ଛାଡ଼ି ଓଡ଼ିଶାକୁହିଁ ନିଜର ଜନ୍ମଭୂମି ତଥା କର୍ମଭୂମି ରୂପେ ଗ୍ରହଣକରି ନେଇ-ଥିଲେ । ଆଉ ଆଉ ପାଞ୍ଚଜଣଙ୍କ ଭଳି ସେ ମହାଦେବର ଖାଇ ସତ୍ୟଦେବର ଗୁଣ ଗାଇବା ଲୋକ ନୁହନ୍ତି କି ଯାର ଖାଇବ ତା ପିଠିରେ ଲୁଚି ଲୁଚି ପଛଆଡ଼ୁ ଆସି ଛୁରୀ ଭୁଷିବା ଲୋକ ନୁହଁନ୍ତି । ତାଙ୍କ ଭଳି ଖାଣ୍ଟି ମଣିଷ ପାଖରେ ଏ ପ୍ରତାରଣା ଏକାବେଳକେ ଅସମ୍ଭବ । ଯାହାହେଉ ଉତ୍କଳ ସମ୍ମିଳନୀର ଏକ ବିଶିଷ୍ଟ ଅଧିବେଶନ ପାଇଁ ସେ ଏହା ମଧ୍ୟରେ ଅନେକଦିନ ହେଲା ଯାଇଥିଲେ ଜୟପୁର । ତେଣୁ ଫେରି ସ୍କୁଲରେ ଗୋଡ଼ ଦେବାମାତ୍ରେହିଁ ପ୍ରଥମ ତାଙ୍କର ଆଖିପଡ଼ିଲା ବିନୟ ଉପରେ । ବିନୟର ନୁଖୁରା କେଶ ଆଉ ମଳିନ ମୁଖଦେଖି ସେ ବେଶ୍ ବୁଝିପାରିଲେ ତା ଅବସ୍ଥା । ସେହିଦିନ, ସେହି ମୁହୂର୍ତ୍ତରେ ଡ଼ାକି ନେଇ ତାକୁ ସ୍ଥାନ ଦେଲେ ଆପଣା ଘରେ । ଅତି ସ୍ନେହ ଶରଧାରେ ସ୍ତ୍ରୀ ବାଢ଼ି-ଆଣିଲେ ଭାତ, ଆପଣା ହାତରେ ବଣ୍ଟି ଦେଉଁ ଦେଉଁ ଅମିୟବାବୁ କହିଲେ— "ଏ ଲାଜକୁଳା ପୁଅଟିକି ତମର କାନି ଅଗରେ ବାନ୍ଧି ରଖ, ପାଠପଢ଼ା ସରିଲେ ଯାଇଁ ତାର ଛୁଟି—ତାଆଗରୁ ନୁହେଁ ।" କୃତଜ୍ଞତାରେ ନଇଁ ପଡ଼ିଲା ବିନୟ—ଚକ୍ଷୁ ହେଲା ଲୋତକପୂର୍ଣ୍ଣ ।

ସେହି ଦେବତାଙ୍କର ଅଯାଚିତ ସ୍ନେହ, ଶ୍ରଦ୍ଧା, ଆଦର, ଆଶୀର୍ବାଦ ପାଇ ବନସ୍ତ ଦୁଇଟି ବର୍ଷ ସୁରୁଖୁରୁରେ ପଢ଼ିଲା ଏବଂ ଶେଷରେ କୃତିତ୍ୱର ସହିତ ଫାଷ୍ଟ ଡ଼ିଭିଜନରେ ପାଶ୍ କରି ନିଜର ସୁଖ୍ୟାତି ସଙ୍ଗେ ସଙ୍ଗେ ସ୍କୁଲର ସୁନାମ ବଢ଼ାଇଲା ।

## —ଛଅ—

ବନସ୍ତର ଅତି ଅନ୍ତରଙ୍ଗ ବନ୍ଧୁ ଆନୁସ୍ତାର । ମାଇନର ସ୍କୁଲରୁ ଦୁହେଁ ସାଙ୍ଗହୋଇ ପଢ଼ନ୍ତି । ଅକୃତ୍ରିମ ବନ୍ଧୁତା—ଅନାବିଲ ସ୍ନେହ ସୌହାର୍ଦ୍ଦ୍ୟ । ଜଣେ ଜଣକୁ ନଦେଖିଲେ ପାଗଳ ହୋଇଯାଏ । ଏକାଠି ବସିବା, ଏକାଠି ବୁଲିଯିବା—ସବୁବେଳେ ଏକ କଥା, ଏକ ମନ । ମୁହୂର୍ତ୍ତଟିଏ ପାଇଁ କେହି କାହାଠାରୁ ଅଲଗା ହୋଇ ପାରନ୍ତିନାହିଁ । ସେ ହିନ୍ଦୁ, ମୁଁ ମୁସଲମାନ କି ସେ ସାନ ମୁଁ ବଡ଼—ଏ ସଂକୀର୍ଣ୍ଣ ଭେଦଭାବ ତାଙ୍କ ମନରେ କ୍ଷଣକପାଇଁ ହେଲେ ପ୍ରବେଶ କରିନାହିଁ । ଦାରିଦ୍ର୍ୟ ଆଣିଛି ଉଭୟଙ୍କ ଭିତରେ ଏକ ଅପୂର୍ବ ଯୋଗସୂତ୍ର । ଅଭାବ କରିଛି ଉଭୟଙ୍କୁ ନିଆଁ ଆଉଟା ସୁନାଭଳି ଉଜ୍ଜ୍ୱଳ, ପବିତ୍ର, ସୁନ୍ଦର । ସତକଥା, ଅଳସୁଆ, ଧୋନବାଲା ଲୋକଙ୍କର ପିନା ବାରଆଡ଼ୁ ବାରରକମ ଚିନ୍ତା, ଗର୍ବ ଅଭିମାନ—କିନ୍ତୁ ପେଟ ଯାର ପୋଡ଼ିଯାଉଛି, କିନା ବକଟେ ଯା'କୁ ପିନ୍ଧିବାକୁ ମିଳୁନାହିଁ, ପାଠ ଦି' ଅକ୍ଷର ପଢ଼ିବା ପାଇଁ ଯା'କୁ ଦୁନିଆର ଶତସହସ୍ର ଦୁଃଖକଷ୍ଟ, ଅଭାବ ଅନାଟନ ବିରୁଦ୍ଧରେ ପ୍ରତିନିୟତ ଲଢ଼େଇ କରିବାକୁ ପଡ଼ୁଛି, ତାର ଏସବୁ ବୃଥା ଅହମିକା, ଆତ୍ମବଡ଼ିମା କରିବାକୁ ବେଳକାହିଁ ? ବନସ୍ତ, ଆନୁସ୍ତାର ଦିନକୁ ଦିନ ହୋଇପଡ଼ିଲେ ଅତି ଘନିଷ୍ଠ ବନ୍ଧୁ । ଯେତେ ଯେତେ ଅଭାବ ବଢ଼ିଲା, ତେତେ ତେତେ ଘନିଷ୍ଠତା ବେଶୀ ହେଲା । ଉଭୟ ଉଭୟଙ୍କୁ ଭଲ ପାଇଲେ ଅତି ନିବିଡ଼ ଭାବରେ—ହୃଦୟ ଦେଇ, ପ୍ରାଣ ଦେଇ, ଜୀବନ ଦେଇ ।

ଦିନେ ସନ୍ଧ୍ୟାବେଳେ—ବିନସ୍ତ ଘର କୁଡ଼ିଆ ଭିତରେ ବସି ମୁଢ଼ି ଗଣ୍ଡିଏ ଖାଉଁ ଖାଉଁ ଅନୁସ୍ବାର କହିଲା—"ବିନସ୍ତ ଭାଇ, ଖୋଦାଙ୍କ ଦୟାରୁ ପାଶ୍‌ଟାଏ ତ କୌଣସିମତେ କଲେ—ଏଣିକି କ'ଣ ବିଲ୍‌କୁଲ୍‌ ପଢ଼ା ଛାଡ଼ିଦେବା ?"

"ତା ନହେଲେ ଆଉ ଉପାୟ କ'ଣରେ ଅନୁ । ଆମ ଭଳିଆ ଗରିବ ପିଲାଙ୍କୁ ପାଠ ପଢ଼ିବାକୁ ପଇସା ଦିବ କିଏ ? ଆଉ ପୁଣି ଥରେ ସେହି ବଡ଼-ଲୋକର ଦୁଆରକୁ ଯାଇଁ ପଇସାଟିଏ ପାଇଁ ଦାନ୍ତ ନିକୁଟି ହାତ ପତେଇବା ମୁଁ ଆଦୌ ପସନ୍ଦ କରୁନାହିଁ । ଆମର ଏ ଗରିବର କରୁଣ ଆର୍ତ୍ତନାଦ ତାଙ୍କର ସେ ମେଘନାଦ ପାଚେରୀ ଡେଇଁ ସେ ପାଖକୁ କ'ଣ ଯାଇ ପାରିବ ?"

"ନାଁ ଭାଇ, ସେ ହୃଦୟହୀନ ପଶୁଗୁଡ଼ାଙ୍କ ପାଖକୁ ଯିବାକୁ ମୁଁ କହୁନାହିଁ । ଆମକୁ ନିଜ ଶିଙ୍ଗରେ ନିଜେ ମାଟି ଖୋଳିବାକୁ ହେବ । ନିଜର ଦୃଢ଼ ପ୍ରତିଜ୍ଞା ଓ ଅଟଳ ଆତ୍ମବିଶ୍ୱାସ ଉପରେ ନିର୍ଭର କରି ଆମକୁ ଆଗେଇଯିବାକୁ ପଡ଼ିବ । ସେଥିପାଇ ଦରକାର ଧୈର୍ଯ୍ୟ, ନିଷ୍ଠା, କଠିନ ପରିଶ୍ରମ ।"

"କ'ଣ ଯେ ତୁ ପାଗଳଙ୍କ ଭଳିଆ କହୁ ?" ପଚାରିଲା ଆଖିରେ ଅନେଇ ରହିଲା ବିନସ୍ତ ।

"ସତେ ବିନସ୍ତ ଭାଇ, ମୁଁ ବହୁଦିନରୁ ସ୍ଥିର କରିଛି, ତୋତେ ସେଥିରେ ରାଜି ହେବାକୁହିଁ ହେବ । ତୋ'ଭଳି ଭଲ ପିଲାଟାର ଜୀବନ ଜାଣୁ ଜାଣୁ କୌଣସିମତେ ମାଟି କରିଯାଇ ପାରେନା । ହଁ, ଶୁଣ ମୋ ପ୍ରସ୍ତାବଟା—ତୁ କଲେଜରେ ନା ଲେଖେଇ I. A. ପଢ଼ିବୁ ଆଉ ତୋ'ର ଏହି ଚରିବ ସାନ-ଭାଇଟି ରୁକେଇ କରି ମାସକୁ ମାସ ତୋତେ ଟଙ୍କା ଯୋଗେଇବ । ଯଦି ରୁକେଇ ଟଙ୍କା ନିଅଣ୍ଟ ହୁଏ, ତେବେ ମୁଁ ରାତିରେ ଏଠିସେଠି ବୁଲି ଟିଉସନ କରିବି—ସକାଳେ ଲତିଫ୍‌ ମିଆଁ ବଡ଼ କାରଖାନାରେ ବସି ବିଡ଼ି ବନେଇବି ନଚେତ୍‌ ଖବରକାଗଜର ହକର ହେବି ବା କୌଣସି ଏକ ହୋଟେଲରେ କିଛି ସମୟ 'ବୟ' କାମ କରିବି ! କିନ୍ତୁ ଯା' ରୁ' ତା' ହେଉ ପଛକେ, ତୋ' ପଢ଼ା ମୁଁ

କେବେ ବନ୍ଦକର ଦେବନାହିଁ । ଆଲ୍ଲାଙ୍କ କସମ ନେଇଛୁ । ଖଟି ଖଟି ମାଟିରେ ମିଶିଯିବୁ ବରଂ ତୋତେ କିନ୍ତୁ ଯେ କୌଣସିମତେ ପଢ଼େଇବୁ, ପଢେଇବୁ, ପଢେଇବୁ ।”

ଆଶ୍ଚର୍ଯ୍ୟ ହେଲା ବିନସ୍ତୁ । ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ ସେ । ଆପଣା ମା’ ପେଟର ଭାଇ ବି କ’ଣ ଏଭଳି କଥା କହିପାରେ ? ଆନୁସ୍ତାର ପୁଣି କିଜାତି, ଅସ୍ପୃଶ୍ୟ, ମୁସଲମାନ !! କିନ୍ତୁ କେତେ ଉଦାର ସେ—କେତେ ମହାନ୍ ସେ । ଏଭଳି ନିସ୍ୱାର୍ଥପର ପରୋପକାରୀ ଲୋକ କ’ଣ ଦୁନିଆ ଭିତରେ ଅଛନ୍ତି ? ସେହି ଦେବତୁଲ୍ୟ ଟିକି ‘ମଣିଷଟିର ଚରଣ ତଳେ ମଥାନୋଇଁ ସହସ୍ରବାର ପ୍ରଣାମ କରିବା ପାଇଁ ଇଚ୍ଛା ହେଲା ବିନସ୍ତୁର । ଗୋଟିପଣେ ତାକୁ କୁଣ୍ଢେଇ ଧରି ସେ କହିଁ କହିଁ ହୋଇ କାନ୍ଦି ଉଠିଲା ।

ମୁଖମଣ୍ଡଳରେ ଅସୀମ ଦୃଢ଼ତାର ଭାବ ଖେଳା’ଇ ଆନୁସ୍ତାର କହିଲା—“ନା, ସେ ଦୁର୍ବଳତା ଆମକୁ ତ୍ୟାଗ କରିବାକୁ ହେବ । କାର୍ଯ୍ୟଂ ବା ସାଧୟେତ୍, ଶରୀରଂ ବା ପାତୟେତ୍ । ଯେତେ ଦୁଃଖକଷ୍ଟ ଆସୁପଛକେ ଆମକୁ ତା’ରି ଭିତରେ ମୁଣ୍ଡଟେକି ଆଗକୁ ଚାଲିବାକୁ ପଡ଼ିବ । ପଇସାଟିଏ ପାଇଁ ବଡ଼ଲୋକ ଦୁଆରେ ନିଲୁଟି ହୋଇ ହାତ ପତେଇବା ବା ମନ୍ତ୍ରୀ, ଏମ୍,ଏଲ୍, ଏ ଙ୍କ ମଟର ପଛରେ ଧାଇଁ ତେଲ ଲଗେଇବା ଅପେକ୍ଷା ନିଜେ ରିକ୍ସା ବୋହି, ମୂଲ ଲାଗି, ମାଟି ହାଣି ପାଠ ପଢ଼ିବା କଣ ଶ୍ରେୟସ୍କର ନୁହେଁ ? ....ତା’ପରେ ତୁ ମୋ କଥା ଭାବୁଥିବୁ । କିନ୍ତୁ କହତ, ଦେଶରେ କ’ଣ ସବୁପିଲା ଉଚ୍ଚଶିକ୍ଷା ପାଇବେ ? ଯେଉଁମାନେ ଅତି ମେଧାବୀ ଓ ବିଚକ୍ଷଣ କେବଳ ସେହିମାନେ ସେ ବାଗରେ ଯାଇ ଜଣେ ଜଣେ ଡ଼ାକ୍ତର, ଇଞ୍ଜିନିୟର ପ୍ରଫେସର ବା ଓକିଲ ହୁଅନ୍ତୁ । ଅନ୍ୟମାନେ ବିଭିନ୍ନ ମାର୍ଗରେ ଯାଇଁ କିଏ ଶିକ୍ଷକ ହେଉ, କିଏ କିରାଣୀ ହେଉ, କିଏ ମେକାନିକ୍ ହେଉ ବା କିଏ ବ୍ୟବସାୟୀ ହେଉ । କିନ୍ତୁ ଶତକଡ଼ା ସତୁରି ଭାଗ ଗୃହବାସରେ ମନ ଦିଅନ୍ତୁ । ତା’ହେଲେ ଯାଇଁ ଦେଶର ଉନ୍ନତି ହେବ, ଜାତିର କଲ୍ୟାଣ ହେବ, ତା’ ନହେଲେ ସମସ୍ତେ ଉଚ୍ଚଶିକ୍ଷା ପାଇବା ପାଇଁ ଧାଇଁଲେ ସମାଜ ଚାଲିବ କିପରି ? ସମାଜର ଅନ୍ୟାନ୍ୟ ଦରକାରୀ କାମଗୁଡ଼ିକୁ

ନେଇଆଣି ଥୋଇବ କଏ ? ... ତୋ' ଗୋଡ଼ ଧରୁଛି ଭାଇ । ମୋ କଥାରେ ମନା କରନା । ତୋଠାରୁ ଦେଶ ବହୁତ ଆଶା କରୁଛି—ତୋର ମୁହଁକୁ ଉପରେ ଲୁହ ଢଳ ଆଖିରେ ମଉସା ଗୃହଁ ରହିଛନ୍ତି । ପାଠ ପଢ଼ି ମଣିଷ ହୋ' ତୁ—ମଉସାଙ୍କର ଶେଷ ଇଚ୍ଛା ପୂର୍ଣ୍ଣ ହେଉ ।"

ହୃଦୟର କେଉଁ ଏକ ଗୋପନତମ ତନ୍ତ୍ରୀ ଅଘାତ ଦେଇ ବନସ୍ତର ଗ୍ଲ ତଳୁ ଉଠିଆସିଲା ଗୋଟିଏ କରୁଣ ଦୀର୍ଘଶ୍ୱାସ । ବାପା "ହଁ, ବାପା ତା'କୁ ମଣିଷ କରିବା ପାଇଁ ପୋଷ ପୋଷ ଲହୁ ଢାଳି ଦେଉଥିଲେ ମାଟିରେ । ଗୁଡ଼ତଳର କଳଜାଠାରୁ ବେଶୀ ଭଲ ପାଉଥିଲେ ତାକୁ । ତାଙ୍କର ଆଶାଥିଲା—"ପୁଅ ପାଠପଢ଼ି ମଣିଷ ହବ—ବାପାର ନାଁ ରଖିବ ।" କିନ୍ତୁ .. କିନ୍ତୁ ସେ କ'ଣ ନାଁ ରଖିବା ପାଇଁ ଉପଯୁକ୍ତ ହେଲାଣି ! ! ! ନା, ନା, ତା'କୁ ଆହୁରି ପଢ଼ିବାକୁ ହବ—କର୍ମଭୂମିକି ଫେରିବା ପୂର୍ବରୁ ତା'କୁ ଆଧୁନିକ ଉଚ୍ଚଶିକ୍ଷାରେ ଶିକ୍ଷିତ ହେବାକୁ ପଡ଼ିବ । ଅନୁସ୍ୱାରକୁ କୁଣ୍ଢେଇ ଧରି ବାଷ୍ପାକୁଳ କଣ୍ଠରେ ବନସ୍ତ କହିଲା—"ହଁ ପଢ଼ିବି—ପଢ଼ିବି ମୁଁ କଲେଜରେ । ଜୀବନ-ସଂଗ୍ରାମରେ ଯେତେ କ୍ଷତବିକ୍ଷତ ହୁଏ ପଛକେ ମୋ ସ୍ୱର୍ଗୀୟ ପିତାଙ୍କର ଶେଷଇଚ୍ଛା ମୁଁ ନିଶ୍ଚୟ ପୂର୍ଣ୍ଣ କରିବି । .. କିନ୍ତୁ ଭାଇ—ପ୍ରାଣର ଭାଇଟି ମୋର ମୋ ପାଇଁ କାହିଁକି ତୁ ଏତେ କଷ୍ଟ କରିବୁ ? ତୋ'ର ଏ ହାତପର ଅଜାତ ବନ୍ଧୁଟା ପାଇଁ କାହିଁକି ତୁ ଏପରି ପ୍ରାଣାନ୍ତକ ପରିଶ୍ରମ କରିବୁ ? ତୋ ଧନ୍ଦାରେ ତୁ, ଯା' ଭାଇ ମୁଁ କୌଣସିମତେ ଭିକଦୁଃଖ ମାଗି ଦୁଃଖେକଷ୍ଟେ କେଇଟି ବର୍ଷ ଚଳିଯିବି ।"

ବନସ୍ତ ପାଟିରେ ହାତ ଦେଇ ଅନୁସ୍ୱାର କହିଲା—"ଆଉ ଭାଇ । ସେ ପର ଅପର କଥା କହ ନାହିଁ । ଯୋଉଠି ମନ ମିଳେ, ଯୋଉଠି ହୃଦୟ ସହିତ ହୃଦୟର ପରିଚୟ ହୁଏ, ସେଠି ହିନ୍ଦୁ ମୁସଲମାନ ଭେଦ ନଥାଏ—ଓଡ଼ିଆ ବଙ୍ଗାଳୀ ସଂକୀର୍ଣ୍ଣତା ନଥାଏ । ସେଠି ଥାଏ ଏକ ସାର୍ବଜନୀନ ପ୍ରେମ—ଏକ ବିଶ୍ୱଜୟୀ ଭ୍ରାତୃତ୍ୱବ । ଆମ ଭିତରର ସ୍ନେହ, ସୌହାର୍ଦ୍ଦ୍ୟ ଅସରନ୍ତି, ଅକଳନ୍ତ ଆମର ଏ ବନ୍ଧନ ଚିର ଅଚ୍ଛେଦ୍ୟ । ମୁଁ ଜାଣେ, ମୁଁ ବିପଦରେ ପଡ଼ିଲେ ତୁ

ମୋ ପାଇଁ ହସି ହସି ଜୀବନ ଦେଇ ଦେବୁ—ନଜେ ନଖାଇ ନପିଇ ଉପାସ ରହିବୁ ପଛକେ ମୋ ମୁହଁଟି ଶୁଖିଯାଇଥିଲେ ତୁ ଭାତଗୁଣ୍ଡାଏ ଆଣି ଆଗ ମୋର ପାଟିରେ ଦେବୁ, ଏଭଳି ଅବସ୍ଥାରେ ଖାଲି ତୁ ହିନ୍ଦୁ ମୁଁ ମୁସଲମାନ ବୋଲି କ'ଣ ଆମର ବନ୍ଧୁତା ଭାଙ୍ଗିଯାଇପାରେ ? ନା ଘନିଷ୍ଠତା କମି ଯାଇପାରେ ?

ତା'ପରେ ତୋ ପାଇଁ କଷ୍ଟ କରିବା କଥା କହୁଛୁ । ଅବଶ୍ୟ ତୁ ତ ମୋର ପରମ ବନ୍ଧୁ । କିନ୍ତୁ ତା' ନହୋଇଥିଲେ ବି ତୋ'ଭଳି ଗରିବ ଅଥଚ ମେଧାବୀ ଛାତ୍ରଟିକୁ ସାହାଯ୍ୟ କରିବା ଏକ ଚରମ ସୌଭାଗ୍ୟ । କାରଣ ତୋତେ ଉଚ୍ଚ-ଶିକ୍ଷାରେ ସାହାଯ୍ୟ କରିବା ଅର୍ଥ ଦେଶରେ ଜଣେ ଉପଯୁକ୍ତ ନାଗରିକ ଗଢ଼ିବା ଏବଂ ପ୍ରକାରାନ୍ତରେ ଦେଶ, ଜାତି ତଥା ମାନବ ସମାଜର ସେବା କରିବା, ମୁଁ ଜାଣେ ଉପଯୁକ୍ତ ଶିକ୍ଷିତ ଲୋକହୋଇ ତୁ ଯେତେବେଳ ଆମର ଏହି ଗାଁ ଭୂଇଁକୁ ଫେରି ଆସିବୁ, ସେତେବେଳେ ତୁ ନିଶ୍ଚୟ ଏହି ଦରିଦ୍ର ଅନ୍ଧ ମୂଳିଆ ମୂରୁଖ ଗୁଡ଼ିଙ୍କର କଥା ଭାବିବୁ । ସେମାନଙ୍କୁ ଏ ଅନ୍ଧକାରରୁ ଉଠାଇ ମଣିଷ କରି ଗଢ଼ିବାକୁ ଚେଷ୍ଟା କରିବୁ । ତେଣୁ ତୋ' ପାଇଁ ମୁଁ ଟିକିଏ କଷ୍ଟକଲେ କ'ଣ ପରୋକ୍ଷରେ ମୁଁ ଦେଶପାଇଁ କିଛି କଲି ନାହିଁ ? ···ମୋ ସୁନା ଭାଇଟି ପରା, ପୁଣି ଥରେ ତୋ'ର ଗୋଡ଼ ଧରୁଛି—ମୋତେ ଏ ସୁବର୍ଣ୍ଣ ସୁଯୋଗରୁ ବଞ୍ଚିତ କରନା ।"

ବିନୟର ଲକ୍ଷ ଯୁକ୍ତି ହାର ମାନିଲା । ଆନୁଆରଙ୍କର ସେହି ଏକ ଜିଦ୍ —ସେ ଚାକିରି କରିବ ଏବଂ ସେହି ପଇସାରେ ବିନୟକୁ କଲେଜରେ ପଢ଼େଇବ । ବେଶୀ ନହେଲେ ଅନ୍ତତଃ B. A. ପର୍ଯ୍ୟନ୍ତ ଚେଷ୍ଟା କରିବ ସିଏ । ··· ଶେଷରେ ସେଇଆ ହିଁ ହେଲା । ସ୍ୱର୍ଗର ଦେବତାଠାରୁ ବଡ଼ ଏହି କ୍ଷୁଦ୍ର ମାନବଟିର ନିଷ୍ଠା, ଅଧ୍ୟବସାୟ ଓ ଆତ୍ମତ୍ୟାଗ ବଳରେ ବିନୟ ଅନର୍ସ ସହ B. A. ପାଶ କରି କଲେଜରୁ ବାହାରିଲା ଚାରୋଟି ବର୍ଷ ପରେ ।

ପରୀକ୍ଷାଫଳ ବାହାରିବାର ଠିକ୍-ପରଦିନ, ବିନୟ ଜିଦ୍ ଧରିଲା ଆନୁଆରଙ୍କୁ ଚାକିରିରୁ ଇସ୍ତଫା ଦେବାକୁ । ବାରମ୍ବାର ବାରଣ କଲା ଆନୁଆର ।

ସାଙ୍ଗସାଥୀ, ବନ୍ଧୁବାନ୍ଧବମାନେ ବି ରାଜି ହେଲେ ନାହିଁ ପ୍ରସ୍ତାବରେ । କିନ୍ତୁ ବିନୟ ତା' ପ୍ରତିଜ୍ଞାରେ ଅଚଳ, ଅଟଳ, ନିହାତି ଅବାଧ ହେବାରୁ ସେ ଆରମ୍ଭ କଲା ମହାତ୍ମାଜୀଙ୍କର ଶେଷ ଅସ୍ତ୍ର—ଅନଶନ । ତା' କଥା ମାନି ଆର୍ଟସ୍‌ର କ୍ଲାସ ନ ଛାଡ଼ିଲେ ସେ ଆମରଣ ଅନଶନ କରିବ—ତା'ର ପାଇଁ ତା'ର ଆଗରେ ହସି ହସି ପ୍ରାଣ ଦେବ । ...ବାଧ୍ୟ ହୋଇ ଆର୍ଟସ୍‌ର କ୍ଲାସରୁ ଇସ୍ତଫା ଦେଇ ଆସି ନିରୀହ ପିଲାଟି ଭଳି ଠିଆହେଲା ଆଗରେ । ସେତେବେଳକୁ ବିନୟ ଭରତି ହୋଇଯାଇଥାଏ ଗୋଟିଏ ମାଷ୍ଟିଷ୍ଟି କ୍ଲାସରେ । ସେହିଦିନ, ସେହି ମୁହୂର୍ତ୍ତରେ ଯାଇଁ ସେ ଆର୍ଟସ୍‌ର ନାଁ ଲେଖାଇ ଦେଇ ଆସିଲା Science କଲେଜରେ । ନିହାତି ବାଧ୍ୟ ପିଲାଟି ଭଳି ବିନୟର ଆଦେଶ ମାନି ସେହିଦିନ କଲେଜ ଗଲା ଅରୁ ।

ପାଠପଢ଼ି ପରଦୁଆରେ ଯାଇଁ ଚାକିରି କରିବା—ଏହା କେବେ ବିନୟର ଇଚ୍ଛା ନୁହେଁ । ବରଂ ଅନ୍ତରର ସହିତ ସେ ଘୃଣା କରେ ଏ ହୀନ ମନୋବୃତ୍ତିକୁ । ଯୋଉ ଅସନା, ଅପରିଚ୍ଛନ୍ନିଆ ଗାଁ ଗହଳରେ ବଢ଼ି କୁଢ଼ି ଆମେ ଏଡ଼ୁଟିକୁ ଏଡ଼ୁଟିଏ ହେଲେ, ଯୋଉ ଅଜ୍ଞ ଅଶିକ୍ଷିତ ବାପ ଦାଦ ପଡ଼ା ପଡ଼ୋଶୀମାନେ ମାଟିହାଣି, କାଦୁଅ ଚକଟି, ପରଦୁଆରେ ମୂଲ ଲାଗି ନାନା ଦୁଃଖକଷ୍ଟ ଭିତରେ ଆମକୁ ମଣିଷ କରି ଗଢ଼ିଲେ, ସେହିମାନଙ୍କର ସେବା କରିବା ବିନୟ ଜୀବନର ଚରମ ଲକ୍ଷ୍ୟ—ସେହି ଗାଁ ଗହଳର ଉନ୍ନତି କରିବା ବିନୟର ପରମ କର୍ତ୍ତବ୍ୟ । ଗାଁରେ ସ୍କୁଲ ନାହିଁ, ଡାକ୍ତରଖାନା ନାହିଁ, ରାସ୍ତା ନାହିଁ—ପୋଖରୀସବୁ ଦଳରେ ପୂର୍ଣ୍ଣ ହୋଇ ମଶା ବଢ଼ୁଛି ମ୍ୟାଲେରିଆ ବ୍ୟାପୁଛି । ହଇଜା, ବସନ୍ତ ଆସିଲେ ଔଷଧ ଟିକିଏ ନପାଇ ଦିନ କେଇଟା ଭିତରେ ଗାଁକୁ ଗାଁ, ସାହିକି ସାହି ସଫା ହୋଇଯାଉଛି । ପୁଣି ମାମଲତକାରିଆ ଟାଉଟର ଲୋକେ ଗାଁର ସରଳ ନିରୀହ ଲୋକଙ୍କୁ ଶୋଷଣ କରି କରି ସଦାସର୍ବଦା ତାଙ୍କ ରକ୍ତ-ମାଂସ ଝୁଣି ଖାଉଛନ୍ତି ।

ଏଭଳି ଅବସ୍ଥାରେ ପାଠୁଆ ଲୋକେ ଖାଲି ଟାଉନରେ ପଡ଼ିରହି ସୁଟ୍ ହାଓ୍ୱାଇନ୍ ପିନ୍ଧି ବୁଲିଲେ ଚଳିବ ନାହିଁ । ସମସ୍ତଙ୍କୁ ଗାଁକୁ ଯିବାକୁ ହେବ—

ଗାଁର ମଳାମୁଣ୍ଡିଆ ମୂଳିଆ, ମୂର୍ଖଙ୍କୁ ପାଠଶାଠ ପଢ଼େଇ, ସଫା ସୁତୁରାଙ୍କର ସେମାନଙ୍କ ଆଖି ଖୋଲି ଦେବାକୁ ହେବ କାରଣ ଦେଶ ବୋଇଲେ କେତୋଟି ମୁଷ୍ଟିମେୟ ସହରର ଶିକ୍ଷିତ ଗୋଷ୍ଠୀ ନୁହେଁ । ଗାଁ ଗହଳର ଲକ୍ଷ ଲକ୍ଷ କୋଟି କୋଟି ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତାର ସମଷ୍ଟି । ତେଣୁ ଦେଶର ଉନ୍ନତି କରିବାକୁ ହେଲେ ଆଗ ଗାଁଗୁଡ଼ିକର ଉନ୍ନତି କରିବାକୁ ହେବ ଏବଂ ସେ ଭାର କେବଳ ଏହି ଶିକ୍ଷିତ ଲୋକଙ୍କ ଉପରେ । ତେଣୁ ଟାଉନରେ ବସି ଖାଲି ନିଜେ ଭଲ ଖାଇବା, ଭଲ ପିନ୍ଧିବା, ଭଲ ଅଭ୍ୟାସ କରିବା—ଏମିତି ନାନାଦି ଆପଣାସ୍ୱାର୍ଥ କାମରେ ସବୁବେଳେ ବୁଡ଼ି ନରହି ଶିକ୍ଷିତ ଲୋକେ ଗାଁ ଗହଳକୁ ଯାଇଁ ଲୋକଙ୍କର ସେବା କରିବା ଉଚିତ । ବିନୟ ଏକଥା ଭଲରୂପେ ବୁଝିଥିଲା ଏବଂ ହେତୁ ପାଇଲା ଦିନୁ ସେହି ଗାଁ ଭୂମିକୁ କର୍ମ ଭୂମି ରୂପେ ବାଛି-ନେବାକୁ ସ୍ଥିର କରିଥିଲା ।

କିନ୍ତୁ କଲେଜ ଛାଡ଼ିବା ସଙ୍ଗେ ସଙ୍ଗେ ସେ ଫେରିପାରିଲାନି ଗାଁକୁ । ଯା'ର ପାଚେରିକ ଅଧିବସାୟ ଓ ଅସୀମ ସ୍ୱାର୍ଥ ତ୍ୟାଗ ଫଳରେ ସେ ଆଜି ଗ୍ରାଜୁଏଟ୍‌ଟିଏ ହୋଇ ପଦାକୁ ବାହାରିଲା । ତା ପ୍ରତି ତା'ର ପ୍ରଥମ କର୍ତ୍ତବ୍ୟ । ତା'କୁ ଆହୁ ଟିକିଏ ଉଚ୍ଚଶିକ୍ଷା ଦେଇ ତା ଜୀବନକୁ ସରସ, ସୁନ୍ଦର, ସୁଖମୟ କରିବା ଭାର ବିନୟ ଉପରେ । ତେଣୁ ଅନ୍ୟ କୌଣସି କଥା ନ ଭାବି ସେ ଆଗ ତା'କୁ ଭରତି କଲା କଲେଜରେ I. Sc ଦୁଇବର୍ଷ—ତା'ପରେ ପାଞ୍ଚୋଟିବର୍ଷ ଡାକ୍ତରୀ M. B. B. S ହୋଇ କୌଣସିମତେ ସେ ବାହାରି ଆସିଲେ ତେଣିକି ବିନୟର ଛୁଟି—ତେଣିକି ସେ ମନଇଚ୍ଛା ଗାଁକୁ ଫେରିଯାଇ ପାରିବ— ଗାଁ ଲୋକଙ୍କ ସେବା କରିବ । ଡାକ୍ତରୀ ଝଣ୍ଡିକ ପାଶ୍ କରିପାରିଲେ ଅନୁସ୍ୱାର ବି ତା'କୁ ଗ୍ରାମ ସଂଗଠନ କାର୍ଯ୍ୟରେ ଯଥେଷ୍ଟ ସାହାଯ୍ୟ କରିପାରିବ । ବହୁତ ଭାବି ଭାବି ବିନୟ ବାଛିଥିଲା ଏହି ଲାଇନ୍‌ଟି··· ଯାହାହେଉ, ଅନୁସ୍ୱାର ଭରତି ହେଲା କଲେଜରେ । ଆଉ ତାକୁ ବିଧି ମୁତାବକ ଖରଚପତ୍ର ଯୋଗେଇବା ପାଇଁ ବିନୟ ଭରତି ହେଲା ଚାକିରୀରେ । କିନ୍ତୁ ମାଷ୍ଟିରୀ ଚାକିରିରେ ଦରମା ବା କେତେ ? ନିଜ ଖରଚକୁ ତ ତା' ନଅଣ୍ଟ । କଲେଜରେ ଅନୁସ୍ୱାରକୁ ପଢ଼େଇ ମାସକୁ ମାସ ତା' ଖର୍ଚ୍ଚ ଯୋଗେଇ ହେବ କିପରି ?

ତେଣୁ ସେ ଚେଷ୍ଟା କଲା ସରକାରୀ ଚାକିରିରେ । ଠାକୁରଙ୍କ ଦୟାରୁ ସବ୍‌ଡେପୁଟି ପୋଷ୍ଟଟିଏ ବି ସଙ୍ଗେ ସଙ୍ଗେ ମିଳିଗଲା । ମାଷ୍ଟ୍ରିରୁ ଚାକିରିରୁ ଇସ୍ତଫା ଦେଇ ବିନୟ ଜଏନ୍ କଲା ନୂଆ ପୋଷ୍ଟରେ ମାତ୍ର ଦୁଇଟି ମାସ କଟକରେ କାମ କରିଛି କି ନାହିଁ ବଦଳି ହେଲା ବାଲେଶ୍ୱର, । ସେହିଠାରେ—ସେହି ବାଲେଶ୍ୱରର ବୁଢ଼ାବଳଙ୍ଗ ନଈକୂଳରେ ସେଦିନ ତା'ର ଦେଖାହୁଏ ମିନି ସାଙ୍ଗରେ —ଅନହୂତ - ଅଯାଚିତ — ଆକସ୍ମିକ ।

## —ସାତ—

ବୁଝେଇ ବୁଝେଇ ଥକିଗଲେ କାହ୍ନୁବାବୁ । କାନ୍ଦିକାନ୍ଦି ଫାଟିଫୁଟିଗଲେ କନକଦେବୀ । ପଡ଼ାପଡ଼ୋଶୀ, ସାଙ୍ଗସାଥୀ, ବନ୍ଧୁ ବାନ୍ଧବମାନେ ବି ଆସି କେତେପ୍ରକାର ବୁଝେଇ କହିଲେ । ଧନରତ୍ନ, ଭୋଗ ଐଶ୍ୱର୍ଯ୍ୟର ପ୍ରଲୋଭନ ଦେଖେଇଲେ । କିନ୍ତୁ କୌଣସିଥିରେ କାନ ଦେଲା ନାହିଁ ବିନୟ । ତା'ର ସେହି ଗୋଟିଏ କଥା—ସେ ବଡ଼ଘରେ ବିବାହ କରିବ ନାହିଁ । ଯେତେ ଯାହା କହିଲେ ବି ସେ ସେଥିରୁ ଏତେଟିକିଏ ଟଳିଲାବଗଲା ହେଲାନି । ଠିକ୍ ଆଗଭଳି ଅଚଳ, ଅଟଳ, ମନ୍ଦାମେରୁ ହୋଇ ରହିଲା । ବଡ଼ ମୁସ୍କିଲରେ ପଡ଼ିଲେ କାହ୍ନୁବାବୁ । ତାଙ୍କ ହାତକୁଆ କୂଳରେ ପାଠୁଆ ପିଲାଟିଏ ମିଳିବା ଯେମିତି କଷ୍ଟ ସେଥିରେ ଏମିତିକା ଉଚ୍ଚଶିକ୍ଷିତ, ଶାନ୍ତଶିଷ୍ଟ ଯୁବକଟିକୁ ହାତ ପାହାନ୍ତାରେ ପାଇ ପୁଣି ତା'କୁ ଛାଡ଼ିଦେଇ ବସିବାକୁ ତାଙ୍କର ମୋଟେ ମନ ଗଲାନି । ଦୁନିଆଁ ତାଙ୍କୁ ଅନ୍ଧାର ଦିଶିଲା । ବଡ଼ ଚିନ୍ତାକୁଳ ହୃଦୟରେ ସେ ଈଶ୍ୱରଙ୍କୁ ଡାକିଲେ ଆଲୋକ ପାଇଁ ।

ପ୍ରଥମେ ପ୍ରଥମେ କିଛି ବୁଝିପାରିଲା ନାହିଁ ମିନି । ଜଣେ ଅଭାବଗ୍ରସ୍ତ, ଦରିଦ୍ର ଲୋକ ହାତରେ ବହୁମୂଲ୍ୟ ଧନ, ଐଶ୍ୱର୍ଯ୍ୟ ନେଇ ଅଜାଡ଼ି ଦେଲେ ସେ ଯେ ତା' ଗ୍ରହଣ କରିବାକୁ ଅସମ୍ମତ ହେବ, ଯା କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା

କରି ନଥିଲା ସେ । ତା’ପରେ ଆଜକାଲି ଯୁଗରେ ଯେତେବେଳେ କଲେଜ ପିଲାଏ ଗୋଟିଏ ଗୋଟିଏ ଝିଅର ସାମାନ୍ୟ ଏକ ଆଖି ପଲକରେ; ବାଙ୍କ ଗ୍ରୀବାଣୀରେ ବା ଅଧରରର ମୃଦୁ କମ୍ପନରେ ଗୋଟିପଟେ ତା’ ଆଡ଼କୁ ଢଳି ପଡ଼ୁଛନ୍ତି, ସେତେବେଳେ ବିନୟ ସେ କାହିଁକି ତା’ଭଳି ଗୋଟିଏ ଝିଅକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କରୁଛି, ତା’ ମଧ୍ୟ ଭାବିପାରିଲା ନାହିଁ ସେ । ଅବଶ୍ୟ ସେ ବି,ଏ,ଏମ,ଏ ପଢ଼ି ଉଚ୍ଚଶିକ୍ଷିତା ନୁହେଁ ତଥାପି ନିହାତି ମଫସଲି, ମରହଟ୍ଟୀ ବା ଗାଉଁଲି ଝିଅ ବୋଲି ତ ତା’କୁ କହି ହେବନି । ମ୍ୟାଟ୍ରିକୁଲେସନ ସେ ପାଶ୍ କରିଛି । ଆଧୁନିକ ଶିକ୍ଷା, ସଭ୍ୟତା, ରୁଚି, ଫେସନ—ସବୁ ସେ ଟିକେଟିକେ ଜାଣେ । ଆଧୁନିକ ଷ୍ଟାଇଲରେ ଲୁଗା ପିନ୍ଧିବା, ବେଣୀ ବାନ୍ଧିବା ଫୁଲ ଖୋସିବା ବା ଗୀତ ବୋଲିବା—କୋଉ କଥାରେ ସେ ପଛେଇ ଯିବ ନାହିଁ । ସାଇକେଲ ଚଲେଇ ଜାଣେ, ହାରମୋନିୟମ ବଜେଇ ଜାଣେ, ସିଙ୍ଗର୍ ମେସିନରେ ସିଲେଇ କରି ଭଲଭଲ ଜାମା; କୁର୍ତ୍ତା, ଶାୟା, ବ୍ଲାଉଜ ତିଆରି କରି ଜାଣେ ଆଉ ହୋମିଓପ୍ୟାଥି ଔଷଧ ଦେଇ ଜର, ଝାଡ଼ା, ଶର୍ଦ୍ଦି, କାଶ ଆଦି ଏଣ୍ଡୁଡ଼େଣ୍ଡୁ ରୋଗର ଉପଶମ କରିପାରେ । ବ୍ୟାଡ଼ମିଣ୍ଟନ ଖେଳିବା ପୁଣି ତା’ର ଗୋଟାଏ ମସ୍ତବଡ଼ Hobby (ନିଶା) । ତା’ଛଡ଼ା କେତେବେଳେ କେମିତି ବି ସେ କବିତା ଲେଖେ, ବେଳେବେଳେ ଟାଉନ୍ ହଲରେ ଯାଇ ଦେଶ ଓ ଦଶର ନାନାଦି ସମସ୍ୟା ସମ୍ବନ୍ଧେ ବକ୍ତୃତା ଦିଏ । କିନ୍ତୁ ଏତେ ଆଧୁନିକା ହେଲେ ବି କାହିଁକି ଯେ ବିନୟ ତା’କୁ ଗ୍ରହଣ କରିବାକୁ ପଶ୍ଚାତ୍ପଦ ହେଉଛି, ତା’ କିଛି ବୁଝି ପାରିଲାନି ମିନି । ମନଦୁଃଖରେ ବସିବସି ଆକାଶପାତାଳ କେତେ କ’ଣ ଭାବିଲା ସେ ।

ତା’ହେଲେ ବିନୟ କ’ଣ ଖୋଜୁଛି ଏସବୁକୁ ଛାଡ଼ି ଆଉ ଗୋଟାଏ କିଛି ନୂଆକଥା ? ଆଦର୍ଶ ? ସ୍ୱପ୍ନ ? ଦେଶସେବା ?···· ଆଡ଼ମ୍ବରକୁ କ’ଣ ସେ ପସନ୍ଦ କରୁନାହିଁ ? ଭୋଗବିଳାସକୁ ଘୃଣା କରୁଛି ? ସେ ତା’ହେଲେ କ’ଣ ଖୋଜେ ଶାନ୍ତ, ସରଳ ଜୀବନ ? ସେ ଖୋଜେ ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବା ? ସେ ଖୋଜେ ମହାତ୍ମା ମହାପୁରୁଷଙ୍କ ଅନୁସୃତ ତ୍ୟାଗ, ନିଷ୍ଠା, ସଂଯମ, ସାଧନା, ଆତ୍ମୋତ୍ସର୍ଗ ? ତା’ହେଲେ ସେ ଧନ ଖୋଜେ ନାହିଁ ମନ; ରୂପ ଖୋଜେ ନାହିଁ

ଚାହେଁ ଗୁଣ; ସେ ତ ଚାହେଁ ନାହିଁ ଚାହେଁ ତ୍ୟାଗ; ସେଇଆ ହେବ ନିଶ୍ଚୟ ତା' ନହେଲେ ସେ କ'ଣ ହିଁକି ମନା କରନ୍ତା ବଡଘରେ ବିବାହ କରିବାକୁ ..... ସବୁ ସନ୍ଦେହ ପୋଛି ହୋଇଗଲା ମିନି ମନରୁ । ବିନୟ ସାଙ୍ଗରେ କଥା ପଦେ କହିବାର ସୁଯୋଗପାଇ ନଥିଲେ ବି ବିନୟର ମନକଥା ବେଶ୍ ବୁଝିପାରିଲା ସେ ।

ବଡ଼ଘରେ ଅବଶ୍ୟ ସେ ଜନ୍ମ ହୋଇଛି—ବଡ଼ଘରର ସୁଖସମ୍ଭୋଗ ଭିତରେ ଆଜୀବନ ବଢ଼ିଆସିଛି । କିନ୍ତୁ ତା'ହେଲେ ବି ବଡ଼ଲୋକର ମନ ଭଳି ତା'ମନ ନୀଚାପଥର ହୋଇ ଯାଇନି—ବଡଘରର ଝିଅ ଭଳି ସେ କେବେ ଆପଣାସ୍ୱାର୍ଥୀ ହୋଇ ପଡ଼ିନି । ବାହାର ଦୁନିଆର ଅଭାବ, ଅଭିଯୋଗ, ବନ୍ୟା; ମଡ଼କ, ଦୁର୍ଭିକ୍ଷ ଅନାହାର—ଅନେକ ଖବର ରଖିଛି ସିଏ । ଆଉ ବି ସିଏ ଖବର ରଖିଛି, ବିଚ୍ଛିନ୍ନ ଉତ୍କଳରେ କେମିତି ଲକ୍ଷ ଲକ୍ଷ ଓଡ଼ିଆ ନିର୍ଯ୍ୟାତିତ, ନିଷ୍ପେଷିତ ହୋଇ ବିକଳ ଦୃଷ୍ଟିରେ ଚାହିଁ ରହିଛନ୍ତି—ବିଦେଶୀ ଭୂଇଁରେ କେମିତି ଚାରିଲକ୍ଷ ଓଡ଼ିଆ ଖଲିକବଲି, ଘରଦ୍ୱାର ଛାଡ଼ିଯାଇଁ ପେଟ ବିକଳରେ ବର୍ଷ ବର୍ଷ ଧରି ପଡ଼ିରହିଛନ୍ତି; ଆଉ ଆପଣା ଧନରତ୍ନ, ଜମିବାଡ଼ି, ଭିଟାମାଟି ପର୍ଯ୍ୟନ୍ତ ଛାଡ଼ି କେମିତି ଅଗଣିତ ଅନ୍ନପ୍ରାର୍ଥୀ ଆସି ବାଙ୍ଗାଳୀଙ୍କ ଭଳି ବାରଦୁଆରେ ବୁଲି ବାଉଳା ହେଉଛନ୍ତି । ଅବଶ୍ୟ ସେ ଏହି ଦୀନ, ଦୁଃସ୍ଥ, ଦଳିତ, ମଥିତଙ୍କ ପାଇଁ ଅଖିଦୁଃଖିଆ ସେମିତି କିଛି କରି ନାହିଁ—ହେଲେ ସେମାନଙ୍କର ଦୁଃଖ ସେ ବୁଝିଛି, ସେମାନଙ୍କର ଛାତିଫଟା ଦୀର୍ଘନିଶ୍ୱାସ ସେ ଅନୁଭବ କରିଛି ।

ତା'ଛଡ଼ା ଅନେକ ବହି ମଧ୍ୟ ପଢ଼ିଛି ସିଏ । ବନ୍ୟା-ପ୍ରପୀଡ଼ିତ ଲୋକଙ୍କର ସେବା କରିବା ପାଇଁ କେମିତି ଉତ୍କଳମଣି ଗୋପବନ୍ଧୁ ଆପଣାର ଏକମାତ୍ର ପୁଅକୁ ମରଣ ଶେଯରେ ଶୁଆଇ ଦେଇ ଚାଲିଯାଇଥିଲେ । ଆଜୀବନ ହୀରା, ନୀଳା, ମଣି, ମାଣିକ୍ୟ ଭିତରେ ବଢ଼ି ଆସିଥିଲେହେଁ ଭାରତ-ଗୌରବ ଜବାହାରଲାଲ କେମିତି ଦେଶର ସ୍ୱାଧୀନତା ପାଇଁ, ଜାତିର ମୁକ୍ତି ପାଇଁ ହସି ହସି କାରାବରଣ କରି ନିର୍ମମ ନିର୍ଯାତନା ଭୋଗିଥିଲେ ପୁଣି ସବଳର ଦୁର୍ବଳ ଉପରେ ଚାଲିଥିବା ଅନ୍ୟାୟ, ଅତ୍ୟାଚାର, ଶୋଷଣ, ପୋଷଣ ବିରୁଦ୍ଧରେ ତୀବ୍ର

ପ୍ରତିରୋଧ କରି କେମିତି ବାରବରଷର କେଉଁଟ ପିଲାଟାଏ ଗୁଳି ଆଗରେ ହସି ହସି ଜୀବନକୁ ବଳି ଦେଇଥିଲା—ସବୁ କଥା ଜାଣିଛି ସିଏ, ସବୁ ବହି ପଢ଼ିଛି ସିଏ । ନିଜେ ଭୋଗବିଳାସ ଭିତରେ ଚଳୁଥିଲେହେଁ ମନେ ମନେ ସେ କେଉଁଦିନୁ ପସନ୍ଦ କରିଛି ଏହି ତ୍ୟାଗର ପନ୍ଥାଟିକି । ସେଇଥିପାଇଁ ନିଜର ସ୍ନୋ, ପାଉଡ଼ରରୁ ଖର୍ଚ୍ଚ କମେଇ ସେ କେତେଥର ଦୁଃଖୀ, ଭିକାରୀଙ୍କ ଦେଇଛି—ସିନେମା, ଥିଏଟର ନଦେଖି କେତେଥର ସେହି ପଇସା ଆଶ୍ରୟପ୍ରାର୍ଥୀଙ୍କ ପାଖକୁ ପଠାଇ ଦେଇଛି । ମୋଟ ଉପରେ ମହାତ୍ମା, ମହାପୁରୁଷଙ୍କର ପ୍ରଦର୍ଶିତ ଏହି ତ୍ୟାଗ, ନିଷ୍ଠା, ସେବାର ଆଦର୍ଶରେ ସେ କେତେଥର ଅନୁପ୍ରାଣିତ ହୋଇ ପଡ଼ିଛି ଆପଣାଛାଏଁ ।

ଅବଶ୍ୟ ସେସବୁ ପରୋକ୍ଷରେ ସେ ଆଜିପର୍ଯ୍ୟନ୍ତ ଅନୁଭବ କରି ଆସୁଥିଲା । କିନ୍ତୁ ଆଜି ପ୍ରତ୍ୟକ୍ଷରେ ସେହି ଆଦର୍ଶର ସନ୍ଧାନ ପାଇଲା ବିନୟ ନିକଟରେ । ସତେ କେଡ଼େ ମହତ ସେହି ଆଦର୍ଶ, କେଡ଼େ ପବିତ୍ର ସେହି ପନ୍ଥା । ମଣିଷ ଦିନେ ମରିହଜି ମାଟିରେ ମିଶିଯିବ—ତା'ର ଧନ, ଦଉଲତ, ଦମ୍ଭ, ଗର୍ବ—କିଛି ବୋଲି କିଛି ରହିବ ନାହିଁ । କେହି କହିବେ ନାହିଁ, ଅମୁକ ଲୋକର ସରଗଲଗା କୋଠାଥିଲା ବା ଅମୁକ ଲୋକ ପାଟ ପୀତାମ୍ବର ପିନ୍ଧି କ୍ଷୀରି ପୁରି ଖାଉଥିଲା । କେହି ଭାବିବେ ନାହିଁ ତା' କଥା—କେହି ମନେ ରଖିବେ ନାହିଁ ତା' ନାଁ । ବୁଢ଼ାଗଛର ଶୁଖିଲା ପତ୍ରର ଭଳି ସେ ଝଡ଼ିଯିବ—ମରିଯିବ—ଦେହ ପୋଡ଼ା ହେବା ସଙ୍ଗେ ସଙ୍ଗେ ନାଁ ବି ତା'ର ମରିହଜି ଶୂନ୍ୟରେ ମିଳେଇଯିବ । କିନ୍ତୁ ଯଦି ସେ ଟିକିଏ ପରୋପକାର କରିଥାଏ, ଯଦି ସେ ନିଜେ କଷ୍ଟ ସହି ଦୀନ ଦୁଃଖୀ, ରୋଗୀ ଶୋକୀଙ୍କ ସେବା କରିଥାଏ, ତେବେ ତା' ନାଁ ରହିବ କାଳକାଳକୁ । ମାଟି ଦେହଟା ଖାଲି ମାଟିରେ ମିଶିଯିବ ସିନା ନାଁ କିନ୍ତୁ ତା'ର ଚିରଦିନ ଶୋଭାପାଇବ ଜନତାର ଅନ୍ତରରେ । ..

\+ \+ \+ \+

ମିନକି ଭଲ ଲାଗିଲା ଏହି ପନ୍ଥାଟି । ଏହି ଧପ୍ପାବାଜି ଦୁନିଆରେ ହୋ ହୋରେ ନ ମାତି ନାଁ ରଖିବା ଭଳି ଟିକିଏ ଭଲକାମ କରିଯିବାକୁ ମନ

ହେଲା ତା'ର । ମାୟା ଘୁଞ୍ଚିଗଲା, ମୋହ ତୁଟିଗଲା, ଅନ୍ଧକାର ମଉଳି ଆସିଲା । କାଉଁଶ କାଠିର କୁହୁକ ଲାଗିଲା ଭଳି ମନରେ ଆସିଲା ଏକ ଘୋର ପରିବର୍ତ୍ତନ । ଆପଣାର ସକଳ ଦମ୍ଭ, ଗର୍ବ, ଅଭିମାନ, ଆତ୍ମପୌଢ଼ୀ ଗୁଞ୍ଜି ସେହି ଉଚ୍ଚ, ଉଦାର, ମହାନ୍ ଆଦର୍ଶ ତଳେ ଭକ୍ତିଭରେ ମଥା ନୋଇଁଲା ସେ । ସବୁ ସୁଖସ୍ୱାଚ୍ଛନ୍ଦ୍ୟ, ବାବୁଗିରି, ବଡ଼ଲୋକକରେ ଜଳାଞ୍ଜଳି ଦେଇ ସେହି ଭୁଲା ଫଙ୍କାର ବନସ୍ତର ଚରଣତଳେ ମନେ ମନେ ଆପଣାକୁ ସମର୍ପି ଦେଲା—ଲକ୍ଷପତିର ରାଜଲଳନା ମିନି ।

\+ \+ \+ \+

ପାଠଶାଠ ପଢ଼ି ଯେତେ ଶିକ୍ଷିତା, ଆଧୁନିକା ହେଲେ ବି ମିନି ବଡ଼ ଲଜ୍ଜାଶୀଳା । ସେ ଜାଣେ ଲଜ୍ଜା ସ୍ତ୍ରୀଲୋକମାନଙ୍କର ଭୂଷଣ । ନାରୀ ଯେତେ ସୁନାରୂପା, ମଣିମାଣିକ୍ୟରେ ଗୁଡ଼ି ହୋଇଥାଉ ପଛକେ ଯଦି ତା'ର ଲାଜସରମ ଟିକିଏ ନଥାଏ, ତେବେ ସେ କେବେ ମନଲୋଭା ହୋଇପାରେ ନା । ଲଜ୍ଜାହୀନ ନାରୀ ଯେତେ ଅପୂର୍ବ ସୁନ୍ଦରୀ ହେଲେ ବି କେବଳ ଲଜ୍ଜାର ଅଭାବରେ ତା'ର ସମସ୍ତ ସୌନ୍ଦର୍ଯ୍ୟ ମଉଳିପଡ଼େ—ଶୁଷ୍କ, ନୀରସ, ପ୍ରାଣହୀନ ବୋଧହୁଏ । ସେଇଥିପାଇଁ ପିଲାଦିନେ ଯେମିତି ଆଜି ପାଠଶାଠ ପଢ଼ି ବି ସେମିତିସବୁଦିନେ ମିନି ଲାଜକୁଳୀ—ମଉନାବତୀ । ତେଣୁ ବନସ୍ତ ଆସି ପନ୍ଦରଦିନ ହେଲା ତାଙ୍କ ଘରେ ରହିଥିଲେ ବି ମିନି ସାହାସ କରି କେବେ ଦିନେ ତା' ଆଗକୁ ଯାଇ ପାରିନି—କଥା କହିବା ତ ଦୂରରକଥା, କିନ୍ତୁ ଆଜି ଯେତେବେଳେ ସେ ବୁଝିଲା ଯେ ତାଙ୍କ ଭିତରର ବ୍ୟବଧାନଟା ଖାଲି ଗୋଟାଏ ଆଦର୍ଶ ଯୋଗୁ ଏବଂ ସେହି ଆଦର୍ଶଟା ବାପାବୋଉ ବୁଝି ନପାରି ମନସ୍ତାପରେ ସନ୍ତୁଳି ହେଉଛନ୍ତି, ସେତେବେଳେ ସେ ବାଧହୋଇ ଏଥିରେ ହସ୍ତକ୍ଷେପ କଲା । ମୁହାଁମୁହିଁ ହୋଇ ବନସ୍ତ ସାଙ୍ଗରେ ଯାହିଁ କଥା ନହେଲେ ବି ମଞ୍ଜୁ ଜରିଆରେ ତା' ମନକଥା ଖୋଲି ଜଣାଇଲା ।

ଚମକି ପଡ଼ିଲା ବନସ୍ତ । ଲଙ୍କାରେ ହରଶବ୍ଦ ଶୁଣିଲା ଭଳି ଲାଗିଲା ତା'କୁ । ଇନ୍ଦ୍ରପୁରୀର ଅଲଅଲ ରାଜଜେମା ଯେ ତା' ସାଙ୍ଗରେ ଯାହିଁ ଗାଁ

ଗହଳର ଅସନା ଅପରିଚ୍ଛନ୍ନଆ ବେଶଭୂଷା, ପାଣ ବାଉରୀଙ୍କ ସେବା କରିବ—ଏହା ସେ କଳ୍ପନା ବି କରିପାରିଲିନ, ବିଶ୍ୱାସ କରିବା ତ ଦୂରର କଥା । ଦୂରରେ କବାଟ ସେ ପଟେ ଠିଆ ହୋଇଥିଲା ମିନି । ବିନୟର ତାଚ୍ଛଲ୍ୟ ହସ ଦେଖି ବଡ଼ କରୁଣ କଣ୍ଠରେ କହିଲା—"ମୋତେ ଭୁଲ ବୁଝନ୍ତୁ ନାହିଁ ବିନୟ-ବାବୁ ! ପଦ୍ମଫୁଲଟିଏ ପଙ୍କରୁ ଜନ୍ମ ହୁଏ ସତ, କିନ୍ତୁ ତା'ବୋଲି ଦେହସାରା ସେ ପଙ୍କ ବୋଳି ହୋଇ ନଥାଏ । ଖାଲି ବଡ଼ଘରରେ ଜନ୍ମ ହେଲେ ଯେ ମଣିଷ ଅହଂକାରୀ, ଆପଣାସ୍ୱାର୍ଥୀ, ଅମଣିଷିଆ ହୋଇଯାଏ, ତା'ର କ'ଣ ମାନେ ଅଛି ? ବଡଘରେ ତ ପୁଣି ଜନ୍ମ ହୋଇଥିଲେ ଜବାହରଲାଲ, ସୁଭାଷ, ଚିତ୍ତରଞ୍ଜନ, ଉପେନ୍ଦ୍ର ଭଞ୍ଜ କାହିଁ ସେମାନେ ତ କେହି ଅମଣିଷିଆ ହୋଇନାହାଁନ୍ତି—ବରଂ ସେମାନେ ହୋଇଛନ୍ତି ଭାରତର ଗୋଟିଏ ଗୋଟିଏ ରତ୍ନ—ମହାମୂଲ୍ୟ ଉଜ୍ଜ୍ୱଳ ମଣି । ସେମାନେ ପୁଣି ବେଶୀ କରିଛନ୍ତି ଦେଶର ସେବା—ଜାତି ସେବା-ସାହିତ୍ୟର ସେବା । ବଡ଼ଲୋକଙ୍କ ଆପଣ ଘୃଣା କରିବେ ସିନା ବଡଲୋକଙ୍କୁ ଘୃଣା କରୁଛନ୍ତି କାହିଁକି ? ଆପଣ ଖାଲି ଆମର ଧନ ଦେଖିଛନ୍ତି, ମନଥରେ ଦେଖିବାକୁ ଚେଷ୍ଟା କରନ୍ତୁ ।

'କାହିଁକି ନପାରିବି ? ଯୋଉ ଆର୍ଯ୍ୟନାରୀର ଆଦର୍ଶ ସୀତା, ସାବିତ୍ରୀ, ଦମୟନ୍ତୀ, ସେ ଏତି ସାମାନ୍ୟ କଥା ପାରିବ ନାହିଁ ବୋଲି ଭାବୁଛନ୍ତି କାହିଁକି ?'

'କିନ୍ତୁ ସେ ତ ସେ ଯୁଗର କଥା—'

'ନାହିଁ, ଏ ଯୁଗରେ ବି ଅଭାବ ନାହିଁ । ସେତେବେଳେ ସିନା ଖାଲି ଆପଣା ସ୍ୱାମୀ ପାଇଁ ନାରୀମାନେ ଦୁଃଖ କଷ୍ଟ ସହୁଥିଲେ, ଆଜି କିନ୍ତୁ ସମଗ୍ର ଦେଶପାଇଁ ସେମାନେ ହସି ହସି ଦୁଃଖ, ନିର୍ଯ୍ୟାତନା ସହୁଛନ୍ତି – ଲାଞ୍ଛନା, ଅବମାନନା ଭୋଗୁଛନ୍ତି । ଜାଣନ୍ତି ତ, ଦେଶପାଇଁ ବିଜୟାଲକ୍ଷ୍ମୀ କେତେଥର ଜେଲ ଗଲେ, ସରୋଜିନୀ ପୁଲିସ ହାତରୁ ଲାଠି ପ୍ରହାର ଖାଇଲେ, ପୁଣି ବିଦେଶୀ କବଳରୁ ପରାଧୀନ ଭାରତକୁ ମୁକ୍ତ କରିବା ପାଇଁ କେତେ ହଜାର ହଜାର ଝିଅଙ୍କୁ ନେଇ କ୍ୟାପ୍‌ଟେନ୍ ଲକ୍ଷ୍ମୀ ଗୁଳିଗୋଳା, ବନ୍ଧୁକ, କମାଣ

ସମ୍ମୁଖରେ ଠିଆ ହୋଇ ଯୁକ୍ତି କଲେ—ଆଉ ଆମର ଏହି ଓଡ଼ିଶା ଭୂଇଁରେ ଓଡ଼ିଆ ଝିଅ ରମାଦେବୀ ଦେଶର ଅଗଣିତ ଦୀନ, ଦୁଃଖୀ, ରୋଗୀ ଶୋଷୀ, ଦଳିତମଥିତଙ୍କ ସେବାରେ ଜୀବନକୁ ପଲେ ପଲେ ବିସର୍ଜନ କରି ଶେଷରେ କାଳ ବାଛିଲେ, ମାଟି ହାଣିଲେ, ରୋଗୀର କଂଯା କଂଯା ଘୁଅମୂତ, ପୂଜରକ୍ତ ଆପଣା ହାତରେ ପୋଛି ସଫା କଲେ । ସେମାନେ ନାଥ୍ଧି ! ସେମାନେ ତ ପୁଣି ସମସ୍ତେ ବଡ଼ଘରର ଝିଅ ! ଅଥଚ ସେମାନେ ଯଦି ଏତେ ଏତେ କାମ କରିପାରିଲେ, ମୁଁ ଏହି ସାମାନ୍ୟ କାମ କରି ନପାରିବି କାହିଁକି ? ଗାଁ ଗହଳରେ ଶାନ୍ତ, ସରଳ ଜୀବନଯାପନ କରି ଶାଗ ପାଖାଳ ଦୋ'ଟିରେ ମୁଁ ତୃପ୍ତ ନ ହେବି କାହିଁ ? ମୋତେ ବିଶ୍ୱାସ କରନ୍ତୁ । ଆପଣଙ୍କ କଥାରୁ ମୁଁ କେବେହେଲେ ବାହାରି ଯିବିନାହିଁ ।'

'କିନ୍ତୁ ଖାଲି ସେତିକି ନୁହେଁତ, ସେହି ରମାଦେବୀଙ୍କ ଭଳି ତମେ ନିଃସ୍ୱ, ନିରନ୍ନ ମୁମୂର୍ଷୁ ଜନତାର ସେବା କରିପାରିବ ? ପାରିବ ତମେ ଭୋକିଲା ତୁଣ୍ଡରେ ଆହାର ଦେଇ, ନଙ୍ଗଳା ପିଠିରେ ବସନ ଦେଇ, ରୋଗୀ ମନରେ ସାନ୍ତ୍ୱନା ଦେଇ ? ନିଜେ ଦୁଃଖ କଷ୍ଟ ଭୋକ-ଉପାସରେ ରହି ଆପଣା ଖାଇବା ପତରରୁ ନେଇ ତମେ ଭୋକିଲା ହାତରେ ଟେକି ଦେଇ ପାରିବ ? ନିଜେ ଚିରାଫଟା ପିନ୍ଧି ନଙ୍ଗଳା, ଦରନଙ୍ଗଳା, ଛତରଖିଆ, ମାଗିଖିଆଙ୍କୁ ତମେ ଧରି ଲୁଗା ଦେଇ ପାରିବ ? ଆଉ ନିଜେ ଘୃଣ୍ୟ ଘୃଣ୍ୟ ରୋଗୀ ବିଛଣା ପାଖରେ ବସି ବସି ତା ଦେହ ହାତ ଆଉଁସି ପାରିବ ? ନର୍ଦ୍ଦମାର ଚଉରେ ତା ମଳମୂତ୍ର କାଢ଼ି ପାରିବ ? କୁହ ମିନି ! ପାରିବ ତମେ ଏସବୁ ? ପାରିବ ତମେ ଏ ଦୁର୍ଗମ ପଥରେ ଚାଲି ଭାବଚନ୍ଦ୍ର କୁହ – ତାରୁଣ୍ୟର ଭାବ-ପ୍ରବଣତାରେ ଖାଲି ଭାସିଯାଅ ନାହିଁ ।'

ମିନିର ମୀନ-ନୟନରେ ଢଳଢଳ ହେଉଥିଲା ଦୁଇଟି ମୁକ୍ତାବିନ୍ଦୀ ଜଳବିନ୍ଦୁ, ତଳକୁ ମୁହଁ ନୋଇଁ ସେ ଧୀରେ ଧୀରେ କହିଲା—'ପାରିବ, ସବୁ ପାରିବ ମୁଁ । ଛୁଆ ଚଢ଼େଇ ନୂଆ କରି ଉଡ଼ି ଶିଖିଲେ ହୁଏତ ପଡ଼ିଲେ ପଡ଼ିଲେ ତାକୁ ଟିକିଏ କଷ୍ଟ ହୋଇପାରେ । କିନ୍ତୁ ପରେ ଅଭ୍ୟାସରେ ପଡ଼ିଗଲେ ଆପଣା

ଗୁଏଁ ସବୁ ଠିକ୍ ହୋଇଯାଏ । ତେଣିକି ସେ ଡେଣା ମେଲେଇ ନୀଳ ଆକାଶ କୋଳରେ ମନଇଚ୍ଛା ଏଣେ ତେଣେ ଉଡ଼ିବୁଲେ....ସେତିକି କେବଳ ମୋର ଭୟ ହେଉଛି । ତା' ନହେଲେ ମୋ ନିଜ ଉପରେ ଯେତିକି ଆତ୍ମବିଶ୍ୱାସ ଅଛି ସେଥିରେ ମୁଁ ଦୃଢ଼ କରି କହିପାରେ—ଆପଣା ସୁଖସମ୍ଭୋଗ ମୂଲ୍ୟରୁ ପରର ସେବା କରିବାତ ସାମାନ୍ୟ କଥା, ଦରକାର ହେଲେ ପରପାଇଁ ମୁଁ ହସି ହସି ଜୀବନ ପର୍ଯ୍ୟନ୍ତ ଦେଇ ପାରିବି । ଛଳନା କରୁନାହିଁ ମୁଁ । ତଳେ ମା' ବସୁଧା ଆଉ ଉପରେ ଧର୍ମଦେବତାଙ୍କୁ ସାକ୍ଷୀ ରଖି କହୁଛି—ଭୋଗ ପରିବର୍ତ୍ତେ ଆଜିଠୁଁ ଏହି ତ୍ୟାଗହିଁ ମୋ ଜୀବନରେ ଏକମାତ୍ର ବ୍ରତ ହେବ । ପରୋପକାରହିଁ ମୋ ଜୀବନର ଏକମାତ୍ର କର୍ତ୍ତବ୍ୟ ହେବ । ଆଉ ଯୋଉ ସେବାପାଇଁ ଆପଣ ଆଜି ପାଗଳ ହୋଇ ଯାଇଛନ୍ତି ସେହି ସେବାହିଁ ହେବ ମୋ ଜୀବନର ଚରମ ଲକ୍ଷ୍ୟ—ପରମ ପଥ । ଆପଣଙ୍କ ଆଶୀର୍ବାଦ ସେହି ପଥରେ ପାଥେୟ ହେଉ—ଏତିକି ଭିକ୍ଷା—ଏତିକି ପ୍ରାଣର ଅଶ୍ରୁପୂର୍ଣ୍ଣ ମିନତି ।'

ବନସ୍ପତିର ପାଷାଣ ଗ୍ରନ୍ଥିଟା ବି ଥରି ଉଠିଲା । ଶେଷକଥା ପଦକରେ ମୁଣ୍ଡ ଟେକି ମିନତିର ଢଳ ଢଳ ମୁହଁଟି ଆଡ଼କୁ ସେ ଚାହିଁ ରହିଲା କ୍ଷଣକ ପାଇଁ । ସମସ୍ତେ ତା'ହେଲେ ପଶୁ ନୁହନ୍ତି । ମଣିଷ ବି ଅଛନ୍ତି ବଡ଼ଲୋକଙ୍କ ଭିତରେ —ହୃଦୟ ଅଛି ସେମାନଙ୍କର । ପରପାଇଁ ଜୀବନ ଦେବ ଭଳି ବଳ ବି ଅଛି ସେମାନଙ୍କ ମନରେ । ବନସ୍ପତିର ଗୋଟାଏ ମସ୍ତବଡ଼ ଭ୍ରମ ଘୁଞ୍ଚିଗଲା । ଏତେଦିନ ପରେ ମନରେ ଟିକିଏ ଶାନ୍ତି ଅନୁଭବ କଲା ସେ ।

ପାଖ ଚୌକିରେ ବସି ବସି ଘୁମେଇ ପଡ଼ିଥିଲା ମଞ୍ଜୁ । କାନ୍ଥ ଘଣ୍ଟାର ଟଂ ଟଂ ଶବ୍ଦ ଶୁଣି ହଠାତ୍ ତାର ନିଦ ଭାଙ୍ଗିଗଲା । ନିଦ ମଳମଳ ଆଖିରେ ଉଠି ବସି ବନସ୍ପତିକୁ ହଲେଇ ଦେଇ କହିଲା—'କହୁନା, କ'ଣ ସ୍ଥିର କଲ ତମେ ? ମିନତିକି ଆମର ବାହା ହବ କି ନାହିଁ ?'' ଠୋ ଠୋ ହସ ଉଠିଲା ବନସ୍ପ । ଆଖି କୋଣରୁ ଲୁହ ଝରି ଆସୁଥିଲେ ବି କବାଟ କଣରେ ଜର ଜର ହୋଇ ହସି ଉଠିଲା ମିନି । ଅପଦସ୍ଥ ହୋଇ ମଞ୍ଜୁ ପଳେଇ ଯାଉଥିଲା ବାହାରକୁ । ବନସ୍ପ ତାକୁ ହାତଧରି ଅଟକେଇଲା—'ଆରେ ! ଶୁଣ, ଶୁଣ—

ମୁଁ ଶେଷରେ ସ୍ଥିର କଲି ବାହା ହବାକୁ, କିନ୍ତୁ · କିନ୍ତୁ ମିନତି ନୁହେଁ ତମକୁ······".

'ଅନ୍ତୁ, ତମଭଳି ଦୁର୍ବଳ ପତଳା ଲୋକକୁ ମୋର କଏ ବାହା ହବ ମ । ତମେ ବରଂ ସେହି ସୀତାଙ୍କ ଭଳି ତନୁପାତଳୀ ସୁନା ଖଡ଼ିକା ମିନତି ବାହା ହୁଅ ।'

ଗମ୍ଭୀର ହୋଇ ବସନ୍ତ କହିଲା—'ଆରେ ସତରେ, ମିନା ତମର ଠିକ୍ ସୀତାଙ୍କ ଭଳି ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେ । ଏଣିକି ଇଚ୍ଛା କଲେ ଏ ବିରାଟ ସ୍ୱର୍ଣ୍ଣଲଙ୍କା ଛାଡ଼ି ସେ ସେହି କ୍ଷୁଦ୍ର ପର୍ଣ୍ଣ-କୁଟୀରରେ ରହିବାକୁ ଆସିପାରନ୍ତି ।'

ମନ୍ତୁ ମୁହଁରେ ଫୁଟି ଉଠିଲା ହସ । ଧାଇଁଯାଇଁ ମିନାକୁ ସେ କଲବଲ କରି ପକାଇଲା । ବିଜୁଳିପରି ଖବର ଖେଳିଗଲା ଚାରିଆଡ଼େ । ବାପା, ବୋଉ, ଘର, ବାହାର—ସଭିଏଁ ଜାଣିଲେ, ସଭିଙ୍କ ମନରେ ନାଚି ଉଠିଲା ହସ ଆନନ୍ଦର ଢେଉ ।

ମାସ କେଇଟି ପରେ । ମସ୍ତ ଗୋଟାଏ ଆୟୋଜନ ହେଲା ବଡ଼ଘରରେ । ବାଣରୋଷଣୀ, କ୍ଷୀରପିଠା, ଧୂମଧାମ୍—ବଡ଼ଘରର ଯାହାକିଛି ଚଳିଚଳନ୍ତି ପନ୍ଥା । କୋଉଥିରୁ ଏତେ ଟିକିଏ ଊଣା ହେଲାନି । ପ୍ରଥମେ ପ୍ରଥମେ ବସନ୍ତ ଏସବୁର ତୀବ୍ର ପ୍ରତିବାଦ କରୁଥିଲା । କିନ୍ତୁ ମିନା ବୁଝାଇଦେଲା—'ଅପେକ୍ଷା କରନ୍ତୁ । ଧୀର ପାଣି ପଥର କାଟେ । ତା'ଛଡ଼ା ବାପା ବୋଉଙ୍କର ଏ ଗୋଟିଏ ବୋଲି ଝିଅ । ତାଙ୍କ ଜୀବନରେ ହୁଏତ ଏଇଟି ସବୁଠୁ ବଡ଼ ଆନନ୍ଦ ଉତ୍ସବର ଦିନ, ସେଥିରେ ଆମେ ବାଧାଦେବା କାହିଁକି ? ତାଙ୍କ ମନରେ ସୁଖସପନ ଭାଙ୍ଗିଦେବା କାହିଁକି ? ପୁଣି ଆମ ସଂସାର ଯିବା ଆମେ ଯେମିତି ଇଚ୍ଛା ସେମିତି ଗଢ଼ିବା, ବାପା ବୋଉଙ୍କ ସଂସାରରେ ଆମେ ହସ୍ତକ୍ଷେପ କରିବା କୋଉ ଅଧିକାରରେ ?' ବସନ୍ତ ନୀରବ ରହିଲା । ଲକ୍ଷପତିର ଲକ୍ଷ ଲକ୍ଷ ରଙ୍ଗ

ହାବେଲୀ ଆଉ ଓଦର ଓଦର ଖିର ପୁରି, ଅମାଲୁ ରାଜଭୋଗ ଭିତରେ ମହା ଜାକଜମକରେ ସମ୍ପନ୍ନ ହେଲା ଶୁଭବିବାହ ।

ସବୁଠୁଁ ବେଶୀ ଆନନ୍ଦିତ ହେଲା ଆନୁସ୍ୱାର । ତା' ବନମ୍ଭୁ ଭାଇର ବାହାଘର । ଗୁଡ଼ ତା'ର କୁଣ୍ଢେମୋଟ ହୋଇ ଫୁଲିଉଠିଲା । ଅତି ସ୍ନେହ ଶରଧାରେ ସେ ନୂଆ ଭାଉଜ ମିନ ହାତରେ ଟେକିଦେଲା ଗୋଟିଏ ଉପହାର— ରୁପାର ଗୋଟିଏ ଗ୍ରେଟ ସିନ୍ଦୁର ଫରୁଆ । ·· ବନମ୍ଭୁ ମନରେ ଆନନ୍ଦ ଖେଳି-ଗଲା । ଓଢ଼ଣା ତଳେ ମିନ ମୁରୁକିହସା ମ ରଲା ।

—ଆଠ—

ବିବାହର ମୋଟେ ଛ'ଟି ମାସ ଯାଇଛି କି ନାହିଁ, ହଠାତ୍ ଉପରୁ ଚିଠି ଆସିଲା—Your service is no longer required (ତୁମକୁ ଆଉ ଦରକାର ନାହିଁ) ବନମ୍ଭୁ ମୁଣ୍ଡରେ ସତେକି ଆକାଶ ଛିଡ଼ିପଡ଼ିଲା, ଆଖିରୁ ଜୁଳୁଜୁଳିଆ ପୋକ ବାହାରିଗଲା । ତା' ପାଇଁ ସେ ଯେତେ ବ୍ୟସ୍ତ ନୁହେଁ, ମିନ, ବୋଉ ବା ଘରଦ୍ୱାର ପାଇଁ ସେ ଯେତେ ଚିନ୍ତିତ ନୁହେଁ, ତା'ଠୁ ବେଶୀ ଚିନ୍ତିତ ବେଶୀ ଦୁଃଖିତ ସେ ଆନୁସ୍ୱାର ପାଇଁ, ଖାଲି ଆନୁସ୍ୱାରଟା M. B. B. S. ଖଣ୍ଡିକ ପାଶ୍ କରି ବାହାରି ଆସିଥିଲେ, ତେଣିକି ସେତ ନିଜେ ଯାଇଁ ଚାକିରୀରୁ ଇସ୍ତଫା ଦେଇଥାନ୍ତା । ଧନ ସମ୍ପ ବଡଲୋକ ହେବାପାଇଁ ତ ସେ କେବେ ଲାଳାୟିତ ନୁହେଁ, ଚାକିରୀ ପାଇଁ ତା'ର ମୋହ ଆସିବ କାହିଁକି ? ଖାଲି ମଝିରେ ଆନୁସ୍ୱାର ପାଇଁ ସେ ଚିନ୍ତାରେ ପଡ଼ିଲା ଯାହା ।

ବହୁତ ଭାବଚିନ୍ତି କିଛି ସ୍ଥିର କରିପାରିଲା ନାହିଁ, ହଠାତ୍ ଏପରି ଅର୍ଡ଼ର ଆସିଲା କାହିଁକି ? କର୍ତ୍ତବ୍ୟରେ ତ ସେ କେବେ ଅବହେଳା କରି ନାହିଁ । ନିଅତି ଜଗି ସାଧୁ, ସଚ୍ଚୋଟ, ଭାବରେ ସବୁବେଳେ ସେ ଆପଣା ଦାୟିତ୍ୱ ତୁଲାଇ

ଆସିଛୁ, ତେବେ ହଠାତ୍ ଆଜି ଏ ଅର୍ଡର କାହିଁକି ? ଏ ଦଣ୍ଡ କାହିଁକି ? କିଛୁ ଭାବିପାରିଲି ନାହିଁ ସେ ।···ଠିକ୍ ତା' ପରଦିନ—ଖବର କାଗଜରେ ଏବଡ଼ ଏବଡ଼ ଅକ୍ଷରରେ ବାହାରିଲା—'ସରକାରଙ୍କ ଖର୍ଚ୍ଚ କାଟ ନୀତି । ଏତେଜଣ ଓଭରସିୟର, ଏତେଜଣ ସବ୍ ଡେପୁଟି, ଏତେଜଣ କିରାଣୀ ଆଉ ଏତେଶହ ଚପରାସୀଙ୍କ ଚାକିରୀ ଗଲା । ସରକାର ହୀରାକୁଦ ବନ୍ଧ ଆଉ ଭୁବନେଶ୍ୱର ରାଜ-ଧାନୀରେ ଟଙ୍କା ଖର୍ଚ୍ଚ କରି କରି ଦେବାଳିଆ ହେଲେଣି । ତେଣୁ ଶୀଘ୍ର ଏମାନ-ଙ୍କର ଚାକିରୀ ନଗଲେ ସରକାରୀ କଳ ଭୁସୁଡ଼ି ପଡ଼ିବ ।' ଆଶ୍ଚର୍ଯ୍ୟ ହେଲି ବିନସ୍ତ । ଭାରି ହସମାଡ଼ିଲା ତା'କୁ, ଧନ୍ୟ ଏ ସରକାରଙ୍କ ବୁଦ୍ଧି ! ଧନ୍ୟ ସ୍ୱା'ଙ୍କର ଝିଙ୍କା ମାରି ବଣି ପୋଷିବା ନୀତି ! !

ଯୋଉଠି ହଜାର ହଜାର ଲକ୍ଷ ଲକ୍ଷ ସୁଅ ମୁହଁରେ ବୋହି ଯାଉଛି ଆଉ ଯୋଉଠି ପଚାଶ ଟଙ୍କା ତିରିଶ ଟଙ୍କା ପାଇଁ ଗରିବ ଚପରାସୀଟିର ଚାକିରୀ ନେଇ ତା'ର ପଞ୍ଚପ୍ରାଣୀ କୁଟୁମ୍ବକୁ ଭୋକ ଉପାସରେ ମାରି ଦିଆହେଉଛି । ଭୁବନେଶ୍ୱରରେ ଗୋଟିଏ ଲୋଅର ପ୍ରାଇମେରୀ ସ୍କୁଲରେ ଚାରିଲକ୍ଷ ଟଙ୍କା ଖର୍ଚ୍ଚ ହେଲା, ଅଥଚ କଟକରେ ମାତ୍ର ଚାଳିଶ ହଜାର ଟଙ୍କାପାଇଁ କଲେଜ ଛାତ୍ରଙ୍କ ଉପରେ ଗୁଳି ହେଉଛି—ଝିଅ ଭଉଣୀଙ୍କୁ ବିଚ୍ ବଜାରରେ ବେଇଜ୍ଜତ୍ କରା ହେଉଛି ।....ଓଡ଼ିଶାର ବଣଜଙ୍ଗଲରେ ଲକ୍ଷ ଲକ୍ଷ ଶାଳ ପିଆଶାଳ ଭରତି ହୋଇଥିଲେ ବି ହୀରାକୁଦ କାମ ପାଇଁ ସୁଦୂର ପଞ୍ଜାବରୁ ଅଜସ୍ର ଗାଡ଼ିଭଡ଼ା ଦେଇ କାଠ ଅଣା ହେଉଛି · ଏଣେ ଖର୍ଚ୍ଚ କାଟର ଦୁହାଇ ଦେଇ P. W.D.ରୁ ଏସ; ଡି, ଓ, ଓଭରସିୟର, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ କାମରୁ ବାହାର କରି ଦିଆ ହେଉଛି ଅଥଚ ତେଣେ ହୀରାକୁଦରେ ଶହ ଶହ ହଜାର ହଜାର ଲୋକଙ୍କୁ ପଞ୍ଜାବ, ସିନ୍ଧ, ମାନ୍ଦ୍ରାଜ୍, ବଙ୍ଗଳାରୁ ଆଣି ଇଞ୍ଜିନିୟର, କଣ୍ଟ୍ରାକ୍ଟର, କିରାଣୀ, ସୁପରଭାଇଜରରେ ରଖା ହେଉଛି । ଆମର ଇଞ୍ଜିନିୟରିଂ କଲେଜ-ଟିଏ ନାହିଁ ଯେ ଆମ ପିଲାଏ ଶିବ୍‌ପୁର, ବନାରସ, ମାନ୍ଦ୍ରାଜ, ବାଙ୍ଗାଲୋର ଯାଇ ବାରଦୁଆର ଶୁଙ୍ଘି ପିଣ୍ଡା ହେଉଛନ୍ତି ଏବଂ ଉପଯୁକ୍ତ ଇଞ୍ଜିନିୟର ଅଭାବରୁ ବାହାରୁ ବହୁତ ଅଣଓଡ଼ିଆ ଇଞ୍ଜିନିୟର ଆସି ମୋଟା ମୋଟା ଦରମା ନେଇ ଆମକୁ ଓଡ଼ିଶଙ୍କ ଭଲ ଶୋଷଣ କରି ଚାଲିଛନ୍ତି, ଅଥଚ ତେଣେ ପାଗଳର

ପ୍ରଳାପ ଭଳି ଲକ୍ଷ ଲକ୍ଷ ଟଙ୍କା ଦେଇ କୋଇଲାରୁ କେମିତି ପେଟ୍ରୋଲ ବାହାରିବ ତା'ର ଗବେଷଣା ପାଇଁ ପ୍ରଫେସରଙ୍କୁ ଫ୍ରାନ୍‌ସ ପଠା ହେଉଛି ।

ବିଚିତ୍ର ଏ ସରକାର—ବିଚିତ୍ର ସ୍ବା'ଙ୍କର ନୀତି, ବଡ଼ ଘୃଣା ଆସିଲା ବିନୟ ମନରେ । ଏମାନେ ପୁଣି ଗର୍ବ କରନ୍ତି ଗାନ୍ଧିଜୀଙ୍କର ଭକ୍ତ ବୋଲି ! ଉତ୍କଳ-ମଣିଙ୍କର ଶିଷ୍ୟ ବୋଲି ! ! କାହିଁ ଗାନ୍ଧିଜୀ ପରା କହୁଥିଲେ ସହର ଛାଡ଼ି ଗାଁକୁ ଫେରିଯିବାକୁ—ଏ ଆଡ଼ମ୍ବର ଜାକ ଜମକ ଛାଡ଼ି ଶାନ୍ତ, ସରଳ ଜୀବନଯାପନ କରିବାକୁ । ଏ ରାଜପ୍ରାସାଦ ତୋଳି ରାଜଧାନୀ ଗଢ଼ିବା କଳ୍ପନା କୋଉଠି ଥିଲା ତାଙ୍କ ମନରେ ? ପୁଣି ଓଡ଼ିଶା ଭଳି ଏ ଗରିବ ଦେଶରେ ଏ ନବାବି କାରଖାନା କରିବାକୁ କୋଉଦିନ କହିଯାଇଥିଲେ ସେ ? ସରଗରେ ଥାଇଁ ସେ ମହାପୁରୁଷ ଏସବୁ ଦେଖି ଖୁସି ହେଉଥିବେତ ! ଯୋଉ ଓଡ଼ିଶାର ଗଳିକନ୍ଦି, ଅନ୍ଧ ସନ୍ଧିରେ ଲୋକେ ପେଟ ପୂରେଇ ଦି'ବେଳା ଦି'ମୁଠା ଖାଇବାକୁ ପା'ନ୍ତି ନାହିଁ, ଯୋଉଠି ସାତଦିନର ପଖାଳ ସାଙ୍ଗକୁ ଲୁଣ ସାମୁକାଏ ମିଳେନା ଲୋକଙ୍କୁ, ସେଠି ବାରଲକ୍ଷ ଟଙ୍କା ଖର୍ଚ୍ଚ କରି ବଜାର ବସା ହେଉଛି କାହିଁକି ? କାହାପାଇଁ ? କୋଉ ଭିତ୍ତିରେ ? କୋଉ ଯୁକ୍ତିରେ ? କ'ଣ ପେଟଫୁଲା ମୋଟା ହାକିମଙ୍କ ମାଇପ ପେଇଁ ସେଠି ଲିପ୍‌ଷ୍ଟିକ୍ ବିକାହେବ ନା ମଟରଚଢ଼ା ମନ୍ତ୍ରୀ, ଏମ୍, ଏଲ୍ ଏଙ୍କ ପାଇଁ ସେଠି ଫୁଲତୋଡ଼ା, କର୍ପୂରମାଳା ବିକ୍ରୀ ହେବ ? ଦେଶ ବୋଇଲେ କ'ଣ ଏଇ ସହରର ବଡ଼ ବଡ଼ିଆ, ଧୋବଧାଉଳିଆ, ମଟରଚଢ଼ା ବାବୁ, ନାଁ ଗାଁ ଗହଳର ଲକ୍ଷ ଲକ୍ଷ ମଳା, ଦରମଲା, ଭୋକିଲା, ନଗଲା, ମୂଲିଆ, ମୂରୁଖ ମଣିଷ ! !

ବାରଲକ୍ଷ ଟଙ୍କା ଖର୍ଚ୍ଚ କରି ଗୋଟିଏ ଲୋଅର ପ୍ରାଇମେରୀ ସ୍କୁଲ ବସା ହୋଇଛି ରାଜଧାନୀରେ ଅଥଚ ଓଡ଼ିଶାର ପୁରପଲ୍ଲୀରେ ଏପରି ବହୁ ଅଞ୍ଚଳ ଅଛି, ଯୋଉଠି ଲକ୍ଷ ହଜାରର ଶାଧୋଇଗଲା, ସାମାନ୍ୟ ଗୋଟିଏ ଯୋଡ଼ିଏ ଟଙ୍କା ବି ଖର୍ଚ୍ଚ ହୁଏନା ପିଲାଙ୍କ ପାଠପଢ଼ାରେ । ପୂର୍ବତନ ଗଡ଼ଜାତର ବଣ ଜଙ୍ଗଲ ପରିପୂର୍ଣ୍ଣ ଅନ୍ଧାର ମୂଲକ, କୋରାପୁଟର ନିଘଞ୍ଚ ମାଳଅଞ୍ଚଳ, କଟକ ପୁରୀ, ବାଲେଶ୍ୱରର ତଳଘଟି ଧୋଇଆ ଅଞ୍ଚଳ—ଏମିତି କେତେ କେତେ ଯାଗା

ଅଛୁ ଆମର ଏହି ଓଡ଼ିଶା ଭୂଇଁରେ, ଯୋଉଠିକି ମନ୍ତ୍ରୀଙ୍କ ମଟର କେବେ ଯାଇ-ନାହିଁ, ପାଣିକାଦୁଅ ଭିତରେ କୌଣସି ନେତା ଯାଇ ନାହାନ୍ତି, ମେଲେରିଆ ଭିତରେ କୌଣସି ଅଫିସର ଯାଇ ନାହାନ୍ତି-ସେଇଠି—ସେହି ଅଞ୍ଚଳରେ ଶହ ଶହ ଗରିବ ଗୁରୁବା ଅନାଥ ପିଲାଏ, ହଜାର ହଜାର ପାଣ ବାଉରି, ପରଜା ଗଦବଙ୍କ ପୁଅଝିଅମାନେ ସାମାନ୍ୟ ଅ, ଆ, କ, ଖ ହିଧାଡ଼ି ପଢ଼ିବାକୁ ବି ପାଆନ୍ତି ନାହିଁ । ପିଲାଟିଦିନୁ ମୂରୁଖ ହୋଇ ଗାଁ ଦାଣ୍ଡରେ ଡ଼ିଆଁ ମାରନ୍ତି—ନଙ୍ଗଳା ହୋଇ ଟିଣ ବାଡ଼େଇ ମାଙ୍କଡ଼ ହୁରୁଡ଼ାନ୍ତି । ସେମାନଙ୍କୁ ପାଠ ପଢ଼େଇବା ପାଇଁ ସରକାର କୌଣସି ବନ୍ଦୋବସ୍ତ କରି ନାହାନ୍ତି । ସେମାନଙ୍କୁ ମଣିଷ କରି ଗଢ଼ିବାପାଇଁ ଲକ୍ଷେ ତ ଚୂଲିକରଲା ଟଙ୍କାଟିଏ ବି ସରକାର ବର୍ଷକୁ ଖର୍ଚ୍ଚ କରନ୍ତି ନାହିଁ । କାହିଁକି ସେମାନେ ମାଙ୍କଡ଼ ହୁରୁଡ଼େଇ ପଶୁ ପାଙ୍ଗରେ ପଶୁ ହେବେ ? କାହିଁକି ସେମାନଙ୍କୁ ପାଠଶାଠ ପଢ଼େଇ ଆଖି ଖୋଲି ମଣିଷ କରିବାକୁ ସରକାର ବନ୍ଦୋବସ୍ତ ନ କରିବେ ? ଯଦି ପଇସା ଅଭାବରୁ ତା' କରି ନହୁଏ, ଯଦି ଆର୍ଥିକ ଅନାଟନ ହେତୁ ଦେଶରେ ଅବୈତନିକ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷାର ପ୍ରଚଳନ କରି ନହୁଏ ତେବେ ଗୋଟିଏ ଗୋଟିଏ ପ୍ରାଇଭେଟ ସ୍କୁଲରେ ଲକ୍ଷେ ଲକ୍ଷେ ଟଙ୍କା ଖର୍ଚ୍ଚ କରାହେବ କାହିଁକି ? କୋଉ ନ୍ୟାୟରେ ? କୋଉ ନ୍ୟାୟରେ ? ଜଣଙ୍କ ମୁଣ୍ଡ ନୁଖୁରା କରି ଜଣଙ୍କ ମୁଣ୍ଡ ଚିକଣ ହେବ କାହିଁକି ? ନଥିଲାବାଲା ସରୁ ହୋଇ ଥିଲାବାଲା ମୋଟା ହେବ କାହିଁକି ?

ବିନୟ ମନରେ ଜାଗିଉଠେ ବିପ୍ଳବ, ନାଁ, ଏ ବଡ଼ଲୋକୀ ଶାସନକୁ ଭାଙ୍ଗି ଦେବାକୁ ହେବ—ଏ ଖାମଖିଆଲି ନୀତିକି ବଦଳେଇ ଦେବାକୁ ହେବ । ଗାନ୍ଧିଜୀ କେବେ କହି ନଥିଲେ ଏଭଳି ପାତର ଅନ୍ତର କରିବାକୁ । ଗୋପବନ୍ଧୁ କେବେ କହି ନଥିଲେ ଗାଁର ମଲମୁଣ୍ଡିଆ, ଲୁଲା ମୂଲିଆଙ୍କୁ ଅବହେଳା କରି ସହରର ବାବୁଭେୟାଁଙ୍କ ତେଲିଆ ମୁଣ୍ଡରେ ତେଲ ଢ଼ାଳିବାକୁ । ପୁଣି କି ଅନ୍ଧ ଭୁଆଁମଣା ନୀତି ଏମାନଙ୍କର ? କରୁଛି କଥୁଛି ଭବିଷ୍ୟତର ପରିମାଣକୁ ଲକ୍ଷ୍ୟ ନକରି ଏମାନେ ପଦାରେ ପଦାରେ ଲମ୍ବେଇ ଦେଇଯିବେ ଖର୍ଚ୍ଚ । ଗୋଟାକ ଯାଗାରେ ତିନି ତିନିଟା ମୋଟା ଅଫିସର ଆଣି ଭରତି କରିବେ—ବନ୍ଧୁବାନ୍ଧବ ପ୍ରିୟପାତ୍ରଙ୍କ ଖୁସି କରିବା ପାଇଁ ନୂଆ ନୂଆ ଅଫିସ, ନୂଆ ନୂଆ ଡ଼ିପାର୍ଟମେଣ୍ଟ

ଖୋଲି ଦେଇଯିବେ । ଅଥଚ ଶେଷରେ ଯେତେବେଳେ ଟଙ୍କା ନିଅଣ୍ଟ ହେବ, ସେତେବେଳେ ଖର୍ଚ୍ଚ କାଟର ଦ୍ୱାହି ଦେଇ ତଳପାହ୍ୱଆ ସବ୍‌ଡେପୁଟୀ, ଓଭର-ସିୟରଙ୍କୁ ତଡ଼ିବେ—ଚଳିଆଁଜୀବ କିରାଣୀ, ଚପରାସୀଙ୍କର ଚାକିରି ନେବେ, ବାଃରେ ନୀତି । ପଇ ତ'ହେଲେ ରାମରାଜ୍ୟ ! ଏଇ ତା'ହେଲେ ଗଣତନ୍ତ୍ରର ନମୁନା ! ବଡ଼ ଘୃଣା ଲାଗିଲା ବନସ୍ପକୁ—ବଡ ବିରକ୍ତ ଆସିଲା ମନରେ ।

ଅନୁସ୍ୱାର ଚିଠି ଲେଖିଛୁ—ବନସ୍ପ ଭାଇ ! ବ୍ୟସ୍ତ ହେବନାହିଁ । ସର-କାରଙ୍କ ଖର୍ଚ୍ଚ କାଟ ନୀତିରେ ଯେ ଖାଲି ତମର ଚାକିରି ଯାଉଛି ତା'ନୁହେଁ—ଏହା ଭିତରେ ଆହୁରି ଅନେକ ପେଞ୍ଚଅଛି, ଅନେକ ରହସ୍ୟ ଅଛି । ଭାଉଜଙ୍କ-ଠାରୁ ଚିଠିପାଇ କଥାଟା କ'ଣ ବୁଝିବା ପାଇଁ ତମ ହେଡ଼ଅଫିସ୍‌କି ଯାଇଥିଲି । ଶୁଣିଲି, ତମଠାରୁ ବହୁତ ଜୁନିୟର ଷ୍ଟାଫ୍ ମଧ୍ୟ ଚାକିରିରେ ଅଛନ୍ତି । ଅଥଚ ତମେ, ରାମଚନ୍ଦ୍ର ଦଲେଇ, ଉଦୟନାଥ ବାରିକ ଓ ଶମ୍ଭୁନାଥ ଓଝା ପ୍ରଭୃତିଙ୍କର ଚାକିରି ଯାଇଛି—ତମର ଭଲି ସମସ୍ତଙ୍କୁ ମାସେ ମାସେ ନୋଟିସ୍ ଦିଆ ହୋଇଛି । କାହିଁକି ଜାଣ ? ତମ ଉପର ହାକିମ କୁଆଡ଼େ ରିପୋର୍ଟ ଦେଇଛନ୍ତି—ତମେ In competent (ଅପାରଗ) କିନ୍ତୁ ଭିତର କଥା ଯାହା ବୁଝିଲି, ଏସବୁ ରିପୋର୍ଟ ଏକାବେଳେ ମିଛ—ମନଗଢ଼ା । ଅସଲ କଥା ହେଉଛି, ତମେମାନେ କେହି କରଣ, ବ୍ରାହ୍ମଣ ବା ଖଣ୍ଡାଏତ ନୁହଁ । ଅଫିସ୍‌ରେ ତ ସେକ୍ରେଟେରୀ, ଅଣ୍ଡର ସେକ୍ରେଟେରୀ, ଆଡ଼ିସ୍‌ନାଲ ସେକ୍ରେଟେରୀଠାରୁ ଆରମ୍ଭ କରି ବଡ଼ହାକିମ ସାନହାକିମ; ଏଭଳକି ହେଡ଼୍ ଆସିଷ୍ଟାଣ୍ଟ; ଆକାଉଣ୍ଟାଣ୍ଟ ପର୍ଯ୍ୟନ୍ତ ସମସ୍ତେ ଏହି ତିନି ଜାତିର; ସେଥିରେ ସେମାନେ ତାଙ୍କ ନିଜ ନିଜ ଲୋକଙ୍କୁ ସୁବିଧା ନଦେଇ ତମଭଳି କେଇଜଣ ତେଲି; ଗୁଡ଼ିଆ; ତନ୍ତୀ; ବାରିକଙ୍କୁ ସୁବିଧା ଦେବେ କାହିଁକି ? ବରଂ ତମମାନଙ୍କୁ କୌଣସିମତେ ତଡ଼ିଲେ ତାଙ୍କ ଜାତିଭାଇଙ୍କି ଟାଣି ଓଟାରି ନେଇ ସେଥିରେ ଭରତି କରିବେ । ତାଙ୍କ ହାତ ଟାଣ ହେବ—ଏକ-ଚାଟିଆ ରାଜତ୍ୱ କରିବାକୁ ସୁବିଧା ହେବ ।

ଛିଃ, କି ଜଘନ୍ୟ ଏ ମନୋବୃତ୍ତି । ବନସ୍ପର ମନ ତିକ୍ତ ହୋଇଉଠିଲା । ଚିଠିଟାକୁ ଫୋପାଡ଼ି ଦେଲା ସେ ରାଗରେ । ପୃଥିବୀରେ ଅନ୍ୟାନ୍ୟ ଦେଶରେ କଳା

ଗୋରାଙ୍କ ଭିତରେ ଭେଦଭାବ ରହିଛି, ଉଚ୍ଚତା ରହିଛି । ଗୋରାମାନେ କଳାଙ୍କୁ ଅସଭ୍ୟ ବୋଲି ଘୃଣା କରୁଛନ୍ତି । ଭାରତପରି ପୁଣି କଳାଙ୍କ ଭିତରେ ଅମେଳ— ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଶିଖ । ଭାଇ ଭାଇ ପରସ୍ପରରେ କଳିକରି ହିନ୍ଦୁ, ମୁସଲମାନ ଭିତରେ ନିକଟରେ ଯେଉଁ ରକ୍ତପାତ ବୀଭତ୍ସ କାଣ୍ଡ ଘଟିଗଲା, ତା ସମସ୍ତେ ଆଖିଆଗରେ ଦେଖିଥାଇଁ । ଏବେ ପୁଣି ହିନ୍ଦୁଙ୍କ ଭିତରେ ସେ ବଙ୍ଗାଳୀ, ସେ ପଞ୍ଜାବୀ, ସେ ମାନ୍ଦ୍ରାଜୀ, ସେ ଓଡ଼ିଆ—ଏମିତି ନାନାଦି ପ୍ରାଦେଶିକ ମନୋଭାବ ଦେଖାଦେଇଛି ଏବଂ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅବିଶ୍ୱାସ କରୁଛନ୍ତି । ଘୃଣା ଚକ୍ଷୁରେ ଦେଖୁଛନ୍ତି । ସେତିକିରେ ଭେଦଭାବ ଶେଷ ହୋଇନାହିଁ । ଓଡ଼ିଆଙ୍କ ଭିତରେ ଆରମ୍ଭ ହୋଇଛି—ବ୍ରାହ୍ମଣ, କରଣ, ଖଣ୍ଡାୟତ, ଯାଦବ - ପ୍ରତ୍ୟେକ ସଂପ୍ରଦାୟ ଚାହୁଁଛି, ଅନ୍ୟ ସଂପ୍ରଦାୟକୁ ମାଡ଼ିମକଚି ତଳକୁ ଚାପି-ଦେଇ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ । ବ୍ରାହ୍ମଣଙ୍କ ଭିତରେ ପୁଣି ଶ୍ରେଣୀ-ବିଭାଗ ରହିଛି—ଅମୁକ ଗୋତ୍ରୀ, ଅମୁକ ବେଦ । ଗୁଡ଼ିଆଙ୍କ ଭିତରେ ରହିଛି— ହାଲେଇ, ହଳଦିଆ, ଝୁମୁକା, ଖଡ଼ିକାମୁଠି, ଭଦ୍ରଶୀ । ଏ ସବୁକୁ ଛାଡ଼ି ବି ଆଜିକାଲି ମଣିଷମନ ଭିତରେ ଆହୁରି କେତେ ନୂଆ ନୂଆ ଭେଦଭାବ ଦେଖା-ଗଲାଣି—ବଡ଼ଲୋକ ଗରିବ, ପାଠୁଆ ଅପାଠୁଆ, ଛୁଆଁ ଅଛୁଆଁ ପ୍ରତ୍ୟେକ ଅଲଗା ଅଲଗା ଗୋଟିଏ ଗୋଟିଏ ଗୋଷ୍ଠୀ । ବଡ଼ଲୋକ ଗରିବକୁ ଘୃଣା କରୁଛି, ସବର୍ଣ୍ଣ ହରିଜନକୁ ଘୃଣା କରୁଛି । ହରିଜନଙ୍କ ଭିତରେ ପୁଣି ପାଣ, ବାଉରି, କଣ୍ଡରା, ହାଡ଼ି । ତାଙ୍କ ଭିତରେ ପୁଣି ବଡ଼ସାନ ତଫାତ ଅଛି । ସତେ ଯେମିତି ଏ ଶ୍ରେଣୀବିଭାଗର ଶେଷ ନାହିଁ: ସୀମା ନାହିଁ—ଏ ପାହାଚ ଲମ୍ବି-ଯାଇଛି ତଳକୁ ତଳକୁ - ରସାତଳକୁ ।

ଆଖିରୁ ଲୁହ ଗଡ଼ିଆସିଲା ରଜନୀର । ଏତେ ଭେଦ ବିଭେଦ, ଘୃଣା ଅବିଶ୍ୱାସ ଭିତରେ ମନୁଷ୍ୟତା ମରିହଜି ମିଳେଇ ଗଲାଣି, ସ୍ନେହ, ପ୍ରେମ, ଦୟା, କରୁଣା, ସାମ୍ୟ, ମୈତ୍ରୀ - ସବୁ କୁଆଡ଼େ ଲୋପ ପାଇଗଲାଣି । ଏ ପୃଥିବୀରେ । ମଣିଷ ଆଉ ମଣିଷ ହୋଇନାହିଁ । ମଣିଷ ଆଜି ପଶୁ । କିନ୍ତୁ କମଳଯାକ ତ ବାଳ । କାହାକୁ ସିଏ କହିବ ? କାହାଉପରେ ସିଏ ଅଭିମାନ କରିବ ? ଜାତିର ପିତା ଗାନ୍ଧୀଜୀ ତା' ହେଲେ କ'ଣ ଏଇଆ ଶିଖାଇ ଦେଇଗଲେ । ଶ୍ରୀକୃଷ୍ଣ

କ'ଣ ଏଇଆ କହିଥିଲେ ! ! ମହାତ୍ମା ଯୀଶୁ, ମହାପୁରୁଷ ମହମ୍ମଦ ଭଗବାନ ବୁଦ୍ଧ ବା ଶ୍ରୀଚୈତନ୍ୟ – କିଏ କହିଥିଲେ ଏଭଳି ପରସ୍ପରଙ୍କୁ ଘୃଣା କରିବାକୁ— ଅବିଶ୍ୱାସ କରିବାକୁ ପ୍ରେମ ପରା ସମସ୍ତଙ୍କର ମୂଳମନ୍ତ୍ର – ସବୁଧର୍ମର, ସବୁ ମହାପୁରୁଷଙ୍କର ସର୍ବଶ୍ରେଷ୍ଠ ବାଣୀ । ସେହି ସ୍ନେହ, ପ୍ରେମ, ବିଶ୍ୱପ୍ରୀତିର ପ୍ରତିଷ୍ଠା ପାଇଁ ଗାନ୍ଧିଜୀ ଜୀବନ ଦେଲେ । ତଥାପି ଆମର ଆଖି ଫିଟିଲା ନାହିଁ, ନିଦ ଭାଙ୍ଗିଲା ନାହିଁ, ଆମେ ପରସ୍ପରକୁ ଭାଇ ବୋଲି କୋଳ ନକରି ସେହି ନୀଚ ଜାତି, ସଂକୀର୍ଣ୍ଣ ଦୃଷ୍ଟିରେ ଦେଖିଲୁ ଯେ ସେ ତେଲୀ ମୁଁ ବ୍ରାହ୍ମଣ, ସେ ଚାଷୀ ମୁଁ କରଣ, କେମିତି ତାହେଲେ ଆମର ଉନ୍ନତି ହେବ ? କେମିତି ଏ ଜାତିର କେମିତି ଏ ଜାତିର ମଙ୍ଗଳ ହେବ ?

ବିନୟ ଆଉ ଭାବିପାରିଲା ନାହିଁ । ଆଖିରୁ ଲୁହ ଝରି ସେତେବେଳକୁ ଫାଲେ କାମିଜ ଓଦା ହେଲାଣି । ମିନୁ କହିଲା—'ହୁଁ, ଏଥିପାଇଁ ବାବୁଛ । ଗ୍ଲାନି ତ ତମେ ସବୁଦିନେ କରି ନଥାନ୍ତ । ଆଉ ଅନୁସ୍ୱାରର ଚିନ୍ତା ? ସେ କଥା ଆଉ ତମକୁ ଭାବିବାକୁ ପଡ଼ିବ ନାହିଁ—ସେ ଭାର ଏଣିକି ମୁଁ ନେବି ।' ମୁହଁରେ ସାମାନ୍ୟ ହସ ଖେଳାଇ ବିନୟ କହିଲା – ' ନାଇଁ, ନାଇଁ ସେଥିପାଇଁ ନୁହେଁ—ଶୁଣ ଗୋଟିଏ କଥା 'ମନର ସବୁ କଥା ବିନୟ ଖୋଲି କହିଲା । ଫାଜଲମି କରି ହସି ଉଠିଲା ମିନୁ—ଓଃ, ତମେ ଉତ୍କଳମଣିଙ୍କ ଚେଲା ହବାକୁ ବସିଛ ନା ? କିନ୍ତୁ ଆଜିକାଲି ଛାତିର ରକ୍ତ ଦେଖିଲେବି ତ. ଲୋକଙ୍କର ପରିବର୍ତ୍ତନ ଆସୁନାହିଁ; ଆଖିର ଲୁହକୁ ପଚାରୁଛି କିଏ ? ବାପୁଜୀଙ୍କ କଲିଜା-ତଳର ତାଜା ରକ୍ତ ଏବେ ବି ଦିଲ୍ଲୀ ରାଜପଥରୁ ଶୁଖି ନଥିବ, କିନ୍ତୁ ଲୋକେ ଭୁଲିଗଲେଣି । ଏ ମଣିଷର ଆଉ ହୃଦୟ ନାହିଁ । ଯେ ଅନୁଭବ କରିବ କାହିଁ ?'

ମାସେ ପୂରି ଆସିଲା । ପ୍ରତିବାଦ କରିବାକୁ ଇଚ୍ଛା ହେଲାନି ବିନୟର । କିଏ ଶୁଣିବ ? ମୂଳରୁ ଚୂଳ ଯାଏ ତ ସବୁଠି ଏହି ଶୋଷଣ ନୀତି – ପ୍ରିୟା ପ୍ରୀତି କାରବାର । ସେଠି ତାକୁ ପଚାରିବ କିଏ ? ତା' ପ୍ରତିବାଦ ଅଲଥା ଚୋବେଇରେ ପଡ଼ିବା ସାର ହେବ ସିନା । ବିନୟ ନୀରବ ରହିଲା । ଠିକ ମାସକପରେ – ଯାଥାବିଧି ଗୃହିଁ ବୁଝାଇ ଦେଇ ସେ ଫେରିଆସିଲା ଗାଁକୁ – ସାଙ୍ଗରେ ମିନୁ ।

## —ନଅ—

ବୋଉ ଗୋଡ ଆନନ୍ଦରେ ତଳେ ଲାଗିଲା ନାହିଁ । ଲକ୍ଷ୍ମୀପ୍ରତିମା ବୋହୂଟିକି କୋଳରେ ଯାଇ ଏତେ ଦିନେ ସିଏ ଟିକେ ସୁଖ ସୁଲଭ କରିବ ହେଲେ । କାଳକଯାକ ତ ଦୁଃଖ ଦହିଗଞ୍ଜରେ ଯାଇଛି । ଏଇ ପାକଲା ବାଳରେ ହେଲେ କେଇଟି ଦିନ ସୁଖ ଆନନ୍ଦରେ କଟୁ । ଧାଇଁଯାଇଁ ଅଧବାଟରୁ ବୋଉ ସଙ୍ଗୋଳି ଆଣିଲା ପୁଅ ବୋହୂଙ୍କୁ, ମୁଣ୍ଡରେ ଓଢ଼ଣା ମଥାରେ ସିନ୍ଦୁର, ମୁହଁରେ ଲାଜସଙ୍କୋଚଭାବ । ଏରୁଣ୍ଡି ବନ୍ଧ ନ ଡେଇଁଣୁ ମିନ ଓଢ଼ଣା ଟାଣି ଆଗ ମୁଣ୍ଡ ଲଗେଇଲା ବୋଉ ଗୋଡ଼ତଳେ । ଗାଁଯାକର ଝିଅବୋହୂ, ବୁଢ଼ୀ ଦିଗବୁଢ଼ୀ ଆସି ଜମା ହୋଇଗଲେ ଘରଭିତରେ । କିଏ କହିଲା ବିନ ମେମ୍‌ସାହେବ ଆଣିଛି, କିଏ କହିଲା – ବଙ୍ଗାଳୁଣୀ ଆଣିଛି ଆଉ କିଏ କିଏ ବା ଦାଣ୍ଡଦୁଆରେ ଠିଆହୋଇ ଫୁସ୍‌ଫାସ୍ ହେଲେ ନାଇଁମ, କୁଆଡ଼ୁ ଗୋଟାଏ ଖାନକି ଧରି ଆଣିଛି । ପୁରୁଖା ପୁରୁଖା ମାଇପେ ବାରି ବର୍ଷିଲେ – ଖିରସ୍ତାନ ଘର ଝିଅଟାକୁ କ'ଣ ଭିତରଘରେ ପୂରେଇବୁ କିଲୋ ବିନବୋଉ । ଦେଇପିଣ୍ଡି ମାରା ହୋଇଯିବ – ବଡ଼ ବଡ଼ୁଆ ପାଣି ପାଇବେ ନାହିଁ । ଏମିତି କେତେ ଲୋକଙ୍କର କେତେ କଥା – କେତେ ଟାହି ଟାପରା – ନାକଟେକା – ମୁହଁମୋଡ଼ା·····

ତା'ର କାରଣ କଟକ ଆଉ ବାଲେଶ୍ୱର ଜିଲ୍ଲା ଭିତରେ ଆମର ଆଜିଯାଏ ବେଶୀ ବିବାହ ହେଉନ । କହିବା କେମିତି ଗୋଟିଏ ଅଧେ ବ୍ରାହ୍ମଣ କରଣ ଘର ଛାଡ଼ିଦେଲେ ଅନ୍ୟାନ୍ୟ ଜାତିରେ ମୋଟେ ହୋଇନ କହିଲେ ଚଳେ । ସହରର କେଇଜଣ ପାଠପଢ଼ୁଆ ଲୋକଙ୍କ ଛଡ଼ା ମଫସଲର ଗାଉଁଲି ଲୋକେ ଜାଣନ୍ତି ନାହିଁ ଯେ ବାଲେଶ୍ୱରରେ ଆମର ଓଡ଼ିଆ ଲୋକେ ଅଛନ୍ତି – ଆମର ଭଳି ଭିନ୍ନ ଭିନ୍ନ ଜାତିର କରଣ, ଖଣ୍ଡାଏତ, ତେଲି, ତନ୍ତୀ, କେଉଟ ଆଦି ଅଛନ୍ତି । ତେଣୁ ଏହି ମଫସଲୀ ଲୋକେ ଆଉ ବିଶେଷତଃ ଘରକଣର ଏହି ଓଢ଼ଣାଦିଆ ମାଇପେ ସବୁବେଳେ ତାଙ୍କର ଗାଁ ଆଉ ଆଖପାଖ ମଉଜା ଭିତରେ କୂପମଣ୍ଡୁକ ଭଳି ପଡ଼ିଥାନ୍ତି । ସେଠୁ ଡେଇଁ ଟିକିଏ ଦୂରକୁଗଲେ ବା ଗୋଟିଏ

ଜାତି ପାରିହୋଇ ଅନ୍ୟ ଜାତିରେ ବନ୍ଧୁ ବାନ୍ଧିଲେ ଏକାବେଳକେ ପ୍ରଣବ ଅଶୁଦ୍ଧ ହୋଇଯାଏ । ସେମାନେ ଅନ୍ଧଙ୍କ ଭଳି ସମସ୍ୱରରେ କହିଉଠନ୍ତି – ସେ ଅଜାତିଆ—ଖିରିସ୍ତାନ— ଆମେ ତା'ଘରେ ବସିବୁ ନାହିଁ । ତାକୁ ଜାତିଭାଇରୁ ଅଟକ କରିବୁ । · ···ମନ ଜାଣେ, ଏମିତି କେତେ ନିର୍ଦ୍ଦୋଷ ଲୋକଙ୍କୁ ଅଯଥାରେ ଅଟକ କରିହୋଇଛି, ଅପମାନ ଦିଆ ହୋଇଛି । ଜାତି ନାଁରେ ତାକୁ ସର୍ବସ୍ୱାନ୍ତ କରି ହେଉଛି ! ତେଣୁ ଏଇ କଥା କେଇପଦକୁ ସେ ଛଳକରି ବସିବ ନାହିଁ । ହସି ହସି ସେ କରିଯିବ ତା'କାମ । ବେଳଆସିଲେ ଲୋକେ ବଳେ ବୁଝିବେ ଯେ ।

ସୁନାମୁହିଁରେ ସବୁ ହସଟିଏ ଖେଳେଇ ନେଇ ଜମା ହୋଇଥିବା ସବୁ ମାଇପିଙ୍କୁ ମିନି ମୁଣ୍ଡଲଗେଇ ପ୍ରଣାମକଲା, ସମବୟସୀ ଝିଅ ବୋହୂମାନଙ୍କୁ ଘରଭିତରକୁ ଟାଣିନେଇ କେତେ ଦୁଃଖସୁଖହେଲା, କେତେ ହସ କୌତୁକ, ରଙ୍ଗରସକଲା । ସଜ ଫୁଟିଲା ଫୁଲଟି ଭଳି ସବୁବେଳେ ହସ ହସ, ସବୁବେଳେ ଛନ ଛନ । କାହାର କଥାରେ ଛଳ ନାହିଁ । ସମସ୍ତେ ଯେମିତି ମା', ମାଉସୀ – ସମସ୍ତଙ୍କର ଯେମିତି ଝିଅ ।

ଗାଁ ମାଇପେ ଦେଖି ଆଶ୍ଚର୍ଯ୍ୟ ହେଲେ । ରୂପ ଯେମିତି ଗୁଣ ବି ସେମିତି । ଗୋରି ତକତକ ଚେହେରା । ସୁନାଖଡ଼ିକା ଭଳି ନହନହକା ପତଳା ରୂପ । ଟଳଟଳ, କଳକଳ, ଥରଥର । ସତେ ଯେମିତି ବନସ୍ତର ହରିଣୀଟିଏ । ସରୁ ସରୁ ଓଠ ଦି' ଫାଳରେ ସବୁବେଳେ ଲାଖି ରହିଛି ହସଟିକକ. ଅଶଳ ଥରିଲା ଆଖି ଦୁଇଟିରେ ସବୁବେଳେ ଖେଳି ବୁଲୁଛି ସରମଭରା କରମ କାହାଣୀ । କଅଁଳ ମୁହଁ, କଅଁଳ ଓଠ, କଅଁଳ ହସ । ଜୁଆଁର ପୁନେଇ ଜହ୍ନ ଭଳି ପୂରିଲା ପୂରିଲା ମୁହଁଟି ଉପରେ ଫୁଟି ଉଠୁଛି କଅଁଳ ଲାବଣ୍ୟ— ଦେହସାରା ଫାଟି ପଡ଼ୁଛି ଢେଉଭଙ୍ଗା, ଉଛୁଳା ଯୌବନ । ସତରେ ଏକା ଭାରି ସୁନ୍ଦର ମିନି— ଭାରି ଲୋଭନୀୟ ତା'ର କମନୀୟ ରୂପକାନ୍ତି । ଅନ୍ଧାର ଘର ଆଲୁଅ କରି ସୁନା ମୁଣ୍ଡାଏ ଭଳି ସେ ଦାଉଦାଉ ହୋଇ ଜଳୁଛି ।— ଗାଁ ମାଇପଙ୍କ ଆଖି ଝଲସି ପଡ଼ିଲା ସେହି ସୌନ୍ଦର୍ଯ୍ୟରେ ।

ଖାଲିରୂପ ନୁହେଁ ତ ଗୁଣ ବି ତତୋଃଧିକ, ସମସ୍ତେ ଭାବିଥିଲେ ବଡ଼ ଘରର ଝିଅ ଇଂରେଜୀ ପଢ଼ୁଆ ମେମ୍ ସାହେବ । ନିଶ୍ଚେ ଗର୍ବ, ଅହଂକାରରେ ସଢ଼ୁଥିବ—ନିଶ୍ଚେ ଉଦ୍ଧତ, ଉପରମୁହିଁ, ମନମୋଟୀ ହୋଇଥିବ । କିନ୍ତୁ କାହିଁ ? ଆଉ ଆଉ ପାଞ୍ଚଟା ଝିଅଙ୍କ ଭଳି ତା' ମନରେ ତ ଏତେଟିକିଏ ଗର୍ବ ନାହିଁ— ଏତେ ଟିକିଏ ଉପୁଡ଼ାଙ୍ଗଣିଆ ଭାବ ନାହିଁ ସବୁବେଳେ ଧୀରକଥା, ଥିର ଚାଲି, ଗୁରୁଜନମାନଙ୍କୁ କେଡ଼େ ମାନଆନ, ବୁଢ଼ା ବୁଢ଼ୀଙ୍କୁ କେଡ଼େ ଲାଜସରମ, ସାଙ୍ଗ-ସାଥୀମାନଙ୍କୁ କେଡ଼େ ହସ ହସ, ମନଖୋଲା କଥା । ପୁଣି ଦିନ ଦିଟା ହେବ ଆସିନାହିଁ । ଘର ଗୋଟାକର ସବୁକାମ ନିଜେ ହାତେ ହାତେ କରୁଛି— ଗୋଟିଏ ବୋଲି କରୁ ବୁଢ଼ୀକି ଧରେଇ ଦେଉନାହିଁ । ଏମିତ ପୁଣି ସହଣିକା ଝିଅଟିଏ । ଯିଏ ଯେତେ ଛୁଗୁଲେଇ ବଗୁଲେଇ କହୁ ପଛକେ, ଟିକିଏ ବୋଲି ସେ ଛଳ କରୁନାହିଁ । ବଙ୍ଗାଳୁଣୀ, ଖିରସ୍ତାନୀ କହି ଯେତେ ଯିଏ ଥଟ୍ଟା ଟାପରା କଲେ ବି ତୁଣ୍ଡ ଖୋଲି ସେ ପଦେ ଉତ୍ତର ବି ଦେଉ ନାହିଁ—କଳି କରିବାଟା ଦୂରର କଥା । ଓଲଟି ହସି ହସି କଥା କହି କାହାକୁ ମାଉସୀ, କାହାକୁ ପିଉସୀ କାହାକୁ ଅଲେଇଚ, କାହାକୁ ବଉଳ ଡାକ ଦିନ ଦି'ଟାରେ ଗାଁର ଅଧେ ଲୋକଙ୍କୁ ଆପଣାର କରି ନେଲଣି, କଣେ ହେଲେ କେହି ତା'ର ଅପର ନାହିଁ —ସାନବଡ଼, ଗରିବ ଭାଲବର, ପାଠୁଆ ଅପାଠୁଆ—ସମସ୍ତେ ତା'ର ଆପଣାର ସମସ୍ତେ ତା'ର ଯେମିତ ଭାଇ; ବନ୍ଧୁ, କୁଟୁମ୍ବ ।

ମିନ ଦେଖିଲା, ଗାଁରେ ରହି ଗାଁଲୋକଙ୍କ ସେବା କରିବାକୁ ହେଲେ ଆଗ ସେମାନଙ୍କ ସାଙ୍ଗରେ ପ୍ରାଣଖୋଲି ମିଶିବା ଦରକାର । ସେମାନଙ୍କ ପେଟରେ ପଶି ମନକଥା ଜାଣିବା ଦରକାର । ତା' ନହେଲେ ଖାଲି ଖବର କାଗଜରେ ଲମ୍ବା ଲମ୍ବା ବକ୍ତୃତା ଦେଇ ବା ଟେବୁଲ ବାଡ଼େଇ ଗୁରୁଗମ୍ଭୀର ବକ୍ତୃତା ଦେଇ ଲୋକ ସେବାକରି ହେବ ନାହିଁ । କିନ୍ତୁ ମିଶିବ କିପରି ? ବାବୁଗିରି, ବଡ଼ଲୋକ ଗୁଣ୍ଡ ନିଜେ ତାଙ୍କରି ସ୍ତରକୁ ଖସି ନ ଆସିଲେ—ତାଙ୍କରି ଭଳି ମୋଟା ଖେଟା ପିନ୍ଧି, ବଗଡ଼ା ଭାତ, ମୁଗଡ଼ାଲି ଖାଇ ନଚଳିଲେ ତାଙ୍କ ସଙ୍ଗରେ ମିଶି ହେବନାହିଁ—ତାଙ୍କର ଦୁଃଖ, ଦୈନ୍ୟ, ଅଭାବ, ଅନାଟନ

ଅନୁଭବ କରିହେବ ନାହିଁ । ଦୀନ, ଦରିଦ୍ର, ପଥର କାଙ୍ଗାଳ ଉତ୍କଳମଣି ସିନା ବୁଝିବେ, ନଈ ବଢ଼ିରେ ଗଛ ଆଗରେ ବସି ଭାସି ଯାଉଥିବା ମୁମୂର୍ଷୁ ଲୋକଟିର ପେଟ ଜ୍ୱାଳା । ଏହି ପେଟଫୁଲ୍, ସୁଟ୍‌ପିନ୍ଧା, ମଟରଚଢ଼ା ମନ୍ତ୍ରୀ ତା' କେମିତି ବୁଝି ପାରିବେ ! ! ଖାଇ ଖାଇ ବଦହଜମି ହେବାରୁ ଯେଉଁମାନେ Fruit Salt ଖାଇବାର ବନ୍ଦୋବସ୍ତ କରୁଛନ୍ତି, ସେମାନେ କେମିତି ଜାଣିବେ, ଭୋକଉପାସରେ ମଣିଷ କେମିତି ତଡ଼ଫଡ଼ ହୁଏ ! ପ୍ରସୂତି ଛଡ଼ା ଗର୍ଭବେଦନା ଅନ୍ୟ କିଏ ବୁଝିପାରିବ ?

ତେଣୁ ଗାଁରେ ଆସି ଗୋଡ଼ ଦେବାର ଠିକ୍ ଆଠଟି ଦିନ ପରେ—ମିନି ଆଗ ଗୋଟି ଗୋଟି କରି ବାହାର କଲା ତା'ର ଦାମୀ ଗହଣାଗୁଡ଼ିକ । ଲକ୍ଷପତିର ଝିଅ ସେ । ବହୁମୂଲ୍ୟ ସୁନା ଅଳଙ୍କାରରେ ଝଲମଲ କରି ଛୁଇଁ ହୋଇ ଥିଲା ଗୋଡ଼ଠୁ ମୁଣ୍ଡଯାଏ । କିନ୍ତୁ କି ଖିଆଲ ଆସିଲା ମନରେ, ଘଡ଼ିକ ଭିତରେ ସବୁଠୁ ସବୁ କାଢ଼ିଆଣି ଜମା କରିଦେଲା ଆଗରେ ।ବେକରୁ କାଢ଼ିଲା ପାଞ୍ଚୋଟି ଯାକ ଗ୍ରେଟ ବଡ଼ ସୁନାହାର, କାନରୁ ବାହାର କଲା ତା'ର ଅତି ପ୍ରିୟ ଇୟରିଂ ହାଲକ, ଗଳାରୁ ଖୋଲିଲା ସେହି ସୁନାର ପ୍ରଜାପତିଆ କ୍ଲିପସ୍, ହାତରୁ ଖୋଲିଲା ଅନ୍ତି, ବାଜୁ, ନେକଲେସ୍ ଆଉ ସବୁଯାକ ସୁନାକାଚ, ଦି'ହାତ ଆଙ୍ଗୁଠିରୁ ଓହ୍ଲେଇଲା ନାଲି, ନୀଳ ପଥରବସା ତିନୋଟି ସୁନା ମୁଦି ଆଉ ବହୁମୂଲ୍ୟ ଦୁଇଟି ହୀରାମୁଦି, ଗୋଡ଼ରୁ ଖୋଲିଲା ଝଲ୍ଲଣ୍ଡା ଆଉ ତା' ସାଙ୍ଗରେ ଖୋଲିଲା ତା' ସିଲକ୍ ବ୍ଲାଉଜ, ବ୍ରେଷ୍ଟ୍‌ଟାଇଟ୍ ଓ ଫୁଲପକା ଗୋଲାପୀ ଶାୟା । ଖଣ୍ଡେ ଧଳା ସେମିଜ, ଆଉ ଖଣ୍ଡେ ମାମୁଲି ନାଲିଧଡ଼ିଆ ଲୁଗା ପିନ୍ଧି ପାଲଟି ପକେଇଲା ତା' ରକ୍ତଗୋଲାପ ବନାରସୀ ଶାଢ଼ୀ । ହାତରେ କେବଳ ପଟେ ପଟେ ରୁପାକାଚ ପିନ୍ଧି ସବୁ ଗହଣାଯାକ ସେ ଏକାଠି ବାନ୍ଧିଲା ଗୋଟିଏ ରୁମାଲରେ । ବାଲେଶ୍ୱରରେ ଥିବାବେଳେ ହିଁ ସେ ଜୋତା ପିନ୍ଧା ଛାଡ଼ିଥିଲା, ରିଷ୍ଟ୍‌ୱାଚ୍ ଛାଡ଼ିଥିଲା, ଭ୍ୟାନିଟି ବ୍ୟାଗ ଫିଙ୍ଗି ଦେଇଥିଲା । ବଲାସ ଭିତରେ ଆଉ ଯୋଉ ସ୍ନୋ, ପାଉଡ଼ର, ସାବୁନ, ବାସନାତେଲ ଆଦି ଥିଲା, ତା'କୁ ସବୁ ମଧ୍ୟ ଆଣି ସେ ଏକାଠି କଲା ଗହଣା ପାଖରେ । ଢାକା, ବନାରସୀ, ମଦୁରା, ଶାନ୍ତିପୁରୀ ଓ ଅନ୍ୟାନ୍ୟ ବହୁ ଦାମୀ ଦାମୀ ଶାଢ଼ୀ, ବ୍ଲାଉଜ ଭରତି ହୋଇଥିଲା ତିନୋଟି

ଟ୍ରଙ୍କରେ । ଗୋଟି ଗୋଟି କରି ସବୁଯାକ ଆଣିଲା—ସବୁ ଶାଢ଼ୀ, ଗହଣା, ସ୍ନୋ, ପାଉଡ଼ର ନେଇ ଥାକ ଥାକ କରି ବିନସ୍ତ ଆଗରେ ଜମାକଲା ।

ସ୍ବଉଁକନା ଚମକି ପଡ଼ିଲା ବିନସ୍ତ । କ'ଣ ସେ ଦେଖୁଛି କିଛି ବୁଝିପାରିଲା ନାହିଁ କ୍ଷଣକ ପାଇଁ । ସପନ ଦେଖିଲା ଭଳି ମନେ ହେଲା ତା'ର । ନିଜ ଆଖିକି ନିଜେ ବିଶ୍ବାସ କରି ପାରିଲା ନାହିଁ । ମିନି ଆଉ ପାଗଳ ହୋଇଯାଇ ନାହିଁତ ? ହଠାତ୍ କାହିଁକି ଏ ଖିଆଲ ଉଠିଲା ତା' ମନରେ ? ମିନିକି ଡାକି ତା'ର ଅଭେଳ, ନଙ୍ଗଳା ଦେହରେ ବିନସ୍ତ ଅନେ ହାତ ବୁଲେଇ ଆଣିଲା, ଆଉ ପାଖରେ ବସେଇ ଧୀରେ ଧୀରେ ତା' ମଥା ଆଉସି ନେଲା—'ଛି, ପାଗଳି ! କ'ଣ ଏ କରୁଛୁ ?' ଅଲଅଲ ରାଜଝିଅକୁ ମଣିମାଣିକ୍ୟର ରାଜପ୍ରସାଦରୁ ଆଣି ହଠାତ୍ ଏ ଅଲଣା, ଅସନା ଦାଣ୍ଡ ଧୂଳିରେ ଛାଡ଼ିଦେଲେ ସେ କ'ଣ ଚଳି ପାରିବ ?

'କାହିଁକି ପାରିବ ନାହିଁ ? ସୀତାତ ପୁଣି ଚଳିଥିଲେ । ସାବିତ୍ରୀ; ଦମୟନ୍ତୀ, ଶୈବ୍ୟା—ସମସ୍ତେ ତ ପୁଣି ଏମିତି ଧନ ଐଶ୍ବର୍ଯ୍ୟ, ଭୋଗବିଳାସ କୋଳରୁ ମୁହୂର୍ତ୍ତକ ଭିତରେ ତଳକୁ ଓହ୍ଲେଇ ଆସିଥିଲେ, ମତେ ଏତେ ଦୁର୍ବଳ ଭାବୁଛନ୍ତି କାହିଁକି ?'

'କିନ୍ତୁ ସେ ଯୁଗ ଆଉ ଏ ଯୁଗ ଭିତରେ ତ ଦୃଷ୍ଟିକୋଣ ବଦଳିଛି, ସେ ଦିନର ଆଦର୍ଶ ଥିଲା—Plain Living & High Thinking ଅଥଚ ବର୍ତ୍ତମାନ ହେଲଣି – No Thinking but gorgeous life ଭିତରେ କିଛି ଥାଉ ବା ନଥାଉ ବାହାରେ କିନ୍ତୁ ଦରକାର ଗୋଟାଏ ଆବରଣ—ଗୋଟାଏ ଧୋବ ଧାଉଳିଆ ଛାପଚକଣ ପରଦା । ଶାଢ଼ୀ, ଗହଣା, ସ୍ନୋ, ପାଉଡ଼ର ତ ଆଜିକାଲି ସଭ୍ୟତାର ମାନଦଣ୍ଡ । ଏସବୁକୁ ଛାଡ଼ି ତମେ ଦଣ୍ଡେମାତ୍ର ସହରରେ ମୁଣ୍ଡ ଟେକି ପାରିବ ତ ?'

'ତା' ମାନୁଛି ମୁଁ । କିନ୍ତୁ ଗାଁ ସାଙ୍ଗରେ ସହରକୁ ତୁଳନା କରୁଛ କାହିଁକି ? ଚପ୍, କଟଲେଟ୍, ପଲାଉ, କୁରୁମା B. N. R. ହୋଟେଲରେ ସିନା

ସିନା, ଜଗନ୍ନାଥ ମନ୍ଦିରରେ ସାଜିବ କି ? ସେଠି ସେହି ବଗଡ଼ା ଭାତ, ଖେପା ତରକାରି ସୁନ୍ଦର—ଅମୃତ ଭଳି ସୁଆଦ । ତା’ଛଡ଼ା ପିଲାଟିଦିନୁ ଗାଁରେ ବଢ଼ିକୁଢ଼ି ଦି’ଦିନ ପାଇଁ ସହରକୁ ଯାଇ ଯୋଉମାନେ ସୁଟ୍ ପିନ୍ଧି ବଡ଼ଲୋକ ଦେଖେଇ ହୁଅନ୍ତି ବା ଶାଢ଼ୀ ଗହଣାରେ ଛାଇ ହୋଇ ଗର୍ବ କରନ୍ତି ସେମାନେ କ’ଣ ପ୍ରକୃତରେ ତାଙ୍କର କର୍ତ୍ତବ୍ୟ କରନ୍ତି ? ଯାହା କହନ୍ତି—ମା’ ଧାନକୁଟି ପୁଅ ନାଗର । ଏଣେ ଗାଁରେ ତାଙ୍କର ବାପଭାଇ ମୂଲିଆ ମୂରୁଖ ହୋଇ ଭୋକ ଉପାସରେ ସଢ଼ୁଛନ୍ତି ଅଥଚ ତେଣେ ସେମାନେ ବାବୁଗିରି ଦେଖେଇ ହେବେ—କୁଆଡ଼କୁ ପାଏ ଏ ଛଇଛଟକ ।’

‘କିନ୍ତୁ ଯାହା କୁହ ମିନି, ନିହାତି ଅବାସ୍ତବ କଥାକୁ ତମେ ଡେଇଁ ପଡ଼ୁଛ । ଦେଶସେବା କରିବ ବୋଲି କିଏ ଖଣ୍ଡିଏ ଭଲକରି ଖାଇବ ନାହିଁ, କିଏ ଖଣ୍ଡିଏ ଭଲ ଶାଢ଼ୀ ପିନ୍ଧିବ ନାହିଁ ବା କିଏ ଦି’ଖଣ୍ଡ ଗହଣାଗାଣ୍ଠି ନାଇବ ନାହିଁ—ଇଏ କୁଆଡ଼ର କଥା ?’

ଆହତ ସିଂହୀ ଭଳି କ୍ରୋଧରେ ଗର୍ଜି ଉଠିଲା ମିନି—‘କ’ଣ କହୁଛ ତମେ । ମତେ ପରୀକ୍ଷା କରୁନାହଁ ତ ଆଉ ? ସେବା ଯା’ ଜୀବନର ବ୍ରତ, ସେ କରିବ ଆଗେ ଆପଣା ସେବା । ଆପଣା ସ୍ୱାର୍ଥସିଦ୍ଧି ! ! ବାଃରେ ଆଦର୍ଶ ବାଃରେ ନିଷ୍ଠା । ତମେ କହୁଛ ଭଲ ଖାଇବାକୁ । କିନ୍ତୁ ଜାଣ ତମେ, ଏଇ ଗାଁରେ କେତେ ଲୋକ ଅଛନ୍ତି, ଯିଏ ଖୁଦ ପେଜ କରି ଦିଓଳି ଦି’ମୁଠା ଖାଇବାକୁ ପାଆନ୍ତି ନାହିଁ—ଦିନେ ଖାଇଲେ ତିନିଦିନ ଉପାସ ରହନ୍ତି । ଆମରି ପିଢ଼ାକୁ ପିଢ଼ା ଲାଗି ପଡ଼ୋଶୀ ଘରେ ଲୋକେ ଏମିତି ଭୋକ ଉପାସରେ ତହଲ ବିକଳ ହେଉଥିବେ ଆମେ ଏଣେ ଟେବୁଲ ଉପରେ ପଲାଉ, ମାଂସ ରଖି ଖାଉଥିବା—ଏହା କ’ଣ କମ୍ ସୁନ୍ଦର ଦିଶିବ ? ତାଙ୍କର ସାତଦିନର ନାଲି କଟକଟ ପଗୁ ପରାଳ ଦେଖିଲେ ଆମ ପଲାଉ ମାଂସର ଗୁଣ୍ଡାଟି ଆପଣାଛାଏଁ ହାତରୁ ଖସିପଡ଼ିବ ନାହିଁ ! ! ଭଲ ଶାଢ଼ୀ, ବ୍ଲାଉଜ ପିନ୍ଧିବା କଥା କହୁଛ । କିନ୍ତୁ ପାଟ, ବନାରସୀ ଗାଧେଇ ଗଲା, ମୋଟା ଗେଞ୍ଚା ଖଦି ଖଣ୍ଡେ ବି କେତେ ଜଣଙ୍କୁ ମିଳେ ଏ ଗାଁରେ ପିନ୍ଧିବାକୁ ? ଚିରାଗଳିଣ୍ଡା ପିନ୍ଧି ପିନ୍ଧି ତ ଲୋକଙ୍କର

କାଳକ ଗଲଣି । ଦରବା ପାଅନ୍ତି ନପାଇ ତ କେତେ ଯୁବତୀ ଝିଅ, ବୋହୂ ପାଣସାନ୍ଧରେ ଦଉଡ଼ି ଦେଇ ମଲେଣି—ଏଥିରେ ମୁଁ ମଦୁରା ଶାଢ଼ୀ ପିନ୍ଧିବି କୋଉ ମୁହଁରେ ? ଜରଜେଟ୍ ଶାଢ଼ୀ ପିନ୍ଧିବି କୋଉ ଅକଲରେ ? ତା'ପରେ ଗହଣା କଥା—ଭୋକରେ ତ ଏଣେ ଲୋକଙ୍କର ପେଟ ପୋଡ଼ି ଯାଉଛି, ଗହଣା ନାଉଛି କିଏ ? ନାଇବାକୁ ସମ୍ବଳ ଅଛି କାର ? ତା'ଛଡ଼ା ସୁନା ତ ସୁନା, ରୂପା ନୁହେଁ, ପିତ୍ତଳ ନୁହେଁ, ରସଖଡ଼ୁ ବି ଲୋକଙ୍କୁ ମିଳୁନାହିଁ ଯେ ହାତରେ କନାଧଡ଼ି ଗୁଡ଼େଇ ଦିନ କାଟୁଛନ୍ତି, ତାଙ୍କ ଆଗରେ ମୁଁ ପିନ୍ଧିବି ସୁନାଚୁଡ଼ି, ହୀରାମୁଦି । ଆଚ୍ଛା, କମ୍ ସୁନ୍ଦର ଦିଶିବି କି ? ଆଉ ତା' ଯଦି ମୁଁ ପିନ୍ଧେ; ତା' ହେଲେ ଲୋକଙ୍କୁ ବା କି ଆଦର୍ଶ ଦେଖେଇବି ? ଗାଁର ଅପାଠୋଇ ଝିଅ ବୋହୂମାନେ ଆସି ଏ ପାଠୋଇ ଝିଅଠାରୁ କ'ଣ ଏହି ଭୋଗବିଳାସ ଶିଖିବେ ? କାହିଁକି, ତା' ଅପେକ୍ଷା ଯୋଉ ଗାଁରେ ରହିବି, ସେଇ ଗାଁର ଲୋକଙ୍କ ଭଳି ସାଦାସିଧା ପିନ୍ଧି ସରଳ ଭାବରେ ଦିନ କେଇଟି କଟେଇ ନେଲେ କ'ଣ ଭଲ ହେବନାହିଁ ? ଦେହର ସଜ୍ଜା ଅପେକ୍ଷା ମନର ସନ୍ତୋଷ କ'ଣ ବଡ଼କଥା ନୁହେଁ ?'

ଆଶ୍ଚର୍ଯ୍ୟ ହେଲା ବସନ୍ତ । ଏତେ ଶୀଘ୍ର ଯେ ମିନାର ଏଭଳି ପରିବର୍ତ୍ତନ ହେବ, ତା' କେବେ ସ୍ୱପ୍ନରେ ସୁଦ୍ଧା ସେ କଳ୍ପନା କରିନଥିଲା । ମନେ ମନେ ସେ ଯେତେ ଉଚ୍ଚ ଆଦର୍ଶର ଅବତାରଣା କଲେ ବି ମିନାର ଏ ଅଭେକା ରୂପ ତାକୁ କାହିଁକି ମୋଟେ ଭଲ ଲାଗିଲା ନାହିଁ । ଭାରି ଅସୁନ୍ଦର ଦିଶିଲା ତା'ର ସେହି ଗହଣାଖୋଲା, ନଙ୍ଗଳା ଦେହଟି । ସେହି କଅଁଳ ଛନ୍ଛନ୍ ମୁହଁଟି ଉପରେ ମୁହଁ ରଖି ବସନ୍ତ କହିଲା—'ସବୁ ହେଲା ଯେ, କିନ୍ତୁ ଏହି ଶିରୀଷକୋମଳ ସୁକୁମାର ତନୁଟି ସେ ଗୁରୁଭାର ସହି ପାରିଲେ ହୁଏ । ଫୁଲର ଭାର ଯେ ସହି ନଥିଲା, ପଥରର ଭାର ସେ ସହିପାରିବ ? ଶେଷରେ ଭ୍ରମରକୁ ନିରାଶ କରି ସଜ ଫୁଲଟି ଅକାଳରେ ମଉଳିଯିବ ନାହିଁ ତ ?

ମିନା ହସିଲା—'ଆଉ ସେ ରସିକତା । ଫୁଟନ୍ତା ଫୁଲ ତ ଦିନେହେଲେ ମଉଳିବ, ତା ପାଇଁ ଚିନ୍ତା କାହିଁକି ? ବରଂ ସେହି ଫୁଲର ସୁବାସରେ ଘରଆଡ଼

ଥରେ ମହକାଇ ପାରିଲେ ଜୀବନରେ ଆସିବ ସାର୍ଥକତା । ସଂସାର ଲୋକେ ଧନ୍ୟ ଧନ୍ୟ କରିବେ, ସେହି ଭ୍ରମର ମୁହଁରେ ବି ହସ ଫୁଟି ଉଠିବ । ଦୁନିଆରେ ମନୁଷ୍ୟର ଜନ୍ମ ଦୁର୍ଲ୍ଲଭ ନୁହେଁ, ସତ୍କର୍ମହିଁ ଦୁର୍ଲ୍ଲଭ, ଆପଣା ସ୍ୱାର୍ଥ ଅପେକ୍ଷା ପରସ୍ୱାର୍ଥକୁ ଯିଏ ବଡ଼କରି ଦେଖେ, ସେହି ସିନା ପ୍ରକୃତ ମନଷ୍ୟ ।'

ବନସ୍ତ ନୀରବ ରହିଲା । ମିନି ତା'ହେଲେ ଗୁରୁଙ୍କୁ ଚିପିଗଲା ଏଇ ଧନ କେଇଟାରେ ।....ବନସ୍ତ ମୁହଁରେ ତୃପ୍ତିର ହସ ।

ରୁମାଲରେ ବନ୍ଧା ଥିବା ଗହଣା ପୁଡ଼ାଟି ଧରି ମିନି ବଢ଼ାଇ ଦେଲା ବନସ୍ତ ହାତକୁ—'ମନେ ଅଛି ନା ତମର । ସେ ବାଲେଶ୍ୱରରେ ମୁଁ କହିଥିଲି— ଆନୁସ୍ୱାରର ଚିନ୍ତା ଆଉ ତମକୁ କରିବାକୁ ପଡ଼ିବ ନାହିଁ । ସେ ଭାର ଏଣିକି ମୋ ଉପରେ ।··· ନେଇ ନିଅ, ଏଇ ପୁଡ଼ାଟିରେ ମୋର ସମସ୍ତ ଗହଣା ଅଛି । ସେଇଥିରୁ ଗୋଟିଏ ଗୋଟିଏ ବିକ୍ରୀ କରି ଆନୁସ୍ୱାରର ଖର୍ଚ୍ଚ ତୁଲେଇବ । ମୋର ଆଶାହୁଏ, ଅନୁସ୍ୱାର M.B.B.S ପାଶ୍ କରି ବାହାରି ଆସିବାକୁ ଏତିକି ବୋଧେ ଯଥେଷ୍ଟ ହେବ । ଆମ ପାଇଁ ଯିଏ ହସି ହସି ଜୀବନ ଦେଇ ପାରିଲା, ତା' ପାଇଁ ଆମେ ଏହି ନିର୍ଜୀବ ଗହଣା କେଇ ଖଣ୍ଡ କ'ଣ ଛାଡ଼ି ଦେଇ ପାରିବା ନାହିଁ ?'

କଥା ମଝିରେ ବାଧା ଦେଲା ବନସ୍ତ—'କିନ୍ତୁ ଆମ ନିଜର ଭବିଷ୍ୟତ ?'

'ଓଃ, ଏଇ ଗହଣା କେଇଖଣ୍ଡକୁ ତମେ ଭବିଷ୍ୟତର ପୁଞ୍ଜି କରି ସାଇତି ରଖିବାକୁ ଚାହଁ ? କିନ୍ତୁ ଏ ଟଙ୍କା ସୁନା ତ ଚୋର ଖଣ୍ଡ ନେଇଯିବ । ସେତେ ଲୁହା ସିନ୍ଦୁକରେ ପୁରେଇ ରଖିଲେ ବି ତ ସବୁ ଡ଼କେଇତଙ୍କର ଆଖି ସେଇଠି । ଏମିତିକା ଅଳୀକ ଧନ ସମ୍ପଦ ସାଇତି ନରଖି ବରଂ ମୋ ମତରେ ଏମିତି କିଛି ଧନ ସଞ୍ଚି ରଖିବା ଯାହା ଚୋର ନେଇ ପାରିବ ନାହିଁ କି ଭାଇ ଭାଗ ନେଇ ପାରିବ ନାହିଁ, କି ଡ଼କେଇତ ଛୁରୀ ଦେଖେଇ ଛଡ଼େଇ ନେଇ ପାରିବ ନାହିଁ । ଯାହା ନିଆଁରେ ପୋଡ଼ି ହେବ ନାହିଁ କି ପାଣିରେ ବୁଡ଼ିଯିବ ନାହିଁ । ଆଉ ଯାହା ଆମକୁ ଜୀବନର ଅସଲ ଦୁର୍ଦ୍ଦିନରେ, ମେଘ ଅନ୍ଧାର ଭିତରେ ଆଲୁଅ ଦେଖେଇ

ବାଣ୍ଟ କରିଦେଇ ନେବ । ସେ ଧନ କ'ଣ ଜାଣ ? ସେ ଧନ ଏ ଅଳୀକ ଟଙ୍କା ସୁନା ନୁହେଁ ବା ବହୁମୂଲ୍ୟ ସ୍ୱର୍ଣ୍ଣମାଳା, ମଣିମାଣିକ୍ୟ ନୁହେଁ, ସେ ଧନ ହେଉଛି ଧର୍ମ—ସେ ଧନ ହେଉଛି ପରୋପକାର, ଲୋକସେବା । ଋଷିମାନେ କ'ଣ ଭବିଷ୍ୟତ ପାଇଁ ଟଙ୍କା ସୁନା ସାଇତି ରଖିଥିଲେ ? ନା ସୁଖସ୍ପୃହ ଭବିଷ୍ୟତ ପାଇଁ ଧନ, ଜନ, ଗୋପ, ଲକ୍ଷ୍ମୀ ବରଦାନ କରି ଦେଇ ଯାଇଥିଲେ ? ଜାଣିଛ ତ, ଲକ୍ଷପତି ମଧୁବାବୁ ମଲାବେଳକୁ କେମିତି ପଥର କାଙ୍ଗାଳଠାରୁ ଆହୁରି ହୀନ ଅବସ୍ଥାକୁ ଖସି ଆସିଥିଲେ, କାହିଁକି ? କ'ଣ ରଖିଥିଲେ ସେମାନେ ପଡ଼ନ୍ତିକାଳର ଦୁର୍ଦ୍ଦିନକୁ ? କି ପାଥେୟ ସେମାନେ ବାନ୍ଧି ରଖିଥିଲେ ସେପାରିର ଅମଡ଼ା ପଥ ପାଇଁ ?—ଧନ ନା ଧର୍ମ ?'

କହିବାକୁ ଆଉ ବନସ୍ପତିର କିଛି କଥା ନଥିଲା । ମନରେ ସନ୍ତୋଷ, ଆତ୍ମାରେ ଉଲ୍ଲାସ, ମୁହଁରେ ତୃପ୍ତିର ଆଭା, ଶାନ୍ତିରେ ସେ ଟିକିଏ ନିଶ୍ୱାସ ମାରିଲା । ଅଜାଣତରେ ଆଖି କୋଣରୁ ଝରି ଆସିଲା ଅଶ୍ରୁ—ଦୁଃଖ ଅଶ୍ରୁ ନୁହେଁ-ଆନନ୍ଦ ଅଶ୍ରୁ, ପ୍ରେମ ଅଶ୍ରୁ, ଶୁଭ ଅଶ୍ରୁ ।

## —ଦଶ—

ମିନି ଜାଣେ Charity begins at home ଗାଁ ଲୋକଙ୍କର କାମ କରିବାକୁ ଯିବା ପୂର୍ବରୁ ଆଗ ନିଜର ଘରକାମ ଗୁଡ଼ିକ ନିଜ ହାତରେ କରିବା ଉଚିତ । ଘରର କାମ କରିବାକୁ ଯେ ଅପାରଗ । ସେ ପରକୁ ଉପଦେଶ ଦେବ କ'ଣ ? ଗୋଟିଏ ଘରର ଦାୟିତ୍ୱ ତୁଲେଇବାକୁ ଅକ୍ଷମ ହେଲେ ଗାଁଟା ଯାକର ହାନିଲାଭ, ଭଲମନ୍ଦ ଖବର ବୁଝିବ କେମିତି ? ମିନି ତେଣୁ ଆଗ ଆଖି ଦେଲା ଆପଣା ଘର ଉପରେ ।

ଘର ନୁହେଁ ତ ଭଙ୍ଗା ଦରଦରା ତ' ବଖୁରି କୁଡ଼ିଆ । କୋଉ ଭଣ୍ଟ ଅମଳରେ ତିଆରି ହୋଇଥିଲା । କାନ୍ଥରେ ଲୁଣା ଲାଗି ମାଟି ଝରିଲାଣି,

ମଥାନରେ ଘୁଣ ଖାଇ ଗୁଅ ବାଉଁସ ଖସିଲାଣି । ଉଇ ଚରି ଘର ଭିତରେ ପୁଣି ଏତେ ଏତେ ହୁଙ୍କା, ପାଖକେ ମୂଷା ଗାଲ ଭରଣେ ହେବ ମାଟି, ମୂଷା, ଚୁଚୁନ୍ଦ୍ରା, ଅସରପା, ଉଇ, ମଶା, ଗୁରୁପୋକ – ସବୁ ଜନ୍ତୁଜନ୍ତା, ଆସି ଭରତି ହୋଇଛନ୍ତି ଘର ଭିତରେ ଦୟାକରି ଯେମିତି ମା'ଙ୍କର କେତେଟା ହାଣ୍ଡି କୁଣ୍ଡେଇକୁ ଯାଗା ଦେଇଛନ୍ତି ସେମାନେ ।

ବାଲେଶ୍ୱରରୁ ଆସିବା ଦିନ ବାପା ଆସିଥିଲେ ସାଙ୍ଗରେ ଘର ଦେଖି ମନ ତାଙ୍କର ଫିକା ପଡ଼ିଗଲା । ଆଖିର ଲୁହ ଗଡ଼ି ଆସିଲା, କହିଲେ—'ନୂଆ କରି ପକ୍କା ଘର ତ' ବଖରେ ତୋ'ଲେଇ ଦେବି । କୂଅ, ପାଇଖାନା, ଗାଧୁଆ-ଘର, ଗୁହାଳ—ସବୁଠୁ ସବୁ ପକ୍କା କରି ଦେବି । ଗୋଡରେ କାଦୁଅ ଲାଗିବ ନାହିଁ, ଦେହରେ ଧୂଳି ଲାଗିବ ନାହିଁ । ଆଉ ଚାକର ଗୋଟିଏ ଗୋଡ଼ି ତଳକୁ ଖଞ୍ଜେଇ ଦେବି ଯେ ଘର ବାଡ଼ି, ଗୁହାଳ ଗୋବର ସବୁ କାମ ସେ କରିବ । ତୋତେ କଷ୍ଟ କରିବାକୁ ହବନାହିଁ ମା ।' ହସି ହସି ମିନା କହିଲା—'ନାହିଁ ବାପା ! କ'ଣ ହବ ସେ ସବୁ । କୋଠାବାଡ଼ି, ଚାକର ବାକର କ'ଣ ମୁଁ ଭୋଗ କରିନାହିଁ ? ଝିଅ ଯେତେଦିନ ବାପଘରେ ଥାଏ ସେତିକି ଦିନ । ବାହାସାହା ହେଲେ ତେଣିକି ସେ ତା' ଜନ୍ମ ଭୂମି ବି ପର—ବାପଘର ସାଙ୍ଗରେ ତା'ର ଆଉ ସମ୍ପର୍କ କ'ଣ ? ତେଣିକି ସେ ସ୍ୱାମୀ ସୁଖରେ ସୁଖୀ, ସ୍ୱାମୀ ଦୁଃଖରେ ଦୁଃଖୀ ହେବା ଉଚିତ । ସତୀ ସୀତା ସେଇଥିପାଇଁ ବାପଘରର ରାଜାନଅର ଛାଡ଼ି ସ୍ୱାମୀ ସାଙ୍ଗରେ ଯାଇ ବଣଜଙ୍ଗଲର ପତର କୁଡ଼ିଆରେ ରହିଥିଲେ ।' ଆଶ୍ଚର୍ଯ୍ୟ ହୋଇ ବାପା ଅନେଇଲେ ମିନା ମୁହଁକୁ—ନୀରବରେ ଫେରିଲେ ।

ସେହିଘର—ସେହି ଅଳିଆ ଅସନା ମାଟିଘରକୁ ନିପିପୋଛି ସାଉଚକ୍କଣ କଲା ମିନା । କାଉ କା' ନକରୁଣୁ ନିତି ବାସୀ ବିଛଣାରୁ ଉଠି ଘର, ଦୁଆର, ପିଣ୍ଡା, ପାଖରେ ଓଳେଇ ଅଣେ—ମାଟିଗୋବର କନାରେ ଚକଟ କରି ଦୁଇ ପରସ୍ତ ଲିପେ । ମଗୁଶିର ମାସ ଗୁରୁବାର ଭଳି ସବୁଦିନେ ଦୁଆରେ ଝୋଟିଦିଏ—ମୁରୁଜ କାଟେ । ସୂର୍ଯ୍ୟ ଦେବତା ଉଠିଆସିଲା ବେଳକୁ ସତେ କି ହସିଉଠେ ତା' ଘର—ସଫାସୁତୁରା, ନିରମଳ, ନିଚପଡ଼ । ଗୁହାଳରୁ ଗାଈ

ଦୋ'ଟିଙ୍କି ନେଇ ଦାଣ୍ଡରେ ବାନ୍ଧୁ ବାନ୍ଧୁ ବନସ୍ତ କହେ-'ଆହାଲେ ଶ୍ରୀସ୍ବୀଚଣ୍ଡୀଲକ୍ଷ୍ମୀ ଲକ୍ଷ୍ମୀ ତୋତେ ବର ଦେବେ ଲେ, ଧନ ଜନ ଗୋପ ଲକ୍ଷ୍ମୀରେ ପୂର ଉଠିବ ତୋ' ଘର'—ଲଜ୍ଜରା ହୋଇ ମିନ ସେଠୁ ଉଠି ପଳାଏ ।

ଅବଶ୍ୟ ପହିଲେ ପହିଲେ ଭାରି ଅଜଲଆ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ତାହା ଅଭ୍ୟାସରେ ପଡ଼ିଗଲାଣି । ନିଜ ହାତରେ ମିନ ଗୁହାଳ ପୋଛେ - ଗାଈ ଘୋଡ଼ିକର ସେବା କରେ । ଗରିବ ଘରତ । ଜାଲକାଠ ସେମିତି କିଣିବାକୁଆ ନାହିଁ । ଟିକିଏ ହାତକଷ୍ଟ ନକଲେ ତେଣେ ପେଟ କଷ୍ଟ ମରିବ କେମିତି ? ଗୋବର ଚକଟି ମିନ ଖେଳ ଘସି ଛୁଏଁ—ଘାସ ଉପରେ ତମ୍ବୁ ବିଛେଇ ଚେକା ଚେକା ଘସିପାରେ । ବହୁବାର ଆପତ୍ତି କରିଛୁ ବନସ୍ତ, କାନ୍ଧକାଟି ମୁଣ୍ଡ ବାଡ଼େଇଛୁ ଶାଶୁବୁଢ଼ୀ—ମିନ କିନ୍ତୁ କାହାରି କଥା ଶୁଣିନାହିଁ । ହସି ହସି ଉତ୍ତର ଦେଇଛୁ—ନିଜକାମ ନିଜେ କଲେ ଲାଜ କ'ଣ ? ବାପୁଜୀ ପରା ଏଇକଥା କହିଥିଲେ । ଆମେ ଖାଲି ତାଙ୍କ ଆଦର୍ଶ କହିଦେବା ଅଥଚ କାମରେ କରିବା ନାହିଁ— ଏକେମିତିକା କଥା ? ଆଉ ତା'ଛଡ଼ା, ମୁଁ ଥାଉଁ ଥାଉଁ ମୋର ମା' ସମାନ ଷାଠିଏ ବରଷର ଶାଶୁ ବୁଢ଼ୀ ଏକାମ କଲେ କ'ଣ ସୁନ୍ଦର ଦିଶିବ ? ବନସ୍ତ ଚୁପ୍ ରହିଛି ।

ଧାନଉପୁଆଁ ସେ ଜାଣି ନଥିଲା । ଏହା ମଧ୍ୟରେ ଶାଶୁଠାରୁ ସେ ଉଷା, ଶୁଖା ବାମତକ ଶିଖିଗଲାଣି । ଆଉ ହାଣ୍ଡିଧୋଇବା, ପାଣିଆଣିବା, ବାସନ ମାଜିବା ବା ଉଛାଳଟା କରିବା—ଏଗୁଡ଼ାକ ନିତିଦିନିଆ ଘରଘସିବା କାମ । ଚକ୍ରର ପରି ବୁଲିଯାଇଁ ଘଣ୍ଟାକ ଭିତରେ ସେ ସବୁ କାମ ଶେଷ କରିଦିଏ । ଗାଈଗୋରୁଙ୍କ ହିପାଜତ ନବା ତା'ର ଗୋଟିଏ ବଡ଼କାମ । ନିଜ ହାତରେ ଦ'ଓଳି ତାଙ୍କୁ ପାଣି, ତୋରଣି କୁଣ୍ଡା, କୁଟ୍ଟିତ ଖୁଆଏ — ବଧି ମୁତାବକ ତାଙ୍କ ଆଗରେ ନଡ଼ାକୁଟା ପକାଏ । 'ଗଉଡୁଣୀଟା' ବୋଲି ବନସ୍ତ କେବେ ଥଟ୍ଟା କରିଦେଲେ ସେ ହସି ହସି କହେ—'ଗୋ-ଜାତିର ଉନ୍ନତିରେ ସିନା ଭାରତର ଉନ୍ନତି । ବାବୁଗିରି କରି ଆପେ ଯେତ ଗାଈଗୋରୁଙ୍କ ତଦ୍ବି ନନବା, ସେମାନଙ୍କୁ ଯଥ ବ୍ବସ୍ଥ ନଦେଇ, ଦାନା ନଦେଇ ଧଡ଼ିଆ ଧେଡ଼େଙ୍ଗା କରି ରଖିବା, ତା' ହେଲେ ଆମ ପିଲାଏ ଦୁଧ ପାଇବେ କୋଉଠୁ ? ଆମ ଜାତି ହୃଷ୍ଟପୁଷ୍ଟ,

ବଳବାନ୍ ହେବ କେମିତି ପ୍ରାଚୀନ ଭାରତରେ ପରା ଏଇଥିପାଇଁ ରାଜା ମହାରାଜାମାନେ ସୁଦ୍ଧା ନିଜ ହାତରେ ଗୋ-ସେବା କରୁଥିଲେ ।' 'ମିନି ହସେ । ବିନୟ ମୁହଁରେ ବି ଝଳପଡ଼େ ହସ ।'

ଏମିତି ସିନ୍ଦୁର ଫାଟିବା ଠାରୁ ରାତି ଦୁ'ଘଡ଼ି ଯାଏ ଲୋଟଣୀ ପାରାପରି ସେ ଲାଗିଥାଏ । ଛୋଟବଡ଼, ଟିକିନିଖି ସବୁକାମ ସେ ଆପଣା ହାତରେ କରେ । କୁଟା ଖଣ୍ଡିକ ବି ଦୁ'ଖଣ୍ଡ କରେଇ ଦିଏ ନାହିଁ ବୁଢ଼ୀକି । ପରିବା ଦୁ'ଟା କାଟି ବସିଲେ ବା ମସଲା ଦୁଇଟା ବାଟି ବସିଲେ ଧାଇଁଆସି ସେ ବୁଢ଼ୀ ହାତରୁ ଛଡ଼େଇ ନିଏ—'କାହିଁକି, କେ'ଣ କା'ମକୁ ଘରେ ? ମୁଁ କ'ଣ ମଣିଷ ଦୁ'ଜଣଙ୍କ ପାଇଁ ରୋଷେଇ ଦୁ'ଟା କରିପାରିବି ନାହିଁ ଯେ ତମେ ବୁଢ଼ୀହେଲେ ଏ ନିଆଁ ପାଖରେ ପଶି ସନ୍ତୁଳି ହେବ ? ଦୁଃଖ କରି କରି ତ ତମ ଅଣ୍ଟା ଭାଙ୍ଗିଛି ବୋଉ, ଆଉ କରିବାକୁ କ'ଣ ବଳବଅସ ଅଛି । ତମେ ଏଣିକି ଟିକିଏ ବସ । ତମର ଏ ହୁଣ୍ଡିଝିଅ ଥିବାଯାକେ ତମକୁ ଆଉ କିଛୁ କରିବାକୁ ହେବନାହିଁ ।' ସତକୁସତ ଦାନ୍ତକାଠି ଠଉ ଲୁଣକାଠୁଆ ଯାଏ ଗୋଟି ଗୋଟି କରି ସବୁ ସେ ଯୋଗେଇ ଦିଏ ବୁଢ଼ି ଗୋଡ଼ତଳକୁ । ସାଙ୍ଗରେ ବସେଇ ଆଗ ବୁଢ଼ୀ ପାଟିରେ ଦୁ'ଗୁଣ୍ଡା ନଖୋଇଲେ ତା ପେଟକୁ ଭାତଯାଏ ନାହିଁ । କେଜାଣି କାହିଁକି, ଆପଣା ମା'ଠଉ ବି ସେ ବେଶୀ ଭଲପାଏ ବୁଢ଼ୀକି । ଯେତେ ରାତି ହଉପଛକେ, ସବୁ କାମଧନ୍ଦା ସାରି ଶୋଇବା ଆଗରୁ ତା' ଗୋଡ଼ରେ ତେଲ ମାରିଦିଏ—ଚିକଣ କରି ଦୁ'ମୁଠା ମୋଡ଼ିମାଡ଼ି ଦିଏ । ବୁଢ଼ୀ ଆଖିରେ ଜକେଇ ଆସେ ଲୁହ । ମଥାଟି ତା'ର ଆଉଁସି ଦେଇ କହେ—'ସତେ ଲୋ ମା ! ତୁ ମୋର ଆର ଜନ୍ମରେ ଝିଅ ଥିଲୁ—ଏ ଜନମରେ ବୋହୂ ହୋଇଛୁ ତୋ ଋଣ ମୁଁ ଲକ୍ଷେ ଜନମରେ ସୁଝି ପାରିବି ନାହିଁ ।' ବୁଢ଼ି ପାଟିରେ ହାତ ଦିଏ ମିନି—'ଛି ବୋଉ । କଣ କହୁଛ । ଶାଶୁର ପାଦସେବା କରିବା ଯେ ବୋହୂର କର୍ତ୍ତବ୍ୟ । ମୁଁ ତ ଅଧିକା କିଛୁ କରୁନାହିଁ ।'

ଆରଘରେ ସବୁ ଶୁଣେ ବିନୟ । ସେଦିନ ରାତିରେ ବହୁତ ବେଳଯାଏ ଯୁକ୍ତିତର୍କ ହୁଏ ସ୍ୱାମୀ ସ୍ତ୍ରୀଙ୍କ ଭିତରେ । ବିନୟ କହେ—'କିଏ କାହାକୁ ବ୍ୟକ୍ତି-

ଗଡ଼ ସ୍ୱବଳେ ଭଲପାଇଲ, ସେ ଅଲଗା କଥା । କିନ୍ତୁ ଶାଶୁର ପାଦସେବା କରିବା ଯେ ବୋହୂର କର୍ତ୍ତବ୍ୟ—ଏକଥା କହୁଛ କାହିଁକି ?' ଗର୍ଜି ଉଠେ ମିନ—'ଶାଶୁ-ଘରେ ଯଦି ବୋହୂର କିଛି କାମ ଥାଏ, ତେବେ ସେ ହେଉଛି କେବଳ ଶାଶୁ ଶ୍ୱଶୁରଙ୍କ ପାଦସେବା । ପ୍ରତ୍ୟେକ ବୋହୂର ଏହା ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଜାଣ ତମେ, ବାପାମା' କେତେ କଷ୍ଟ ସହି, ଘୂଅମୁତ କାଢ଼ି, ପେଟପିଠିମାରି ପୁଅଟିକି ପାଳିନେଇ ବଢ଼େଇଥାନ୍ତି । କାହିଁକି ? କୋଉ ଆଶାରେ ? ଭବିଷ୍ୟତରେ ସୁଖଭୋଗ କରିବେ ବୋଲି ତ ବୁଢ଼ାଦିନେ, ପଡ଼ନ୍ତି-କାଳରେ ଘରେ ବସି ଶେଷ ସମୟ ଟିକକ ସୁଖରେ କଟେଇବେ ବୋଲି ତ ? ପୁଅ ସିନା ଧନ ରୋଜଗାର କରି ତାଙ୍କୁ ଖାଇବାକୁ ଦବ, ପିନ୍ଧିବା ଦବ-କିନ୍ତୁ ତାଙ୍କ ଦେହମୁଣ୍ଡକୁ ତ ଦେଖି ପାରିବ ନାହିଁ । ସେ କାମ ସ୍ତ୍ରୀ ଲୋକମାନଙ୍କର ସିନା । ପୁରୁଷ ଲୋକ କରିବ କେମିତି ? ସେଥିପାଇଁ ଘରର ବୋହୂମାନେ ଯଦି ବୁଢ଼ାବୁଢ଼ୀଙ୍କ ସେବା ନକରିବେ, ଦେହ ମୁଣ୍ଡରେ ହାତ ବୁଲେଇ ନଆଣିବେ, ତା' ହେଲେ ଆଉ କରିବ କିଏ ?

ହଁ, ତମେ କହିବ, ବାପମା' ସିନା ଦୁଃଖକଷ୍ଟ ସହି ପୁଅକୁ ପାଳିନାଳି ବଢ଼େଇଥାନ୍ତି, ବୋହୂର ତ କିଛି କରି ନଥାନ୍ତି । ବୋହୂ ତାଙ୍କ ସେବା କରିବ କାହିଁକି ?' କିନ୍ତୁ ଶୁଣ; ବାପମା' ଅବଶ୍ୟ ବୋହୂର କରି ନଥାନ୍ତି କିନ୍ତୁ ଝିଅର କରିଥାନ୍ତି । ସେହି ଝିଅ ଅନ୍ୟଠିକି ବୋହୂ ହୋଇ ଯାଇଁ ତା' ଶାଶୁଶ୍ୱଶୁରଙ୍କ ସେବାକରେ । ଆଉ ଏ ବୋହୂ—ଯାହାକୁ ତା' ବାପମା' ବଢ଼େଇ କୁଢ଼େଇ ଏଡ଼ୁଟିଏ କରିଥାନ୍ତି, ସେ ଆସି ସ୍ୱାମୀଙ୍କର ସେବାକରେ । ତା' ବାମାମା'ଙ୍କର ସେମିତି ଅନ୍ୟ କାହା ଝିଅ ଆସି କରୁଥିବ । ଦୁନିଆରେ ଏମିତି ଛନ୍ଦାଛନ୍ଦି ଲାଗିଛି—ସ୍ୱା ଝିଅ ତା' ବୋହୂ । ତା' ଝିଅ ସ୍ୱା' ବୋହୂ । ସୁତରାଂ ଜଣେ ଏଠାରେ କଲେ, ଆଉ ଜଣେ ସେଠାରେ କରୁଛି । ସେକଥା ଭାବି ଲାଭ କ'ଣ ? ଆଉ ବ ଆମେ ଅବହେଳା କରିଥିଲେ ଆମ ବୋହୂ ଆମର କରିବ, ତା' ବୋହୂ ତା'ର କରିବ । ଏମିତି ତା' ପଛକୁ ତା'ପଛ ଲାଗିଛି ।

ପୁଣି ସ୍ୱା' ଦ୍ୱାରା ଆମ ନିଜର କ'ଣ କମ୍ ଉପକାର ହୁଏ । ଶାଶୁଶ୍ୱଶୁରଙ୍କ ଗୋଡ଼ରେ ହାତ ମାରିଦେଲେ ସେମାନେ ଯୋଉ କଇକଟ କରନ୍ତି, ତା' କ'ଣ

ଆମ ପିଲାଛୁଆଙ୍କ ଉପରେ ପଡ଼େ ନାହିଁ ? ଆମ ସ୍ୱାମୀର, ପୁଅର ମଙ୍ଗଳ ହୁଏ ନାହିଁ ? ଆଜକାଲିକାର କଲେଜ ପଢ଼ୁଆ ଝିଅମାନେ ଏ ନିଗୂଢ଼ ତତ୍ତ୍ୱ କୁଆଡ଼ୁ ବୁଝିବେ । ଖାଲି ନର୍ସ ହୋଇ ଧୋବ ଫରଫର ଲୁଗାପିନ୍ଧି ରୋଗୀ ପାଟିରେ ଔଷଧ ଢ଼ାଳିଲେ କ'ଣ ସେବା ହୁଏ, ଆଉ ଏ ଗାଗହଳରେ ରହି ବୁଢ଼ୀହାଡ଼ି; ଶାଶୂ, ଆଈଶାଶୁଙ୍କର ଗୋଡ଼ ଆଉଁସି ଦେଲେ ସେବା ହୁଏ ନାହିଁ ?

ବନସ୍ତ ନୀରବ ରହେ । ମନେ ମନେ ପ୍ରଶଂସା କରେ ମିନର ବୁଦ୍ଧିକି ।

\+ + + +

କେଉଟୁଣୀ ଯେମିତି ଚୂଲିରେ ହାଣ୍ଡି ବସେଇ ଧାନ ଭରୁଜୁଥାଏ, ଚୂଲିକି ଜାଳ ପେଲି ଦଉଥାଏ, ଛୁଆକୁ ଦୁଧ ଦଉଥାଏ । ପୁଣି ଏଣେ ଗରାଖ ସାଙ୍ଗରେ କଥାବାର୍ତ୍ତା ହଉଥାଏ—ଅଥଚ ତା' ମନଥାଏ ଯାଇଁ ସେହି ଚିଙ୍କି ପାହାର ଉପରେ, ମିନ ଠିକ୍ ସେମିତି ଘରର ଯାବତୀୟ କାମ ସକାଳୁ ସଞ୍ଜଯାଏ କରି ଯାଉଥିଲେ ବି ତା' ମନଥାଏ ଯାଇଁ ବାଣ୍ଡ ଘାଟର ଯୋଗୀଭିକାରୀଙ୍କ ଠେଇଁ ଗଲି ଆସିଲି ଦୁଃଖୀ ନିରାଶ୍ରୀଙ୍କ ଠେଇଁ । କଏ ଉନଭନ, ହେଲି ଖାଇନାହିଁ, ଭୋକରେ ଆଟୁପାଟୁ ହଉଛି; ଧାଇଁଆସି ହାତ ପତେଇ ଦେଲେ ମିନ ତା' ଖାଇବା ପତରରୁ ଭାତ ନେଇ ତା' ଆଗରେ ଅଜାଡ଼ି ଦବ । .....ଭିକାରୁଣୀ-ଟାଏ—ଛୁଆବକଟକୁ କାଖରେ ଯାକି ଜାଡ଼ଶୀତରେ ଥରୁଛି । ଦେହରେ ସାତ-ଚିରା କପଡ଼ା । ମିନ ଆଖିରେ ପଡ଼ିଗଲେ, ସେ ତା'କୁ ଗାଁ ବାଣ୍ଡରୁ ଡାକିଆଣି ବରଲୁଗା ଖଣ୍ଡେ କଢ଼େଇ ଦବ—ଛୁଆପାଇଁ ପାଉଁଶୁଆ ଖଣ୍ଡେ ପକେଇ ଦବ ।... ପଡ଼ୋଶୀ ଘରେ—କାଲିଠୁଁ ଚୂଲି ଜଳିନାହିଁ । ପିଲାଛୁଆଗୁଡ଼ାକ ଭୋକ ଉପାସରେ ତଇଁଳିବଇଁଳି ହଉଛନ୍ତି । ନାଁ ମେତ ଶୁଣିଲେ ସେ ସାଙ୍ଗେ ସାଙ୍ଗେ ଶାଶୁକୁ ଲୁଚେଇ ଚାଉଳ ଦ'ମାଣ ନେଇ ଆସିବ—ଶାଗମୂଗ ଦିଟା ପଠେଇ ଦେବ । ହୋମିଓପ୍ୟାଥିକ ଜାଣେ ସେ । ଆସିବା ଦିନୁ ପ୍ରାକ୍‌ଟିସ ଆରମ୍ଭ କରିଛି । କାହାକୁ ଜର, କାହାକୁ ଝାଡ଼ା, କାହାକୁ ସର୍ଦ୍ଦି, କାହାକୁ ପେଟମରା—ଗାଁର ଧନପହରେ ଯିଏ ଆସି ପହରନ୍ତେ, ସଭିଙ୍କି ସେ ଔଷଧ ଦଏ—ସଭିଙ୍କ ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ଭଲ କରେ । ଯାହାର ଧନ ଥାଏ, ସେ ପଇସା ଦିଅଣା ପକେଇ ଦଏ ।

ଯା'ର ନଥାଏ, ସେ ସେମିତି ଔଷଧ ନେଇ ଫେରେ । ସାନବଡ଼, ଗରିବ ଡାଲବର—କାହାରି ପ୍ରତି ପାତର ଅନ୍ତର ନାହିଁ, କାହାରି ପ୍ରତି ଭେଦଭାବ ନାହିଁ ।

ଆଜିକାଲି ଝିଅମାନେ ଅପର ପ୍ରାଇମେରୀ ଖଣ୍ଡିକ ପାଶ୍ କରିଥିଲେ ମନମୋଟରେ ସଢ଼ି ଯାଉଛନ୍ତି—ଗାଁ ଅପାଠେଇ, ଅଧା ପାଠେଇ ଝିଅମାନଙ୍କୁ ଖାତିରି ପାଖରେ ଆଣୁ ନାହାନ୍ତି । କିନ୍ତୁ ଆଶ୍ଚର୍ଯ୍ୟ କଥା, ସେକେଣ୍ଡ ଡ଼ିଭିଜନରେ ମ୍ୟାଟ୍ରିକୁଲେସନ ପାଶ କରି ବି ମିନା ମନରେ ଏତେ ଟିକିଏ ଗର୍ବ ନାହିଁ, ଗାଁର ଓଢ଼ଣାଦିଆ, ଗୁଣାବସଣୀ ପିନ୍ଧା ଝିଅମାନଙ୍କୁ ସୁଦ୍ଧା ଆଦରରେ କୋଳ କରୁଛି —ତାଙ୍କ ସାଙ୍ଗରେ ଥଟ୍ଟାଟାପରା କରଉଛି—ପୋଖରୀ କୂଳରେ ତାର ମଇଳା ଲୁଗା ନେଇ ସାବୁନରେ ନିଜେ କାଚକୁଟି ସଫା କରି ଦଉଛି । ହସି ହସି କହୁଛି—'ତୁମେ ବଉଳ ! ଏତେ କରି କହିଲି ମାନିଲୁ ନାହିଁ । ମଇଳା ଲୁଗା ପିନ୍ଧିଲେ ପରା ରୋଗ ହୁଏ । ଭଗବାନ ତ ଆମକୁ ଜାଣିକରି ଗରିବ କରିଛନ୍ତି । କିନ୍ତୁ ତା' ବୋଲି ସେଇ ଲୁଗାଖଣ୍ଡିକୁ ସଫାସୁତୁରା କରି ପିନ୍ଧିବା ନାହିଁ କାହିଁକି ? ପଇସାଟିକର ଖାରସୋଢ଼ା ବା ଟିକିଏ ଦହିମିହନ୍ତିକୁ ଡରିଲେ ଯେତେବେଳେ କାଛୁକୁଣ୍ଡିଆରେ ପଡ଼ିଯିବା, ସେତେବେଳେ କେତେ ପଇସା ଖର୍ଚ୍ଚ ହେବ, କେତେ ଦହଗଞ୍ଜ ହେବା ଭାବିଲୁ ।

ଏଇ ଦିନ କେଇଟା ଭିତରେ ଗାଁର ପିଲାଠୁ ବୁଢ଼ାଯାଏ ସଭିଏଁ ଜାଣି ଗଲେଣି ଝିଅଟିକି । ତୁଳସୀ ଦୁ'ପତ୍ରରୁ ବାସେ । ସଭିଙ୍କ ମୁହଁରେ ଅକାଳ ଫୁଟି ଉଠିଲାଣି ମିନାର ପ୍ରଶଂସା । ଯୋଉ ପୁରୁଖା ପୁରୁଷ ମାଇପେ ଆଗେ ଯେଉଁଦିନ କଙ୍ଗାଳୁଣୀ, ଖିରସ୍ତାନୀ କହି ତା'କୁ ବାର କରିଥିଲେ, ସେମାନେ ଝାଉଁଳି ପଡ଼ିଲେଣି ଲାଜରେ । ସମସ୍ତଙ୍କ ମୁହଁରେ ସେଇ ଗୋଟିଏ କଥା—ଛୁଆ ଦିକଟିକ ଠେଇଁ ପୁଣି ଏତେ ଗୁଣ ଅଛି ?

ଆନନ୍ଦରେ କି ଦୁଃଖରେ ବୁଢ଼ୀ କେଲେ କେଲେ ଅସରାଏ ଲୁହ ଢାଳି ଦଉଛି—'ତୋ ବାପ ହେଲେ ଆଖିନ୍ତାରେ ବନ, ଏତେ ଦୁଃଖ କରିଥିଲା—ପୁଅ ବୋହୂଙ୍କର କିଛି ସୁଖ ଦେଖି ପାରିଲା ନାହିଁ ।

ବିନୟ ଭାବେ ପଛକଥା—ବାପାଙ୍କ କଥା । ଆଖିରେ ଲୁହ ଛଳ ଛଳ ହୁଏ । ଗ୍ଭଡ଼ାରୁ କୋହ ଉଠେ । କାମଗ୍ଭଡ଼ି ମିନ ଧାଇଁଆସେ ପାଖକୁ—"ଛି କାନ୍ଦୁଛ, ଯେ ଯାଏ ସେ କ'ଣ ଫେରେ ? ଆଉ ତମ ବାପା—ମଣିଷ ନୁହନ୍ତି ସେ ଦେବତା । ତା' ନହେଲେ ଏତେ ଭୋକ ଉପାସରେ ନିଜକୁ ଶୁଖେଇ ଶୁଖେଇ, ଜୀବନକୁ ପଲେ ପଲେ ଜାଳିପୋଡ଼ି ତମକୁ ମଣିଷ କରିଥାନ୍ତେ ? ବୋଉ କାନ୍ଦୁଛ 'ସେ ସୁଖ ଦେଖି ପାରିଲେ ନାହିଁ ।' କିନ୍ତୁ ଏଭଳି ମହତ୍ ଆତ୍ମା କ'ଣ ଜୀଇ ଥାଉଁ ଥାଉଁ ସୁଖଭୋଗ କରେ ? ଗୋପବନ୍ଧୁ, ମଧୁସୂଦନ, ସୁଭାଷଚନ୍ଦ୍ର ଏଭଳିକି ସ୍ୱୟଂ ଗାନ୍ଧିଜୀ ମଧ୍ୟ ଜୀଇ ଥାଉଁ ଥାଉଁ ତାଙ୍କ ଅଭିଳଷିତ ଆଶା ଆକାଙ୍କ୍ଷା ପୂରଣ ହେବାର ଦେଖି ନାହାନ୍ତି—ସୁଖ ଉପଭୋଗତ ଦୂରର କଥା । ସେମାନେ ଜଣେ ଜଣେ ଜୀବନ ଦେଇ ଗଣଙ୍କ ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟ ଆଣି ଦେଇଛନ୍ତି । ଆମ୍ବଟାକୁଆ ନିଜେ ପଚିସଡ଼ି ଅସ୍ତିତ୍ୱ ହରାଇଲେ ଯାଇଁ ଲକ୍ଷ ଲକ୍ଷ ଆମ୍ବର ଉତ୍ପତ୍ତି ହୁଏ । ଇଟା କେଇଖଣ୍ଡ ଆଗ ମାଟିତଳେ ପୋତା ହେଲେ ଯାଇଁ ତା' ଉପରେ ସୁନ୍ଦର ରାଜପ୍ରାସାଦ ତିଆରି ହୁଏ ।

ବାପା ତମର ଠିକ୍ ଏହି ମହାପୁରୁଷଙ୍କ ଭଳି । ତାଙ୍କର ନିଷ୍ଠା, ତାଙ୍କର ତ୍ୟାଗ, ତାଙ୍କର ଆତ୍ମବଳି ଉପରେ ଆଜି ଠିଆ ହୋଇଛ ତମେ । ଜୀବନ ଦେଇ ସେ ତମକୁ ମଣିଷ କରି ଦେଇ ଯାଇଛନ୍ତି । ତାଙ୍କ ଋଣ ତମେ କାଳିଗ୍ଭଏ ସୁଝି ପାରିବ ନାହିଁ । ହେଲେ ତମେ ଯଦି ତାଙ୍କରି ଭଳି ଏ ଗାଁ ଗହଳର ଅନ୍ଧ, ଅଶିକ୍ଷିତ, ମୂକ ଜନତା ପାଇଁ ଜୀବନ ଦେଇପାର ଏବଂ ସେ ଯେମିତି ତମକୁ ଗୋଟିଏ ଗଢ଼ି ଦେଇଗଲେ ତମେ ଯଦି ସେମିତି ଏ ଗାଁରେ ଆଉ ପାଞ୍ଚୋଟିଙ୍କି ଗଢ଼ି ଦେଇପାର—ତେବେ ସେ ଖୁସି ହେବେ—ସରଗରେ ଥାଇଁ ପ୍ରାଣରେ ଶାନ୍ତି, ସନ୍ତୋଷ ଲାଭ କରିବେ ଏବଂ ସେଇ ହେବ ତାଙ୍କର ଚରମ ପୂଜା—ପରମ ସେବା ।

ବିନୟ ମୁଣ୍ଡଟେକି ଅନାଏ ମିନିଆଡ଼େ । ଗୋଟି ଗୋଟି ହୋଇ ମନେ ପଡ଼ିଯାଏ ବାପାଙ୍କ କଥା । ଗ୍ଭତି ଥରି ଉଠେ । ପେଟ ଭିତରୁ ଉଠିଆସେ ହାବୁକା

ଉପରେ ହାବୁକା । ମିନ କୋଳରେ ମଥା ରଖି ସେ ଭେ ଭେ କାନ୍ଦେ । ସାନ୍ତ୍ୱନା ଦଉଁ ଦଉଁ ମିନ ଆଖିରୁ ବ ଝରିଆସେ ଲୁହ । ଅନେକ ବୁଝେଇ ବୁଝେଇ ବହୁକଷ୍ଟରେ ସେ ତାକୁ ଶୁନ କରେ ।

ବାପାଙ୍କ ଉଦ୍ଦେଶ୍ୟରେ ସ୍ୱାମୀ ସ୍ତ୍ରୀ ଦୁହେଁ ଉଠି ଭୂଇଁରେ ମଥା ଲଗାଇ ପ୍ରଣାମ କରନ୍ତି ।

## — ଏଗାର —

ନିଜେ ପୋତିଥିବା ଗଛଟିକୁ ମଣିଷ ଦେଖିଥାଏ, ସେ ଗଛରେ ଫୁଲ ଫୁଟି ଗୁଣଆଡ଼ ମହକାଇ ଦେଲେ ମନରେ ଯେମିତି ଆନନ୍ଦର ଢେଉ ଉଠେ, ଲୋକ ମୁହଁରେ ମିନର ପ୍ରଶଂସା ଶୁଣି ବିନୟ ମନରେ ସେମିତି ହସ ଆନନ୍ଦ ଉଚ୍ଛୁଳି ଉଠିଲା । ସାଙ୍ଗସାଥୀ, ବନ୍ଧୁବାନ୍ଧବ, ପଡ଼ା ପଡ଼ୋଶୀ, ଘରବାହାର—ସବୁଆଡ଼େ, ସବୁରି ମୁହଁରେ ଖାଲି ମିନର ପ୍ରଶଂସା, ମିନର ଧନ୍ୟ ଧନ୍ୟ ପଦ । ଆନନ୍ଦରେ ଆତ୍ମହରା ହୋଇ ପଡ଼ିଲା ବିନୟ । ନିଜକୁ ବଡ଼ ଭାଗ୍ୟବାନ ମଣିଲା ସେ ।

ଅନୁସ୍ୱାର ଆସିଥିଲା ଛୁଟିରେ । ସେ କିନ୍ତୁ କାହିଁକି ଏସବୁ ଦେଖି ଖୁସି ହୋଇ ପାରିଲା ନାହିଁ । ପନ୍ଦରଦିନ କାଳ ଝିଟା ପଟା କଜିଆ ଲଗେଇଲା ଦାଦାଙ୍କ ସାଥିରେ ।—"କାହିଁକି, ଗରିବ ହେଲୁ ବୋଲି କ'ଣ ଆମର ମାନମହତ ନାହିଁ ? ସୁଖ ଆନନ୍ଦରେ ଦିନ କେଇଟି କଟେଇ ଦବାର ଅଧିକାର ନାହିଁ ? କାଲି ସକାଳର ଗଉଣିଆ ମିନ—ଦେହରେ କାଉଁଚକାଣ୍ଡ ବାଜି ନଥିଲା । ଭାତ ଖାଇ ହାତଧୋଇ ଜାଣି ନଥିଲା । ସେ ଆଜି ଆମଘରେ ଆସି ଗୁହାଳ ପୋଛିବ, ଦେହରୁ ମୁଣ୍ଡରୁ ଗହଣା କାଢ଼ି ସାତ ଇତର ଲୋକଙ୍କ ଭଳି ଅଭେକ ହେଇ ବସିବ— ଭାରି ମନଉଛୁ ତମକୁ ଏକଥା ।"

ବିନୟ କିଛି କହିବା ପୂର୍ବରୁ ହସି ହସି ମିନ ଉତ୍ତର ଦେଲା—"ସତରେ, ଅନୁବାବୁ ! ଖୁବ ଅସୁନ୍ଦର କଥା । ସୁଟ୍, ହାଓ୍ୱାଇନ୍ ପିନ୍ଧା ଡାକ୍ତର ତମେ । ଏ ଅପନା ବେଶ ନମର କେବେ ପସନ୍ଦ ହେବନାହିଁ । ହଉ, ଯଦି ଯାଣ ବାହାସାହା ହୁଅ କି ତମ ମେମସାହେବଙ୍କୁ ଯେମିତି ସଜେଇ ଦେବ । ଗୋଡ଼ରେ ରେଶମୀ ସ୍ଲିପର, ଦେହରେ ଗ୍ଲିଲକ୍ ବ୍ଲାଉଜ ଉପରେ ଜରକେଟ ଶାଢ଼ୀ, ହାତରେ ଲଷ୍ଟଓ୍ୱାଚ୍, ଆଖିରେ ଗୋଲ୍ଡଫ୍ରେମ ଚଷମା, କାନରେ ଅପ୍‌ଟୁଡେଟ୍ ଡିଜାଇନର ହଲଏ ଇୟରିଂ—ଅବିକଳ ଆଜିକାଲିକା କଲେଜ ପଢୁଆ ଝିଅଙ୍କ ଭଳି ନୂଆ ଫେସନ, ନୂଆ ଷ୍ଟାଇଲ । ଭ୍ୟାନିଟି ବ୍ୟାଗଟି ହାତରେ ଧରି ସେ ହସି ହସି ତମ ସାଙ୍ଗରେ ବୁଲି ଯାଉଥିବେ । ତମେ ଷ୍ଟେଥିସ୍କୋପ୍ ହଲେଇ ହଲେଇ ତାଙ୍କ ପଛରେ ଚାଲିଥିବ । ଖୁବ ସୁନ୍ଦର ଦିଶିବ—ଖୁବ ମନେଇବ ସେ ଦୃଶ୍ୟ ।"

ଯେତେ ରାଗିଥିଲେ ବି ହସ ବାହାରି ପଡ଼ିଲା ଆନୁସ୍ୱାର ମୁହଁରୁ—"ନାଇଁ ଭାଉଜ ! ଖିଆପିରେ ମୁଁ କହୁନାହିଁ । ତମେ ଜକେ ଆଇନା ଆଗରେ ଠିଆହୋଇ ଦେଖିଲ—ଏ ଦିନ କେଇଟାରେ ତମ ଚେହେରା କ'ଣ ହେଲଣି—ସେ ଗୋରା ତକ ତକ ସୁନା ଦେହଟା କେମିତି ଶୁଖି କଳାକାଠ ପଡ଼ିଗଲାଣି ।"

ମିନ ହସିଲା—"କହିଲ ପରା, ଟାଉନର ବାବୁ ବାବୁଆଣୀ, ସାହେବ ମେମ୍‌ଙ୍କୁ ଏ ସୁଟ୍, ନେକଟାଇ, ଶାଢ଼ୀଗହଣା ସାଜେ ସିନା, ଆମ ଏ କାହୁଅ ଘର ଘର ମାଟି ଗାଁର ମୂଲିଆ, ମୂଲିଆଣୀଙ୍କି ସେ ବେଶ ସାଜିବ ନାହିଁ । ଯୋଉଁମାନେ ସାତମହଲା କୋଠାଘରେ ବସି ଆରାମଚେୟାରରେ ଶୋଇ ଶୋଇ ତକିଆ ଖୋଳ ଉପରେ ନାଲି ନେଳୀ ସୂତାରେ ଫୁଲ ଅଙ୍କନ୍ତି, ତାଙ୍କ ହାତକୁ ସରୁ ସରୁ ସୁନାକାଚ ମନେଇବ ସିନା, ଗାଁରେ ଯେଉଁମାନେ ହଳ ବାହାନ୍ତି, ମାଟି ଖୋଳନ୍ତି, ବାସନ ମାଜନ୍ତି, ଗୁହାଳ ପୋଛନ୍ତି—ସେମାନଙ୍କ ହାତକୁ ତା' ସାଜିବ କୁଆଡ଼ୁ ? ବରଂ ତା' ଦିନକୁ ଦିନ ଘୋରି ହୋଇଯିବ—ଟକ୍ ଟକ୍ ନ ମାରି ଦିନକୁଦିନ ଫିକା ପଡ଼ିଆସିବ ।"

ପ୍ରତିବାଦ କଲା ଅନୁସ୍ୱାର "ନା, ତା' କେବେ ହୋଇପାରିବ ନାହିଁ । ସୁକଶ ନାହିଁ ବୋଲି ବିନୟ ଭାଇ ଏମିତି ଦୀନ ଦୁଃଖୀଙ୍କ ଭଳି ଚଳିବ—ତା'

କେବେ ମୁଁ ଦେଖି ପାରିବି ନାହିଁ । କରଜ କରି ମୁଁ ଟଙ୍କା ଆଣିଦେବି । ତମେ ଭଲରେ ଚଲ – ଖାଇପିଇ ସୁଖଅସୁସ କର । ଡାକ୍ତରି କରି ମୁଁ ସେ ଟଙ୍କା ସୁଝିବି । ବିନୟ ଭାଇକୁ ସେଥିପାଇଁ ଭାବିବାକୁ ହେବନାହିଁ ।"

ବିନୟ ଆଖି ଛଳ ଛଳ ହୋଇଆସିଲା । ଆଗରୁ ପଢ଼ି ମିଳ ଉତ୍ତର ଦେଲା—"ବାଇଆ ହେଲ କି ଅନୁବାବୁ । ଗୁଡ଼ାକଟା ନାହିଁ ବୋଲି କ'ଣ ଆମେ ଏମିତି ଚଳୁଛୁ ? ବାଲେଶ୍ୱରରେ ତ ତମେ ଆମଘର ଦେଖିଛ । ଏତେ ଧନରତ୍ନ, କୋଠାବାଡ଼ି; ପୁଣି ବାପ ମା'ଙ୍କର ମୁଁ ଗୋଟିଏ ବୋଲି ଝିଅ । ଶାଢ଼ୀ ଗହଣା ତ ସାମାନ୍ୟ କଥା, ଇଚ୍ଛାକଲେ ସୁନାରୁପା ଆଣି ମୁଁ ବିଛେଇ ଶୁଅନ୍ତି । କିନ୍ତୁ କ'ଣ ମିଳିବ ସେଥିରୁ ? କ'ଣ ଲାଭ ଅଛି ଏ ସୁଖ ଐଶ୍ୱର୍ଯ୍ୟ, ଭୋଗ ବିଳାସରେ ?

ଦେଶର ଅବସ୍ଥା ତମେ ଜାଣ ? ଜାଣିଛ ତମେ, କେମିତି ଅଛନ୍ତି ଆଜି ଦେଶର ଶତକଡ଼ା ନବେ ଭାଗ ଲୋକ ? କିଏ ବର୍ଷରେ ଛ'ମାସ ଖାଇବାକୁ ପାଏନା ତ କିଏ ଲୁଗା ଖଣ୍ଡିକୁ ଧୋଇ ଶୁଖେଇ ଦି'ବରଷ ପିନ୍ଧେ । କୋଉଠି ଔଷଧ ଟିକିଏ ନ ପାଇ, ପଥ୍ୟ ଟିକିଏ ନପାଇ ଗଜା ଗଜା ଭେଣ୍ଡା ଟୋକା ଦିନ ଦି'ପହରେ ଟଳି ପଡ଼ନ୍ତି ତ କୋଉଠି ହଇଜା, ବସନ୍ତ ଆସିଗଲେ ଗ୍ରାମ ଗ୍ରାମ ଗାଁଟାଯାକରୁ ଫାଲେ ପଦା ହୋଇଯାଏ । ମେଲେରିଆରେ ତ ଫିବର୍ଷ ପିଲା, ବୁଢ଼ା, ମାଇପେ, ମିଣିପେ ପଟାଳି ଭଳି ମରି ଶୁଅନ୍ତି । ଯୋଉ ଗାଁ ଭିତରକୁ ପଶିଯିବ—ସେଠି ଦେଖିବ ମାଲମାଲ ମୂର୍ଖ । ଯୋଉ ଗୋଟିଏ ଦୋ ଟି ପାଠଶାଠ ଟିକିଏ ପଢ଼ିଛନ୍ତି ସେମାନେ ବାବୁ ହୋଇ ଯାଉଁ ସହରରେ । ଗାଁରେ ସବୁଲୋକେ ଅଳିଆ ଜୋତରା, ମଳମୁଣ୍ଡିଆ, ରୋଗ ବଇରାଗରେ ସଢ଼ୁଛନ୍ତି । କା'ର ସେଆ ମୁହଁଡ଼ କା'ର ପିଳେଇ ପେଟ, କିଏ କାହୁ କୁଣ୍ଡିଆରେ ମିଳେଇ ଯାଉଛି ତ କିଏ ପାଳଜର, ଏକୋଇ ଜର, ବାତଜର ଭୋଗି ଭୋଗି କଣ୍ଢା ହେଲଣି । ରୋଗରେ କଲବଲ ହୋଇ ଦିନ ଦି'ପହରେ ଜୀବ ଛାଡ଼ିଗଲେ ବି ଔଷଧ ବୁନ୍ଦାଏ ଦେବାକୁ କେହି ନାହିଁ । ସେଥିରେ ପୁଣି ଟାଉଟରିଆ, ମାମଲତକାରିଆଙ୍କ ଜୁଲମ କମ୍ ନୁହେଁ । ବେଲଉଣ୍ଡି ଲୋକମାନଙ୍କର ସରଳତାର ସୁଯୋଗ ନେଇ ସାଣ୍ଡି ଖଣ୍ଡି, ଗରିବଗୁରୁବାଙ୍କ ତଣ୍ଟି

ଝିଁ ଶୁଣୁଛନ୍ତି—ଖାଇ ଖାଇ ଭିତରେ କଳି ନଗେଇ ବର୍ଷକୁବର୍ଷ କେତେ ଖାନ୍‌ଦାନ୍ ଘର ତଳିତଳାନ୍ତ କରୁଛନ୍ତି । ଦେଣା କରଜରେ ପୁଣି ବୁଡ଼ିଛନ୍ତି ଅଧେ ଲୋକ । ଜମିଦାର, ମହାଜନର ଦାଉ ସମ୍ଭାଳି ନ ପାରି କରଜ ସୁଝିବାକୁ ଗାଁ ଗଣ୍ଡାକୁ କେତେ ଭେଣ୍ଡା ଟୋକା ଚାଲିଯାଉଛନ୍ତି କଲିକତା, ଜାଲିମାଟି । ଗାଁ ବିଲ ଏଣେ ପଡ଼ିଆ ପଡ଼ୁଛି । ଜୁଆନ ମରଦ ତେଣେ ଯାଇଁ କୁଲିଗିରି କରୁଛି । ହାଡ଼ଭଙ୍ଗା ପରିଶ୍ରମ କରି ଅଧା ବଅସରେ ବୁଢ଼ା ହଉଛି, ଆଉ ଶେଷକୁ ଗନେରିଆ, ସିଫଲିସ୍ ଭଳି କଦର୍ଯ୍ୟ ରୋଗଗୁଡ଼ାଏ ଘେନି ଫେରି ଆସୁଛି ଗାଁକୁ—ବିଛେଇ ଦଉଛି ରୋଗର ଜୀବାଣୁ ଗାଁ ସାରା ।

ତମେ ମୋତେ ଗହଣା ପିନ୍ଧିବା କଥା କହୁଛ । କିନ୍ତୁ ମୋ ସାଙ୍ଗରେ ଆସ, ପାଣି ସାହିରେ ଦେଖେଇ ଦେବି ମକୁନ୍ଦା ପାଣି ବୋହୂକୁ । ଲକ୍ଷ୍ମୀ ପ୍ରତିମା ପରି ଚେହେରା—ଆଉଟା ସୁନାଭଳି ଦାଉ ଦାଉ ଜଳୁଛି ରୂପ । ହେଲେ ଏମିତି ଦୁଃଖଘର ଯେ ରସଖଡ଼ୁ ଦି'ପଟ ବି ହାତକୁ ନାହିଁ ତା'ର । ପୁରୁଣା ଲୁଗାର ଧଡ଼ି ଛିଣ୍ଡେଇ ହାତରେ ଗୁଡ଼େଇଛି ।—ତା' ଘରକୁ ଲାଗି ସନିଆ ମା' ଘର । ସାନଆଟିକି ଆଠବର୍ଷ । ହରି ମହାନ୍ତିଙ୍କର ଗାଈ ଜଗେ । ଘରେ ୫୨ ବର୍ଷର ବୁଢ଼ୀ । ଆଖିକି ଦିଶେ ନାହିଁ । ମାସକେ ପୁଣି ତାକୁ ପନ୍ଦର ଦିନ ବାତଜର । ମଲାଗଲା ପରି ପଡ଼େ । ଏଠୁ ସେଠିକି ଯିବାର ଯୁ' ନାହିଁ । ପେଜ ପାଣି କରି ମହାନ୍ତି ଘରୁ ଯାହା ସନିଆ ଆଣେ, ତା' ତା ପେଟକୁ ନିଅଣ୍ଟ । ବୁଢ଼ୀକି ଦବ କ'ଣ ? ଠକ୍ ଠକ୍ ଉପାସରେ ପଡ଼ିରହେ ବୁଢ଼ୀ । ବାଣ ଗାଡ଼ିଆର ଅଞ୍ଜୁଳା ଅଞ୍ଜୁଳା ପାଣିରେ ଜୀବନ ରହୁଛି ତା'ର—ମଣିଆ କଣ୍ଡରି ଝିଅ ଶୁଲୀ । ଚଉଦ ପୂରି ପନ୍ଦର ପଶିଲାଣି । ହେଲେ ଦରିଲୁଗା ଖଣ୍ଡେ ଆଜଯାଏ ତା' ଜୀବନରେ ପିନ୍ଧିଲା ନାହିଁ । ଭାଇ ଭଉଣୀ କରି ପାଞ୍ଚୋଟି । ଶୁଲୀ ବଡ଼ । ରାତି ପାହିଲେ ବାପ ମା' ବାହେଁ କାମକୁ ଯା'ନ୍ତି । ଛୁଆଗୁଡ଼ିଙ୍କର ଜଗାମାନ ନିଏ ଶୁଲୀ । ପାଣି କାଦୁଅରେ ପଡ଼ି ପଡ଼ି ସଞ୍ଜବେଳକୁ ମୂଲ ପାଁ'ଟେର ଆଣି ଯେତେବେଳେ ବାପ ମା' ଘରକୁ ଫେରନ୍ତି, ସେତେବେଳେ ତାଙ୍କୁ କାଉଳା ବାଉଳା କରି ଘେରିଯାନ୍ତି ଗୁରେଟିଛୁଆ—"ଭାତ ନାହିଁ, ଭୁଜା ନାହିଁ, ଖାଇବୁ କଣ ? ଭେକ—ଭେକ—ଭେକ ।" ମୂଲି ସେଠିକ

କିଛି ନୁହେଁ । ଛୁଆଙ୍କ ଭବିଷ୍ୟରେ ଟୋକ ଦବାକୁ ବି ଅଣ୍ଟେ ନାହିଁ, ଝିଅ ପାଇଁ ନୁଗା ହବ କେମିତି ? ଯାବତ ଚର୍ମ କବଟା ଖଣ୍ଡେ କଉପୁନୀ ମାରେ ସୁଖ—ଘୃତରେ ଯେମିତି ଆଉ ଖଣ୍ଡେ ସାତ ଗଇଁଠା ଦରବା । ଗୃହ ଘଡ଼ିକରେ ଯେଉଦନ ଡାକଲ ଯେ ଘରୁ ବାହାରିଲ ନାହିଁ ନାଜରେ ।

କୁହ ଅନୁବାବୁ ! ଦେଶର ଯେତେବେଳେ ଏମିତିକା ଅବସ୍ଥା, ଦେଶରେ ଯେତେବେଳେ ହଜାର ହଜାର, ଲକ୍ଷ ଲକ୍ଷ ମକୁନ୍ଦା ବୋହୂ, ସନଆ ମା, ମଣିଆ ଝିଅ ଖାଇବାକୁ ନପାଇ ପିନ୍ଧିବାକୁ ନପାଇ ଦୁଃଖ ଦାରିଦ୍ର୍ୟ, ରୋଗ ଉପାସରେ ସଢ଼ୁଛନ୍ତି, ହା-ଅନ୍ନ, ହା-ଅନ୍ନ ଚତ୍କାରରେ ଆକାଶ ଫଟାଉଛନ୍ତି, ସେତେବେଳେ ଆମେ ବାବୁଗିରି କଲେ, ଭଲ ଭଲ ଶାଢ଼ୀ ଗହଣା ପିନ୍ଧି ବଡ଼ଲୋକ ଦେଖାଇ ହେଲେ କ'ଣ ସୁନ୍ଦର ଦିଶିବ ? ଅଇଁଠା ପତରରୁ ଗୁଣ୍ଡି ଖାଇବା ପାଇଁ ଯେତେ-ବେଳେ ମଣିଷ ଆଜି ବାଟବୁଲା କୁକୁର ସାଙ୍ଗରେ କଜିଆ କରୁଛି, ଯେତେବେଳେ ପେଟଦାଉ ସମ୍ଭାଳି ନ ପାରି ପଗ୍ରୁ ନର୍ଦ୍ଦମାର ପୋକ ମାଛି ଆଡ଼େଇ ଦେଇ ଭାସି ଯାଉଥିବା ଧଳା ଭାତ ଦେଇଟିକି ଖୁଣ୍ଟି ଖୁଣ୍ଟି ଖାଉଛି ମଣିଷ, ସେତେବେଳେ ଆମେ ଖିରପୁରି, ପଲଉ, ମାଂସ ଖାଇବା କେମିତି ! କୋଉ ମୁହଁରେ ! କୋଉ ଅକଲରେ !

ଉତ୍ତର ଦେବାକୁ ଭାଷା ନ ଥିଲା ଅନୁଷାର ମୁହଁରେ । ଏତେ କଥା ତ ସିଏ ଜାଣି ନଥିଲା । ବିନୟ ଭାଇ ବା ତାକୁ କୋଉଦିନ ସୁବିଧା ଦେଇଛି ଏସବୁ ଜାଣିବାକୁ, ସେ ତ ଖାଲି ପଦ୍ଧତି ନ ହଉ ମାସିକାମାସି ଟଙ୍କା ପଠେଇଦେବ । ଟିକିଏ ମଇଳା କୋଡସ୍ କଟେଇ ଦବ ନାହିଁ । ଆପଣା ହାତରେ ବାଛି ବାଛି ଭଲ ସୁଟ୍ କରିଦେବ, ନିଜେ ଯାଇଁ ହୋଟେଲରେ ବନ୍ଦୋବସ୍ତ କରି ଦେଇ ଆସିବ — ମାଛ, ମାଂସ, ଅଣ୍ଡା, ପଲଉ—ଯେତେବେଳେ ଯାହା ଦରକାର । ଅଯଥା 'ଖର୍ଚ୍ଚ' ହେଉଛି ବୋଲି ପ୍ରତିବାଦ କଲେ ଏଡ଼େ ପାଟିକରି ଉଠିବ – "ପାଠ ପଢ଼ିଲାବେଳେ ତୋର ସେ ଅଡ଼ୁଆ କାହିଁକି ଚିନ୍ତା ।" ସତକୁ ସତ ଗୃହିଣୀ ଗୁଡ଼ି ପାଠ ପଢ଼ିବାଠାରୁ ଅଭାବ କ'ଣ ସେ ଜାଣିନାହିଁ, ଦୁଃଖ କ'ଣ ସେ ଭୋଗି ନାହିଁ । ନିହାତି ବଡ଼ଲୋକ ପିଲାଙ୍କ ଭଳି ସବୁବେଳେ ଚଳି ଆସିଛି—ଖାଇବା, ପିନ୍ଧିବା, ଫେସନ ହବା,

ସିନେମା ଦେଖିବ—ସବୁଥିରେ । ସେ ଯେ ନିଜେ ଭାରି ଗରିବ—ମା' କୁକୁଡ଼ା ପାଳି, ଦଉଡ଼ି ବଳି ପେଟ ପୋଷେ ଏ କଥା ଏକାବେଳକେ ଭୁଲି ଯାଇଛି । କେବଳ ଏହି ବସନ୍ତ ଭାଇ ଯୋଗୁ ଲକ୍ଷପତି ଜମିଦାରର ପିଲାଭଳି ଖାଇପିଇ ଅଯୁସରେ ଅଛି ସେ ।

କିନ୍ତୁ କାହିଁକି ? କାହିଁକି ସେ ତାକୁ ଏମିତି ବାବୁଗିରିରେ ରଖିଛି ? ଭାରି ରାଗହେଲା ତା'ର ବସନ୍ତ ଉପରେ । ଲୋକେ ଏମିତି ଦୁଃଖ-ଦୁର୍ଦ୍ଦଶାରେ ପଡ଼ିଥିଲାବେଳେ ସେ କାହିଁକି ତା'କୁ ଭୋଗବିଳାସ କୋଳରେ ବଢ଼େଇଛି ? ସେ କାହିଁକି ଯାହା କମଉଛି, ସବୁ ତା'ରି ପିଛା ଖର୍ଚ୍ଚ କରି ତାକୁ ବଡ଼ଲୋକ ପିଲାଙ୍କ ସାଙ୍ଗସରସା କରେଇଛି ? ପୁଣି ତିନିମାସ ହେଲା ବସନ୍ତର ଚାକିରି ଗଲାଣି, ଅଥଚ ମାସକୁ ମାସ ତା ପାଖକୁ ଟଙ୍କା ପଠେଇବାରେ ଟିକିଏ ହେଲେ ବ୍ୟତିକ୍ରମ ନାହିଁ । ପହିଲା ନ ପୁରୁଣୁ ଟଙ୍କା ପଚାଶଟି ଯାଇଁ ସୁରୁଖୁରୁରେ ପହଞ୍ଚି ଯାଉଛି । ଏଣେ ଏମାନେ ଶାଗଭାତ ଖାଉଛନ୍ତି, ଅଥଚ ତା ପାଇଁ ତେଣେ ପଲାଉ, ମାଂସର ବରାଦ କରି ଦିଆହଉଛି । ସତେ ଭାରି କପଟୀ ବସନ୍ତ ଭାଇ, ଅନସୂୟାର ମନେ ମନେ ଭାରି ଘୃଣା ହେଲା ତା ଉପରେ ।

ବସନ୍ତ ଜାଣେ; ଅନସୂୟା ମେଡ଼ିକାଲ କଲେଜରେ ପଢ଼ୁଛି । ବଡ଼ କଲେଜ, ବଡ଼ କଥା, ବଡ଼ ଆବହାଓା । ସାଙ୍ଗ ଛାତ୍ରୀମାନେ ବଡ଼ ବଡ଼ ହାକିମ ହୁକୁମା, ଜମିଦାର, ମହାଜନଙ୍କ ପିଲା । ସେମାନେ 'ଯୋଉ ଆଡ଼ାରେ' (Status) ଚଳିବେ, ସେହି ଆଡ଼ାରେ ଅନସୂୟା ଚଳି ନ ପାରିଲେ, ତା'ମନରେ କଷ୍ଟ ହେବ ଏବଂ ସେ ଅପମାନିତ ବୋଧ କରିବ, ଆଉ ତା ଫଳରେ ତା ପଢ଼ାପଢ଼ିରେ ଘୋର ବ୍ୟାଘାତ ଜନ୍ମିବ । ସେଥିପାଇଁ ବସନ୍ତ ନିଜେ ଯେତେ ଦୁଃଖ ଅଭାବରେ ଥିଲେ ବି ତାକୁ ସବୁବେଳେ ବଡ଼ଲୋକ ଆଡ଼ାରେ ରଖିଥାଏ, ଯେପରି ସେ ମୁହୂର୍ତ୍ତିକ ପାଇଁ ନ ଭାବୁ ଯେ ସେ ଗରିବ । ଏ କଥା ଅନସୂୟା ବୁଝି ପାରିଲା ନାହିଁ । ବୁଝି ପାରିଲା ନାହିଁ ଯେ ବସନ୍ତ ତାକୁ କେମିତି ପ୍ରାଣ ଦେଇ ଭଲ ପାଏ—କେମିତି ମା' ପେଟର ଭାଇଠୁ ବଳି ଅଧିକା ଦେଖେ—ସେଥିପାଇଁ ସେ ଘୃଣା ହେଲା—ରାଗିଲା ।

ବସନ୍ତ ଏହା ମଧ୍ୟରେ ଚୁପ୍‌ଚାପ୍ ବସି ଖବର କାଗଜ ଖେଳାଉଥିଲା । ସମସ୍ତଙ୍କୁ ନୀରବ ହବା ଦେଖି କହିଲା—"ଛାଡ଼ ଅନୁ ! ସେ ପାଗଳି ଭାଉଜଟା କଥା

କ'ଣ ଶୁଣୁଛୁ । ନୂଆକରି ସେ ଟାଉନ୍ ଛାଡ଼ି ମଫସଲକୁ ଆସିଛୁ କି ନା, ସମସ୍ତଙ୍କ ପାଇଁ ତା' ପ୍ରାଣରେ ଦରଦ ଉଚ୍ଛୁଳି ଉଠୁଛି । କ'ଣ ମିଳିବ ଆମକୁ ଦେଖିରୁ ? ହଁ, କ'ଣ କହୁଥିଲି କି, ତୋ' ଚିଠି ପାଇଥିଲି । କିନ୍ତୁ ମୁଁ ବଞ୍ଚି ଥିବାଯାଏ ତୋତେ ତା' କେବେ କରେଇ ଦେବି ନାହିଁ । ତୁ ଟିଉସନ କରିବୁ କେତେବେଳେ, ପାଠ ପଢ଼ିବୁ କେତେବେଳେ ? କାହିଁକି, ମୁଁ କ'ଣ ଏଡ଼େ ଅପଦାର୍ଥ ଯେ ଟଙ୍କା କେଇଟି ତୋତେ ମାସକୁମାସ ଯୋଗେଇ ଦେଇ ପାରିବି ନାହିଁ ? ସ୍ବା ଭିତରେ ମୁଁ ଆଉ ଗାଁ ମାଇନର ସ୍କୁଲ୍‌ରେ ଚେଷ୍ଟା କରୁଛି—ଖୁବ୍ ଆଶା ହେଇଯିବ ।"

ଅଶ୍ରୁମାନରେ ଫୁଲି ଫୁଲି ଉଠୁଥିଲା ଅନୁସ୍ବାର । ଚେକ୍ ରୁମାଲଟିରେ ମୁହଁ ପୋଛି କହିଲା—"କିନ୍ତୁ ତିନିମାସ ହେଲାଣି ତମେ ଚାକିରି ଛାଡ଼ି ବସିଛ । ଘରେ ତ ଏଣେ ଏତେ ଅଭାବ, ଅଥଚ ମୋ ପାଖକୁ କାହିଁକି ଏତେ ଏତେ ଟଙ୍କା ଫି ମାସରେ ପଠେଇ ଦଉଛ କହିଲ ?"

"ଆରେ, ସେ ଟଙ୍କା ମୁଁ ପଠେଇ ନାହିଁ । ବାଲେଶ୍ବର ଛାତ୍ରବାସରୁ ସେ ଭାର ତୋ' ଭାଉଜ ନେଇଛି । ସେହି କୁଆଡ଼ୁ ଯୋଗାଡ଼ କରି ପଠେଇଥିବ ।"

ଆଶ୍ଚର୍ଯ୍ୟ ହେଲା ଅନୁସ୍ବାର । ମିନି ତା' ହେଲେ ଖାଲି ବଡ଼ଘରର ଝିଅ ନୁହେଁ, ବଡ଼ ହୃଦୟ ବି ଅଛି ତା' ଭିତରେ । ଆଜିକାଲି ଯୁଗରେ ଆପଣାର ନିଜ ଦିଅର ପ୍ରତି ଭାଉଜମାନଙ୍କର ଯେମିତି ସ୍ନେହ, ଦେଖିବି ଅଛି, ତା' ସେ ଭଲରୂପେ ଜାଣେ । ଭାଉଜ ଆସି ଘରେ ଗୋଡ଼ ଦେଉ ନ ଦେଉଣୁ କେତେ ଦିଅରଙ୍କର ପୋଥିରେ ଡୋରି ବନ୍ଧା ହେଉଛି । 'ଅଥଚ ଗୋଟାଏ ପରଅପର, ଅଜାତିଆ ଲୋକଟା ପ୍ରତି ମିନି ଯେ ଏଭଳି ଆନ୍ତରିକତା ଦେଖାଉଛି—ଏହା କମ୍ ଆଶ୍ଚର୍ଯ୍ୟ କଥା ନୁହେଁ ।

ଅନୁସ୍ବାର ମନକଥା ଖୋଲି କହିଲା—"କିନ୍ତୁ ବଜ୍ରଭାଇ ! ତମେମାନେ ଏଠି ଏତେ ଦୁଃଖ କଷ୍ଟରେ ଚଳୁଛ, ମୁଁ କାହିଁକି ସେଠି ବାବୁଗିରି କରିବି ? ବରଂ ଟିକିଏ କାଣ୍ଡିକୁଣ୍ଡି ଚଳିଗଲେ ଯେତିକି ଟଙ୍କା ପାଉଛି, ତା'ର ଅଧାରେ ବି ମୋର ହେଇଯିବ ।"

ରଗି ଉଠିଲା ବିନୟ—"ତୋତେ କିଏ କହୁଛି, ଏସବୁ ବାଜେ କଥାରେ ମୁଣ୍ଡ ଖେଳେଇବାକୁ ? ପାଠପଢ଼ା ବର୍ତ୍ତମାନ ତୋ'ର କର୍ତ୍ତବ୍ୟ । ଆଗ ସେ ସବୁ, ତା'ପରେ ଯାଇଁ ଯୋଉ କଥା । ତୁ ଜାଣି ନାହୁଁ; କିନ୍ତୁ ମୁଁ ଆଖିଆଗରେ ଦେଖିଛି, ଭାବପ୍ରବଣ ହୋଇ ଏମିତି କେତେ ପିଲା ଅଧାବାଟରେ ପଢ଼ା ଛାଡ଼ି ଦେଇଛନ୍ତି । ଲୋକଙ୍କ କଥାରେ ପଡ଼ି ପ୍ରଥମେ ଯାଇଁ ଗୁଡ଼ାଏ ହୋ ହୋ ଧୋ ଧୋ କରିଛନ୍ତି । କିନ୍ତୁ ଶେଷରେ ତାଙ୍କ ଅବସ୍ଥା କ'ଣ ହେଉଛି ଜାଣୁ ? କୋଉ କୂଳର ହୋଇପାରି ନାହାଁନ୍ତି—ନାଁ ତନ୍ତ୍ରୀ ନା ବଇଷ୍ଣମ । ମଙ୍ଗ ଟାଣ ନ ଥିବାରୁ ମଝି ନଈରେ ପଡ଼ି ଉବେଇ ଟୁବେଇ ହବା ସାର ହୋଇଛି । ତେଣୁ ତୁ ସେମିତି ଅଧାପନ୍ତରିଆ ନ କରି ଆଗ ପାଠଶାଠ ପଢ଼ି ସଂସାର କ୍ଷେତ୍ର ପାଇଁ ଉପଯୁକ୍ତ ହୋଇପାରି । ତା'ପରେ ଆସି ତୋ'ର ଯାହା ଇଚ୍ଛା ହବ ତା' କରିବୁ । ସମୟ ଚାଲି ଯାଉନାହିଁ, କ୍ଷେତ୍ର ବି କୁଆଡ଼େ ପଳେଇ ଯାଉନାହିଁ । ଅବିକା ଏ ସବୁରେ ମୁଣ୍ଡ ପୂରେଇଲେ ତୋ' ପଢ଼ା ପଢ଼ିରେ ବହୁତ ଖଇସ୍ତ ହେବ । ତେଣୁ ମୋ ସୁନା ଭାଇଟା ପରି ! ଏ ବାଇଆ ବୁଦ୍ଧି ଛାଡ଼ । ଆଉ ଯେପରି କେବେ ତୋ' ମୁହଁରୁ ଏକଥା ନ ଶୁଣେ । ତା ନହେଲେ ଜାଣୁ ତ, ମୁଁ କେମିତି ଆଡ଼ପାଗଳା ଲୋକ—ପୁଣି ଥରେ ତୋ ପାଇଁ ଅନଶନ କରିବି ।"

ସପ ଖଣ୍ଡିକରେ ବସି ଚିରା ଲୁଗାଟିଏ ରଫୁ କରୁଥିଲା ମିନା । କୋଉ ଭିକାରୁଣୀଟାଏ ମାଗିଯାଇଛି ଯେ, ସଞ୍ଜବେଳକୁ ତାକୁ ଦବ । ଏମାନଙ୍କ କଥା ଶୁଣି ହସି ଉଠିଲା ସେ—"ସତରେ ଅନୁବାବୁ ! ତମେ ଏତେ ଶୀଘ୍ର କଳପୁମା ପିନ୍ଧି ବାବାଜୀ ହବାକୁ ଚାହଁ; କିନ୍ତୁ ତା ତମେ କେବେ ହୋଇପାରିବ ନାହିଁ । ସୁଟ୍ ପିନ୍ଧିପିନ୍ଧି ଆଗ ତମର ବିରକ୍ତି ଆସୁ, ଖିରମୋହନ ଖାଇଖାଇ ଆଗ ତମକୁ ବିଚକଟିଆ ଲାଗୁ, ତା' ପରେ ଯାଇଁ ତମେ ସୁଟପିନ୍ଧା ଛାଡ଼ିବ, ଖିରମୋହନଖିଆ ଛାଡ଼ିବ, ଯିଏ କେବେ ଖିର-ମୋହନ ଖାଇନାହିଁ. ତାକୁ ଯେତେ କୃମି ହବ ବୋଲି ଡରେଇଲେ ବି ସେ କ'ଣ ଛାଡ଼ିବ ? ବରଂ ଲୁଚି ଲୁଚି ଯାଇଁ କେତେବେଳେ ହେଲେ, ଗୋଟିଏ ଖାଇଦବ; କିନ୍ତୁ ଖାଇଖାଇ ଯାର ମୁହଁ ଭାଙ୍ଗି ଗଲାଣି, ତା ଆଗରେ ଆଣି ଖିରମୋହନ କଡ଼େଇଟା-ଯାକ ଥୋଇଦେଲେ ବି ସେ ଆଉ ଖାଇବାକୁ ଇଚ୍ଛା କରିବ ନାହିଁ ଏବଂ ସେଇ

ଯୋଉ ବତୃଷ୍ଣା ଆସିବ ସେଇଟା ହିଁ ହବ ଚରସ୍ଥାୟୀ । ଭୋଗ ନ କର ଯେ ପ୍ରଥମେ ତ୍ୟାଗ କରିବାକୁ ବସେ, ସେ ଖାଲି ନିଜକୁ ନିଜେ ପ୍ରତାରଣା କରେ ମାତ୍ର । କିନ୍ତୁ ଭୋଗ କରିକରି ଶେଷରେ ଯୋଉ ତ୍ୟାଗ ଆସେ; ସେହି ତ୍ୟାଗ ହିଁ ଶାଶ୍ୱତ, ସେହି ତ୍ୟାଗ ହିଁ ପବିତ୍ର, ସେହି ତ୍ୟାଗ ହିଁ ସତ୍ୟ, ଶିବ, ସୁନ୍ଦର ।......ଅପେକ୍ଷା କରି ଅନୁଭାରୁ ! ବେଳ ଆସିଲେ ଆମେ ତମକୁ ବଳେ ଟାଣି ଆଣିବୁ ସେହି ତ୍ୟାଗର କ୍ଷେତ୍ରକୁ । ତମକୁ ସେଥିପାଇଁ ଚିନ୍ତା କରିବାକୁ ହବ ନାହିଁ ।"

ମିନି ମୁହଁରେ ଆନନ୍ଦର ଚେଉ—ବିନୟ ମୁହଁରେ ତୃପ୍ତିର ହସ— ଅନୁସ୍ୱାର ମୁହଁରେ ବିଷାଦର ଗ୍ଲାନି ।

## — ବାର —

ବିନୟ ଦେଖିଲା ବସି ଖାଉଲେ ନଇବାଲ ସରେ । ଘରେ ଚଳିବାକୁ ତିନି ତିନି ଜଣ ଲୋକ । ତା'ର ଯା ଯେମିତି ଯାଗଦସ୍ତା କରି ଖାଗମୁଗରେ ଚଳିଯାନ୍ତେ,ତେଣେ କିନ୍ତୁ ଅନୁସ୍ୱାରକୁ ମାସକୁ ମାସ ପଚିଶଟଙ୍କା କରି ଦବାକୁ ହବ । ତା' ଉପରେ ବି ତା'ର ବହିପତ୍ର, ଲୁଗାପଟା, ପରୀକ୍ଷାଫିସ୍ ଆଦି ଅଛି । ଆଉ ବି ଗ୍ରାମ ସଙ୍ଗଠନ ହଉ ବା ଅନ୍ୟ ଯାହାକିଛି ସାଧାରଣ କାମ ହଉ, ସବୁଥିରେ ଦରକାର ପଇସା । ପଇସାକୁ ଆଗରେ ଚଲେଇଲେ, ସିଏଁ ପଛରେ ବାଟ ଭୁଲିବା କଥା । ଯୋଉମାନେ ନିଜେ କିଛି ନକରି ଖାଲି ସାଧାରଣରୁ ଭିକ୍ଷାକରି ଏ ସବୁ କାମ କରନ୍ତି, ସେମାନେ ପ୍ରକୃତରେ ସାଧୁ ହୋଇ ପାରନ୍ତି ନାହିଁ । ଅଫିସ୍ ଖର୍ଚ୍ଚ ନାଁରେ ବା ମିଛ ଭାଉଚର ଦେଇ ସେହି ସାଧାରଣ ଧନରୁ କିଛି କିଛି ଆତ୍ମସାତ କରନ୍ତି; କରିବାକୁ ବାଧ୍ୟ ହୁଅନ୍ତି ମଧ୍ୟ । କାରଣ ତା' ନହେଲେ ସେମାନେ ନିଜେ ଚଳିବେ କେମିତି ? ସେମାନଙ୍କ ପିଲାକୁଟୁମ୍ବ ଚଳିବେ କେମିତି ? ଏ ଗୋଟିଏ ନୂଆପ୍ରକାର ଶୋଷଣ । ଏ ଧରଣର ସାଧାରଣ କର୍ମୀ ବୋଲାଉଥିବା ଲୋକ ସମାଜ

ଭିତରେ ଗୋଟିଏ ଗୋଟିଏ ସର୍ବାଙ୍ଗପୁଷ୍ଟ ଜୀବ ।...ତେଣୁ ଏହିସବୁ ବିଷୟ ଭାବିଚିନ୍ତି ବିନୟ ସ୍ଥିର କଲା ଗୋଟାଏ କିଛି ନା କିଛି କରିବ । ଅନ୍ତତଃ ଆଲୁସ୍ୱାରଙ୍କ ପାଶ୍ କରି ଆସିବାଯାଏ ସାନବଡ଼ ଗୋଟାଏ ଚାକିରୀ ଯୋଗାଡ଼ କରି ପଇସା କିଛି କମେଇବାର ବନ୍ଦୋବସ୍ତ କରିବ । ତେଣିକି ଆଉ ଦରକାର ନାହିଁ । ତେଣିକି ଦିହ ମିହନତ୍ କରି ବାଡ଼ିରେ ଦି'ଟା ଶାଗମୁଗ, ପନିପରିବା କଲେ ବେଶ୍ ଚଳିଯିବ—ନିଶ୍ଚିନ୍ତରେ ବସି ଗାଁ କାମ, ଦେଶ କାମ କରି ପାରିବ ।

ମନା କରୁଥିଲା ମିନ — କ'ଣ ମିଳିବ ସେ ଚାକିରୀରୁ ? ଜଅତ ଜମି ଏଇ ମାଟିକି ତାଡ଼ିଲେ କ'ଣ ଖାଇବାକୁ ମୁଠାଏ ମିଳିବ ନାହିଁ ? ଧନ ଅର୍ଜ୍ଜନ ତ କେବେ ମଣିଷ ଜୀବନର ଲକ୍ଷ୍ୟ ନୁହେଁ—ଲକ୍ଷ୍ୟ ସାଧନାରେ । ତା' କେବଳ ଗୋଟିଏ ଅବଲମ୍ବନ ମାତ୍ର । ଚାକିରୀ ନକରି କ'ଣ ଆମେ ସେହି ସାମାନ୍ୟ ଅବଲମ୍ବନ ଟିକକ ସଂଗ୍ରହ କରିପାରିବା ନାହିଁ ? ଆମ ହାତରେ ଅଛି ହୋମିଓପ୍ୟାଥିକ୍ ବାକ୍ସ, ସିଙ୍ଗର ମେସିନ୍ ଆଉ ଗାନ୍ଧିଜୀଙ୍କର ଅରଟ; ଆଉ ତଳବାଇରେ ପଡ଼ିଛି ବାପାଙ୍କର ଦି'ପା ଜମି । କୋଡ଼ିଧରି ତମେ, ହାଣି ମାରି ତାକୁ ଉର୍ବର କରିବା । ମାଟି ଖୋଳି ବାହାର କରିବା ମା'ଙ୍କୁ- ହସି ଉଠିବ ଘର, ପୁରି ଉଠିବ ଗାଁ, ପେଟ ବୁଖଣ୍ଡକ ଅପୋଷା ରହିବ ନାହିଁ । ଅରଟରେ ସୂତାକାଟି ଲୁଗା ପିନ୍ଧିବା । ହୋମିଓପ୍ୟାଥିକ୍ ପ୍ରାକ୍ଟିସ୍ କରି ଲୋକଙ୍କର ସେବା କରିବା; ଆଉ ତା' ସାଙ୍ଗେ ସାଙ୍ଗେ ଆମ ନିଜର ବି ଦୈନନ୍ଦିନ ଗୁଜୁରଣ ମେଣ୍ଟେଇବା । ବାକି ଆଲୁସ୍ୱାରର କଥା—ସେଦିନୁ ତ କହିଛି ମୁଁ—ଗହଣା ସେତକ ବିକି ପଢ଼େଇବା ତା'କୁ । କ'ଣ ତମେ ସଜୀବ ମଣିଷ ପାଇଁ ସେହି ନିର୍ଜ୍ଜୀବ ଗହଣା କେଇଖଣ୍ଡର ମୋହ ତୁଟେଇ ପାରୁନାହଁ ?

“ନାଇଁ; ସେକଥା ନୁହେଁ ସେ ତେବେ ଚାକିରୀଟା ଯଦି ହୋଇଯାଏ, କ୍ଷତି କ'ଣ । ଗହଣା ସେତକ ଥିଲେ କ'ଣ ଆଉ କୋଉ କାମରେ ଲାଗିବ ନାହିଁ ? ହୁଏତ ସ୍ୱାଠୁ ବଡ଼ ଉପକାରରେ ଲାଗିପାରେ । ଲୋକଙ୍କ ସେବା କରିବାକୁ ଗଲେ ପାଖରେ କିଛି ଧନ ଥିବା ଦରକାର ତ ? ତା'ପରେ ଏଟା ହେଲା ଗାଁ ପାଖ ସ୍କୁଲ । ଘରେ ରହି ଉଭୟ କାମ ବି କରିହେବ । ତେଣେ ସ୍ୱକଙ୍କ ଚାକିରୀ ଆଉ ଏଣେ ଘରଧନ୍ଦା, ବାରି ବଗିଚା ଦବୁକଛି ।”

"ହେଉ, ତମ ଇଚ୍ଛା"—ବନସ୍ତ ପାଖରେ ବଲଟା କେଇଟି ଥୋଇ ଦେଇ ମିନି ଗାଈ ଦୁହିଁବାକୁ ଗଲା ଗୁହାଳକୁ ।

× × × ×

ଚାକିରି ବି ହୋଇ ଯାଇଥାନ୍ତା । ସବୁ ଠିକଠାକ୍ ହୋଇ ଯାଇଥିଲା; କିନ୍ତୁ କେଜାଣି କାହିଁକି ସ୍କୁଲ୍ ସମ୍ପାଦକ ନାମଙ୍ଗ ହେଲେ, ନାଁଟା ଦେଖିବା ମାତ୍ରକେ ଚିଡ଼ିକି ଉଠିଲେ । କିଛି ବୁଝି ପାରିଲା ନାହିଁ ବନସ୍ତ । ଡିଷ୍ଟିଙ୍କ୍ସନ୍‌ରେ B.A ପାଶ୍ କରି ସେ ତା' ହେଲେ କଣ ମାଷ୍ଟର ହେବା ପାଇଁ ବି ଅଯୋଗ୍ୟ ? ଭାରି ଦୁଃଖ ହେଲା ମନରେ । କିନ୍ତୁ ଅସଲ କଥା ତା ନୁହେଁ, ସମ୍ପାଦକ ମହାଶୟ ଜଣେ ଉଚ୍ଚକୁଳର ଲୋକ । ତେଣୁ ତାଙ୍କର କୁଳର ଉନ୍ନତି କଲେଟ ସେ ବାଛି ବାଛି ସ୍କୁଲରେ କେବଳ ତାଙ୍କର ଜାତି ଲୋକଙ୍କୁ ଶିକ୍ଷକ ସ୍ଥାନ ଦିଅନ୍ତି ଏବଂ ତଦ୍ୱାରା ନିଜ ଜାତିର ତଥା ଦେଶର ସେବା କରୁଛନ୍ତି ବୋଲି ମନେ ମନେ ଗର୍ବ ଅନୁଭବ କରନ୍ତି । କାରଣ ଦେଶ ବୋଇଲେ ତ ମାଟି ଗୋଡ଼ି, ପାହାଡ଼ ପର୍ବତ ନୁହେଁ—ଏହି ଭିନ୍ନ ଭିନ୍ନ ଜାତିଙ୍କୁ ନେଇ ହିଁ ଦେଶ । ନ ହେଲେ ଏବେ ସେ ଗୋଟିଏ ଜାତିର ସେବା କରୁଛନ୍ତି; କ୍ଷତି କ'ଣ ? ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ଯିଏ ଯାଏ, ସିଏ କ'ଣ କାହାରିକି ସନ୍ତୁଷ୍ଟ କରିପାରେ ? ତା'ପରେ ସବୁ ଜାତି ଚାକିରି ବାକିରି କରି ସଫା ପିନ୍ଧିଲେ ଗାଁରେ ହଳ ବୁଲେଇବ କିଏ ? ମାଟି ବୋହିବ କିଏ ? ସବାରି କାନ୍ଧେଇବ କିଏ ? ତେଲି, ତାମିଳି, ତନ୍ତୀ, ଚେଉଡ଼ ସମସ୍ତେ ଅଫିସ ଚୌକିରେ ବସିଲେ ତେଣେ ସେମାନଙ୍କ କାମ ସବୁ କିଏ କରିବ ? ସମାଜ ଅଚଳ ହୋଇଯିବ ଯେ ସମ୍ପାଦକ ମହାଶୟ ଜଣେ ଦୂରଦର୍ଶୀ ତଥା ଚିନ୍ତାଶୀଳ ବିଜ୍ଞ ବ୍ୟକ୍ତି ।

ବନସ୍ତ ମନେ ମନେ ପ୍ରଣାମ କଲା ସମ୍ପାଦକଙ୍କୁ । ଧନ୍ୟ ତମେ ! ଯୁଗେ ଯୁଗେ ଅମର ହେଉ ତମ କୀର୍ତ୍ତି । ଦେହର ଅନ୍ୟାନ୍ୟ ଅଙ୍ଗ ସବୁକୁ ନଅଁକିଆ ସଳିତା କରି, ଗୋଦରା ଗୋଡ଼ ଯେମିତି ଦିନକୁ ଦିନ ଫୁଲି ଫୁଲି ଉଠେ, ତମେ ସେମିତି ଦେଶର ଅନ୍ୟ ସବୁ ଜାତିଙ୍କି ଦଳି ପେଷି, ମାଡ଼ି ମକଚି, ତଳକୁ ତଳକୁ ଠେଲି ଦେଇ ନିଜେ ଖାଲି ଉପରକୁ ଉପରକୁ ପେଲି ହୋଇ ଉଠ । ତା' ହେଲେ ଦେଶର ଉନ୍ନତି ହେବ ! ଓଡ଼ିଆ ଜାତି ଉଠିବ !

ଆନୁଷ୍ଠାନର ଟଙ୍କା ପୁଅ ଗ୍ରାଇ ବସିଚ ଦପ୍ତର କାମ କରେ ସେଇ ସ୍କୁଲରେ । ସେଇ ଆସି ସବୁ ଗୁମର କଥା ଖୋଲି କହିଲା । ହସ ମାଡ଼ିଲା ମିନକୁ, ଏ ଗାଁ ଗହଳର ଅନ୍ଧକନ୍ଦକ ତା' ହେଲେ ଏ ବାଟ ଚଳନ୍ତି । ମିଛଟାରେ ପିନା ପଣ୍ଡିତ ଜବାହାରଲାଲ ବାଜେଇ କହିଛନ୍ତି ଯେ ଆମର ଏଟା ଧର୍ମ ନିରପେକ୍ଷ ଦେଶ; କିନ୍ତୁ ପ୍ରକୃତରେ ଧର୍ମ ତ ଧର୍ମ, ଆମର ଏ କୋଉ ନିରପେକ୍ଷ ଦେଶ ନୁହେଁ । ନିରପେକ୍ଷ ଲୋକ ଏଠି ନାହାନ୍ତି—ସମସ୍ତେ ଏଠି ସପକ୍ଷବାଦୀ, ସମସ୍ତେ ନ୍ୟସ୍ତସ୍ୱାର୍ଥବାଦୀ ।

ବିନୟକୁ ହଲେଇ ଦେଇ ମିନ କହିଲା—"କଣ ଭାବୁଛ ? ଗ୍ରୁକବା ନ ହେଲା ବୋଲି ଚିନ୍ତା କରୁଛ ମନରେ ?"

ହସି ଉଠିଲା ବିନୟ, "ମୋଟେ ନୁହେଁ । ବରଂ ସେହି ସ୍ୱାର୍ଥସେବୀ ଅନୁଷ୍ଠାନରେ ଗ୍ରୁକବା କରିଥିଲେ ନିଜକୁ ବଡ଼ ଅପମାନିତ ବୋଧ କରିଥାନ୍ତି ମୁଁ । ପବିତ୍ର ଶିକ୍ଷାକ୍ଷେତ୍ର କି କ'ଣ ଏପରି ସଙ୍କୀର୍ଣ୍ଣ, କଳୁଷିତ ହୋଇପାରେ ?"

"ଛାଡ଼, ସେ କଥା ଭାବି ଲାଭ କଣ ?"—ମିନ କହିଲା ।

"ନାଁ, ମୁଁ ସେ କଥା ଭାବୁ ନାହିଁ, ମୁଁ ଖାଲି ଭାବୁଛି—ହିନ୍ଦୁ ମୁସଲମାନ ଦୁଇଟା ଜାତି ହେଇ ଯେମିତି ଭାରତ ଭାଗ ଭାଗ ହେଲା, ହାଣକାଟ, ମାରଧର କରି ଉଭୟେ ଧ୍ୱସ୍ତ ବିଧ୍ୱସ୍ତ ହେଲେ. ଏ କରଣ, ବ୍ରାହ୍ମଣ, ଝୁଣ୍ଟିଆଏତ, ଯାଦବ ବା ରଜକ, ମଧୁବୈଶ୍ୟ ହେଇ ଏ ସମସ୍ତ ଜାତିଟା ଯେମିତି ଦିନେ ଭାଗ ଭାଗ ହେଇଯିବ—ଆପଣା ଆପଣା ଭିତରେ କଳି କରି ସମସ୍ତେ ଧ୍ୱଂସ ପାଇଯିବେ । ଜାତିଭେଦ କୋଉ ଯୁଗରେ ସୃଷ୍ଟି କରା ହୋଇଥିଲା ସମାଜର ମଙ୍ଗଳ ପାଇଁ ସିନା, ଆଜି କିନ୍ତୁ ତା ସମାଜ ପକ୍ଷରେ ହୋଇଛି ଏକ ଅମଙ୍ଗଳର ଧୂମକେତୁ । ଆଜି ଆମେ ଖାଲି ନିଜ ନିଜର ଗୋଷ୍ଠୀଗତ ଉନ୍ନତି ପାଇଁ ଚିନ୍ତା କରୁଛୁ—ପରସ୍ପର ଗୋଷ୍ଠୀ ମଧ୍ୟରେ ସାହାଯ୍ୟ ସହଯୋଗ କରି ଏବଂ ସାନ ବଡ଼ ସମସ୍ତଙ୍କୁ ସମାନ ସୁବିଧା, ସୁଯୋଗ ଦେଇ ସମଗ୍ର ଜାତିର କେମିତି ଉନ୍ନତି ହେବ, ତା ଚିନ୍ତା କରୁନୁ । ସମଗ୍ର ଓଡ଼ିଆ ଜାତି ଗୋଟିଏ ଶରୀର ହେଲେ ବ୍ରାହ୍ମଣ, କରଣ. ତେଲି, ତନ୍ତୀ ବା ପାଣ, ବାଉରୀ ଆଦି ବିଭିନ୍ନ ଗୋଷ୍ଠୀ ତାର କେବଳ ଗୋଟିଏ ଗୋଟିଏ ଅଙ୍ଗ ମାତ୍ର । ତେଣୁ ସାନ ବଡ଼

ପ୍ରତ୍ୟେକଙ୍କ ଅଙ୍ଗ ସମାନ ଭାବରେ ପରିପୁଷ୍ଟ ନହେଲେ ଶରୀରର ଯେମିତି ଉନ୍ନତି ହୁଏ ନାହିଁ, ଏଇ ବିଭିନ୍ନ ଗୋଷ୍ଠୀ ସମୂହର ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ ଆର୍ଥିକ ଅବସ୍ଥା ତଥା ମାନସିକ ଚିନ୍ତାଧାରା ସମଭାବରେ ବିକଶିତ ନ ହେଲେ ଓଡ଼ିଆ ଜାତିର ଉନ୍ନତି ଅସମ୍ଭବ ।

ଆମେ ଯଦି ଏହି ନଗ୍ନ ସତ୍ୟଟିକୁ ଉପଲବ୍ଧି ନ କରୁ ତା' ହେଲେ ଅନ୍ୟ ଜାତି—ବଙ୍ଗାଳୀ, ପଞ୍ଜାବୀ, ମାଦ୍ରାଜି, ବିହାରୀ ଆଦି ଘୋଡ଼ା ଦଉଡ଼ିଲା ଭଳି ଆଗେଇ ଚାଲିଥିଲା ବେଳେ ଆମ ଓଡ଼ିଆ ଜାତି ନିଶ୍ଚୟ ପଛେଇ ଯିବ । ଶହେ ବର୍ଷ କାହିଁକି ଆପଣା ଆପଣା ଭିତରେ କଳି ଲଗେଇଲେ ତାଙ୍କଠାରୁ ହଜାର ହଜାର ବର୍ଷ ପଛରେ ପଡ଼ିଯିବା ଆମେ । ଆଉ ଗୋଟାଏ କଥା—ଆଜି ବେଳ ଆସିଛି, ଯେତେବେଳେ ସେ ପୁରୁଣାକାଳିଆ ଜାତିଭେଦ ପ୍ରଥାକୁ ଟିକିଏ ବଦଳେଇ ଦବାକୁ ହେବ । ଯିଏ ଧୋବା, ସିଏ ଯେ ଚିରଦିନ ଧୋବା ରହି ଆମର ମଇଲା କାଚିବେ, ତାର କଣ ମାନେ ଅଛି ? ଯଦି ତାଙ୍କ ଭିତରୁ କେହି ଉପଯୁକ୍ତ ବାହାରେ, ତାକୁ ବେଦ ପଢ଼ିବା ପର୍ଯ୍ୟନ୍ତ ମଧ୍ୟ ସୁବିଧା ଦିଆଯାଉ । ଚଣ୍ଡାଳ ବ୍ରାହ୍ମଣର କର୍ମ କଲେ ତାକୁ ଆସନରେ ବସାଇ ପୂଜା କରାଯାଉ, ଆଉ ବ୍ରାହ୍ମଣ ଚଣ୍ଡାଳର କର୍ମ କଲେ ତାକୁ ଘୃଣା କରାଯାଉ—ତା ପଇତାକୁ ପୋଡ଼ି ଦିଆଯାଉ । ଖାଲି ଧର୍ମକୁ ଆଖିଠାର ମାରି ଉପରେ ହିଁ ହିଁ ମାରିଦେଲେ ଚଳିବ ନାହିଁ । ସମାଜପତିମାନେ ଆନ୍ତରିକ ଚେଷ୍ଟା କରି ଏହାକୁ ସମାଜରେ ଚଳାନ୍ତୁ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଲୋକଙ୍କୁ ସମାନ ଭାବରେ ସୁବିଧା ସୁଯୋଗ ଦିଆଯାଉ । ତା' ନହେଲେ ଏ ସମସ୍ୟାର ସମାଧାନ ହେବନାହିଁ । ଅସନ୍ତୋଷର ବହ୍ନି କୁହୁଳି କୁହୁଳି ଦିନେ ଜଳି ଉଠିବ—ଦେଶସାରା ବିପ୍ଳବ ବ୍ୟାପିଯିବ ।

ନୈରାଶ୍ୟର ସ୍ପଷ୍ଟ ଚିହ୍ନ ଫୁଟି ଉଠୁଥିଲା ବିନୟ ମୁହଁରେ । ବିଚରା ଖଣ୍ଡିଏ ଦରେ ତା'କୁ ଖିଅ ଦଉ ଦଉ ମିନି କହିଲା, "ସତକଥା ଜାଣିବା ଶୁଣିବା ଲୋକ ହୋଇ ଆମେ ଉଦରର ଅଂସ୍ଥିବ କଳି କଲାଭଳି ଆପଣା ଆପଣା ଭିତରେ କଳି କରୁଛେ । ଫଳରେ ଦେହର ଅବସ୍ଥା ଯାହା ହୋଇଥିଲା ଜାତିର ଅବସ୍ଥା ସେଇଆ ହେଉଛି । କେବେ ଆମ ଲୋକଙ୍କର ଆଖି ଖୋଲିବ କେଜାଣି ।"

## —ତେର—

ଗୁଜରା ପାଇଁ ଆଉ କେବେ ଚେଷ୍ଟା କରନି ବନସ୍ତ । ମିନ କଥାମାନ ସେ ହାତରେ ଧରିଛି କୋଡ଼ି, କାନ୍ଧରେ ପକେଇଛି ଜାଙ୍କ, ମୁଣ୍ଡରେ ଥୋଇଛି ଟୋକେଇ ଆଉ ପାଇକଷ୍ଟ ଭଳି ଧୀରେ ଧୀରେ ଆଗେଇଛି ତଳ ବାରକ, ବାପଅଜା ଚଉଦ ପୁରୁଷର ମାଟି ଇଏ —ଏଇ ମାଟିକି ଡାକ୍ତି କାହିଁ କେଉଁ ଶହ ଶହ ହଜାର ହଜାର ବର୍ଷରୁ କେତେ କେତେ ପୁରୁଷ ଚଳି ଆସିଛନ୍ତି । ଅଥଚ ଆମେ ଆଜି ଏଇ ଘର ମାଟିକି ଗ୍ରୁଡ଼ି ଯାଉଛନ୍ତି କାଲମାଟିକି, ଯୋଉ ମାଟି କପା ଜନମ କରି ଆମକୁ ଲୁଗା ପିନ୍ଧେଇଲା, ସେଇ ମାଟିକି ଆମେ ଛୁଉଁ ନାହୁଁ ଲୁଗାରେ ମଇଳା ଲାଗିଯିବ ବୋଲି, ବଡ଼ ଲାଜ ମାଡ଼ିଲା ବନସ୍ତକୁ । ମଥା ଲଗେଇ ସେ ଆଗ ପ୍ରଣାମ କଲା ମାଟିକି...

ଅଳପ ନୁହେଁ ଦ'ପା ଜମି । ବାପା ଥିଲେ ବାତରୋଗୀ, ନପାରିଲେ ଲୋକ । ତେଣୁ ତାଙ୍କ ଅମଳରୁ ଜମିତକ ପଡ଼ିଥିଲା ପଡ଼ିଆ ହୋଇ । ପଡ଼ିଶା ଘରୁ ହଳ ଟିକିଏ ମାଗିଆଣି ବନସ୍ତ ତା ଉପରେ ଚଉରସ କରି ଦ'ଓର ବୁଲେଇ ଆଣିଲା । କସ୍ତା କାନଟା ଅଣ୍ଟାରେ ଗୁଡ଼େଇଦେଇ ମିନ ଧାଇଁ ଆସିଲା ପାଖକୁ । ନଇଁପଡ଼ି ଦହେଁ ବ'ଛୁ ବସିଲେ ଘାସ । ଗପସପ ଚାଲିଥାଏ, ଆଲୋଚନା ହଉଥାଏ, ମଝିରେ ମଝିରେ ଠୋ ଠୋ ହସ ବି ଉଠୁଥାଏ, ଆଉ ତାରି ଭିତରେ ଚାଲିଥାଏ ଘାସବଛା, ଶୁଖାଭଙ୍ଗା, ଖତବୁଣା, କଥାଗ୍ରା କଣ । ମନରେ ଅପାର ଆନନ୍ଦ, ମୁହଁରେ ଉଛୁଳା ହସ, ପ୍ରାଣରେ ଅଫୁରନ୍ତ ପ୍ରେମର ଝରଣା—ଦୁଃଖ କ'ଣ ଜାଣିହୁଏ ନାହିଁ । ଭୋକ ଶୋଷ ବି ଭୁଲି ହୋଇଯାଏ । ଅଗନା ଅଗନ ବନସ୍ତରେ ଚଢ଼େଇ ଦୁଇଟି ବହା ବାନ୍ଧିଲା ଭଳି ନୂଆ ଉତ୍ସାହ, ନୂଆ ପ୍ରେରଣାରେ ଅହରହ ଲାଗି ପଡ଼ିଥାନ୍ତି ସ୍ୱାମୀ ସ୍ତ୍ରୀ ।

ପରିବା ଫସଲର ମରମ ଆମେ ଜାଣି ନାହୁଁ । ଦ'ପା ଜମିରେ ଧାନ କଲେ ଯେତିକି ଆୟ ହବ, ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଫସଲ କଲେ ସେଥିରୁ

ତା'ର ପାଞ୍ଚଗୁଣା ଆୟ ହେବ । ଖାଲି ଟିକିଏ ବୁଦ୍ଧି ମିହନ୍ତ କରି ତା'ପଛକୁ ତା'ପଛକୁ କରିପାରିଲେ ହେଲା । ଜମି କେବେ ପଡ଼ିଆ ପଡ଼ିବ ନାହିଁ । ଗୋଟିଏ ଫସଲ ଉତୁରିବା ସଙ୍ଗେ ସଙ୍ଗେ ଆଉ ଗୋଟିଏ ଆରମ୍ଭ ହେଉଥିବ । ଏତେ ଲାଭ ଏଥିରେ ଯେ, ଡେପୋଟୀ କଲଟରର ଚାକରୀ ବି ଏଥିକି ଲକ୍ଷ୍ୟ ନୁହେଁ । ଘର ପିଣ୍ଡାରୁ ତଳକୁ ଓହ୍ଲେଇବାକୁ ହବନାହିଁ । ଅଥଚ ଅପର୍ଯ୍ୟାପ୍ତ ପଇସା ଅସି ଆପଣା ଛୁଏଁ ଗୋଡ଼ ପାଖରେ ଜମା ହୋଇ ପଡ଼ିବ । ଆଉ ଟିକିଏ କଷ୍ଟକରି କଦଳୀ, ଆଳୁ, କୋବି, ପିଆଜ ଆଦି ଭଲଭାବରେ କରି ପାରିଲେ, ଯାହା କହନ୍ତି ମାସ ଛ'ଟାରେ ମାଇପ ସୁନାଚୁଡ଼ି ପିନ୍ଧିବ । ସେଇଥିପାଇଁ ଆମର ବଡ଼େ ବଡ଼େ କହି ଯାଇଥିଲେ..."ବାରିରେ ହାଟ ବସେଇବାକୁ ।" ବେଶୀ ପାଠପଢ଼ି ଆମେ ସେକଥା ଭୁଲି ଗଲେଣି ।

ମିନା କଥା ପଢ଼ୁଲେ ପଢ଼ୁଲେ ଖିଆସି ବୁଝି ଥିଲା ବିନୟ, କିନ୍ତୁ ପରେ ଯେତେବେଳେ ଦେଖିଲା ଯେ ତିନିଟା ପେଟ କ'ଣ, ଟିକିଏ ବୁଦ୍ଧି ମିହନ୍ତ କଲେ ତାଙ୍କର ଭଳିଆ ତିନି ତିନିଟା ପରିବାର ବି ଏଥିରେ ସୁରୁଖୁରୁରେ ଚଳିଯିବେ, ସେତେବେଳେ ସେ ଅନ୍ୟ କୁଆଡ଼େ କିଛି ଚେଷ୍ଟା ନକରି ମନପ୍ରାଣ ଦେଇ ଲାଗିପଡ଼ିଲା ଏଇଥିରେ । ନିତି ରାତି ପାହିଲେ ବିନୟ କୋଡ଼ିଟିଏ ଧରି, ଦା'ଟିଏ ଧରି ବାରିରେ ପଶେ—ମିନା ମାଠିଆଟିଏ କାଖେଇ ପାଣି ଦବାକୁ ଯାଏ, ନଇଲେ ଟୋକେଇ ଟିଏ ଧରି ଯାଇଁ ଘାସ ବାଛେ । ଜହ୍ନି, ଭେଣ୍ଡି, କାକୁଡ଼ି, କଖାରୁ ବା ସିମ, ବରଗଡ଼ା, ଖଡ଼ା, ନେଉଟିଆ—ଯୋଉଥିରେ ବେଶୀ ପରିଶ୍ରମ ନାହିଁ, ଯାହାକୁ ଖାଲି ମାଟିରେ ପୋତିଦେଲେ ଆପଣା ଛୁଏଁ ଗଛ ଉଠ ଫୁଲ କସି ନଇଁହୁଏ, ବାଉଁସିଆ ବାଉଁସିଆ ଫଳ ଫଳେ—ସେ ସବୁର ଭାର ମିନା ଉପରେ । ବିନୟକୁ ସେଥିପାଇଁ ମୁଣ୍ଡ ଖେଳେଇବାକୁ ପଡ଼େ ନାହିଁ । ଶୀତଦିନିଆ ଫସଲ ଧନିଆ, କୋଶିଲା, ମୂଳା, ବିଲାତି ବାଇଗଣ ପ୍ରଭୃତି ବି ମିନାର କାମ । କାଟି ଖୁଦେଇ କିଆରି କରିବାଠଉଁ ପାଣିଦେବା, ଘାସ ବାଛିବା, ଛେଳି ଗୋରୁଙ୍କୁ ଜଗିବା ପର୍ଯ୍ୟନ୍ତ ସବୁ କାମ ଆପଣା ହାତରେ କରେ ସେ ।

ବିନୟ ବି ଭାରି ପରିଶ୍ରମୀ । ବାଇଗଣ, ଲଙ୍କାମରିଚ, ଆଳୁ, ପିଆଜ, ବନ୍ଧାକୋବି ଓ ଫୁଲକୋବି ପ୍ରଭୃତି ସବୁ ଫସଲ କରେ ସିଏ । ଖରା ବର୍ଷା ଶୀତ—ଆଠକାଳି ବାରମାସି ଲାଗିଥାଏ ସେଇଥିରେ ମାଟି ସାଙ୍ଗରେ ମାଟି ହୁଏ ।

ରକ୍ତ ପାଣିଫଟେଇ ପରିଶ୍ରମ କରେ । ଫଳରେ ଦାନ କେଉଁଠାରେ ବାଡ଼ିଅଗଳ ପୂରିଉଠେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ହୋଇ ହସିଉଠେ । ଜଳବଜଆ ପନିପରିବାରେ ତ ଘର ଭରେ; କୁଣିଆମଇଁପ ବନ୍ଧୁ ବାନ୍ଧବଙ୍କ ଘରକୁ ତ ମନଇଚ୍ଛା ଭାରବୋଝ ପଠାହୁଏ, ତା' ଛଡ଼ା ବସ୍ତା ବସ୍ତା ପରିବା, ଗାଡ଼ି ଗାଡ଼ି ଆଳୁ କୋବି ଫି' ହାଟ ପାଳରେ ବେପାରୀଙ୍କି ବନ୍ଦୀ କରିଯାଏ । କଳରି ମଞ୍ଜି ଭଳି ମୁଠା ମୁଠା କଞ୍ଚା ପଇସା ଆସି ଗୋଡ଼ ତଳେ ଜମାହୁଏ ।

ଏଇ କେଇଟି ଋତୁ ଫସଲ ଛଡ଼ା ସବୁଦିନିଆ ଫସଲ ଆଡ଼କୁ ବି ସେମାନେ ମନ ଦେଇଥିଲେ । ଯଥା କଦଳୀ, ନଡ଼ିଆ, ଆମ୍ବ, ପଣସ ।...... କୂଅରୁ ମାଠିଆ ମାଠିଆ ପାଣି କାଢ଼ି ଶାଗପଟାଳି ବା ବାଇଗଣ ଶିଆରିରେ ଦେଲାବେଳକୁ ଭାରି କଷ୍ଟହୁଏ । ଆଳୁ, କୋବି ପାଇଁ ବି ପଡ଼ିଶାଘର ପୋଖରୀରୁ ନିତି ନିତି ପାଣି ବୋହିଲେ ସେ କଟ କଟ ହୁଅନ୍ତି । ତେଣୁ ପାଣି ଅଭାବ ଦୂର କରିବା ପାଇଁ ମିନ ସ୍ଥିରକଲା ଗ୍ରେଟିଆ ଗାଡ଼ିଆ ଖଣ୍ଡିଏ ଖୋଳେଇବାକୁ । ସେ ମାଟି ବାଡ଼ିସାରା ବଛେଇ ହୋଇ ପଡ଼ିଲେ ଖାଲୁଆ ଜମି ଟିକିଏ ଉଚ୍ଚା ହବ, ଆଉ ଏଣେ ଗାଡ଼ିଆରେ ବାଉଁଶ ଦ'ଖଣ୍ଡ ପୋତି ତେଣ୍ଡା ମାରିଦେଲେ ସହଜରେ ପାଣି ଉଠେଇ ବଗିଚା ସାରା ମଡ଼େଇ ହବ । ସେଇଆହିଁ ହେଲା । ଫି' ବର୍ଷ ଖରାଦିନେ ପୋଖରୀରୁ କଚ୍ଛ କଚ୍ଛ ମାଟି ଉଠାହୋଇ ତା' ଚାରିପାଖ ବନ୍ଧ ଉଚ୍ଚକରି ବନ୍ଧା ହୁଏ ଏବଂ ପୋଖରୀ ଟିକିଏ ଗହିରିଆ ହେଲେ ସେଥିରେ ନାନା ଜାତି ମାଛ ଜାଆଁଳ ଛଡ଼ାହୁଏ । ପୋଖରୀ ହୁଡ଼ା ଚାରି ପାଖସାକ ମିନ ପୋତିଦିଏ କଦଳୀ ପୁଆ । ପାଣି କୂଳିଆ ଜମିରେ କଦଳୀଗଛ ବେଶ୍ ହୃଷ୍ଟପୁଷ୍ଟ ହୋଇ ବଡ଼ ବଡ଼ ପୁରିଶାଳିଆ କାନ୍ଧ ପକାଏ । ବର୍ଷ ଦ'ଟାରେ ବେଶ୍ ଗୋଟାଏ ଆଖି ଦୃଶିଆ କଦଳୀ ବଗିଚା ଠିଆ ହୋଇ ଗାଡ଼ି ଗାଡ଼ି କାଠିଆ, ବନ୍ତଳ, ଚମ୍ପା, ଶଙ୍କରିରେ ଭରତି ହୁଏ । ଘରେ ବା କେତେ ଖାଇବେ ? ମାସକୁ ମାସ ଭାର ଭାର କଦଳୀ କଟକିଆ ବେପାରୀଙ୍କି ବନ୍ଦୀ କରନ୍ତି ।

ତେଣେ ପୋଖରୀରେ ରୋହି, ମିରିକାଳି, ଭାକୁଡ଼ି ବଡ଼ ବଡ଼ ହୋଇ ନିତି ତରକାରୀ ଖଇ'ତ ଚଳେ, ତା'ଛଡ଼ା ସାହି ପଡ଼ିଶାରେ ବନ୍ଧୁଜନମିତ୍ର ହେଲେ

ଦଶ ସେର ପନ୍ଦର ସେର ବାଡ଼ି ବି ହୁଏ । ବାଡ଼ି କଡ଼େ କଡ଼େ ନଗେଇ ଦିଅନ୍ତି ନଡ଼ିଆ, କଲମୀ ଆମ୍ବ, ଲେମ୍ବୁ, ପଣସ, ପିଜୁଳି, ଅମୃତଭଣ୍ଡା । ବର୍ଷ କେଇଟାରେ ଗଛଗୁଡ଼ିକ ଗୋରଡ଼ା ଭିତରୁ ମୁଣ୍ଡ ଟେକି ଉପରକୁ ଉଠିଯା'ନ୍ତି । ଖାଲି ଯେ ବଗିଚାର ଶୋଭା ବଢ଼େ ତା' ନୁହେଁ—ଓଦର ଓଦର ଆମ୍ବ, ନଡ଼ିଆ, କାଗିଜି, ଅମୃତଭଣ୍ଡା ଫଳିବା ପାଇଁ ଦିନ ପୁରୁଷକୁ ଗଛ ଛୁଡ଼ା ହୁଏ । ଏସବୁ ବାଦ ଆଉ ଗୋଟିଏ ଯୋଡ଼ିଏ ଫସଲ କରନ୍ତି, ଯୋଉଥିରେ ତ ଅଧଲାଟିଏ ଖର୍ଚ୍ଚ କରିବାକୁ ପଡ଼େ ନାହିଁ କି କଡ଼ାକର ମିହନ୍ତ କରିବାକୁ ପଡ଼େ ନାହିଁ । ସେ ହେଉଛି ସଜନା ଛୁଇଁ, ବଡ଼ଆଳୁ ଓ ସପୁରି । ଶୁଖିଲା ଧଳନାଡ଼ାଙ୍ଗୀ ଖଣ୍ଡିଏ ପୋତି ଦେଲେ ସେ ବର୍ଷାଖାଇ ତା ମନକୁ କେନା ମେଲେଇ କଅଁଳି ଉଠେ । ମାସ ଛ'ଟାରେ ବେତା ବେତା ସଜନାଛୁଇଁ ଓଳପଡ଼େ ।......ବାଡ଼ି କଡ଼େ କଡ଼େ ଗାତ ଖୋଳି କାଠିକୁଟା, ଅଳିଆ ମଳିଆ ନେଇ ଯାପୁଆ କି ସ୍ୱାଦ ଖୋଳିଆ କି ନାଲି ଆଳୁର ପିଣ୍ଡ ପକେଇ ଦେଲେ ତା' ମନକୁ ମନ ବର୍ଷ ଦି' ତିନଟାରେ ମହଣ ମହଣ ଖମ୍ବଆଳୁ ବାହାରେ । ସେଥିରେ ପାଣି ଦେବାକୁ ହୁଏ ନାହିଁ କି ଖତ ପିଡ଼ିଆ ପକେଇବାକୁ ହୁଏ ନାହିଁ, କି ବନ୍ଦଛନ୍ଦ ଦେଇ ଛେଳି, ଗାଈ, ମାଙ୍କଡ଼ ଜଗିବାକୁ ହୁଏ ନାହିଁ ।... ସପୁରି ବି ସେମିତି । ଅରମା ବାଉଁଶବଣରେ ଗୁଇ ତଳେ ତଳେ ସପୁରି ଦଶମୁଣ୍ଡା ପକେଇ ଦେଲେ ଗୁହୁଁ ଗୁହୁଁ ବର୍ଷକ ଭିତରେ ବାଉଦାଗ୍ରି ମାଡ଼ିଯାଏ । ପାଚିଲି ସପୁରି ଖାଇବେ ବା କେତେ ? ଗୋଟାଏ ଦି'ଟା ଖାଇଲା ବେଳକୁ ମିଠାରେ ମୁହଁ ବାନ୍ଧି ହୋଇଯାଏ—ପଣକାପଣ ସପୁରି ଫି' ବର୍ଷ ହାଟୁଆଙ୍କୁ ବିକନ୍ତି ।

ଏଇ ସବୁ ଦାଦନିଆ ଫସଲ—କଦଳୀ, ବଡ଼ଆଳୁ, ପଣସ, ସପୁରି, ଅମୃତଭଣ୍ଡାରେ ଏତେ ଲାଭ ଯେ, ଘରେ ଖାଇ, ସାହି ପଡ଼ିଶାରେ ବାଣ୍ଟି, ବନ୍ଧୁ ବାନ୍ଧବଙ୍କ ଘରକୁ ବଇଜନମିନ୍ତରେ ବୋଝ ଭାର ପଠେଇ ବି ବର୍ଷକୁ ବର୍ଷ ଶହ ଶହ ଟଙ୍କା ବିକନ୍ତି । ଖାଲି ସେତିକି ନୁହେଁ—ପଡ଼ିଶାଘର ସାଙ୍ଗରେ ଭାଗକରି କିଛି ନଳତା ବି କରିଆଏ ବାନ୍ଧୁ । ମାସ ତିନଟାରେ ସେ ବାବଦରୁ ଟଙ୍କା ତିନିଶହ ପାଏ ପାଏ । ଆଳୁ, କୋବି, ପିଆଜ, ବାଇଗଣରେ ବି ବେଶ୍ ଆଖିଦୃଶିଆ ଲାଭ ହୁଏ ।

ପୁଣି ମିନୁ ଏଣେ ହୋମିଓପ୍ୟାଥିକ୍ ପ୍ରାକ୍‌ଟିସ୍ କରେ । ସିଙ୍ଗର ମେସିନଟି ଧରି ଗାଁଟା ସାକର ପିଲା ଜୁଆ, ବଡ଼ ମଣିଷଙ୍କ ଜାମା, ପେଣ୍ଟ, କୁରୁତା ଆଦି ତିଆରି କରିଦିଏ । ସେ ବାବଦରେ ବି ମନ୍ଦ ଆସୁ ନୁହେଁ, ମୋଟ ଉପରେ ତାଙ୍କର ବର୍ଷକ ଚଳି ଆନୁସ୍ୱାରର କଲେଜ ଖର୍ଚ୍ଚ ଗଣ୍ଡିକ ବି କୌଣସିମତେ ସେଇଥିରୁ ଉଠିଯାଏ । ମିନୁ ମୁହଁରେ ଫୁଟି ଉଠେ ହସ । ବିନୟ ଶାନ୍ତିରେ ନିଃଶ୍ୱାସ ମାରେ ।

—ଚଉଦ—

ଅଳସୁଆ ଥୋଲବାଲା ଲୋକଙ୍କର ସିନା କିଛି ଚିନ୍ତା ନଥାଏ ଯେ ସବୁବେଳେ ଅୟସ କରନ୍ତି, ସିନେମା ଥିଏଟର ଦେଖନ୍ତି ବା ମଟରରେ ଚଢ଼ି ନଈକୂଳେ କୂଳେ ହାଓ୍ୱା ଖାଇ ବୁଲନ୍ତି । କିନ୍ତୁ ଯୋଉମାନଙ୍କର ସବୁବେଳେ ପେଟର ଚିନ୍ତା ଆଉ ଯୋଉମାନଙ୍କର ସବୁବେଳେ ଦେଶର ଚିନ୍ତା, ସେମାନଙ୍କୁ କେବେ ହେଲେ ବେଳ ମିଳେ ନା ଅୟସ କରିବାକୁ—ମୁହୂର୍ତ୍ତିଟିଏ ବି ସେମାନେ ପାଆନ୍ତି ନାହିଁ ଅବ୍ୟାଜରେ ନଷ୍ଟ କରିବାକୁ ।......

ବିନୟ ମିନୁ—ତରୁଣ ତରୁଣୀ—ଦୁହିଙ୍କର ଉଚ୍ଛୁଳା ଯୌବନ, ଉଲ୍ଲସା, ଅଙ୍ଗ, ଉଚ୍ଛଳା ଦେହମନ । ହେଲେ ଆଧୁନିକ ଯୁବକ ଯୁବତୀଙ୍କ ଭଳି କେବେ ତାଙ୍କୁ ସମସ୍ତ ମିଳେନା ଆରାମ ଚୌକିରେ ବସି ଘଣ୍ଟା ଘଣ୍ଟା ଧରି ପ୍ରେମ ଆଲୋଚନା କରିବାକୁ । ସବୁବେଳେ ମାଟିହଣା, ଘାସବଛା, ପାଣିବୁହା । ଟିକିଏ ଫୁରୁସତ ହେଲେ ଗାଁର ଦୁଃଖୀରଙ୍କୀ, ଅରକ୍ଷ ଅନାଥଙ୍କ ଚିନ୍ତା—ଅନ୍ଧ, ଅଶିକ୍ଷିତ,

ମଲ୍ଲମୂର୍ତ୍ତି ଆଙ୍କ ଆଖି ଝିଟେଇବା ପାଇଁ ଚେଷ୍ଟା । ଏଥିରେ ସମସ୍ତ କାହିଁ ଉପନ୍ୟାସର ନାୟକ ନାୟିକା ଭଳି ମଟରରେ ବୁଲି, ବାଇସ୍କୋପ ଯାଇଁ ପ୍ରେମ କରିବାକୁ ? ପରପାଇଁତ ବୁଢ଼େ ଜୀବନ ଉତ୍ସର୍ଗ କରି ଦେଇଛନ୍ତି, ଆପଣା ପାଇଁ ଚିନ୍ତା କରିବାକୁ ବେଳ କାହିଁ ?

ହେଲେ ଆଦର୍ଶର ଖଣ୍ଡାଧାରରେ ଗ୍ଲୁଲୁ ଗ୍ଲୁଲୁ ବି ମନଟା କାହିଁକ ବେଳେ ବେଳେ ଦୋହଲଯାଏ—ଶୋଇଲା ଆଶା ଚେଇଁଉଠେ । ସୃଜନ କାମୀ ଆତ୍ମା ଛଟପଟ ହୁଏ ଆଉ ଗୋଟିକ ଭିତରେ ଯାଇଁ ଆପଣାର ଅସ୍ତିତ୍ୱ ହଜାଇ ଦେବାକୁ, ଠିକ୍ ସେଦିନ ଏଇକଥା ହେଇଥିଲା ମିନା ଓ ବିନସ୍ତଙ୍କ ଜୀବନରେ ।

ପୁଷମାସିଆ ଦିନ । ସଞ୍ଜ ବୁଡ଼ିଗଲାଣି । ଶୀତରେ ଦେହ ଠାଇ ଠାଇ କମ୍ପୁଛି । ହାତଗୋଡ଼ କୋଲମାରି ଦଉଛି । ହେଲେ ଗାଁ ଲୋକଙ୍କୁ ବସିବାକୁ ଭର ନାହିଁ । ସହରର ଧନବନ୍ତ ଜନମାନେ ସିନା ନାନାଦି ଶାଲ, କମ୍ବଲ, ଗରମ ପୋଷାକ ବ୍ୟବହାର କରି ସନ୍ତୁ ନ ହେଉଣ୍ଡୁ କୋଠାଘରେ କବାଟ କିଲି ବସନ୍ତି, ପଲ୍ଲୀର ଦରିଦ୍ର ଲୋକେ କନ୍ଥା ତେଲକୋଚଟ ଗାମୁଛା ଖଣ୍ଡିଏ ଦେହରେ ପକେଇ ଭାଗ୍ୟକୁ ଆଦରି ଶୀତକଷ୍ଟ ସହନ୍ତି । ସେହି ଚିରିଫଟା ହେଁସ ଖଣ୍ଡି କହିଁ ତାଙ୍କର ଏକମାତ୍ର ସମ୍ବଳ । ପୁଣି ସଞ୍ଜବେଳକୁ କାମରୁ ଆସି ଚୁଲୀ ପାଖରେ ଟିକିଏ ବସିଯିବାକୁ ବି ତାଙ୍କୁ ବେଳ ମିଲେନା । ଦିନଯାକ ହାଡ଼ଭଙ୍ଗା ପରିଶ୍ରମ କରି ଧାନକଟା, ହଲାବୁହା, ନଡ଼ାବୁହା ସାରି ଫେରିଲବେଳକୁ ସାଙ୍ଗେ ସାଙ୍ଗେ ତାଙ୍କୁ ଯିବାକୁ ହୁଏ ଆଳୁ ବିଲକୁ— ସେହି ଜାଡ଼, ଶୀତ, କୁହୁଡ଼ି କାକରରେ ପଡ଼ି ପଡ଼ି ଆଳୁ କିଆରୀରେ ପାଣି ମଡ଼େଇବାକୁ ।

ବିନସ୍ତ ସେଥିରୁ ବାଦ୍ ଯିବ କାହିଁକ ? B. A. ପାଶ୍ କରିଛି ବୋଲି ସେ କ'ଣ ଗାଁର ମହଜା ଦାଦି, ନୋକେଇ ଅଜାଠଉଁ ନିଆରା ? ସେମାନେ ତ ବୁଢ଼ା ବୁଢ଼ା ହେଇ ଯାଇଛନ୍ତି, ଏ ଟୋକା ହେଇ ମୂଲିଆ ନଗେଇବ କାହିଁକ ? ନଗେଇଲେ ଲୋକେ ଭାବିବେ କ'ଣ ? ବିନସ୍ତ ଉଠେ । ମିନା କହେ, "ଛାଡ଼ କ'ଣ ?

ଛୁଆ ଯେତେବେଳେ କାନ୍ଦୁଛି, ମା' ସେତେବେଳେ ତା'କୁ କ୍ଷୀର ଦେଉଛନା ? ଆମେ ଯେମିତ ଆଲୁ ନଗେଇଛେ—ତା'ର ଯେତେବେଳେ ଯା' ଦରକାର, ସେତେବେଳେ ତା' ଦବାକୁ ଚଳେଇବା କାହିଁକି ?"...ମିନ ମଧ୍ୟ ବିନସ୍ତ ପଛେ ପଛେ ଉଠେ । ଘର ପଛପଟେ ସ୍ୱାମୀଙ୍କର ବାଡ଼ି । ବାଡି ଭିତରେ ବି ପୋଖରୀ । ତେଣୁ ବିଶେଷ କିଛି ଅସୁବିଧା ହୁଏ ନାହିଁ । ତେଣ୍ଡାରେ ଚଢ଼ି ବିନସ୍ତ ପାଣି ବୁହେ । କୋଡ଼ି ଧରି ମିନ ଗିଆରିକା ଗିଆର ପାଣି ମଡ଼ାଏ ।

ସେଦିନ ହେଇଥାଏ ପୁନେଇଁ । ନୀଳ ଆକାଶର ମଥା ଚିର ଦୂର ଦିଗ୍-ବଳୟ କୋଳରେ ହସି ଉଠିଲା କଅଁଳ ଛନଛନ ଜହ୍ନ । ଆଉ ସେହି ଜହ୍ନ ଆଲୁଅରେ ହସି ଉଠିଲା ସାରା ପୃଥିବୀର ବନବଲ, ପାହାଡ଼ ପର୍ବତ, ଗଛଲତା । ଦି' ପାଖ ବାଡ଼ିରେ ଫୁଟି ଉଠିଥାଏ ଅସୁମାରି ହେନାଫୁଲ । ମହକରେ ଚଉଦିଗ ଫାଟି ପଡ଼ୁଥାଏ । ତୋଟା ସେପାରି ଆଲୁ କିଆରିରେ ପାଣି ବୋହୁଥାନ୍ତି ଅସଂଖ୍ୟ ଗୃହୀ ଭାଇ । ସେମାନଙ୍କ ମନ ଫୁଲଣିଆ ଉଚ୍ଛୁଳା ଗୀତ ଭାସି ଆସୁଥାଏ ଧୀର ପବନରେ । ଦୂର ସଡ଼କରେ ଗୁଲ ଯାଉଁ ଯାଉଁ କେଉଁ ଏକ ସ୍ୱପ୍ନ ବିଭୋର ତରୁଣ କବି ସଙ୍ଗୀତର ଲହରି ଛୁଟାଇ ଦେଇଥାଏ—

"ଫୁଲବନେ ଫୁଲ ମୋର ପରାଣ ସାଥୀ,
ତାରି ସାଥେ ପୁହାଇବି ସୁନ୍ଦରୀ ରାତି ।"

କେଜାଣି କାହିଁକି ବିନସ୍ତ ମନଟା ସେଦିନ ଭାରି ଚଞ୍ଚଳ ହୋଇ ଉଠୁଥାଏ । ପ୍ରାଣରେ ଅଜଣା ପୁଲକ, ମନରେ ଅସରନ୍ତି ଆଶା, ଦେହରେ ଅଭିନବ ଶିହରଣ । ପୁନେଇ ରାତିରେ ଜୁଆର ଉଠିଲାଭଳି ମନ ଫୁଲି ଫୁଲି ଉଠୁଥାଏ । ରସିକ ସାଗର କଲକଲ ରବ କରି ତରୁଣୀ ତଟିନୀକି ଆଲିଙ୍ଗନ କଲାଭଳି ତନୁ, ମନ, ଜୀବନ, ଯୌବନ ସବୁ ତା'ର ଉତ୍ତାଳ ହୋଇ ଉଠୁଥାଏ ଆଉ ଗୋଟାଏ କଞ୍ଚା ଦେହର ନିବିଡ଼ ସ୍ପର୍ଶ ପାଇଁ । ଦୂରରୁ ଭାସିଆସେ ପୁଣି ସେହି ତରୁଣ କବିର ଅମାନିଆ, ବେପରୁଆ ଗୀତ—

"ସାତ ମହାଲା ଘରେ ତା'ର ଜଳେ ମଣିଦୀପ,
ମଲୟ ତା'ର ଅଞ୍ଚଳ ତଳେ ଲୁଚମାରେ ଧାଇଁ ।"

ଥରି ଉଠେ ବନ୍ୟୁର ଛାତି । ଦେହ ଅବଶ ଲାଗେ, ମନ ଅଳସ ଲାଗେ । ଅଜାଣତରେ ତେଣ୍ଡା ବାଉଁଶରୁ ଛାଡ଼ିଦଏ ହାତମୁଠା । ପାଣିବୁହା ଛାଡ଼ି ସେ ଆସି ଧୀରେ ଧୀରେ ଗୋଡ଼ ଦଏ କିଆରିରେ । ମିନାର କିନ୍ତୁ କୁଆଡ଼କୁ ଲକ୍ଷ୍ୟ ନାହିଁ । ଲୁଗା କାନିଟା ଚଉରସ କରି ଅଣ୍ଟାରେ ଗୁଡ଼େଇ ଦେଇ ସେ କୋଡ଼ି ଖଣ୍ଡିଏ ଧରି ପାଣି ମଡ଼େଇବାକୁ ଲାଗିଛି । ଶୀତ ଛାଡ଼ିଲେଣି କେତେବେଳୁ । ଅଳସୁଆ ବଡ଼ଲୋକ ଘର ଭିତରେ ବସି ସାମାନ୍ୟ ଶୀତରେ ଥରୁ ଥରୁ ହୁଅନ୍ତୁ ସିନା, ଗରିବଙ୍କୁ କିନ୍ତୁ ଜପଟ ମେଲରେ ବି ଶୀତ ବାଧେନା । ପାଣି କାଦୁଅ, କୁହୁଡ଼ି କାକରରେ ଜଡ଼ ଜଡ଼ ହୋଇ ମିନି ଲାଗିଛି ତା' କାମରେ । ହଠାତ୍ କାହିଁକି ମହାବଳରୁ ପାଣି କମିଗଲା । ଶିଆରିଟିଏ ଅଧା ହୋଇଛି ଅଥଚ ପାଣି ଆଉ ଆସୁନାହିଁ । କଥା କଣ କିଛି ବୁଝି ପାରିଲା ନାହିଁ ମିନି ।

ହଠାତ୍..... ହଠାତ୍ କାର ସ୍ପର୍ଶରେ ଛାଉଁକିନା ଚମକି ପଡ଼ିଲା ସେ । କିନ୍ତୁ ଫେରି ଚାହିଁବାର ଯୁ' ନାହିଁ । ଆଖି ଯୋଡ଼ିକ କିଏ ବନ୍ଦ କରିଛି ପଛଆଡ଼ୁ । ଆଶ୍ଚର୍ଯ୍ୟ ହେଲା ମିନି । ଅନ୍ତରାତ୍ମା ତା'ର ଥରି ଉଠିଲା ଭୟରେ । ...ଚତୁର ବନ୍ୟୁ ବୁଝି ପାରିଲା । ହାତ ଛାଡ଼ି କୋଳକୁ ଆଉଜାଇ ଆଣି ଠୋ ଠୋ ହସି ଉଠିଲା ସେ । ଲାଜକୁଳୀ ଲତା ଭଳି ସରମରେ ନଇଁ ପଡ଼ିଲା ମିନି । ମଥା ପୋତି ଧୀରେ ଧୀରେ କହିଲା, ‘ଛି, ଏତେ ଦୁଷ୍ଟ ତମେ । ଏମିତି ଅମାନିଆ ହୁଅନ୍ତିନା । ମୁଁ ଏକା ଭାରି ଡରି ଯାଇଥିଲି । ଦେଖିଲ, ମୋ ଛାତିଟା କେମିତି ଧପ୍ ଧପ୍ ପଡ଼ୁଛି ।” ବନ୍ୟୁର ହାତ ନେଇ ମିନି ଛାତି ଉପରେ ଚାପି ଧରିଲା ।

ବନ୍ୟୁ କହିଲା, “ଦେଖୁଛ କେଡ଼େ ସୁନ୍ଦର, ଚାନ୍ଦିନୀ ରାତି । ସବୁଜ ଲତାର ପତ୍ର ଫାଙ୍କରେ ଝରିପଡ଼ୁଛି କୋମଳ ଜ୍ୟୋତ୍ସ୍ନା ଆଲୁଅ, ଅନ୍ଧାର ସତେକି ଲୁଚକାଳି ଖେଳ ଲଗେଇଛି ଧରାରେ । ଆମର ଏଇ ଛୋଟ ବଗିଚାଟିରେ ସଉରଭର ଗଉରବ ଲୁଟାଇ ଫୁଟି ଉଠିଛି ହେନା । ସ୍ୱପ୍ନର ସୌଖୀନ ମିନାର ଗଢ଼ୁ ଗଢ଼ୁ ପ୍ରାଣ ପୁଲକରେ ଗାଇଉଠୁଛି ତରୁଣ କବି । ଶୁଣୁଛ ? ଶୁଣି ପାରୁଛ ମିନି ? ଅନୁଭବ କରି ପାରୁଛ ସେହି ସଙ୍ଗୀତର ପ୍ରାଣ-ଉଲୁସା, ମନ୍ଦ ମଧୁର ଝଙ୍କାର ?”

ହସି ଉଠିଲା ମିନି—“କବି ତ ସିଏ ନୁହେଁ, କବି ତ ତମେ ନିଜେ । କବିତାର ମୃଦୁ ହିଲ୍ଲୋଳରେ ଆଜି ଥରି ଉଠୁଛି ତମ ହୃଦୟର ଗୋପନତମ ତନ୍ତ୍ରୀ ।

ବାସ୍ତବତାକୁ ଛାଡ଼ି କାହିଁ କେଉଁ ଅଜଣା ଅଶୁଣା ସପନ ରାଇଜରେ ଆଜି ଭାସି ବୁଲୁଛ ତମେ । ରସିକ ଶ୍ରୀକୃଷ୍ଣଙ୍କ ଭଳି ଫୁଲକୁଞ୍ଜରେ ଅଭିସାର ରଚିବାକୁ ହୁଏତ ତମେ ହୋଇ ଉଠିଛ ଆତ୍ମହରା । ଖାଲି ତଫାତ୍ ଭିତରେ ତାଙ୍କର ଥିଲା ବଇଁଶୀ ଆଉ ତମର ଅଛି ଟେଣ୍ଡା ବାଉଁଶ—ସେ ଅଭିସାର ରଚୁଥିଲେ ମାଧବୀ ଲତାରେ ଆଉ ତମେ ସ୍ୱପ୍ନ ଦେଖୁଛ ଆଳୁ କିଆରୀରେ...... ।"

ଠୋ ଠୋ ହସି ଉଠିଲେ ଦୁହେଁ । ନିର୍ଜନ ସ୍ଥାନଟା କ୍ଷଣକେ ପାଇଁ ଉଚ୍ଛୁଳି ଉଠିଲା ସେ ହସରେ । ମିନାର ହାତଧରି ବିନୟ ଧୀରେ ଧୀରେ ଗୋଡ଼ ବଢ଼େଇଲା ଆଗକୁ ।......ପୋଖରୀ ହୁଡ଼ାରେ ଗୋଟିଏ ଛୋଟସୁନ୍ଦର ଚଉତରା । ମିନାର ହାତ ତିଆରି ସେ । ଗୁରୁପାଖେ ଇଟାର ଗୋଲେଇ । ଗାଲିଚା ବିଛେଇଲା ଭଳି ତା' ଭିତରେ କଅଁଳିଆ ସବୁଜ ଘାସ । ତା' ଚାରିପଟେ ଜାଈ, ଜୁଈ, ଟଗର, ଓଲଟ, ଗୋଲାପ, ମଲ୍ଲୀ, ହେନା, ରଜନୀଗନ୍ଧା ଆଦି ନାନା ଜାତିର ଫୁଲଗଛ । ଜହ୍ନ ଆଲୁଅରେ ହସି ଉଠୁଥାଏ ସ୍ଥାନଟି । ଫୁଟନ୍ତା ଫୁଲର ସଉରଭରେ ମହକି ଉଠୁଥାଏ ଗଗନପବନ । ସେହି କୋମଳ ମଧୁର ବାତାବରଣ ତଳେ ବିନୟ ମିନା ଦୁହେଁ ଯାଇଁ ବସିଲେ । ମୁହଁରେ ହସ ଆନନ୍ଦର ଢେଉ—ପ୍ରାଣରେ ପ୍ରେମର ଅନ୍ତଃ ସଲିଳା ଫଲ୍‌ଗୁ ।

ଗାଁ ମାଇପେ ଢଗ ପକାନ୍ତି—
"କୋଠାଘର ବୁଢ଼ାବର—ଲୁହ ବହିଯାଏ ଝରଝର
ଭାଡିଘର ଝୋକାବର—ହସ ମାଡ଼ୁଥାଏ କଚକର ।"

ସତକଥା, ମିନା ଗରିବ—ମୁଲ ଲାଗିଲେ ପେଟ ପୋଷେ । ହେଲେ ତା' ଭଳି ସୁଖୀ ଦୁନିଆରେ ନାହିଁ । କାରଣ ସେ ମନଜାଣି ସ୍ୱାମୀ ପାଇଛି । ଜଣେ ପ୍ରାଣରେ ଜୁଆର ଉଠିଲେ ଅନ୍ୟ ଜଣକ ପ୍ରାଣରେ ତା'ର ସ୍ପନ୍ଦନ ଲାଗୁଛି—ଜଣେ ଯଉବନର ରଙ୍ଗୀନ ନିଶାରେ ଅରୁଆଳି ହେଇ ଉଠିଲେ ଆଉ ଜଣେ ଆତ୍ମବିହ୍ୱଳ ହୋଇ ତାକୁ କୋଳକୁ ଟାଣି ନେଉଛି । ଉଭୟ ଯୁବକ ଯୁବତୀ—ଉଭୟଙ୍କର ତରଳ ଦୃଷ୍ଟି, ଉଷୁମ ଦେହ, ଗରମ ନିଃଶ୍ୱାସ । ପ୍ରାଣରେ ପ୍ରାଣ ମିଶିଛି—ଦେହରେ ଦେହ ମିଶି-ଯିବାକୁ ଚିତ୍କାର କରିଉଠୁଛି ।

ମିନକୁ ଗ୍ରାଡ ଉପରକୁ ଆଉଜାଇ ଆଣି ବନସ୍ତ କହିଲା—"ସତେ, କେଡ଼େ ସୁନ୍ଦର ଏଇ ଆକାଶଟି । କେଡ଼େ ପ୍ରଶସ୍ତ ତା'ର ବକ୍ଷ । ସେଠି କୋଳାହଳ ନାହିଁ, କଳଡକଳର ନାହିଁ । ନୀରବ ନୀଥର, ଶାନ୍ତ—କିନ୍ତୁ ଏଇ ପୃଥିବୀଟା—ନାନାଦି ଈର୍ଷା, ଦ୍ୱେଷ, ବାଦ, ବିସମ୍ବାଦରେ ପୂର୍ଣ୍ଣ । ଏଠି ମଣିଷ ମଣିଷକୁ ଘୃଣା କରେ, ବଡ଼ଲୋକ ଗରିବର ରକ୍ତ ଶୋଷେ, ପାଠୁଆ ମୂର୍ଖ ପିଠିରେ ଚାବୁକ୍ ବସାଏ । ସବୁ ଭେଦଭାବ, ସବୁ ସଂକୀର୍ଣ୍ଣତା, ସବୁ ସ୍ୱାର୍ଥପରତା ଆସି ଜମାହୋଇଛି ଏଇଠି, କିନ୍ତୁ ଚାହିଁ ଦେଖ ଆକାଶକୁ—କେଡ଼େ ଉଦାର, କେଡ଼େ ଗମ୍ଭୀର, କେଡ଼େ ଶାନ୍ତ, କେଡ଼େ ମହାନ୍ । ସେଠି "ଏ ମୋର, ସେ ମୋର"—ଏ ସଂକୀର୍ଣ୍ଣତା ନାହିଁ; "ମୁଁ, ବଡ଼ ସାନ"—ଏ ଭେଦଭାବ ନାହିଁ । ସବୁ ସେଠି ଏକାକାର, ସବୁ ସେଠି ନିରାକାର, ସବୁ ସେଠି ନିର୍ବିକାର ।

ମିନ ! ପ୍ରାଣର ମିନ ମୋର ! ଏହି ଅନନ୍ତ ଆକାଶ ଭଳି ତମେ କ'ଣ ଉଦାର ହୋଇପାରିବ ? ସେଠି ଯେମିତି ଆପଣା ପର ବିଚାର ନାହିଁ, ସାନ ବଡ଼ ଭେଦ ନାହିଁ, କୀଟଠାରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ସମସ୍ତେ ସମାନ, ତମେ ସେମିତି ଶତ୍ରୁ ମିତ୍ର, ପାଠୁଆ-ମୂର୍ଖ, ଗରିବ-ଡାଲବର—ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖି ପାରିବ ? ଖାଲି "ଏ ମୋର ଘର, ଏ ମୋର ଦୁଆର, ଏ ମୋର ପୁଅ, ଏ ମୋର ଧନସମ୍ପତ୍ତି"—ଏଇ ବିଷୟବାସନାରେ ବାଇ ନ ହୋଇ ଆକାଶ ଭଳି ନିର୍ବିକାର, ନିର୍ବିକଳ୍ପ ଚିତ୍ତରେ ତମେ ସମଗ୍ର ବିଶ୍ୱବାସୀଙ୍କି ଆପଣାର, ଭାଇବନ୍ଧୁ, କୁଟୁମ୍ବଙ୍କ ଭଳି ଦେଖିପାରିବ ? ତାଙ୍କ ଦୁଃଖରେ ଦୁଃଖୀ ହୋଇ ତାଙ୍କ ଲୁହ ସାଙ୍ଗରେ ଲୁହ ମିଶାଇ ପାରିବ ?"

ମଥା ନୋଇଁ ମିନ ଉତ୍ତର ଦେଲା, "ଆଶିର୍ବାଦ କରନ୍ତୁ—ନିଶ୍ଚୟ ପାରିବ ।"

ସରାଗ ଫୁଟି ଉଠିଲା ବନସ୍ତ ମୁହଁରେ । ଆନନ୍ଦ ଉଲ୍ଲାସରେ ନାଚି ଉଠିଲା ପ୍ରାଣ । ଆପଣାର ବଳିଷ୍ଠ ବାହୁଯୁଗଳରେ ମିନକୁ ଜଡ଼ାଇ ଧରି କହିଲା, "ସତେ ! ଶାଗ ପଖାଳ ଖାଇ ବି ମୁଁ ଆଜି ପରମ ସୁଖୀ । ସରଗର ଚାନ୍ଦ ଆଜି ଖସି ପଡ଼ିଛି ମୋ ହାତରେ । ହେଇ ଦେଖ—ଏ ଚାନ୍ଦ ମୁହଁଟି ଅପେକ୍ଷା କ'ଣ ସେ ଚାନ୍ଦ ବେଶୀ ସୁନ୍ଦର ? ବେଶୀ ଲୋଭନୀୟ ? ନାଁ, ନାଁ—ସେ ଚାନ୍ଦ ଫିକା ପଡ଼ିଯିବ

ସ୍ବା' ପାଖରେ ତା'ର ରୂପ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ପ୍ରାଣ ନାହିଁ, ସୌରଭ ନାହିଁ । ଅଥଚ ବିଶ୍ବବ୍ରହ୍ମାଣ୍ଡର ସବୁ ସୌନ୍ଦର୍ଯ୍ୟ ଆସି ଠୁ଼ଳ ହେଇଛି ଏହି ଲାବଣ୍ୟବୋଳା କମନୀୟ ଚନ୍ଦ୍ର ବଦନରେ......।"

ବିନୟର ତୃଷିତ ଅଧର ଧୀରେ ନଇଁ ଆସିଲା । ମିନୁର ସରଳିଆ ସୁନା ମୁହଁଟି ଉପରେ ।

## —ପନ୍ଦର—

ଗାଁ ନାଁ କହି ଲାଭ ନାହିଁ । ଏ ଗାଁ ଯେମିତି, ଓଡ଼ିଶାର ସାନ ବଡ଼ ସବୁ ଗାଁ ଗୁଡ଼ିକର ଅବସ୍ଥା ପ୍ରାୟ ସେମିତି । ସବୁଠିଁ ଅଭାବ, ଅନଟନ, ରୋକ, ଉପାସ, ସବୁଠିଁ ଦୁଃଖ, ଦୈନ୍ୟ, ରୋଗ, ଶୋକ, ସବୁଠିଁ ଶୋଷଣ ପେଷଣ, କଷଣ, ନିର୍ଯ୍ୟାତନ । ଲୁଗା ଖଣ୍ଡିଏ ନ ପାଇ ଲୋକେ ଲଙ୍ଗଳା ହେଲେଣି; ଭାତ ମୁଠିଏ ନ ପାଇ ଲୋକେ କାଙ୍ଗାଲ ହେଲେଣି; ଔଷଧ ବୁନ୍ଦାଏ ନ ପାଇ ହଜାର ହଜାର, ଲକ୍ଷ ଲକ୍ଷ ଲୋକ ହଇଜା, ବସନ୍ତ, ମେଲେରିଆ, ମହାମାରୀରେ ପୋକ ମାଛି ଭଳି ଜଲବଲ ହୋଇ ମଲେଣି । ମୋଟ ଉପରେ ଆଜି ଗାଁ ଗୁଡ଼ିକର ଅବସ୍ଥା ଯେମିତି ହେଲାଣି, ଅତିଶୀଘ୍ର ତାର ପ୍ରତିକାର ନ କଲେ ହୁଏ ତ ଅଳ୍ପଦିନ ପରେ ଗାଁ ଗୁଡ଼ିକ ଏକାବେଳକେ ଲୋପ ପାଇଯିବ । ଭୋଗବିଳାସ, ଶୋଷଣ, ବ୍ୟଭିଚାରର ପ୍ରତୀକ ସ୍ୱରୂପ କେତୋଟି ଧୋବଧାଉଳିଆ ସହର ଦେଶ ବକ୍ଷରେ ଗଢ଼ି ଉଠିବ ଯିନା, ଶାନ୍ତ, ସରଳ, କାନ୍ତ, କୋମଳ ପଲ୍ଲୀ ଗାଁ ଗୁଡ଼ିକ ଏକାବେଳକେ ଲୁଚିଯିବ, ଲିଭିଯିବ, ମଶାଣିର ମାଟି ସାଙ୍ଗରେ ମିଳେଇ ଯିବ । ତେଣୁ ଆଜି ପ୍ରତ୍ୟେକ ଶିକ୍ଷିତ ଲୋକଙ୍କର କର୍ତ୍ତବ୍ୟ ହେଉଛି, ଗାଁ କଥା ଭାବିବା—ଗାଁ ଲୋକଙ୍କର ଦୁଃଖ, ଦୈନ୍ୟ, ଦୁର୍ଦ୍ଦଶା, ଦୁର୍ବିପାକ ଦୂର କରିବା ଏବଂ ସେଥିପାଇଁ ବିଶ୍ବ-ପୂଜ୍ୟ ବାପୁଜୀ ଆଖିରୁ ଲୁହ ଗଡ଼ାଇ, ଛାତିରୁ ରକ୍ତ ନିଗାଡ଼ି ଦେଶବାସୀଙ୍କୁ ଅନୁରୋଧ କରୁଥିଲେ ଆଧୁନିକ ସଭ୍ୟତାକୁ ବିକେନ୍ଦ୍ରୀକରଣ କରିବାକୁ—ସହର ଛାଡ଼ି ଗାଁ ଭିତରକୁ ଫେରିଯିବାକୁ ।

ବିନୟ ଏ କଥା ଆଦ୍ୟରୁ ଜାଣେ । ମିନି ମଧ ଏହି କେତେ ମାସ ହେଲା ଗାଁରେ ରହି ଏ କଥାର ସତ୍ୟତା ବେଶ୍ ଉପଲବ୍‌ଧି କଲାଣି । ତେଣୁ ପେଟ ପୋଷିବା ପାଇଁ ସାମାନ୍ୟ କିଛି ଅର୍ଥର ଆୟୋଜନ କରିସାରିବା ମାତ୍ରେ ଆଉ ମୁହୂର୍ତ୍ତିଟିଏ ଡେରି ନ କରି ସଙ୍ଗେ ସଙ୍ଗେ ସେମାନେ ବାହାରି ପଡ଼ିଲେ ପଦାକୁ—ଲାଗି ପଡ଼ିଲେ ଗ୍ରାମସଙ୍ଗଠନ କାମରେ ।

ମିନି ଦେଖିଲା, ଗାଁ ଲୋକମାନଙ୍କର ସ୍ଥାୟୀ ଉପକାର କଲା ଭଳି ଗୋଟିଏ ଯୋଡ଼ିଏ କାମ କରି ଆଗ ସେମାନଙ୍କୁ ଦେଖେଇ ନଦେଲେ, ସେମାନେ ସ୍ୱାମୀଙ୍କ କଥା ଶୁଣିବେ ନାହିଁ । ଖାଲି ନୀରସ ବକ୍ତୃତା ଦେଇ "ପିଲାଙ୍କୁ ପାଠ ପଢ଼ାଅ" "ଦେହ ସୁରୁଖ ହୁଅ", "ଖବର କାଗଜ ପଢ଼"—ଏମିତି ଏଣୁ ତେଣୁ ମାଖିନା ଉପଦେଶଗୁଡ଼ିଏ ଲୋକମାନଙ୍କ ଆଗରେ ବାଢ଼ିଲେ ସେମାନେ କେବେ ସେଥିରେ ଅନୁପ୍ରାଣିତ ହେବେ ନାହିଁ । ଯେତେ ଦୁଃଖ କଷ୍ଟ ପାଇଲେ ବି ଆପଣାର ଗତାନୁଗତିକ ପନ୍ଥାରେ ଚାଲିଥିବେ । ତେଣୁ ସେ ବିନୟଙ୍କୁ ବୁଝେଇ ଗାଁରେ ଆଗ ଆରମ୍ଭ କଲା ଗୋଟିଏ ସମବାୟ ଷ୍ଟୋର—Co-operative Store. ଗାଁରେ ରୋଗ ବଇରାଗରେ ଛଟ ପଟ ହେଇ ମଲେ ବି ଟିକିଏ ଧାପେ ମିଳୁନାହିଁ; ପିଲାଛୁଆ, ଗୋରୁଗାଈଙ୍କି ନେଇ ଝଡ଼ବର୍ଷା ମେଘଅନ୍ଧାର ରାତିରେ ଯେତେ ହଇରାଣ ହରକତ ହେଲେ ବି କିରାସିନି ବୋତଲେ ମିଳିବା ଦୁଃସାଧ୍ୟ, ଟଙ୍କାକ ଯାଗାରେ ପାଞ୍ଚଟଙ୍କା କଳାପୋତେଇ ଦେଲେ ବି ମଫସଲର ଗଳି କନ୍ଦିରେ ଲୁଗା ଖଣ୍ଡିଏ ପାଇବା ଅସମ୍ଭବ । ଚିରି କତରି ପିନ୍ଧି ପିନ୍ଧି ଲୋକେ ଲାଜରେ ଆଉ ଘରୁ ବାହାରି ପାରୁନାହାଁନ୍ତି । ପୁଣି ଯୋଉ ଡିଲର୍, ସବ୍‌ଡ଼ିଲରମାନେ ଏହି ଜିନିଷ ସବୁ ବିକିବାକୁ ଆଣୁଛନ୍ତି ସେମାନେ ମନଇଚ୍ଛା ଟଙ୍କାକ ମାଲ ତ ଦଶ ଟଙ୍କାରେ କଳାପୋତେଇ କରୁଛନ୍ତି । ତା'ଛଡ଼ା ସରଳ, ନିରୀହ ଲୋକମାନଙ୍କ ସାଙ୍ଗରେ ଏମିତି ତାକତରିକ, ଛକାପଞ୍ଝା ଖେଳୁଛନ୍ତି ଯେ, କେଇଜଣ ଧୋବଧାଉଳିଆ ପଇସାବାଲାଙ୍କୁ ଛାଡ଼ିଦେଲେ ଗରିବଗୁରୁବା, ଦୁଃଖୀରଙ୍କି, କେହି ବୋଲି କେହି ଅଧିକାଂଶ ଜିନିଷ ପାଉ ନାହାଁନ୍ତି । ତେଣୁ ଲୋକଙ୍କର ପ୍ରକୃତ ଉପକାର କରିବାକୁ ହେଲେ ଆଗ ଚିନି, କିରାସିନି, ଲୁଗା—ଏହି ତିନୋଟି ଜିନିଷ ତାଙ୍କୁ ଶସ୍ତା,

ସୁବିଧା ଓ ନିରପେକ୍ଷ ଭାବରେ ଯୋଗାଇ ଦେବାକୁ ହେବ । ମିନି କହିବା ଅନୁଯାୟୀ ବିନୟ ଲୋକଙ୍କୁ ବୁଝେଇ ଆଗ ଏହି ସମବାୟ ଷ୍ଟୋରଟିଏ ଗାଁରେ ଆରମ୍ଭ କଲା ।

ଲୋକେ ଦେଖିଲେ, ତାଙ୍କର ଅଶେଷ ଉପକାର ହେଉଅଛି । ଜିନିଷ ତ ଶସ୍ତାରେ ଗୋଡ଼ ପାଖରେ ମିଳୁଛି । ତା' ଛଡ଼ା ଦୋକାନୀ ମଝିରେ ରହି ଯୋଉ ମୁନାଫା ମାରି ନେଉଥିଲା ତା' ମଧ୍ୟ ସେମାନଙ୍କ ହାତକୁ ଆସୁଛି । ତେଣୁ ବର୍ଷ ଶେଷରେ ଯାହା ଲଭ ହେବ, ତା' ସମସ୍ତେ ଆପଣା ଭିତରେ ବାଣ୍ଟି ନେବେ । ସେ ବାବଦରେ ମଧ୍ୟ ଯଥେଷ୍ଟ ଟଙ୍କା ମିଳିବ...ଲୋକେ ଭାରି ଖୁସି ହେଲେ ।

ମିନି ଲକ୍ଷ କଲା—ମନ୍ଦ ଠିକ୍ କାମ କରୁଛି । ଆଉ ଟିକିଏ ଆଗେଇ ଯିବାକୁ ହବ । ସେ ବିନୟ ଆଗରେ ପ୍ରସ୍ତାବ କଲା—ଗ୍ରେଟକୋଟର ଗୋଟିଏ ସମବାୟ ପାଣ୍ଠି (Co-operative Bank) ଖୋଲିବାକୁ । କଥାଟା ବି ବିନୟ ମନକୁ ବେଶ୍ ପାଇଲା । ଦିନେ ସନ୍ଧ୍ୟାବେଳେ ଗାଁର ମୁଖିଆ ମୁଖିଆ ଲୋକଙ୍କୁ ଡାକି ସେ କହିଲା—"ଦେଖନ୍ତୁ, ଆମ ଗାଁରେ ଅନେକ ଲୋକ ଦେଣା କରଜରେ ବୁଡ଼ିଛନ୍ତି । କି' ବର୍ଷ ଆଳୁ ଲଗେଇଲାବେଳେ, କୋବି ଲଗେଇଲା ବେଳେ ମହାଜନ ଘରୁ ଯାଇଁ ହ୍ୟାଣ୍ଡନୋଟ କରି କରଜ ଆଣୁଛନ୍ତି । ପରେ ସେହି ଲୋଭୀ ମହାଜନ ସୁଧ ଉପରେ ସୁଧ କଷି ମିଛ ସତ ଲେଖି ଗାଉଁଲି ମୂର୍ଖ ଲୋକଙ୍କୁ ସର୍ବସ୍ୱାନ୍ତ କରୁଛି—ଜମିବାଡ଼ି, ଜିନିଷପତ୍ର ନିଲାମ କରି ଭିଟାମାଟି ଉଚ୍ଛନ୍ନ କରୁଛି; କିନ୍ତୁ ଆମ ଗାଁର ସାନଠୁ ବଡ଼ ଯାଏଁନ୍ତ ସମସ୍ତେ ଯେ ଗରିବ ବା ସମସ୍ତେ ଯେ କରଜ କରନ୍ତି, ତା' ନୁହେଁ, କେତେକ ବଡ଼ଲୋକ ବି ଅଛନ୍ତି । ଆଉ ଅଧିକାଂଶ ମଧ୍ୟବିତ୍ତ ଶ୍ରେଣୀର ଲୋକ । ତେଣୁ ସମବାୟ ଷ୍ଟୋର ଭଳି ନିଜର ଶକ୍ତି ଅନୁଯାୟୀ ସମସ୍ତେ କିଛି କିଛି ଟଙ୍କା ଦିଅନ୍ତୁ—ଗୋଟିଏ "ସମବାୟ ପାଣ୍ଠି" ଖୋଲିବା । ସେଥିରୁ ଯା'ର ଯେତେବେଳେ ଟଙ୍କା ଦରକାର ହେବ, ଖୁବ୍ ସାମାନ୍ୟ ସୁଧରେ ତା' ନେଇପାରିବ । ମହାଜନ ଦୁଆରେ ଆଉ ଗୋଡ଼ ଭାଙ୍ଗି ଠିଆ ହବାକୁ ହବନାହିଁ କି ମହାଜନ ମଧ୍ୟ ଜାଲ୍ ହ୍ୟାଣ୍ଡନୋଟ କରି ଆମକୁ ହଇରାଣ କରି ପାରିବ ନାହିଁ । ସବୁ ଟଙ୍କା ଆମେ ଡାକଘରେ ରଖିଦବା । ସମସ୍ତେ ମିଳି ଯାହାକୁ ବାଛିବା, ସେହି ତା'ର ବୁଝା ସୁଝା କରିବ; ଅଧିକନ୍ତୁ ଟିଏ କେହି ତୋଷରପାତ କରି ପାରିବ ନାହିଁ ।"

ଲୋକେ ଦେଖିଲେ ଭଲ ପ୍ରସ୍ତାବ । ଗରିବଲୋକେ ଆପଦ ବିପଦବେଳେ ସୁବିଧାରେ ଟଙ୍କା ପାଇବେ ଆଉ ଯେଉଁମାନେ ଟଙ୍କା ଦେବେ, ସେମାନେ ମଧ୍ୟ ଘରେ ବସି ବର୍ଷ ଶେଷରେ ଦି'ପଇସା ଲାଭ ପାଇବେ, ଗୋଡ଼ରେ ମଳଧୂଳି ଲାଗିବ ନାହିଁ, ଅଥଚ ସମସ୍ତଙ୍କର ଉପକାର ହେବ । କ୍ଷତି କ'ଣ ? ସମସ୍ତେ ଏକାଥରକରେ ହଁ ଭରିଲେ । ତା' ତହିଁଆରଦିନ ଆରମ୍ଭ ହେଲା ବ୍ୟାଙ୍କ୍ ।

ମିନି ସାଙ୍ଗରେ କାମକରି ଓ ନିଜେ ଘାଣ୍ଟାପଢ଼ି କରି ବିନୟ ଏହାମଧ୍ୟରେ ହୋମିଓପ୍ୟାଥିକ ଶିଖି ଯାଇଥିଲା । ବର୍ତ୍ତମାନ ଦୁହେଁ ମିଳି ଭଲଭାବରେ ଆରମ୍ଭ କଲେ ହେଲ୍ଥ ଟକେସ୍ରା । ଖାଲି ନିଜ ଗାଁ ନୁହେଁ, ଆଖପାଖ ଦଶଖଣ୍ଡି ମଉଜାରେ ବି କୋଉଠି କବିରାଜଟିଏ ନଥିଲା । ଲୋକେ ଜରବାଧକା ହେଲେ ଠକ୍ ଠକ୍ ମରୁଥିଲେ—ହଇଜା ବସନ୍ତ ଆସିଲେ ପୋକମାଛି ଭଳି ଦିନ ଦି'ପହରେ ଝଡ଼ି ପଡ଼ୁଥିଲେ । ଏମାନେ ଆପ୍ରାଣ ଚେଷ୍ଟାକରି ଓ ଦିନରାତି ପରିଶ୍ରମ କରି ଲୋକଙ୍କୁ ଅଧିକାଂଶ ରୋଗରୁ ରକ୍ଷାକଲେ- ସମସ୍ତଙ୍କୁ ଆପଦ ବିପଦ, ରୋଗଶୋକରେ ସାହାଭରସା ହେଲେ । ସାନ ବଡ଼, ଗରିବ ଭାଲଦାର, ସକ୍ଷମ ଅକ୍ଷମ—ସମସ୍ତେ ତାଙ୍କ ପାଖରେ ସମାନ । ପଇସା ଦେଲେ ହି, ନ ଦେଲେ ହିଁ । କାହାକୁ କେବେ ମୁହଁ ଫିଟାଇ ମାଗନ୍ତି ନାହିଁ—ଯୋର ଯବରଦସ୍ତି କରିବା ତ ଦୂରର କଥା ।

ସାନ ସାନ ରୋଗ—ଜର, ସର୍ଦ୍ଦି, କାଶ, ଝାଡ଼ା ଆଦି ସେମାନେ ଦେଖନ୍ତି । ଖୁବ୍ ବେଶୀ କଠିନ ରୋଗ ହେଲେ ବା ଅପରେସନ୍ ପ୍ରଭୃତି କରିବାକୁ ପଡ଼ିଲେ ଆନୁସ୍ବାରଙ୍କୁ ଦିନେ ଦି'ଦିନ ପାଇଁ କଟକରୁ ଡକାଇ ଆଣନ୍ତି । ତା'ର ପରାମର୍ଶ ଓ ଉପଦେଶ ନେଇ ପୁଣି ଦୁହେଁ ଲାଗିପଡ଼ନ୍ତି କାମରେ । ମିନି କହେ, "ଅନୁବାବୁ ! ଆଉ ଅଳପ ଦିନ ଭିତରେ—ଠିକ୍ ତମେ ପାଶ କରିବା ପରେ ପରେ ଆମେ ତମକୁ ଟାଣି ଆଣିବୁ ଏହି ପାଣିକାଦୁଅ ଗାଁକୁ । ଦେଖିବ, ଏଠି କେମିତି ଜୀବନ ଅଛି—ଏଠି କେମିତି ହୃଦୟ ଅଛି । ଅଳିଆ କୋତରା ମଳିମୁଣ୍ଡିଆ ହେଲେ ବି ଏମାନଙ୍କ ଭିତରେ ଏମିତି ଲୋକ ଅଛନ୍ତି ଯିଏ ତମ ସହରର ସାତଟକେଣ, ଫାସ୍ଟକ୍ଳା-ପେଟ ଏମ୍.ଏଲ.ଏ.ଙ୍କୁ ବି ହରେଇ ଦେବେ—ତ୍ୟାଗରେ, କଷ୍ଟରେ, ସାଧୁତାରେ, ହୃଦୟରେ ।" ଆନୁସ୍ବାର ହସେ—"ହୋଇଥିବ ଭାଉଜ ! ସହର ଲୋକେ ବାହାରେ

ଯାହା, ଭିତରେ ତା' ନୁହଁନ୍ତି । ବାହାରେ ସିନା ଏମିତି ଉପଚକ୍‌କଣ ଖୁବ ଦେଖୁଛ, ଚହଟ ଚକ୍‌କଣ କଥା ଶୁଣୁଛ—ଭିତରେ କିନ୍ତୁ ତାଙ୍କର ବୋଝେ ବୋଝେ ମଇଳା । ଶଠତା, ପ୍ରତାରଣା, ଭଣ୍ଡାମି, ଧପ୍‌ପାବାଜି, ଲାଞ୍ଚ, ମିଛ, ଜାଲ୍, ଜୁଆଚୋରି—ସବୁ ଦୁର୍ଗୁଣଯାକ ଭରତି ହୋଇଛି ଏହି ମଟରଚଢ଼ା ବାବୁମାନଙ୍କ ଭିତରେ ।"

ମିନ, ବିନସ୍ତୁ ଦୁହେଁ ମୁରୁକି ହସା ମାରନ୍ତି ।

ଗାଁରେ ଅବଶ୍ୟ ପ୍ରାଇମେରି ସ୍କୁଲଟିଏ ଅଛି; କିନ୍ତୁ ସବୁ ଗାଁ ଭଳି ସେ ଗାଁରେ ବି ପ୍ରାଇମେରିସ୍କୁଲ ପ୍ରତି କେହି କେବେ ଦୃଷ୍ଟି ଦେଉ ନଥିଲେ । ଗାଁ ଲୋକେ ସବୁବେଳେ ଆପଣା ଆପଣା କାମ ନେଇ ବ୍ୟସ୍ତ । ମୁହୂର୍ତ୍ତିଟିଏ ପାଇଁ ବି କେହି ସ୍କୁଲ କଥା ଭାବନ୍ତି ନାହିଁ—ସ୍କୁଲର ହାନିଲାଭ, ଭଲ ମନ୍ଦ, ପଢ଼ାପଢ଼ି କୌଣସି କଥା ବୁଝନ୍ତି ନାହିଁ । ଫଳରେ ମାଷ୍ଟର ତା' ମନଇଚ୍ଛା କାମକରେ । ମାସରେ ପନ୍ଦର ଦିନ ସ୍କୁଲକୁ ଆସିଲେ ପନ୍ଦର ଦିନ ଘରେ ରହେ । ପୁଣି ସବୁଦିନେ ଦି'ଘଣ୍ଟା ତିନିଘଣ୍ଟା ଡେରି । ସ୍କୁଲକୁ ଆସି ବି ପଢ଼ାପଢ଼ି ପ୍ରତି ତାଙ୍କର ମନ ନଥାଏ । ବସି ବସି ମାଷ୍ଟର ନିଜ ଘରର ବଜାର ହିସାବ, ଦେଢ଼ୀ ହିସାବ କରେ ବା ଯିଏ ତା'ର ଚିଠି ଲେଖିଦେଇ ସେବାଟେ ଦି'ପଇସା ରୋଜଗାର କରେ ନତୁବା ଟାଉଟରି କରି ସରଳ, ନିରୀହ ଲୋକମାନଙ୍କ ଭିତରେ କଳି ଲଗେଇ ଦେଇ ମଝିରେ ବେଶ୍ ହାତଚକ୍‌କଣ କରେ ଆଉ ଏଣେ ପିଲାଏ ପାଠ ନପଢ଼ି ମାଛହାଟ ଭଳି ଦିନଯାକ ହୋ ହୋ ଘୋ ଘୋ କରି ସଞ୍ଜ ବେଳକୁ ଘରକୁ ଫେରନ୍ତି । ସମସ୍ତଙ୍କର ଆଖି ଆଗରେ ଏ ଫାର୍ସ ଦିନ ଦି'ପହରେ ଲାଗିଥାଏ—ଅଥଚ ଗାଁର ପାଠୁଆ ଲୋକେ, ଜାଣିବା ଶୁଣିବା ଲୋକେ କେହି ଏ ଆଡ଼କୁ ଦୃଷ୍ଟି ଦିଅନ୍ତି ନାହିଁ । କେହି ଭୁଲରେ ହେଲେ ବି ପ୍ରାଇମେରି ସ୍କୁଲ ଆଡ଼କୁ ଆଖି ପକାନ୍ତି ନାହିଁ ।

ବିନସ୍ତୁ ଦେଖିଲା—ଅତିଶୀଘ୍ର ଏ ଶୋଚନୀୟ ଅବସ୍ଥାକୁ ସୁଧାରିବାକୁ ହେବ । ତା' ନହେଲେ ଖାଲି ନାଁକୁ ପିଲାଏ ବହି ବସ୍ତାନି ଧରି ସ୍କୁଲକୁ ଯିବେ ସିନା, ପାଠପଢ଼ା କିଛି ହବନାହିଁ—କୋମଳମତି ଶିଶୁଗୁଡ଼ିକଙ୍କର ଜୀବନ କେବେ ଗଢ଼ା ହୋଇ ପାରିବ ନାହିଁ । ସେହିଦିନ ସ୍କୁଲର ପରିଚାଳନା କମିଟି ଗାଁର ମୁଖିଆ ମୁଖିଆ

ଲୋକଙ୍କୁ ନେଇ ସେ ଗୋଟିଏ ବୋର୍ଡ଼ ଗଢ଼ିଲା ଏବଂ ସେମାନେ ଖାଲି ଯେ ପିଲାଙ୍କର ପାଠପଢା ପ୍ରତି ଯତ୍ନ ନେଲେ ତା'ନୁହେଁ, ସେମାନଙ୍କର ଆଚାର, ବ୍ୟବହାର, ସଂସ୍କାର, ପରିଚ୍ଛନ୍ନତା, ଦୈହିକ ପରିଶ୍ରମ, ନୈତିକ ଚରିତ୍ର—ସବୁ ଦିଗରେ ଯେପରି ସମାନ ଭାବରେ ବିକାଶ ହେବ, ସେଥିପାଇଁ ମନପ୍ରାଣ ଦେଇ ଲାଗିପଡ଼ିଲେ ।

ମିନି କହିଲା, "ହେଲା ଯେ ଯୋଉମାନେ ସ୍କୁଲକୁ ଯିବେ, ତା'ଙ୍କୁ ସିନା ପାଠ ପଢ଼େଇ ମଣିଷ କରିବ—କିନ୍ତୁ ଯୋଉମାନେ ନ ଯିବେ ?"

"ନାଁ', ନାଁ, ତା' କେମିତି ହବ । ସମସ୍ତଙ୍କୁ ଆମେ ବାଧ୍ୟ କରିବା ଯିବାକୁ ।"—ବିନୟ ପ୍ରତିବାଦ କଲା ।

"କିନ୍ତୁ ଜାଣ – ଗରିବଗୁରୁବା ପାଣ ବାଉରୀଙ୍କର କେତେ ପିଲା ଅଛନ୍ତି, ଯୋଉମାନେ ଆଠ ଦଶ ବର୍ଷ ବେଳୁ ଗାଈ ଜଗି, ଛେଳି ରଖି, ଘାସକାଟି ବା ଗୋବର ଗେଟେଇ ବାପମା'ଙ୍କୁ ସାହାଯ୍ୟ କରନ୍ତି, ପେଟତ ତାଙ୍କର ପୋଡ଼ି ଯାଉଛି —ପାଠ ପଢିବାକୁ ସେମାନେ ଆସିବେ କେମିତି ?"

ସତକଥା—ନିସ୍ପଟ ସତକଥା ଏ—ବିନୟ ତ କେବେ ଏକଥା ଭାବି ନଥିଲା । ଭୋକ ଉପାସରେ ଯିଏ ତଡ଼ଳ ବକଳ ହେଇ ମରୁଛି, ସେ ତା'ର ପୁଅ ଝିଅଙ୍କୁ କେମିତି ଛାଡ଼ିଦବ ପାଠ ପଢିବାକୁ ? ହା-ଅନ୍ନ ହା-ଅନ୍ନ କରି ମରୁଥିବା ଲୋକ ପାଖରେ ଭାତ ମୁଠାଏ ବଡ଼ କଥା ସିନା—ଅ, ଆ, କ, ଖ, ଦ'ଧାଡ଼ିତ ସେତେ ବଡ଼ କଥା ନୁହେଁ ।

ଅରଟରେ ସୂତା କାଟୁକାଟୁ ମିନି କହିଲା—"ସେଇଥିପାଇଁ ମୁଁ କହୁଛି, ଯେଉଁମାନେ ସ୍କୁଲରେ ପଢିବେ ପଢ଼ନ୍ତୁ; କିନ୍ତୁ ସେଇ ପାଣ, କଣ୍ଡରା, ଅନାଥ, ଅରକ୍ଷିତଙ୍କ ଛୁଆଙ୍କୁ ପଢେଇବା ପାଇଁ ଆମେ ସଞ୍ଜବେଳେ କିଛି ସମୟ ପରିଶ୍ରମ କରିବା ।ଆଉ ଗାଁରେ ଯେତେ ନିରକ୍ଷର ଅଛନ୍ତି, ସେ ହରିଜନ ହେଉନ୍ତୁ ବା ସବର୍ଣ୍ଣ ହେଉନ୍ତୁ, ସମସ୍ତଙ୍କୁ ଏକାଠି କରି ଆମେ ଏଠାରେ ଗୋଟିଏ "ପ୍ରୌଢଶିକ୍ଷା କେନ୍ଦ୍ର" ଖୋଲିବା । ଏଇ ପ୍ରୌଢମାନଙ୍କୁ ନେଇ ତମେ ସ୍କୁଲଘରେ ପଢେଇବ ଆଉ ସେଇ

ଶ୍ରେଷ୍ଠ ଶ୍ରେଷ୍ଠ ଅରକ୍ଷିତ ପିଲଗୁଡ଼ିକୁ ଧରି ମୁଁ ଆମର ଏଇ ଅଗଣାରେ ପଢ଼ାଇବି । ଆନ୍ତରିକ ନିଷ୍ଠା ସହିତ ଏଇ କାମଟିକି ଅନ୍ତତଃ ବର୍ଷେ ଛ ମାସ ଚଲେଇ ପାରିଲେ ଅତି ଚମତ୍କାର ଫଳ ମିଳିବ । ହୁଏତ ଅନେକ ଲୋକଙ୍କୁ ଆମେ ସାକ୍ଷର କରିପାରିବା— ଅନେକ ଶ୍ରେଷ୍ଠ ଶ୍ରେଷ୍ଠ ପୁଅ ଝିଅଙ୍କୁ ମଣିଷ କରି ଗଢ଼ି ପାରିବା ।

ଆଉ ଗୋଟାଏ ନୂଆକଥା ମୁଁ ଭାବୁଛି. ତମ ମନକୁ କେମିତି ଆସିବ କେଜାଣି । ଏହି ଗାଁରେ ଓଡ଼ଣା ଦେଇ, ଗୁଣ୍ଡା-ବସଣୀ ପିନ୍ଧି ଯେତେ ଝିଅବୋହୂ ଅଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ମୂରୁଖ—ଗୁହଶାଳା ଦୁଆର ମୁହଁ ପର୍ଯ୍ୟନ୍ତ ମାଡ଼ି ନାହାନ୍ତି । କହିଲ, ଆଜିକାଲିର ଏ ଆଲୁଅ ଯୁଗରେ ଏମିତି ପଶୁ ଭଳି ରହିବା କ'ଣ କମ୍ ଲଜ୍ଜାର କଥା । ତେଣୁ ମୁଁ ସ୍ଥିର କରିଛି, ସେମାନଙ୍କ ହାତ ଓଠ ଧରି, ଗୋଡ଼ତଳେ ପଡ଼ି ସେମାନଙ୍କୁ ରାଜି କରାଇବି—ତାଙ୍କର ସୁବିଧା ଦେଖି ସଞ୍ଜବେଳେ ହେଉ ବା ଖରାବେଳେ ହେଉ ସମସ୍ତଙ୍କୁ ଘଣ୍ଟାଏ ଘଣ୍ଟାଏ ପଢ଼ାଇବି । ଅନ୍ତତଃ ଯେମିତି ଚିଠି ଖଣ୍ଡିଏ ଲେଖି ପାରିବେ, ବହି ଟିକିଏ ପଢ଼ି ପାରିବେ । କହିଲ, ତମ ମନକୁ ଏ ପ୍ରସ୍ତାବ କେମିତି ଆସୁଛି ?"

ବସି ବସି ମୁଗ୍ଧ ହୋଇ ଶୁଣି ଯାଉଥିଲେ ବନସ୍ତ । ମିନକୁ କୁଣ୍ଢେଇ ପକେଇ କହିଲେ, "ତମର ଉପଦେଶ ମାନି ମୁଁ କାମ କରିବି ସିନା, ତମକୁ ଉପଦେଶ ଦେଲାଭଳି ବୁଦ୍ଧି ତ ମୋର ନାହିଁ । ଏ ତ ତମର ପ୍ରସ୍ତାବ ନୁହେଁ, ଏ ସେହି ଅଦେଖା ହାତର ଇଙ୍ଗିତ—ସେହି ବିଶ୍ୱପିତାଙ୍କର ନିର୍ଦ୍ଦେଶ । କର ମିନ, ଯାହା ତମର ଇଚ୍ଛା ତା' କରିଯାଅ । ଦେଶର ହିତପାଇଁ, ଜାତିର ମଙ୍ଗଳ ପାଇଁ, ମାନବ ସମାଜର କଲ୍ୟାଣ ପାଇଁ ତମେ ଧନ, ମନ, ଜୀବନ—ସବୁ ହସି ହସି ଉତ୍ସର୍ଗ କରିଦିଅ—ତା' ହେଲେ ତମେ ମୁକ୍ତି ପାଇବ—ତମ ମାନବ ଜନ୍ମ ସାର୍ଥକ ହେବ ।"

ସେଇଆହିଁ ହେଲା । ସେହିଦିନୁ ଗାଁ ଭିତରେ ଗଢ଼ା ଗଲା ପିଲାଙ୍କ ପାଇଁ ନୈଶ ବିଦ୍ୟାଳୟ, ବଡ଼ଙ୍କ ପାଇଁ ପ୍ରୌଢ଼ଶିକ୍ଷା କେନ୍ଦ୍ର, ସ୍ତ୍ରୀ ଶିକ୍ଷା ପାଇଁ ଅନ୍ୟ ଏକ ଅନୁଷ୍ଠାନ । ଗାଁକୁ ଆଗରୁ ଖଣ୍ଡିଏ "ଦୈନିକ ସମାଜ" ଆସୁଥିଲା । ତାସାଙ୍ଗକୁ ମିନ ଆଉ କେତୋଟି ମାସିକ ଓ ପାକ୍ଷିକ ପତ୍ରପତ୍ରିକା ମଗାଇଲେ । ଲୋକମାନଙ୍କ

ଭିତରେ ଗ୍ରାମାଞ୍ଚଳର ପ୍ରୌଢ଼ଶିକ୍ଷାର ପ୍ରଚାର ଓ ପ୍ରସାର ଜମିଲା· ଗାଁରେ ଗୋଟିଏ ଶ୍ରେଷ୍ଠ ପାଠାଗାର ମଧ୍ୟ ଖୋଲିଲା । ଝିଅ ବୋହୂ, ମାଇପେ ମିଶିପେ, ପିଲାଛୁଆ—ସଭିଏଁ ସେଥିରୁ ବହି ନିଅନ୍ତି—ସଞ୍ଜବେଳେ ଏକାଠି ହେଲେ ସମସ୍ତେ ବସି ଖବରକାଗଜ ପଢ଼ନ୍ତି । ନିୟମିତ ଭାବରେ ଓ ନିଷ୍ଠାର ସହିତ ହେଉଥିବାରୁ କାମ ଚାଲିଲା ।

ସବୁ ହେଲା ସିନା—କିନ୍ତୁ ଲୋକମାନେ ଯୋଉ ମଇଳାକୁ ସେହି ମଇଳା । ଗାଁ ଦାଣ୍ଡ କାଦୁଅ ପଚ ପଚ—ମଶା ଭଣ ଭଣ—ଏ ମୁଣ୍ଡରୁ ସେ ମୁଣ୍ଡଯାଏ ଅସନା ମସନା ଅରମା ଜଙ୍ଗଲରେ ଭରା । କୋଉଠି ଅଣ୍ଟିଏ ବହଳର ଅଳିଆ ଜମା ହୋଇ ପଚି ସଢ଼ି ଦୁର୍ଗନ୍ଧରେ ନାକ ଫାଟୁଛି ତ କୋଉଠି ଯାହାଲାକୁ ଯାହାଲା ଗୋରୁ ବନ୍ଧା ହୋଇ କାଦୁଅ, ପାଣି, ମୁତ, ଗୋବରରେ ଦଢ଼ି ଫାଟୁଛନ୍ତି । ମିନ ଦେଖିଲା—ଏ ମଇଳାକୁ ଆଗ ପରିଷ୍କାର ନ କଲେ ଲୋକଙ୍କୁ ଯେତେ ସଫାସୁତୁରା କରି ବି କିଛି ଲାଭ ନାହିଁ । ଏ ସବୁ ସଢ଼ା ଅଳିଆ ଗଦାରେ ସବୁଦିନେ ମଶା ମାଛି, ପୋକଯୋକ ଜନ୍ମୁଥିବେ । ଫଳରେ ଗାଁରେ ମ୍ୟାଲେରିଆ, ମହାମାରୀ ବ୍ୟାପୁଥିବ । ତେଣୁ ଲୋକମାନଙ୍କୁ ରୋଗମୁକ୍ତ କରି ସବଳ, ସତେଜ, ହୃଷ୍ଟପୁଷ୍ଟ କରିବାକୁ ହେଲେ ଆଗ ଗାଁଟିକୁ ପରିଷ୍କାର ପରିଚ୍ଛନ୍ନ କରିବା ଦରକାର । ମିନ ବସନ୍ତକୁ ବୁଝେଇ ଦେଲା, "ଲୋକଙ୍କୁ କହି ତମେ ଥରେ ଗାଁଟିକୁ ସଫା କରିଦିଅ । ଗାଁ ଦାଣ୍ଡରେ ମାଟି ପକେଇ ଉଞ୍ଚା କରିଦିଅ । ତେଣିକି ଆଉ ତମକୁ ଭାବିବାକୁ ହବନାହିଁ । ଆମେ ମାଇପେ ତେଣିକି ସେ ଖବର ବୁଝିବୁ । କେମିତି ସବୁଦିନେ ଦାଣ୍ଡଘାଟ ସଫା ସୁତୁରା ରହିବ, ତା'ର ତତ୍ତ୍ୱ ନେବୁ ।"

ତଳକୁ ମୁଣ୍ଡ ପୋତି ବସନ୍ତ କ'ଣ ଭାବୁଥିଲା । କହିଲା, "ହଁ, ତା' କରିବି ଯେ—କିନ୍ତୁ ଦାଣ୍ଡକୁ ସଫା ରଖିବେ ବୋଲି ତ ଆଉ ଗୋରୁ ଗାଈଙ୍କି ଲୋକେ ବିକି କରିଦେବେ ନାହିଁ । ସେମାନଙ୍କୁ ବାନ୍ଧିବେ କୋଉଠି ?"

କାହିଁକି, ଆମ ସମସ୍ତଙ୍କର ତ ବାହାରେ ଯାଗା ଅଛି—ପ୍ରଶସ୍ତ ଯାଗା—ସେଠି ବାନ୍ଧିଲେ କ'ଣ ହବନାହିଁ ? ଦେଖିଛ ତ, ପୁରୀ ଜିଲ୍ଲାର ଶାସନଗୁଡ଼ିକ କେଡ଼େ ପରିଷ୍କାର । ଗୋରୁଗାଈ କ'ଣ ତାଙ୍କର ନାହାନ୍ତି ?—କିନ୍ତୁ ତାଙ୍କ ଦାଣ୍ଡଘାଟଗୁଡ଼ିକ

କେମିତି ସଫାସୁତୁରା ହୋଇ ହସୁଥାଏ ? ନାଇଁ, ନାଇଁ, ଘରପାଖରୁ ବହୁ ଦୂରରେ ଗୋରୁଙ୍କୁ ବାନ୍ଧିବାକୁ ହବ । ତା' ପାଖରୁ ଆହୁରି ଦୂରକୁ ଖତଗଦା କରିବାକୁ ହବ । ତା'ହେଲେ ପଶୁ ଧଡ଼ା ଦୁର୍ଗନ୍ଧ ଆଉ ଘର ଭିତରକୁ ଆସିବ ନାହିଁ । ମଶା, ମାଛି ହେଠୁ ଉଡ଼ିଆସି ଆମ ଦେହରେ, ଆମ ଭାତ ଥାଳରେ ବସିବେ ନାହିଁ ।"

ହେଇଆହିଁ ହେଲା । ଲୋକମାନଙ୍କୁ ବୁଝେଇ ଦେବାରୁ ସମସ୍ତେ ମିଳି ଏକାଠିକେ ଗାଁଟିକୁ ପରିଷ୍କାର ପରିଚ୍ଛନ୍ନ କରିଦେଲେ । ବର୍ଷାପାଣି ବାହାରି ଯିବାପାଇଁ ଛୋଟ ଛୋଟ ମାହାରା କରି ଦେଇ ଗାଁ ଦାଣ୍ଡରେ ମାଟି ପକେଇ ଉଚ୍ଚ କରିଦେଲେ । ମିନି ଘର ଘର ବୁଲି ସବୁ ମାଇପଙ୍କୁ ନେହୁରାନମନ୍ତ କରି ହାତ ଗୋଡ଼ ଧରି କହିଲା—"ଦେଖେ ଭଉଣୀ ! ସବୁ ରୋଗର ମୂଳ ହେଉଛି ଏଇ ମଇଲା । ଆମେ ଯେତେ ସଫାସୁତୁରା ହେବା, ସେତେ ଭଲରେ ରହିବା । କୌଣସି ରୋଗ ଛୁଇଁ ପାରିବ ନାହିଁ । ଆମ ପୁଅ ଝିଅଙ୍କ ସୁଖଶାନ୍ତିରେ ରହିବେ । ତେଣୁ ମୋର ଗୋଟିଏ ହାନକଥା ସମସ୍ତେ ମାନିବ । ବେଶୀ କଷ୍ଟ ନୁହେଁ, ଅତି ସହଜ କାମ । ନିତି ବଡ଼ିସକାଳୁ ଉଠି ଘରଦୁଆର, ପିଣ୍ଡା ପା'ଖରି ସମସ୍ତେ ପରିଷ୍କାର କରି ଓଳେଇ ଦେବା ଏବଂ ପ୍ରତ୍ୟେକ ପ୍ରତ୍ୟେକର ଘରସାମନା ଦାଣ୍ଡଟି ଝାଡ଼ୁ କରି ଓଳେଇ ଆଳେଇ ଝାଡ଼ୁଆଡକ ନେଇ ଖତଗଦାରେ ପକେଇ ଦେଇ ଆସିବା । ଯେମିତି ଛୋଟ ସକନା ତେମିଁଟିଏ ବି ଦାଣ୍ଡରେ ନ ରହେ । କେହି ଅନ୍ୟ କାହାର ପାଇଁ କରିବା ଦରକାର ନାହିଁ । କେବଳ ନିଜ ନିଜର ଘରଦୁଆର, ଭିତରବାହାର, ଦାଣ୍ଡଘାଟ ସଫା କରିବା । ସୂର୍ଯ୍ୟ ଉଦୟ ଆଗରୁ ଯେମିତି ଏତିକ କାମ ହୁଏ ।"

ପହିଲେ ପହିଲେ ଅବଶ୍ୟ ଭାରି ଅଡ଼କଥା ଲାଗିଲା । ଅଳସୁଆମାନେ ଜମା କେତେକ ସକାଳୁ ଉଠି ପାରିଲେ ନାହିଁ; କିନ୍ତୁ ପରେ ଯେତେବେଳେ ଅଭ୍ୟାସରେ ପଡ଼ିଗଲା, ସେତେବେଳେ ସମସ୍ତେ ତାଙ୍କ ମନକୁ ଲାଗିପଡ଼ିଲେ । ଖାଲି ଦାଣ୍ଡଘାଟ ଓଳେଇବା ନୁହେଁ, ବାସନମଜା ଓ ଅନ୍ୟାନ୍ୟ ନିତ୍ୟକର୍ମ ସାରି ସୂର୍ଯ୍ୟଦେବତା ମା'କୋଳରୁ ହସି ଉଠିବା ଆଗରୁ ସମସ୍ତେ ଗାଧୋଇ ପାଧୋଇ ଫୁଟିଲା ଫୁଲ ଭଳି ହସିଉଠିଲେ । ଗାଧୋଇ ପଡ଼ିବାରୁ ଦେହଟା ବେଶ୍ ହାଲୁକା ଲାଗିଲା—ମନରେ ଫୁର୍ତ୍ତି ଆସିଲା କାମ କରିବାକୁ । ପୁଣି ଏତେ ବେଳଟାରୁ ସବୁ ବାସିକାମ ସରିଯିବାରୁ

ଟେଣିକି ବହୁତ ସମୟ ମିଳନ୍ତି ପଢ଼ାପଢ଼ି କରିବାକୁ ବା ସୂତା କାଟିବାକୁ । ବାଇଆଣୀ ଭଳି ସମସ୍ତେ ମାତିଗଲେ ମିନ ସାଙ୍ଗରେ ।

ବସନ୍ତବାବୁଙ୍କ ଦିନ କେଇଟାର ଅକ୍ଳାନ୍ତ ପରିଶ୍ରମ ଓ ଅଦମ୍ୟ କର୍ମ ପ୍ରେରଣା ଫଳରେ ମିନ ସେ ଗାଁଟିକୁ ଗୋଟିଏ ଆଦର୍ଶ ଗାଁକରି ଗଢ଼ି ପାରିଲା । ଏବେ ବଡ଼ ଗାଁଟା ସତେ ଯେମିତି ଗୋଟିଏ ଋଷି ଆଶ୍ରମ ଭଳି । ଭୋର ପାଞ୍ଚଟାରେ ସଭିଏଁ ଉଠନ୍ତି । ରାତି ପାହି ଖରା ପଡ଼ିଲା ବେଳକୁ ସଫାସୁତୁରା ହୋଇ ଗାଁଟା ସାରା ହସିଉଠେ । ତା'ପରେ ସ୍କୁଲ ସୂତାକଟା, ସିଲେଇ ଶିକ୍ଷା ବା ସଙ୍ଗୀତ ଶିକ୍ଷା । ପୁରୁଷମାନେ ମନଫୁଲଣିଆ ଗୀତ ଗାଇ ଗାଇ ବିଲକୁ ହଳ ନେଇ ଯାନ୍ତି । ପୁଅ ଝିଅମାନେ ରଙ୍ଗବେରଙ୍ଗର ସଫାସୁତୁରା ଜାମା, ଫ୍ରକ୍ ପିନ୍ଧି ସଜଫୁଟିଲା କଇଁଫୁଲ ଭଳି ହସି ହସି ସ୍କୁଲକୁ ଯା'ନ୍ତି । ସଭିଙ୍କ ମନରେ ଆନନ୍ଦ, ସଭିଙ୍କ ମୁହଁରେ ଉଚ୍ଛୁଳା ହସ । କାହାରି ଦୁଃଖ, ବିପଦ ପଡ଼ିଲେ ସଭିଏଁ ମିଳି ତା'କୁ ସାହାଯ୍ୟ କରନ୍ତି । କୌଣସି ଟାଉଟର, ମାମଲତକାର ଲୋକଙ୍କୁ ହଇରାଣ କରିବା ପାଇଁ ପାଞ୍ଚ କଲେ ସମସ୍ତେ ମିଳି ତା'କୁ ବାସନ୍ଦ କରନ୍ତି । ସେଥିରେ ସାବାଡ଼ ନ ହେଲେ ମିନ ବିନୟ ପାଇଁ ତା'ଘର ଆଗରେ ବସି ଅନଶନ କରନ୍ତି । ତା'ର ସବୁ ଟାଣ ଫସରଫାଟି ଯାଏ । ସମସ୍ତେ ହସ ଖୁସିରେ ଦିନ କାଟନ୍ତି ।

ଆନନ୍ଦରେ ବିନୟ ଆଖିରୁ ଲୁହ ଗଡ଼ିଆସେ । ଏବେ ବଡ଼କଟେ ଛୋଟେଇ-ଛୁଆଠଉଁ ଷାଠିଏ ସତୁରି ବରଷର ପୁରୁଖା ପୁରୁଖା ବୁଢ଼ା ପର୍ଯ୍ୟନ୍ତ—ସଭିଙ୍କ ମୁହଁରେ ମିନର ଅଜସ୍ର ପ୍ରଶଂସା ଫୁଟିଉଠେ ।

## —ଷୋଳ—

ଏମିତି ନାନାଦି, ସେବା, ପରୋପକାର, ସାଧନା, କର୍ମଯୋଜନା ଭିତରେ ତିନୋଟି ବର୍ଷ ଫୁରୁଖୁରୁରେ କଟି ଯାଇଛି । ଅସରନ୍ତି କର୍ମ ପ୍ରବାହ ଭିତରେ ଅହରହ ଆପଣାକୁ ବୁଡ଼େଇ ରଖି ଆଗେଇ ଚାଲିଛନ୍ତି ମିନ ବିନୟ । କେତେ ଦିନ କେତେ ରାତି ଯେ ଆସି ଏହା ମଧ୍ୟରେ ଚାଲିଗଲାଣି, ତା' କାହାରିକି ଜଣାନାହିଁ ।

ସୁସ୍ଥାବାଳୀର କୁହୁକ ଭଳି ଉଭୟ ବାହ୍ୟଜ୍ଞାନ ଶୂନ୍ୟହୋଇ ପାଗଳଙ୍କ ପରି ଲାଗିଛନ୍ତି କାମରେ—ଲାଗିଛନ୍ତି ଦେଶ, ଦଶ, ମାନବସମାଜର ସେବାରେ ।

କେଜାଣି କାହିଁକି ହଠାତ୍ ଦିନେ ଚମକି ପଡ଼ିଲା ବନଜ୍ୟୁ । ମିନୁ ଦେହ ଭଲ ନାହିଁ—ମଥା ଧରୁଛି । କିଛି ଖାଇବାକୁ ଭଲ ଲାଗୁନାହିଁ । ବାନ୍ତି ମାଡ଼ୁଛି । ଦେହମାନ ଅଳସ ଅଳସ । ଖାଇବା ଦରବରେ ଅରୁଚି—ଅଶ୍ରଦ୍ଧା । ବନଜ୍ୟୁ ବୁଝି ପାରିଲା । କେଉଁ ଏକ ଅନାଗତ ଦେବ ଶିଶୁଟିଏ ଯେ ସରଗ ରାଇଜରୁ ଧୀରେ ଧୀରେ ତଳକୁ ଓହ୍ଳେଇ ଆସୁଛି, ତା ବେଶ୍ ବୁଝି ପାରିଲା ସେ । ଦୁଷ୍ଟାମି ହସ ହସି କହିଲା, "କାହିଁ, ବାଲେଶ୍ୱରରେ ଥିଲାବେଳେତ ତମର କେବେ ଏମିତି ଅରୁଚି ହେଉ ନଥିଲା । ଏଠି ହେଉଛି କାହିଁକି ? ଜରବାଧକା ତ କିଛି ହେଉନାହିଁ । କ'ଣ ବିଗିଡ଼ିଲା ତମର ?" ଲାଜ ସରମରେ ସଢ଼ିଗଲା ମିନୁ । ମୁରୁକିହସା ମାରି ସେଠୁ ଉଠି ପଳେଇଲା ।

ଦିନେ—ଧୋବ ଫରଫର ଜହ୍ନ ଆଲୁଅରେ ଗ୍ରେଟ ଗାଁଟି ହସି ଉଠୁଥାଏ । ବଗିଚାରେ ଫୁଟିଥାଏ ଅସୁମାରି ମଲ୍ଲୀ । ରଜନୀଗନ୍ଧାର ମନମତାଣିଆ ସୌରଭରେ ମହକି ଉଠୁଥାଏ ଗାଁସାରା । ଡେଙ୍ଗା ନଡ଼ିଆଗଛର ଗହଳି - ବାଉଁଗା ଭିତରେ ସ୍ୱେଚ୍ଛ ମଳୟ ପଶି ଷୋଳବରଷିଆ ନୂଆ ଭୁଆସୁଣୀ ଭଳି କଲ୍ କଲ୍ ହୋଇ ହସି ଉଠୁଥାଏ । ଅନାଥ, ଅରକ୍ଷିତ ଛୁଆଗୁଡ଼ିକୁ ପାଠ ପଢ଼େଇ ସାରି ମିନୁ ଟିକିଏ ବୁଲି ଆସିଲା ବଗିଚାକୁ । ପ୍ରକୃତିର ଏହି କମନୀୟ ରୂପସମ୍ଭାର ଉପଭୋଗ କରିବାହିଁ ଲକ୍ଷ୍ୟ । ବନଜ୍ୟୁ କେତେବେଳୁ ଆସି ପୋଖରୀକୂଳ ଚଉତରାରେ ବସିଥିଲା । ମିନୁକୁ ଦେଖି ହସି ହସି କହିଲା—"ଏଇମାତ୍ର ତ ପିଲାମାନଙ୍କୁ ପାଠ ପଢ଼େଇ ଆସିଲ; କିନ୍ତୁ ମୋର ଗୋଟିଏ ଅତି ସ୍ରେଟିଆ ପ୍ରଶ୍ନର ଉତ୍ତର ଦେଇ ପାରିବ ? କହିଲ ଦେଖି, ଏକରେ ଏକ ମିଶେଇଲେ କେତେ ହୁଏ ?"

କିଛି ବୁଝି ପାରିଲାନି ମିନୁ । ଅନ୍ୟମନସ୍କା ହୋଇ କହିଲା, 'କାହିଁକି, ଏଥିରେ ପୁଣି ଭାବିବାର କଥା କ'ଣ ଅଛି ? ଦୁଇ ତ ହେବ ନିଶ୍ଚୟ ।"

ହସି ଉଠିଲା ବନଜ୍ୟୁ, "ହାରିଲ, ହାରିଲ, ଏଇଥିପାଇଁ ମୁଁ କହେ କଟକି କଟକି, ବାଲେଶରୀ ବାଲେଶରୀ । ଯେତେ ଯାହା କଲେ କ'ଣ ଆଉ ଅଖି କେବେ ଶହେ ପାଞ୍ଚ ସଙ୍ଗେ ସମାନ ହେବ ?"

ବଡ଼ ଅପ୍ରତିଭ ହେଲା ମିନ । ଭୁଲ କରୁ କହୁ ନାହିଁତ ? ଏଡ଼େ ବକଟେ ନଙ୍ଗଳା ଛୁଆକୁ ପଚାରିଲେ ବି ସେ କହିବ ଏକ ଏକ ମିଶି ଦୁଇ । ତେବେ ତା'ର ଭୁଲ ହେଲା କେଉଁଠି ? ବନସ୍ତ ପାଖରେ ବସିପଡ଼ି ପଡ଼ି ମିନ କହିଲା, "କଣ କହୁଛ ତମେ । କେଉଁଟି ମୋର ଭୁଲ ହେଲା କହିଲ । ଛୁଚ୍ଛାଟାରେ କେତେ ଥଟ୍ଟା କରୁଛ ?

ଆହୁରି ଜୋରରେ ହସି ଉଠିଲା ବନସ୍ତ । ହସି ହସି ଭୂଇଁରେ ଲୋଟିଗଲା ସେ । ମିନ ଆପଣା ଭୁଲ ବୁଝି ଅପଦସ୍ତ ହେଲା । ଯେତେ ସାବଧାନ ହେଲେ ବି ଏହି ବାଲେଶ୍ୱରୀ ଭାଷା ବେଳେ ବେଳେ ଅଜାଣତରେ ବାହାରି ପଡ଼େ ତା' ପାଟିରୁ, ଯାହା ଫଳରେ ବନସ୍ତ ହସି ହସି ଲେଉଟୁକୋଉଟୁ ହୁଏ—ତା'କୁ ଥଟ୍ଟା କରି କେତେ ଚିଡ଼ାଏ । କଥାର ସୁଅ ବଦଳାଇବା ପାଇଁ ମିନ କହିଲା, "ହେଲା ଏବେ ଆମେ ବାଲେଶ୍ୱରୀଆଗୁଡ଼ା ନିରବୁଦ୍ଧିଆ । କିନ୍ତୁ ତମ କଟକିଆଙ୍କ ଭଳି ତ ଆମେ ଆଉ B.A. ପାଶ୍ କରି ଏକରେ ଏକ ମିଶେଇବାରେ ସନ୍ଦିହାନ ହେଉନୁ ।"

ଗୋଟିପଣେ କୋଳକୁ ଆଉଜାଇ ଆଣି ବନସ୍ତ ତା' ମୁହଁରେ ଆଙ୍କିଦେଲା ସହସ୍ର ଚୁମା । ଫଡ଼ଫଡ଼ କରି ଡେଣା ଝାଡ଼ି ଆକାଶରେ ଉଡ଼ି ଯାଉଥିଲେ ଯୋଡ଼ିଏ ଶେଣ୍ଡାଳିଆ । ତାଙ୍କରି ଆଡ଼କୁ ହାତ ବଢ଼ାଇ ବନସ୍ତ କହିଲା, "ଦେଖ ମିନ ! ଏଇ ଯୋଡ଼ି ପକ୍ଷୀ ପକ୍ଷିଣୀ ଦୁଇଟି କଳକଳରବ କରି ଅନନ୍ତ ଆକାଶ କୋଳରେ ଉଡ଼ି ଉଡ଼ି ଚାଲିଗଲେ, ସେମାନେ କ'ଣ ସବୁଦିନେ ଥିବେ ? ସବୁଦିନେ ଏମିତି ନୀଳ ଆକାଶର ମୁକ୍ତ ବିହଗ ହୋଇ ଖେଳି ବୁଲୁଥିବେ ? ନା' ବନ୍ଧନ ଦିନେ ଆସିବ । ପ୍ରକୃତିର ପବିତ୍ର ସୃଜନଲୀଳା ତାଙ୍କୁ ଆଣି ଦିନେ ଉପହାର ଦେବ ଏକ ଆଗନ୍ତୁକ ଅତିଥି । ହୁଏତ ଆଉଦିନ ସେମାନେ ଏଇ ଆକାଶ କୋଳରେ ଉଡ଼ିଗଲାବେଳେ ତାଙ୍କ ସଙ୍ଗରେ ଥିବ ଆଉ ଏକ ଦେବ ଶିଶୁ - କ୍ଷୁଦ୍ର ଶାବକ । କିଏ ଜାଣେ, ହୁଏତ ଭଗବାନ ଆଶିର୍ବାଦ କରିବେ—ଗୋଟିକ ପରେ ଗୋଟିଏ ହୋଇ ଚାରି ପାଞ୍ଚଟି ଅତିଥି ମଧ୍ୟ ଦିନେ ତାଙ୍କର କ୍ଷୁଦ୍ର ନୀଡ଼ଟିକୁ କୋଳାହଳମୟ କରିଦେବେ ।...... ତେଣୁ ତମେ କେମିତି କହିବ ଯେ, ଏକରେ ଏକ ମିଶାଇଲେ ଖାଲି ଦୁଇ ହୁଏ—ବରଂ ଏକରେ ଏକ ମିଶିଲେ ତ ତିନି, ଚାରି, ପାଞ୍ଚ, ସାତ – ସ୍ଥଳବିଶେଷରେ ଏମିତି

କେତେ କ'ଣ ହୋଇଥାଏ ।" ମିନର କୋମଳ ହାତ ପାପୁଲିଟିକ ଜୋରରେ ଟିକଏ ଚପିଦେଇ ବନସ୍ତ ହସି ଉଠିଲା ।

କଥାର ମର୍ମ ମିନ ବୁଝିଲା । ସବୁକଥା ଯେ ତାକୁ ଦେଖେଇ ଦେଖେଇ କୁହା ହେଉଛି, ତା' ବେଶ୍ ବୁଝି ପାରିଲା ସେ । ହସି ହସି କହିଲା, "ସତେ, କୋଉଦିନୁ ଏମିତି ପଣ୍ଡିତ ହେଲଣି ମ । ଏ ନୂତନ ତତ୍ତ୍ୱ ସମ୍ବନ୍ଧରେ ଖଣ୍ଡିଏ ବହି ଲେଖୁନା ?...ହଁ, ତମ ତଥ୍ୟରେ କିନ୍ତୁ ଟିକଏ ଭୁଲ ରହିଗଲା । ଯଦି ସେହି କଅଁଳ ଶିଶୁଟିର କଅଁଳ କୁଆଁ ଡାକ ଶୁଣିବା ଆଗରୁ ଗର୍ଭଧାରିଣୀ ମା ଏପାଖର ମାୟା ମମତା ତୁଟେଇ ସେ ପାରିକି ଚାଲିଯାଏ, ତେବେ ତମ କଥା ଅନୁଯାୟୀ ଆଉ ଧନ ହେବ କେମିତି ? ଯୋଡ଼ି ଦୁଇକି ସେଇ ଦୁଇରେ ରହିବ ପିନା ।......"

ଚମକି ପଡ଼ିଲା ବନସ୍ତ । ମୁହୂର୍ତ୍ତିକ ଭିତରେ ସବୁ ସୁହାଗ ମଉଳି ଗଲା ତା' ମୁହଁରୁ । ଆପଣା ହାତରେ ମିନ ପାଟିକି ବନ୍ଦ କରି କହିଲା, "ଛି, କାଲରୁଣ୍ଡୀଟା— ଏମିତି କଥା କହନ୍ତୁ ନା—ମୋ ମୁଣ୍ଡ ଖାଅଛି, ଆଉଦିନେ ଏମିତିକା କଥା ତୁଣ୍ଡରେ ଧରିବ ନାହିଁ ।"

"ମରି ନାହିଁମ ମୁଁ—ଗୋଟିପଣେ ପରି ତମ କୋଳରେ ଅଛି—" ମିନ ହସି ଉଠିଲା ।

ବନସ୍ତ ମୁହଁରୁ କିନ୍ତୁ କେତେବେଳୁ ହସ ଲିଭି ଯାଇଥିଲା । ଗୋଟାଏ କେମିତି ଅଜଣା ଆଶଙ୍କାରେ ଯେମିତି ଥରି ଉଠୁଥିଲା ତା' ଅନ୍ତରାତ୍ମା । ପାଖ ଗଛରେ ବସି ସାଥୀହରା କପୋତଟିଏ ବିକଳ ହୋଇ କାନ୍ଦି ଉଠିଲା । ବନସ୍ତ ଆଖିରୁ ଅଜାଣତରେ ଗଡ଼ିଆସିଲା ଦି'ବୁନ୍ଦା ଲୁହ ।

ସେହିଦିନୁ—ସେହିଦିନୁ କେବେହେଲେ ମୁହୂର୍ତ୍ତିକ ପାଇଁ ବି ସେ ମିନକୁ ପାଖରୁ ଅଲଗା କରି ଦେଇନାହିଁ । ପ୍ରଥମ ଗର୍ଭର ଗୁରୁତ୍ୱ ସେ ଜାଣେ । କେତେ ଦୁଃଖ କେତେ ଯନ୍ତ୍ରଣା କେତେ ଦହଗଞ୍ଜ—ପୁଣି ପ୍ରଥମ ପିଲାଟି ପ୍ରସବ କରି ନପାରି ଏହି ଗାଁର କେତେ ପ୍ରସୂତି......ନାଁ, ନାଁ—ବନସ୍ତ ଆଉ ଭାବିପାରେ ନା । ଭୟରେ ତା'ର ଛାତି ଥରି ଉଠେ । ଆଖିରୁ ଝରିଆସେ ରକ୍ତ ।...ଗୋଡ଼େ ଗୋଡ଼େ

ସେ ଜଗେ ମିନକୁ । ଟିକିଏ ଅପଥ୍ୟ କରାଇ ଦିଏ ନାହିଁ । ଖାଇବା, ଗାଧୋଇବା, କାମ କରିବା— କୋଉଥିରେ ବି ଏତେଟିକିଏ ବେଧାରା ନାହିଁ । ସବୁବେଳେ ତା'ର କଡ଼ା ତାଗିଦ— କଡ଼ା ଆଖି । ଜନ୍ମମାସଠାରୁ ମିନ ନିୟମିତଭାବେ ହୋମିଓପ୍ୟାଥି ଔଷଧ ଖାଇଲା ।

ହେଲେ ଯୋଉଠି ବେଶୀ ଯତ୍ନ, ବେଶୀ ଆଦର, ସେଇଠି ବେଶୀ ଭୟ, ବେଶୀ ବିପଦର ଆଶଙ୍କା । ଦୁଃଖୀ, ଭିକାରୀଙ୍କ ଛୁଆଏ ଗଛମୂଳେ ଜନମ ହୋଇ କୁହୁଡ଼ି କାକର, ଝଡ଼ବର୍ଷା ଖାଇ ଅଇଁଠା ଭାତ, ଅଇଁଠା ତୋରାଣୀରେ କେଡ଼େ ମୋଟା ସୋଟା ହୁଅନ୍ତି—ଫାମ୍ପୁଲା ଗଣ୍ଡି ବଢ଼େଇ ଏଣେତେଣେ ଧାଇଁ ବୁଲନ୍ତି । ଅଥଚ ବଡ଼ଲୋକର ପିଲାମାନେ ଜନମହଲା କୋଠାରେ ବଢ଼ି ଜଡ଼ଜଡ଼ ଦୁଧ, ହର୍ଲିକ୍ସ, କମଳା, ବେଦାନା ଖାଇଲେ ବି ସବୁବେଳେ ମଲାଙ୍କ ଭଳି ମେଁ ମେଁ ହେଉଥାନ୍ତି—ଆଠକାଳ ବାରମାସି ରୋଗ ବଇରାଗରେ ପଡ଼ିଥାନ୍ତି ।......ବାଉରି, ଶଅର ଘରେ ସନ୍ତସନ୍ତିଆ ମାଟିଘରେ ପିଲାଟିଏ ଜନମ କରି ଛୁ ଛୁ ବର୍ଷାପାଣିରେ ଗାଧୋଇପାଧୋଇ ପେଟ ବିକଳରେ ପାଚିଲା ତାଳ ଖାଇଲେ ବି ମା'ର ଏତେଟିକିଏ ଖରାପ ହେଉନି ଅଥଚ ଲକ୍ଷପତିର ଝିଅବୋହୂ ଛ'ମାସ ଆଗରୁ ହଜାର ଔଷଧ ଖାଇ, ବେଦାନା ଖାଇ, ରକ୍ତ ପରୀକ୍ଷା କରାଇ ମଧ୍ୟ ଗଣ୍ଡାଗଣ୍ଡା ଲେଡ଼ି ଡାକ୍ତର, ସିଭିଲସର୍ଜନଙ୍କ ଆଖି ଆଗରେ ଦିନ ଦ'ପହରେ ଆଖି ବୁଜି ଦେଉଛି । ବିଚିତ୍ର ବିଧିର ବିଡ଼ମ୍ବନା । ମଣିଷ କି ଛାର ତା' ପାଖରେ ! କି ତୁଚ୍ଛ ମଣିଷର ଚେଷ୍ଟା, ସାଧନା, ସାବଧାନପଣିଆ !

ସେଇରଗୋଳ ଯୋଉଠି, ସଞ୍ଜ ହେଲା ସେଇଠି । ଯୋଇଥିକି ମଣିଷ ଡରେ, ଯେତେ ଗୋଡ଼ ଚିପିଚିପି ଗଲେ ବି ଠିକ୍ ସେହି ଖମାରେ ଆସି ସେ ପଡ଼େ । ପାଞ୍ଚ ମାସ ପୂରି ଛ'ମାସ ପଶିଚି କି ନାହିଁ, ହଠାତ୍ ମିନକୁ ହେଲା ଜର । କୁଆଡ଼ୁ କିଛି ନଥିଲା ହଠାତ୍ କାହିଁକି ଦିନେ ପାଦ ଟିକିଏ ଟିକିଏ ଫୁଲି ଆସିଲା । ମୁହଁ ଫଣଫଣ ଦେଖାଗଲା । ଚଲାବୁଲା କରିବାକୁ ମୋଟେ ଇଚ୍ଛା ହେଲାନି, ମାଟିମାଟି ଲାଗିଲା ଅଷ୍ଟାଙ୍ଗ ଶରୀର । ଦେହରେ ଭରିଗଲା ଭୟାନକ

ଡାକ୍ତ ।...ବିନସ୍ବର ହାଲକ ଶୁଣିଲ । ଗାଁ ଲୋକେ ଆସି କିଏ କେତେପ୍ରକାର ଦେଶୀ ଔଷଧ ବତାଇଲେ । ମିନ କହିଲ, "ବ୍ୟସ୍ତ ହୁଅ ନାହିଁ । ବିପଦ ବେଳେ ଧୈର୍ଯ୍ୟ । ଭଗବାନ ବିପଦ ଦେଇ ଆମକୁ ପରୀକ୍ଷା କରୁଛନ୍ତି । ତମେ ଏମିତି ଭାଙ୍ଗିପଡ଼ୁଛ କାହିଁକି ? ବୀରଙ୍କ ଭଳି ସ୍ଥିର ପରେଇ ତା'ର ସମ୍ମୁଖୀନ ହୁଅ । ପୁଣି ଅନ୍ଧାର ପାଇଁ ଆଲୁଅ ଫୁଟି ଉଠିବ ।" ବିନସ୍ବ ମନ କିନ୍ତୁ କାହିଁରେ ନ ମାନେ । କାହାର କଥାରେ କର୍ଣ୍ଣପାତ ନକରି ଶେଇଁ ସଙ୍ଗେ ଗୋଟିଏ ଏକ୍ସ୍‌ପ୍ରେସ୍ ଟେଲିଗ୍ରାମ କଲ ଆଲୁସ୍ବାର ପାଖକୁ ।

ମୁହୂର୍ତ୍ତିଟିଏ ବିଳମ୍ବ ନକରି ଆଲୁସ୍ବାର ଧାଇଁ ଆସିଲ କଟକରୁ । ବଡ଼ ବିରକ୍ତ ହେଲ ସେ ବିନସ୍ବ ଉପରେ । କାହିଁକି ଯେ ଆଜିପର୍ଯ୍ୟନ୍ତ ତାକୁ ଖବର ଦିଆ ହୋଇ ନଥିଲ , ସେଥିପାଇଁ ସେ ଭାରି ରାଗିଲ । ନହାତି ସାଂଘାତିକ ନହେଲେ ବି ରୋଗୀର ଅବସ୍ଥା ଭଲ ନୁହେଁ । ବଡ଼ ଆନେମିକ୍ (anemic)—ଦୁର୍ବଳ, ନିସ୍ତେଜ, ରକ୍ତହୀନ । ସାଧାରଣ ତ ମିନର ସ୍ବାସ୍ଥ୍ୟ ସେତେ ଭଲ ନୁହେଁ—ସବୁଦିନେ ପତପତିଆ ନହକା ରୂପ । ତା' ଉପରେ ପୁଣି ଗର୍ଭ ସଞ୍ଚାର ହୋଇ ସେ ଅତି ଦୁର୍ବଳ ହୋଇଗଲଣି । ମୁହଁଟି ପାଣ୍ଡୁର, ମଳିନ, ନିଷ୍ପ୍ରଭ ଦିଶୁଛି । ରକ୍ତ ଅଭାବରୁ ଦେହହାତ ଶେତା ଦିଶିଲଣି । ଆଉ ଅଧିକ ବିଳମ୍ବ ନକରି ଅତିଶୀଘ୍ର ତା'କୁ କଟକ ନେଇଯିବାକୁ ଆଲୁସ୍ବାର ଆୟୋଜନ କଲ ।

ସେହି ରୋଗଶେଯରେ ଶୋଇଶୋଇ ବି ମିନ ହସି ଉଠିଲ, "ବାଇଆ ହେଲ ଅନୁବାବୁ ! ଗୋଟିଏ ଲୋକକୁ ଏମିତି ବଞ୍ଚାଇବ ସିନା, କୋଟିଏ ଲୋକଙ୍କୁ କ'ଣ ଏମିତି ବଞ୍ଚାଇ ପାରିବ ? ସହରଠାରୁ ଶହଶହ ମାଇଲ ଦୂର ମଫସଲର ଗଳିକନ୍ଦି, ଅନ୍ଦିବନ୍ଦିରେ ଏମିତି ହଜାର ହଜାର, ଲକ୍ଷ ଲକ୍ଷ ବୋହୂ ପ୍ରଥମ ପିଲାଟି ପ୍ରସବ କରି ନପାରି ଦୁଃଖ ଭୋଗୁଛନ୍ତି—ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ସମସ୍ତଙ୍କୁ କ'ଣ ତମେ ସବାରୀ ଗାଡ଼ି କରି କଟକ ନେଇ ପାରିବ ?"

ଧୈର୍ଯ୍ୟହୀନ ହୋଇପଡ଼ିଲ ବିନସ୍ବ, "ସବୁବେଳେ ସେ ପାଗଳାମି ଶୋଭାପାଏ ନାଁ ମିନ । ଏ ଯେ ଜୀବନ ମରଣ ସମସ୍ୟା । ଏତେବେଳେ ସମସ୍ତଙ୍କ ସାଙ୍ଗେ ତୁଳନା କରି ବସିଲେ ଭଲ ହେବ କି ?"

"ଓଃ, ଏଇ ତା'ହେଲେ ତମ ହେବାର ଆଦର୍ଶ । ଜଜବେଲକୁ ଯିବ ବଡ଼ ଡାକ୍ତରଖାନାର ସିଭିଲ୍‌ସର୍ଜନ ପାଖକୁ; ଆଉ ଗାଁର ଗରିବଗୁରୁବା, ମୂଲିଆ-ପାନିଆଙ୍କୁ କହିବ ମୂର୍ଖ କବିରାଜଠାରୁ ବଟିକା ଖାଇବାକୁ—ନା ? ଠିକ୍ ଯେମିତି ତମର ଏ ମନ୍ତ୍ରୀମାନେ ଆପଣା ଆପଣା ପୁଅକୁ ଆଧୁନିକ ଉଚ୍ଚଶିକ୍ଷା ପାଇବାକୁ ବିଲାତ, ଆମେରିକା ପଠାଉଛନ୍ତି, ଅଥଚ ଏଣେ ସଭାସମିତିରେ ବକ୍ତୃତା ଦେଇ ଆମକୁ କହୁଛନ୍ତି, 'ଆଧୁନିକ ଶିକ୍ଷା ସାରହୀନ—ମୌଳିକ ଶିକ୍ଷା ପାଇଁ ସମସ୍ତେ ହଳ ଚଳାଅ—ପାଇଖାନା ସଫାକର ।' ବାଃ, ଚମତ୍କାର ତମର ବିଚାର । ଚମତ୍କାର ତମର ନୀତି !"

କଥାମଝିରେ ବାଧାଦେଇ ଅନୁସ୍ୱାର କହିଲା, "ନାହିଁ ଭାଉଜ ! ସବୁବେଳେ ଏମିତି ଭାବପ୍ରବଣ ହେଲେ ଚଳେ ନା । ଶରୀର ମାଦ୍ୟଂ ଖଳୁଧର୍ମ ସାଧନମ୍ । ଆଗ ନିଜର ଦେହକୁ ରଖିଲେ ସିନା ପରେ ଯାଇ ଯୋଉ କାମ କରିବ ।"

"ବୁଝିଲି ଅନୁବାବୁ । ତମ ଅପେକ୍ଷା ମୋର ବେଶୀ ଲୋଭ ଅଛି ମୋ ଦେହପ୍ରତି । ଏକା ମୋର ନୁହେଁ ତ ସମସ୍ତଙ୍କର ଏମିତି ଦେହ ପ୍ରତି ଲୋଭ ଥାଏ, ଜୀବନ ପ୍ରତି ମମତା ଥାଏ । ତମେ ମୋତେ ଆଜି କଟକ ନେବାକୁ ବସିଛ—କିନ୍ତୁ କାଲି ସକାଳେ ଏଇ ଗାଁରେ ରଙ୍ଗ, ଝୁମ୍ପୁ, ମାଳି, ପଦ୍ମାର ପିଲା ହବ—ସମସ୍ତେ କ'ଣ କଟକ ଯିବେ ? ଯାଇପାରିବେ ? କାହିଁକି, ତାଙ୍କ ସ୍ୱାସ୍ଥ୍ୟ ତ ମୋ ଠୁଁହି ଢେର ଖରାପ । ସେମାନେ ନ ଯିବେ କାହିଁକି ? କାରଣ ସେମାନେ ଗରିବ, ଆମେ ବଡ଼ଲୋକ । ଆମର ଯେମିତି ଖାଲି ଏକା ଜୀବନ, ଆଉ ତାଙ୍କର ଜୀବନ ନୁହେଁ ! ଗରିବ ହେଲେ ବୋଲି ତାଙ୍କର ଯେମିତି ବଞ୍ଚି ରହିବାର ଅଧିକାର ନାହିଁ ଏ ପୃଥିବୀରେ !!

ସେଇଥିପାଇଁ ଏକା ତମକୁ ନୁହେଁ, ତମ ଭଳିଆ ସୁଟ, ନେକ୍‌ଟାଇ ପିନ୍ଧା ସବୁ ଡାକ୍ତରଙ୍କ ଚରଣ ତଳେ ମୁଁ ମଥା ନୋଇଁ କହେ—ସେ ପୁରୁଣାକାଳିଆ ମନୋବୃତ୍ତି ଛାଡ଼ । ଦୃଷ୍ଟିକୋଣ ଟିକିଏ ବଦଳାଅ । ଖାଲି ବେଶୀ ପଇସା ଆଶାରେ ସହରରେ ପଡ଼ି ନ ରହି ପରୋପକାର କରିବାପାଇଁ ଗାଁଗହଳକୁ ଫେରିଆସ ।

ଯୋଉ ଗାଁରେ ଜନମ ହୋଇ ତମେ ପଢ଼ିଲେ କୁଆଁ କୁଆଁ ଡାକ ଗୁଞ୍ଜିଥିଲା, ସେହି ଗାଁକୁ ଆଜି ଠେଲି ଦଉନାହିଁ ଗୋଡ଼ରେ । ଆଖି ଖୋଲି ଦେଖ—ସେହି ଗାଁ ଗୁଡ଼ିକରେ କେମିତି ହଜାର ହଜାର ଲୋକ ରୋଗବଇରାଗରେ ସଢ଼ୁଛନ୍ତି—ଔଷଧ ଟିକିଏ ନପାଇ, ଚିକିତ୍ସା ଟିକିଏ ନପାଇ ଦିନ ଦି'ପହରେ ପୋକମାଛି ଭଳି ମରୁଛନ୍ତି । ଆସ ତମେ ଡାକ୍ତର ! ମୋରି ଭଳିଆ କେତେ ଲକ୍ଷ ଲକ୍ଷ ରୋଗୀ ରୋଗ ଯନ୍ତ୍ରଣାରେ କଲବଲ ହୋଇ ତମରି ମୁହଁକୁ ବ୍ୟାକୁଳ ହୋଇ ଚାହିଁ ରହିଛନ୍ତି । ସହର ଛାଡ଼ି ଆସ ଥରେ ମଫସଲକୁ । ଏ ମଲା ମଣିଷଙ୍କ ଶୀତଳ ଦେହ ଉପରେ ଥରେ ବୁଲେଇ ଆଣ ତମର କଅଁଳ ହାତ । ମୁର୍ଦ୍ଦାର ଜାଗି ଉଠିବ—ମଡ଼ା ମୁହଁରେ ହସ ଫୁଟିଉଠିବ । ସମସ୍ତେ ମିଳି ତମକୁ ଆଶୀର୍ବାଦ କରିବେ, ଆଉ ସେହି ମଲା, ଦରମଲା, କାଙ୍ଗାଳ କଙ୍କାଳର ଆଶୀର୍ବାଦ ତମର ଲକ୍ଷକୋଟି ସ୍ୱର୍ଣ୍ଣମୁଦ୍ରାଠାରୁ ବଳିଯିବ—ସୁଖ, ଶାନ୍ତି, ଆନନ୍ଦ, ଆହ୍ଲାଦରେ ପୂରିଉଠିବ ତମ ଜୀବନ । ..ଆସିବ ? ଆସିବ ତମେ ଡାକ୍ତର ? ରଖିବ ତମେ ଏହି ମରଣମୁଖୀ ମଣିଷଟିର ଲୁହବୋଳା କରୁଣ ମିନତି ?"

ଅନୁସୂୟାରର ଗର୍ବିତ ମସ୍ତକ ଲଜ୍ଜାରେ ନଇଁ ଆସିଥିଲା ତଳକୁ । ଅଜାଣତରେ ତା' ପାଟିରୁ ବାହାରିଗଲା, "ରଖିବି ମା ! ତମର ଚରଣ ଛୁଇଁ କହୁଛି—ସହର ଛାଡ଼ି ମୁଁ ଫେରିଆସିବି ଗାଁକୁ – ଜୀବନ ଦେଇ ମୁଁ ସେବା କରିବି ଗାଁ ଲୋକଙ୍କର ।"

ମିନତିର ଯାଞ୍ଚ୍ଞା, ପାଣ୍ଡୁର ମୁହଁରେ ସାନ୍ତ୍ୱନା ହସଟିଏ ଖେଳିଗଲା । ବହୁତ ବୁଝାବୁଝି ପରେ ମିନ ଶେଷରେ ରାଜି ହେଲା କଟକ ଯିବାକୁ; କିନ୍ତୁ ବର୍ତ୍ତମାନ ନୁହେଁ—ଠିକ୍ ଡେଲିଭରି ବେଳକୁ । ବର୍ତ୍ତମାନ ଅନୁସୂୟାର କଟକରୁ ଔଷଧ ଆଣି ଦେଉ—ପରେ ଯଦି ଅବସ୍ଥା ଭଲ ନ ହେଇ ଖରାପ ଆଡ଼କୁ ଆସେ, ତେବେ ପଛକେ ସେ କଟକ ଯିବ । ବାଧ୍ୟହୋଇ ଅନୁସୂୟାର ଫେରିଆସିଲା ।

ଆହୁରି ମାସଟିଏ କଟିଗଲା । କିନ୍ତୁ କାହିଁ, ଅବସ୍ଥା ତ ଭଲ ଆଡ଼କୁ ଆସୁନାହିଁ । ଅନୁସୂୟା ନିଜେ ବସି ବସି ଦିନରାତି ସେବା କରୁଛି । ଗାଁର ଝିଅ,

ବୋହୂ, ମାଇପେ ଆସି ଘଡ଼ିକଘଡ଼ି ଦେଖିଯାଉଛନ୍ତି— ଦେହମୁଣ୍ଡରେ ହାତ ବୁଲେଇ ଦେଉଛନ୍ତି । ବନସ୍ତ ବି ଲାଗିପଡ଼ିଛି ତା' ପ୍ରାଣପଣେ । କିନ୍ତୁ ଆଶ୍ଚର୍ଯ୍ୟ କଥା, ଏତେ ସେବା, ଶୁଶ୍ରୂଷା, ଆଦର ଯତ୍ନ ସତ୍ତ୍ୱେ ବି ରୋଗୀର ଅବସ୍ଥା ଟିକିଏ ହେଲେ ଉନ୍ନତ କରୁନାହିଁ; ବରଂ ଦିନକୁଦିନ ସେ ବେଶୀବେଶୀ ଦୁର୍ବଳ ହୋଇଯାଉଛି ।

ଅନୁସୂୟାର ମନ ପାପ ଛୁଇଁଲା । ଏଣେ ରୋଗୀ ଅମାନିଆକୁ ତେଣେ ଅବସ୍ଥା ସାଙ୍ଘାତିକ । କ'ଣ କରିବ କିଛି ସ୍ଥିର କରି ନପାରି ସେ ଅତିଶୀଘ୍ର ଟେଲିଗ୍ରାମଟିଏ ପଠାଇଲା ବାଲେଶ୍ୱର ।

ତାର ପାଇ ସଙ୍ଗେ ସଙ୍ଗେ ଧାଇଁ ଆସିଲେ କାହ୍ନୁବାବୁ, କନକଦେବୀ; କିନ୍ତୁ ଯାହା ଦେଖିଲେ ସେଥିରେ ତାଙ୍କ ଆଖି ବୁଜି ହୋଇଗଲା । ଝିଅକୁ ଧରି ଭୋ ଭୋ କାନ୍ଦି ଉଠିଲେ କନକଦେବୀ । ମିନି କହିଲା, "ବ୍ୟସ୍ତ ହୋ ନାଁ' ମା' ! କିଛି ହବ ନାହିଁ ମୋର । ଯୋଉ ଠାକୁରେ ଦୁଃଖ ଦେଇଛନ୍ତି, ସେହି ଠାକୁରେ ମୋତେ ଉଦ୍ଧାର କରିବେ ।"

କାହ୍ନୁବାବୁ ପ୍ରସ୍ତାବ କଲେ ବାଲେଶ୍ୱର ନେଇ ଯିବାକୁ । ଅନୁସୂୟାର ଦେଖିଲା—କଟକ ଅପେକ୍ଷା ବାଲେଶ୍ୱରରେ ସୁବିଧା । ସହରରେ ତାଙ୍କ ନିଜର ଘର ଅଛି । ବାପ, ମା, ଦାଦା,ଖୁଡ଼ି ସବୁବେଳେ ପାଖରେ ରହିବେ । ତା'ଛଡ଼ା ଲକ୍ଷପତି ଧନୀକ ସେମାନେ । ଗୁହାଁବାମାତ୍ରେ ଗଣ୍ଡା ଗଣ୍ଡା ଡାକ୍ତର, ସିଭିଲସର୍ଜନ, ଲେଡ଼ିଡାକ୍ତର, ନର୍ସ ଅସି ଗୋଡପାଖରେ ହାଜର ହେବେ । ସବୁ ଦିଗରୁ ବାଲେଶ୍ୱର ସୁବିଧା । ଆନୁସୂୟାର ରାଜି ହେଲା ସେ ପ୍ରସ୍ତାବରେ ।

ବନସ୍ତର କିଛି କହିବାର ନଥିଲା । ସେ ମୂକଙ୍କଭଳି, ଖାଲି ଗୁହିଁରହିଥିଲା ମିନି ମୁହଁକୁ । ଆଖିରୁ ତା'ର ଝରୁଥିଲା ଅଝରଝର ଲୁହ । ବସି ବସି ସେ ଖାଲି ଭାବୁଥିଲା— ଏ ନିର୍ଦ୍ଦୟ ଭଗବାନଙ୍କର କେମିତି ନିର୍ମମ ବିଚାର । ହଲିଲା ପାଣିକି ଯିଏ ଗୋଡ ବଢ଼ାଏ ନାହିଁ, ତା'କୁ ପୁଣି ଦିଅନ୍ତି ଏମିତିକା ଗୁରୁଦଣ୍ଡ !

କାହ୍ନୁବାବୁଙ୍କ କଥା ରହିଲା । ମିନାର କୌଣସି ଆପତ୍ତିକୁ କାନ ନଦେଇ ଫାଷ୍ଟକ୍ଲାସ ରିଜର୍ଭ କରି ସେହିଦିନ ସମସ୍ତେ ଗ୍ଭଲିଗଲେ ବାଲେଶ୍ୱର ।

—ସତର—

କିନ୍ତୁ କପାଳ ଯେତେବେଳେ ଫାଟେ, ସେତେବେଳେ ସୁନା ମୁଣ୍ଡାଟାଏ ଧରୁ ଧରୁ ମାଟି ହୋଇଯାଏ—ଘରେ ଶୂନ୍ୟତା ନଆଁ ଲଗେ—ଷାଠିଏ ବରଷର ବୁଢ଼ା ବାପକୁ ଖାଣ୍ଡରେ ବସେଇ ଦେଇ ପଚିଶ ବରଷର ଭେଣ୍ଡା ପୁଅ ବାଟ କାଟେ । ହଜାର ସାବଧାନତା ସେଠି ବ୍ୟର୍ଥ ହୁଏ—ଲକ୍ଷ ଲକ୍ଷ ଡାକ୍ତର, ବୈଦ୍ୟ ସେଠି ହାର ମାନନ୍ତି ।

ଅବିକଳ ସେଇଆ ହେଲା ମିନା ଜୀବନରେ । ପାଣିଭଳି ଅଜସ୍ର ଟଙ୍କା ବାଣ୍ଟିଦେଲେ କାହ୍ନୁବାବୁ । ବାଲେଶ୍ୱରର ସବୁ ଡାକ୍ତର-ସିଭିଲସର୍ଜନ ଆସିଲେ । ନାନାପ୍ରକାର ଔଷଧ, ଇଂଜେକ୍‌ସନ୍ ଦିଆଗଲା; କିନ୍ତୁ କାହିଁ, କୌଣସିଥିରେ ତ କିଛି ଫଳ ହେଲାନି । ରୋଗୀର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା ସିନା ଉନ୍ନତି ଆଡ଼କୁ କେବେ ତ ଆସିଲା ନାହିଁ । ସିଭିଲସର୍ଜନଙ୍କ ପରାମର୍ଶକ୍ରମେ କଟକରୁ ବଡ଼ ବଡ଼ ଲେଡ଼ିଡାକ୍ତର, ବିଲାତ ଫେରନ୍ତା ଡାକ୍ତର ସର୍ଜନଙ୍କୁ ଫିସ୍ ଦିଆ ହୋଇ ଡକା ହେଲା—କଲିକତାରୁ ବହୁ ଦାମୀ ଔଷଧ, ଇଂଜେକ୍‌ସନ୍ ଅଣାଗଲା; କିନ୍ତୁ କାହିଁରେ ଭଲହେଲାନି ମିନା । ଶୁଖିଲା ମୁହଁରୁ ମଉଳି ଗଲା ହସ । ଶତ ଚେଷ୍ଟା, ସହସ୍ର ସାଧନା ସତ୍ତ୍ୱେ ବି ଆଉ ଫେରିଲା ନାହିଁ ।

ଡାକ୍ତର କହିଲେ, Blood Transmission କରିବାକୁ । ହସି ହସି ଆଗେଇ ଆସିଲା ଆନୁସ୍ୱାର । ଯେତେ ରକ୍ତ ଲୋଡ଼ା, ସବୁ ସେ ଆପଣା ଦେହରୁ ବାହାର କରି ଆଣି ସିଭିଲସର୍ଜନଙ୍କ ଆଗରେ ଥୋଇଦେଲା । ସମସ୍ତେ ଅବାକ୍ ହେଲେ । ଲୁହ ଛଳ ଛଳ ଆଖିରେ ବିନସ୍ତୁ ତା'କୁ କୁଣ୍ଢେଇ ପକେଇଲା,

"ରୁ ମୁସଲମାନ ନୋହୁ ତ— ରୁ ମୋର କୋଉ ଜନମର ଭାଇ !" ରୋଗିଣୀର କୋଟରଗତ ଚକ୍ଷୁରୁ ଗଡ଼ିପଡ଼ିଲା ଦ'ଧାର ଅଶ୍ରୁ ।......କିନ୍ତୁ ତଥାପି—ତଥାପି ଏତେ ଦରଦ, ଆତ୍ମତ୍ୟାଗ ସତ୍ତ୍ୱେ ବି ରୋଗୀର ଅବସ୍ଥା ଟିକିଏ ହେଲେ ବଦଳିଲା ନାହିଁ । ଦିନକୁ ଦିନ କଡ଼ାଚ୍ଚରେ ଲାଗିଗଲା । ହାତ, ପାଦ, ମୁହଁ, ଆଖି—ସବୁ ମଲାମଣିଷ ଭଳିଆ ଶେତା ଶେତା ଦିଶିଲା । ହାତଗୋଡ଼ ଶୁଖି ବାଉଁଶ କାଠି ଭଳି ନଳି ନଳି ହେଲା । ସେହି ଯେ ବିଛଣାରେ ଶୋଇଲା, ଆଉ ଉଠିଲା ନାହିଁ । ଆଲୁଅାର ପ୍ରମାଦ ଗଣିଲା । ଡାକ୍ତରମାନେ ଏକପ୍ରକାର ଆଶା ଛାଡ଼ି ବସିଲେ ।

ମାତ୍ର ଆଶ୍ଚର୍ଯ୍ୟର କଥା, ଲେଡ଼ିଡାକ୍ତର ପରୀକ୍ଷା କରି ଦେଖିଲେ ଯେ, ପିଲାଟିର ଅବସ୍ଥା ବେଶ୍ ଭଲ ଅଛି; କିନ୍ତୁ ମା' ଏତେ ଦୁର୍ବଳ ଯେ, ହୁଏତ ପ୍ରସବ କରି ପାରିବ ନାହିଁ ।' ହୁଏତ ପ୍ରସବ ବେଦନା ସହି ନପାରି ......ନାଁ, ନାଁ, ସାହାସ ହେଲାନି, ତାଙ୍କର ଏକଥା ଖୋଲି କହିବାକୁ । ବାପ୍ ମା' ଯେ ଭାଙ୍ଗି ପଡ଼ିବେ । ବିନୟବାବୁ ଯେ ପାଗଳ ହୋଇ ଯିବେ ।......କହି ଅସୁ ଆସୁ ସେ ଅଟକିଗଲେ— ଛେପ ଢୋକିଲେ । ମାତ୍ର ଦେବତାର ଯା' ଇଚ୍ଛା, ମଣିଷ ତା'କୁ ଲୁଚେଇ ଛପେଇ କୋଉଁ ଜବରଦସ୍ତି ଦୂରକୁ ଠେଲିଦେଇ କେତେଦିନ ରଖି ପାରିବ ? ସେହିଦିନ ରାତିକ ଆରମ୍ଭହେଲା ଡେଲିଭରି ପେନ୍— ଡାକ୍ତରମାନଙ୍କର ସବୁ ଭୟ, ସବୁ ଆଶଙ୍କାର ସମସ୍ତ ଆସି ଉପସ୍ଥିତ ହେଲା ।

ଓଃ, କି ଭୟଙ୍କର ସେ ରାତି । କଳା କଟି କଟି ଅନ୍ଧାର । ବର୍ଷା, ଝଡ଼, ବିଜୁଳି ଘଡ଼ଘଡ଼ିରେ ଆକାଶ କମ୍ପୁଛି । ସତେ ଯେମିତି ସମଗ୍ର ଆକାଶଟା ମଡ଼ ମଡ଼ ହୋଇ ଭାଙ୍ଗି ପଡ଼ିବ ପୃଥିବୀ ଉପରେ । ଠିକ୍ ବାହାର ଭଳି ଭିତରେ ବି ଆରମ୍ଭ ହୋଇଯାଇଛି ପ୍ରଳୟଙ୍କରି କ୍ରିୟା । ଦାରୁଣ ଯନ୍ତ୍ରଣାରେ ଡହଳ ବିକଳ ହୋଇ ଭୂଇଁ ଅଣ୍ଡାଳୁଛି ମିନି । ଓଠ ଫାଟିଯାଉଛି, ଆଖି ଫୁଟିଯାଉଛି ପାଟିବାଟେ ଝଲକା ଝଲକା ରକ୍ତ ବାନ୍ତି ହୋଇ ପଡ଼ୁଛି । କି ଭୀଷଣ ସେ କଷ୍ଟ ! କି ବିକଳ ସେ ବୁକୁଫଟା କରୁଣ ଚିତ୍କାର !! ଗଛ ପତର ବି କାନ୍ଦି ଉଠିଲା, ନିର୍ଜୀବ ପାଷାଣ ବି ତରଳିଗଲା ସେ ବିକଳରେ । ବିନୟ ସେତେବେଳକୁ ପଥର ପାଲଟି ଯାଇଥିଲା । କଷ୍ଟ ଦେଖି

ଦେଖି ଅନ୍ଧ ହେଇ ଯାଇଥିଲା ସେ । ମିନ—ପ୍ରାଣର ମିନ ତା'ର । କେତେ ସ୍ନେହ, କେତେ ପ୍ରେମ, କେତେ ହୃଦୟ ଦେଇ ସେ ତାକୁ ଭଲପାଇଛି । ତା'ର ମୁହଁରେ ମୁହଁ ରଖି ସେ ଭୁଲିଯାଇଛି ଜୀବନର ସବୁ ଦୁଃଖ ସବୁ ଅବସାଦ । ତା'ର ମୁହଁର ଉଚ୍ଛୁଳା ହସକୁ ପାଥେୟ କରି ସେ ଚାଲିଛି କେତେ ଦୁର୍ଗମ ପଥରେ—କରିଛି କେତେ ଦୀନ, ଦୁଃସ୍ଥ, ଦଳିତ, ମଥିତଙ୍କ ସେବା; ପୁଣି ସେହି କଅଁଳ ଛନଛନ ସୁନାମୁହଁଟିକୁ ଚାହିଁ ଚାହିଁ ସେ ଦେଖିଛି କେତେ ତରୁଣର ସ୍ୱପ୍ନ, ଆଙ୍କିଛି କେତେ ଶିଳ୍ପୀର ଛବି, ରଚିଛି କେତେ କବିର କବିତା । ସେହି ମୁହଁ—ସେହି ଗୋଲାପ ମୁହଁଟି ଆଜି ଜଳିଯାଉଛି ବେଦନାରେ । ସେହି ପ୍ରାଣର ମିନ ଆଜି ଦିଗ୍‌ବିଦିଗ ଶୂନ୍ୟ ହୋଇ ପୂଜ, ରକ୍ତ, ମଳମୂତ୍ରରେ ଘାଣ୍ଟି ହୋଇ ଭୂଇଁ ଅଣ୍ଡାଳୁଛି । ବିନୟ ଛାତି ଫାଟିଯିବା ଭଳି ବୋଧ ହେଲା । ଏ କଷ୍ଟ ଦେଖିବା ଆଗରୁ ସେ ମରି ଯାଇଥିଲେ ବୋଧେ ଭଲ ହେଇଥାନ୍ତା ।

ଓଃ, ବେଳକୁବେଳ ବେଦନା ବଢ଼ି ଯାଉଛି । ପ୍ରତି ମୁହୂର୍ତ୍ତରେ ପ୍ରାଣବାୟୁ ଉଡ଼ିଗଲା ଭଳି ମନେ ହେଉଛି । ଅତି ବିକଳ ହୋଇ ମିନ ଦୁଇ ହାତରେ ଜାବୁଡ଼ି ଧରିଲା ବିନୟର ବେକ । ହାତ ଜାବ ପଡ଼ିଗଲା ।......ଧୀରେ ଧୀରେ ସେ ନୁଆଇଁ ଆଣିଲା ବିନୟ ମୁହଁଟିକୁ । ଲାଜସରମ ସବୁ କୁଆଡ଼େ ଉଭେଇଗଲା ସେତେବେଳେ । ସେହି ମୁହଁଟିକୁ ଆପଣା ମୁହଁ ଉପରେ ରଖି ଅତି କଷ୍ଟରେ—ଅତି କରୁଣ କଣ୍ଠରେ ସେ କହିଲା ପଦାଏ କଥା, "ସରିଗଲା—ସରିଗଲା ମୋ ଜୀବନର ଖେଳ । ଚାଲିଲି ମୁଁ ଆଉ ପାରିକି; କିନ୍ତୁ ଭାଙ୍ଗି ପଡ଼ିବନି ତମେ । ଏହି ଗୋଟିଏ ମିନ ପାଇଁ ଲୁହ ନ ଗଡ଼େଇ ବିଶ୍ୱର କୋଟି କୋଟି ମିନ ପାଇଁ ତମେ କାନ୍ଦିବ । ସଭିଙ୍କି ଭଲ ପାଇବ—ସଭିଙ୍କି ପ୍ରେମ କରିବ ସେବା କରିବ । ଏକକୁ ଛାଡ଼ି ତମେ ମିଶିଯିବ ବହୁରେ, ଜଣକୁ ଛାଡ଼ି ତମେ ଭଲ ପାଇବ ଗଣକୁ, ସସୀମକୁ ଛାଡ଼ି ତମେ ପ୍ରେମ କରିବ ଅସୀମକୁ । ତା'ହେଲେ ପ୍ରାଣରେ ଶାନ୍ତି ପାଇବ, ଜୀବନ ମଧୁମୟ ହେବ ।"

ଡାକ୍ତରମାନଙ୍କୁ ଅନେଇଲା ମିନ—ଅତି ବିକଳ ହୋଇ କହିଲା, "ଏକା ମୁଁ ନୁହେଁ ଡାକ୍ତର- ଗାଁ ଗହଳରେ ମୋର ଭଳିଆ ଲକ୍ଷ ଲକ୍ଷ ଲୋକ

ଏମିତି ମରୁଛନ୍ତି । ଜୀବନର ପ୍ରଥମ ସୋପାନରେ ପ୍ରଥମ ପିଲାଟି ପ୍ରସବ କରି ନପାରି ଏମିତି କେତେ କେତେ ଯୁବତୀ ନାରୀ ଅତି ଅକାଳରେ ଆଖି ବୁଜୁଛନ୍ତି । ଥରେ ତାଙ୍କ ଆଡ଼କୁ ଆଖି ଫେରାଅ—ତାଙ୍କ ମଲା ଦେହରେ ଜୀବନ ସିଞ୍ଚି ଦିଅ ।''

କଣ୍ଠ ରୁଦ୍ଧ ହୋଇଆସିଲା । ଝଲକାଏ ରକ୍ତ ବାହାର ଆସିଲା ପାଟିବାଟେ । ସହସ୍ର ଗୁଣରେ ବଢ଼ିଗଲା ବେଦନା, ଆଖିରୁ ବାହାରିଗଲା ଜୁଳୁଜୁଳିଆ ପୋକ— ଆତୁର ନିବିଡ଼ ଭାବରେ ସେ ଜଡ଼ାଇ ଧରିଲା ବିନୟକୁ—"ଓଃ, ଭାରି କଷ୍ଟ, ଆଉ ସହି ପାରିବି ନାହିଁ—ଆଉ ବଞ୍ଚି ପାରିବି ନାହିଁ । ଧର ମୋତେ...ଧର ମୋତେ ...ଗଲି...ଗଲି ମୋର ଜୀବ ।'' ଭେ ଭେ ମିନି ରଡ଼ି ଛାଡ଼ିଲା,...ଚନ୍ଦ୍ କରି ବିଜୁଳିଟାଏ ମାରିଦେଲା । ବଜ୍ରର ଭୀମ ଗର୍ଜନ ଭଳି ମିନି ଚିତ୍କାର କରି ଉଠିଲା— "ମା'ଲୋ ! ମରିଗଲି''......ଝଡ଼ ବନ୍ଦ ହୋଇଗଲା ଆକାଶରେ । ପିଞ୍ଜରାର ମମତା କାଟି ଶାରୀଟି ଉଡ଼ିଗଲା ଶୂନ୍ୟକୁ । ଘରେ ହାଲହୁଲୋଳ ପଡ଼ିଗଲା ।

କିନ୍ତୁ ଏ କ'ଣ ? ମରଣ ପରେ ପଛେ ପୁଣି ଜୀବନ ଫୁଟି ଉଠିଲା କେମିତି ? ଅମାବାସ୍ୟାର ଘନ ଅନ୍ଧକାର ଅପସରି ନ ଯାଉଣୁ ପୁଣି ପ୍ରତିପଦାର କୁଲୁକୁଲିଆ ଟିକି ଜହ୍ନଟି ହସି ଉଠିଲା କେମିତି ? ଧନ୍ୟ ଭଗବାନ ! ଧନ ତମର ବିଧାନ । ଯୋଉ ଗର୍ଭଧାରିଣୀ ମା' ଏତେ ଏତେ ଦୁଃଖ, ବ୍ୟଥା, ବେଦନା ଭିତରେ ଢଳେ ଢଳେ ଜଳପୋଡ଼ି ମାଟି ସାଙ୍ଗରେ ମାଟିହେଇ ମିଳେଇଗଲା ସେଇ କେବେ ଥରକ ପାଇଁ ବି ଦେଖି ପାରିଲା ନାହିଁ ତା'ର 'ଏହୁ କଅଁଳ ଛନ ଛନ ନୂଆ ପୁଅଟିକ । ବିଚିତ୍ର ସ୍ରଷ୍ଟାର ବିଡ଼ମ୍ବନା ।......ଲେଡ଼ି ଡାକ୍ତର ତୋଳିନେଲେ ସଦ୍ୟଜାତ ଶିଶୁଟିକୁ ।

ଦୀର୍ଘ ଦୁଇଘଣ୍ଟା ପରେ ବିନୟର ଚେତା ଆସିଲା; କିନ୍ତୁ ନୂଆପୁଅକୁ ଦେଖି ଆନନ୍ଦ ହେବା ତେଣିକି ଥାଉ ଭେ'କିନା ଚିତ୍କାର କରି ପୁଣି ସେ ଲୋଟିପଡ଼ିଲା ଦୁଃଖିନୀର ଶବ ଉପରେ । ଅନୁସ୍ୱାରୁ ତୁଣ୍ଡରେ ଭାଷା ନଥିଲା । ଦୂରରେ ବସି ସେ ଝରାଉଥିଲା ଅଟ୍‌କଟ୍‌ଟ ଲୁହ । ଏକୋଇର ବଳା ବଶିକେଶନକୁ ହରାଇ ବାପ ମା' ହେଇଯାଇଥିଲେ ଅନ୍ଧ । କାହ୍ନୁବାବୁ ଯାହାକୁ ତା'କୁ ଲୁଣ୍ଠେଇ ପକେଇ ଭେ ଭେ

ଡକାପାରୁଥିଲେ । କନକଦେବୀ ଛୁଁକନା ମୁଣ୍ଡ ପିଟି ଦେଇ ରକ୍ତ ଜହ୍ନୁଲୁହାଣ ଅବସ୍ଥାରେ ଅଚେତ ହୋଇ ପଡ଼ିଥିଲେ । ଅଥ ବିକଳ ହୋଇ ବାହୁନ ଉଠୁଥିଲେ ଘର ବଉଁଶଯାକ । ପିଲାଙ୍କୁ ଆଗୁଡ଼ିକଙ୍କର ଲୁହ ସିଁଘାଣି ଏକାକାର ହେଉଥିଲା ।

ବଡ଼ କରୁଣ ସେ ଦୃଶ୍ୟ । ବଡ଼ ମର୍ମସ୍ପର୍ଶୀ ସେ ଅନୁଭୂତ । ଡାକ୍ତରମାନଙ୍କ ଛାତି ବି ଥର ଉଠିଲା । ଅଜାଣତରେ ଆଖିରୁ ଝର ଆସିଲା ଲୁହ । ବହୁକଷ୍ଟରେ ଦୁର୍ବଳତାକୁ ଚାପିରଖି ସେମାନେ ଉଠିଲେ । ମାନବିକତା ଦୃଷ୍ଟିରୁ ସେତେବେଳେ ସେମାନଙ୍କ ଛାଡ଼ିଆସିବା ଉଚିତ ହୋଇ ନଥାନ୍ତା । ନାନାଦି ସାନ୍ତ୍ୱନା ଦେଇ ଘର ଲୋକଙ୍କୁ ସେମାନେ ବହୁତ ବୁଝାବୁଝି କଲେ ଏବଂ ସବୁ ଲୌକିକତାକୁ ଫିଙ୍ଗି ଦେଇ ନିଜେ ଆୟୋଜନ କଲେ ଶବଦାହର ।

× × × ×

ବୃନ୍ଦାବନଙ୍କ ନଈକୂଳର ବାଲିଘାଟ ମଶାଣିରେ ସଜଡ଼ା ହେଲା ଚିତା । ସଧବା ନାରୀର ଶଙ୍ଖା, ସିନ୍ଦୂର, ଅଗୁରୁ, ଚନ୍ଦନରେ ପୂରିଉଠିଲା ସ୍ଥାନଟି । ମାଲଭାଇମାନେ ଜୁଇ ଚାରିପାଖରେ ତିନିଥର ପ୍ରଦକ୍ଷିଣ କଲେ । 'ରାମ ନାମ ସତ୍ୟ'ରେ ନଈକୂଳ ଉଚ୍ଛୁଳି ଉଠିଲା । ଶେଷରେ ସମସ୍ତେ ମିଳି ସେହି ଟାଆଁସିଆ କାଠ ଉପରେ ମୁହଁ ମଡ଼ାଇ ଶୁଆଇ ଦେଲେ ମାଟି ଦେହଟିକ । ତା' ଉପରେ ପୁଣି ଲଦା ହେଲା ଆହୁରି ବଡ଼ ବଡ଼ ଗରକାଠ ।......ଟାଳି ଅଗ୍ନି ସଂଯୋଗ ବାକି—ମୁଖାଗ୍ନି ଧରି ବିନୟ ବୁଲିଲା ଜୁଇ ଚାରିପଟେ ।......ଏଁ, ହଠାତ୍ ଏ କ'ଣ ହେଲା ? ଆଖିବୁଜି ହୋଇଗଲା ଲୋକଙ୍କର । ଜଆଁ ହୁଲା ହାତରୁ ପକେଇ ଦେଇ ଏକ ବିକଟ ଚିତ୍କାର କରି ବିନୟ ଲୋଟିପଡ଼ିଲା ଜୁଇ ଉପରେ, "ନାଁ, ନାଁ, ମିନକୁ ଛାଡ଼ି ସେ ମୁ ହୁଣ୍ଡେ ବଞ୍ଚି ପାରିବ ନାହିଁ । ମିନର ସୁନାମୁହଁଟିକ ନ ଦେଖିଲେ ଦଣ୍ଡେକ ଭିତରେ ତା' ପ୍ରାଣବାୟୁ ବାହାରିଯିବ । କେବେହେଲେ ସେ ତା'କୁ ଛାଡ଼ିବ ନାହିଁ । କେହି ତା'ଠଉଁ ଛଡ଼େଇ ନେଇ ପାରିବେ ନାହିଁ ତା' ପ୍ରାଣର ମିନକୁ । କୋଳରେ ଧରି, କାନ୍ଧରେ ପକେଇ ସେ ତା'କୁ ନେଇ ଫେରିଯିବ ଗାଁକୁ ।"...... ଗୋଟି ଗୋଟି କରି ଉପରର ଗରକାଠ କାଢ଼ି ବିନୟ ଆସ୍ତେ ଆସ୍ତେ ମାଟି ଦେହଟିକୁ ବାହାର କଲା ।......

ଅଶ ଉଠିଲା ସଭିଙ୍କର ଗ୍ରୁଣ୍ଠ । ଅଜଣା ଆଶଙ୍କାରେ ଦୋହଲିଗଲା ସଭିଙ୍କର ମନ । ବିନସ୍ତ ଆଉ ପାଗଳ ହୋଇ ଯିବ ନାହିଁ ତ ।.....ସମସ୍ତେ ଧାଇଁଆସି ଧରାଧରି କଲେ । ବିନସ୍ତର କିନ୍ତୁ କାହାରି ଆଡ଼କୁ ଭ୍ରୂକ୍ଷେପ ନାହିଁ । ସିଂହ ବିକ୍ରମରେ ସମସ୍ତିଙ୍କି ଠେଲି ଦେଇ ସେ ଧୀରେ ଧୀରେ ମୁଣ୍ଡଟିକୁ ଉପରମୁହାଁ କଲା ।, "ଏଁ"—ବିଜୁଳି ହକ ଲାଗିଗଲାଭଳି ଚମକି ପଡ଼ିଲା ସେ । ଏଇ ତା'ର ପ୍ରାଣର ମିନୁ—ଏଇ ତା'ର ସ୍ୱପ୍ନର ସାଥୀ ମିନୁ; କିନ୍ତୁ ଏ କ'ଣ ? ଦେହ ସରୁଆ ସୁନାମୁହଁଟିରେ ତ ଆଉ ସେ ଲାବଣ୍ୟ ନାହିଁ—ନାହିଁ ତ ଓଠଥିରେ ସେହି ପ୍ରାଣ-ପୁଲକା, ଦେହ-ଭୁଲୁସା ଉଚ୍ଛୁଳା ହସ । ଦାନ୍ତ ବନ୍ଦ ହୋଇଯାଇଛି, ମୁହଁ କୋରଡ଼ ହୋଇ ଯାଇଛି—ଆଖିରେ ପାଟିରେ ଧାର ଧାର ପିମ୍ପୁଡ଼ି ଲାଗିଲେଣି । କାଠଠାରୁ କଠିନ ହେଲାଣି ତା'ର ଦେହ.....ଏ ତ ମିନୁ ନୁହେଁ—ଏ ଯେ ତା'ର ମାଟିଦେହ - ମୁର୍ଦାର.....ବିକଳରେ ଚିତ୍କାରକରି ଉଠିଲା ବିନସ୍ତ—ଗଛ କାଟିଲା ଭଳି ଗଡ଼ି ପଡ଼ିଲା ସେ ତଳକୁ ।

ପାଖଲୋକେ ଆସି ଠେକି ନେଲେ । ଦେହରେ ଚେତା ନାହିଁ । ଝମଝାଳ ବହିଯାଉଛି ଅଷ୍ଟାଙ୍ଗ ଶରୀରରୁ । କେଇଜଣ ବଞ୍ଚାବଞ୍ଚି କରିବାକୁ ଲାଗିପଡ଼ିଲେ ।

ଧୂ ଧୂ ହୋଇ ଜଳି ଉଠିଲା ଚିତା । ଗଗନ ପବନ ଭରିଗଲା ଧୂଆଁରେ । କଅଁଳ ଆଙ୍ଗୁଳିଗୁଡ଼ିକ ମୋଡ଼ି ମୋଡ଼ି ହୋଇ ଆସ୍ତେ ଆସ୍ତେ ଜଳି ଆସିଲା ।..... ଏମିତି କେତେ ମଶାଣି କୋଳରେ କେତେ ଲେଳିହାନ ଚିତା ନିତି ନିତି ଜଳିଉଠେ । ତରୁଣୀ ପ୍ରିୟାର ସୁକୁମାର ତନୁଟିକୁ ଜାଳିପୋଡ଼ି ଘଡ଼ିକ ଭିତରେ କରିଦିଏ ମୁଠାଏ ପାଉଁଶ । ତରୁଣ ପାଗଳ ହୁଏ—ତରୁଣ ଜୀବନହାରା ବସି ବସି ଝୁରି ହୁଏ ପ୍ରିୟାକୁ; କିନ୍ତୁ ଉଡ଼ିଗଲା ଚଢ଼େଇଟି ଆଉ ଫେରେନା—ମାଟି ଦେହଟା ମିଳେଇଯାଏ ମାଟିରେ । ପୁଣି ବିଚିତ୍ର ଏ ଚିତା । ମଲାମଣିଷ ପ୍ରତି ତା'ର ଯେତିକି ଲୋଭ, ଜିଅନ୍ତା ମଣିଷ ପ୍ରତି ତା'ର ସେତିକି ଅବହେଳା । ମଲାମଣିଷର ଦେହଟା ଏଥିରେ ଜଳିପୋଡ଼ି ପାଉଁଶ ହୁଏ ସିନା, ତା' ଆତ୍ମା ଶାନ୍ତି ପାଏ—ମୁକ୍ତି ପାଏ; କିନ୍ତୁ ଯେ ଜୀଇବଞ୍ଚି ରହେ, ତା' ଦେହଟା ଖାଲି ନାମକୁ ମାତ୍ର ଜୀଇ ରହେ ସିନା, ତା' ଆତ୍ମା ସେହିଦିନୁ ମରି ମରି ଯାଏ—ତା' ପ୍ରାଣ ସେହିଦିନୁ କଳବଲ, ଓହଳ-

ବ୍ୟାକୁଳ ହୋଇ ଜୀବନସାରା ଝୁରି ହୁଏ ।...ଚିତା ଜଳେ—ମଲାମଣିଷ ଶାନ୍ତି ପାଏ—ଜୀଅନ୍ତା ମଣିଷ ଢଳି ଢଳି କରି ମରେ ।

କେଇଟି ମୁହୂର୍ତ୍ତ ଭିତରେ ମିତ୍ରର ଗୋରା ତକତକ ସୁନା ଦେହଟି ହୋଇଗଲା ମୁଠାଏ ପାଉଁଶ—ହୋଇଗଲା ମେଞ୍ଚାଏ କଳା କଟକଟ ପୋଡ଼ା ଅଙ୍ଗାର । ଯୋଉ ବୃନ୍ଦାବନଙ୍କ ନଈକୂଳରେ କେତେ ହସଖେଳ, ରଙ୍ଗରସ କରି ସେ ସେଦିନ ସ୍ୱପ୍ନ ସୁଜୁଥିଲା, ସେହି ନଈକୂଳରେ ଆଜି ସେ ମାଟିରେ ମିଶିଗଲା—ପାଣିପବନରେ ମିଳେଇଗଲା । ଚିହ୍ନବର୍ଣ୍ଣ ବି ରହିଲା ନାହିଁ ।

ବନମ୍ଳୁର ଚେତା ଫେରିଲାବେଳକୁ ଚିତାର ଶିଖା ଲିଭି ଲିଭି ଆସିଥିଲା । "ମୋ ମିତ୍ର" ବୋଲି ଚିତ୍କାର କରି ପୁଣିଥରେ ସେ କଚାଡ଼ି ହୋଇ ପଡ଼ିଲା ମାଟିରେ ।

## —ଅଠର—

ଝଡ଼ ଥମି ଯାଇଛି—ଆକାଶ ଆଜି ନୀରବ, ସ୍ଥିର, ଶାନ୍ତ । ପୁନେଇ ପରେ ଆଜି ଉଆଁସ ଆସିଛି; ଜୁଆର ପରେ ଭଟ୍ଟା ଆସିଛି; ବତାସ ପରେ ନିସ୍ତବ୍ଧତା ଆସିଛି । ବନମ୍ଳୁର ଜୀବନ ଆଜି ଘନ ଅନ୍ଧକାରପୂର୍ଣ୍ଣ—ଜୀବନ ଆଜି ଶୂନ୍ୟ ।

କାଲି ସକାଳେ ହଂସ ହଂସୀ ଦୁଇଟି ନୀଳ ଆକାଶତଳେ ମିଳି କରି ମେଳରେ ଏତେ ଆନନ୍ଦରେ ଖେଳି ବୁଲୁଥିଲେ । କିଏ ଭାବିଥିଲା—ନିଷ୍ଠୁର କାଣ୍ଡିଆ ଏତେ ଶୀଘ୍ର ହଂସୀଟିକୁ ଶିକାର କରି ନେଇଯିବ ?......ପାଖୁଡ଼ା ମେଲି ଫୁଲଟି ଫୁଟି ଆସୁଥିଲା । ତା' ସଉରଭର ଗଉରବ ଟିକକ ଦୁନିଆଁ ସାରା ବିଛେଇ ଦେଇ ପୂର୍ଣ୍ଣ ବିକଶିତ ହୋଇଥାନ୍ତା । ସେ ହସିଥାନ୍ତା ଆଉ ଦୁନିଆକୁ ହସେଇ ଆଆନ୍ତା; କିନ୍ତୁ କିଏ ଦେହ ନିଷ୍ଠୁର, ସେହି ଦରବିକଶିତ କୁସୁମଟିକୁ ଅକାଳରେ

ବୃନ୍ତଚ୍ୟୁତ କଲା ?......ଅଥଳ ନଈରେ ନାଆ ମେଲ୍ ଦେଇ ନାଉରିଟି ମନ ଆନନ୍ଦରେ ନାନାବାସ୍ନା ଗୀତ ଗାଇ ଗାଇ ତରଣୀ ବାହି ଚାଲିଥିଲା । କେଉଁ ବିଧାତାର ନିଷ୍ଠୁର ଅଭିଶାପରେ ଅଦିନ ଝଞ୍ଜା ବହି ତରଣୀଟିର ସଲିଳ-ସମାଧି ହେଲା ? ଆଉ ପଥହରା ନାଉରୀଟିକି ଅଥଳ ନଈର ଅତଳ ଗହ୍ୱରକୁ ଠେଲିଦେଲା ?

ଭାବି ଭାବି ପାଗଳ ହେଇଗଲା ବିନୟ । ଆଘାତରେ ଏକାବେଳକେ ଭାଙ୍ଗି ପଡ଼ିଲା ସେ । ଜୀବନରେ ଧନ କେବେ ସେ ଚାହିଁନାହିଁ, ମାନ ସମ୍ମାନ ପାଇଁ ସେ କେବେ ଲାଳାୟିତ ହୋଇନାହିଁ । ସେ ଖାଲି ଚାହୁଁଥିଲା ଶାନ୍ତି । ସେ ଖାଲି ଚାହୁଁଥିଲା ପ୍ରେମ । ପଦ୍ମା ଭଳି ମିନି ଗୀତ ଗାଇଥାନ୍ତା, ଜୟଦେବ ଭଳି ସେ କବିତା ଲେଖିଥାନ୍ତା; ଫୁଲଝିଆ ଭଳି ମିନି ଫୁଲ ଫଳ ସଜାଡ଼ି ଦେଇଥାନ୍ତା, କାଳକେତୁ ଭଳି ସେ ବଣ ଜଙ୍ଗଲରେ ବୁଲି ବୁଲି ଶିକାର ତୁଣ୍ଡରେ ଆହାର ଦେଇଥାନ୍ତା, କାନ୍ଦଲା ଆଖିରୁ ଲୁହ ପୋଛି ଦେଇଥାନ୍ତା । ତା'ର ଏଇ ଆତ୍ମ ଭୂମିଶର ଭଙ୍ଗା କୁଡ଼ିଆଟିକି ଉଜ୍ଜ୍ୱଳ କରି କରି ବସିଥାନ୍ତା ମିନି, ଆଉ ସେ ତା'ର ସୁନ୍ଦର ମୁହଁକୁ ଚାହିଁ ଚାହିଁ ଖୋଳ ଉପାସ ଭୁଲି ଦୁନିଆ ଦୁଆରେ କରି ବୁଲିଥାନ୍ତା କାମ—କରି ବୁଲିଥାନ୍ତା ନିଃସ୍ୱାର୍ଥପର ଦେଶସେବା, ମିନି ଦେଇଥାନ୍ତା ଶକ୍ତି, ସେ କରିଥାନ୍ତା ସାଧନା; ମିନି ଦେଇଥାନ୍ତା ପ୍ରେମ, ସେ ଗଢ଼ିଥାନ୍ତା କୋଣାର୍କ; ମିନି ଦେଇଥାନ୍ତା ଶାନ୍ତି ସେ ରଚିଥାନ୍ତା ସ୍ୱର୍ଗ ।......ସବୁ ସ୍ୱପ୍ନ କିନ୍ତୁ ଆଜି ମଉଳିଗଲା —ସବୁ ସରଗ ଭୁଷିଗଲା, ବିନୟ ଆଜି ନିସ୍ୱ । ଏଡେବଡ଼ ବିଶ୍ୱ ଭିତରେ ତା'ର କେହି ସାହା ସମ୍ବଳ ନାହିଁ, କେହି ଆଶା ଭରସା ନାହିଁ । ଯୁଆଡ଼କୁ ଚାହୁଁଛି ସାଢ଼େ ଅନ୍ଧାର, ସାଢ଼େ ହାହାକାରମୟ । ଜୀବନ ଝରି ଯାଇଛି ଟିକି ଟିକି ହେଇ—

ସୁଖ ଆନନ୍ଦର ଦିନଗୁଡ଼ାକ ସପନ ଦେଖିଲାଭଳି ଚାଲିଯାଏ; କିନ୍ତୁ ଦୁଃଖ ନିରାଶାର ଗୋଟିଏ ଦିନ କୋଟିଏ ଯୁଗ ଭଳି ଲାଗେ । ମିନି ମରିବାର ଅନେକ ଦିନ ହେଇଗଲାଣି । ପୁଣି ଏହା ମଧ୍ୟରେ ମଳୟ ଆସିଲାଣି, ଚାନ୍ଦ ମାତିଲାଣି, ଶେଫାଳି ହସିଲାଣି । ବନ୍ଧୁ ବାନ୍ଧବ, ସାହିପଡ଼ିଶା ଘରେ କେତେ ପୁନେଇ ପର୍ବ, ଆନନ୍ଦଉତ୍ସବରେ ତରଙ୍ଗ ଖେଳି ଗଲାଣି; କିନ୍ତୁ ମୁହୂର୍ତ୍ତିକ ପାଇଁ ଆଉ ବିନୟ ମୁହଁରେ ହସ ଆନନ୍ଦ ଉକୁଟି ଉଠିନାହିଁ—ଆଶା, ଆଲୋକ ଖେଳି ଯାଇନାହିଁ । ସାନ୍ତ୍ୱନା ଦେଇ

ଦେଇ ଆନୁସ୍ୱାର ଅଟକାଲଣି—ଗାଁଲୋକେ ବୁଝେଇ ବୁଝେଇ ଫାଟିଫୁଟି ଗଲେଣି; କିନ୍ତୁ ଯେତେ ଯା' କହିଲେ ବି ବିନସ୍ତୁ ବୁଝୁ ନାହିଁ, ଆଖିରୁ ଦିନ ରାତି ଲୁହ ଝରୁଛି—ଛାତି ଫଟାଇ ଘନ ଘନ କୋହ ଉଠୁଛି ।

ଆନୁସ୍ୱାର କହିଲା, "ବିନସ୍ତୁ ଭାଇ ! କାନ୍ଦିବା ତ ଅନେକଦିନୁ ଲୁଚିଗଲାଣି ! ଖାଲି ଛାୟା ଉପରେ ତମେ କାହିଁକି ଏତେ ମାୟା ଲଗେଇଛ କହିଲ ? ଶେଷରେ ଭାଇ ଭଲ ବାୟା ହେଇଯିବ ନାହିଁତ ଅଛି ? ଛି ଭାଇ ! ଏତେ ଦୁର୍ବଳ ହେଲେ କ'ଣ ଚଳିବ ? ଯେହି ଯାହାଙ୍କ ସ୍ମୃତି ତମେ ଭାଳି ହେଉଛ, ତାଙ୍କର ଶେଷ କଥାପଦକ କ'ଣ ଭୁଲିଗଲ, ଗୋଟିଏ ମିନ ପାଇଁ ଲୁହ ନ ଗଡ଼ାଇ ତମେ କୋଟି କୋଟି ମିନ ପାଇଁ କାନ୍ଦିବ । ଏକକୁ ଛାଡ଼ି ତମେ ମିଶିଯିବ ବହୁରେ—ଜଣକୁ ଛାଡ଼ି ତମେ ଭଲ ପାଇବ ଗଣକୁ—ସସୀମକୁ ଛାଡ଼ି ତମେ ପ୍ରେମ କରିବ ଅସୀମକୁ ।" ଭୁଲି ଯାଉଛ ତାଙ୍କର ସେହି ଲୁହବୋଳା କରୁଣ କଥାଟି ?

ଛଳ ଛଳ ହେଇଆସିଲା ବିନସ୍ତୁର ଆଖି—ଧୀରେ ଧୀରେ ମଥା ଟେକି କହିଲା, "ନାହିଁ ଭାଇ ! ଭୁଲି ନାହିଁ ତା' କଥା—ଭୁଲି ପାରିବି ନାହିଁ ସେ ଛାଡିଥିବା ଜୀବନ୍ତ ସ୍ମୃତି । ଜୀବନର ଘନ ଦୁର୍ଦ୍ଦିନରେ କିଏ ସାହା ହୋଇ ଆହା ବୋଲି ପଦେ କହିବ—ଝଡ଼ି ବର୍ଷା, ମେଘ ଅନ୍ଧାର ଭିତରେ ଆଲୋକ ଦେଖାଇ ବାଟ କଢ଼ାଇ ନେବ । ସେ ତ ମଣିଷର କଥା ନୁହେଁ, ସେ ଯେ ଦେବତାର ନିର୍ଦ୍ଦେଶ—ଅଦେଖା ହାତର ଇଙ୍ଗିତ । ଦେଶବାସୀଙ୍କର ସେବା କରି କରି ମିନ ଆପଣା ମାଟି ଦେହକୁ ମାଟିରେ ମିଶାଇ ଦେଲା ଆଉ ଶେଷରେ ସେ ଆମ୍ଭମାନଙ୍କୁ କହିଗଲା ସେହି ସେବା, ନିଷ୍ଠା, ଆତ୍ମତ୍ୟାଗ, ଆଦର୍ଶରେ ଅନୁପ୍ରାଣିତ ହୋଇ ବିଶ୍ୱବାସୀଙ୍କ ଚରଣ ସେବା କରିବାକୁ । ତା' ମୁଁ କରନ୍ତି କରିବା ଭଳିଆ ମନବଳ ମୋର ଥିଲା; କିନ୍ତୁ ମିନକୁ ହରାଇ ମୁଁ ଯେ ମୁହୂର୍ତ୍ତେ ମାତ୍ର ସ୍ଥିର ହୋଇ ପାରୁନାହିଁ । ମୋର ମନ, ପ୍ରାଣ, ଜୀବନ, ଯୌବନ—ସବୁ ଯେ ଘୂରି ବୁଲୁଛି ତା'ରି ପଛରେ । କେମିତି କରିବି ମୁଁ ଏ ଦୁରୁହ କାର୍ଯ୍ୟ ? କେମିତି ଚାଲିବି ମୁଁ ଏ ଦୁର୍ଗମ ପଥରେ ? ନାଁ, ନାଁ, ମୋତେ କ୍ଷମାକର ଭାଇ—ମୁଁ ଆଉ ଫେରି ପାରିବି ନାହିଁ ସଂସାରକୁ—ମୁଁ ଯିବି ମୁଁ ଚାଲିଯିବି ମୋର ମିନ ପାଖକୁ ।

ହୋଇ—ହୋଇ ଆକାଶରେ ଡାକୁଛୁ ମୋର ଦୁଃଖିନୀ ମିନ । ବିକଳ ହୋଇ କାନ୍ଦୁଛୁ ସିଏ—ମୁଁ ତା'ର ପାଖକୁ ଯିବି—ମୁଁ ପଳେଇଯିବି ଦୂରକୁ—ମୁଁ କରିବି ଆ—ତ୍ମ—ହ—ତ୍ୟା—"

ଗୁଉଁକିନା ଚମକି ପଡ଼ିଲା ଆନୁସ୍ୱାର !—"କ'ଣ କହୁଛ ତମେ । ପିଲାଙ୍କ ଭଳି ଏମିତି ବାଇଆ ହେଲେ ଚଳିବ ? ଯେ ଯାଏ, ସେ କ'ଣ ଆଉ ଫେରେ ? ତା'ପାଇଁ ଜୀବନସାରା ଝୁରି ଝୁରି ଶେଷରେ ମାଟି ସାଙ୍ଗରେ ମାଟିହୋଇ ମିଳେଇଗଲେ ବି ସେ ଆଉ କେବେ ଫେରେ ନା । ଖାଲି ନିଜେ ଦୁଃଖ, ଦହଗଞ୍ଜରେ ସନ୍ତୁଳି ହୋଇ ମରିବା ସାର ହୁଏ । କିନ୍ତୁ ତମେ ତା'କୁ ଗୋଟିଏ ଉପାୟରେ ଫେରି ପାଇବ—ଯାହା ଋଷିଜ କହି ଯାଇଛନ୍ତି—ସେବାରେ, ପ୍ରେମରେ ସମସ୍ତ ମାନବ ଜାତିକୁ ତମେ ଭଲପାଅ । ତାଙ୍କ ହସରେ ହସ ଖେଳାଅ, ଲୁହରେ ଲୁହ ମିଶାଅ—ତା'ହେଲେ ଦେଖିବ, କେତେ ମିନ ସେଥିରୁ ବାହାରିବେ—କେତେ ମିନର ସ୍ନେହ, ସୌହାର୍ଦ୍ଦ୍ୟ, ଆଦର, ଆତ୍ମୀୟତା ସେହିମାନଙ୍କ ଭିତରୁ ମିଳିବ ।

ତା'ପରେ ଗୋଟିଏ ବଡ଼କଥା ତମେ ଭୁଲିଯାଉଛ । ସ୍ୱୟଂ ବାପୁଜୀ କହିଛନ୍ତି—'କାନ୍ଦିବା ପାଇଁ ଦେଶସେବକର ଅବସର ନାହିଁ—ସେ ପରର ସେବାପାଇଁ ତା' ସମସ୍ତତିକି ଦେଇ ଦେଇଛି । ସମୟ ଉପରେ ତା'ର ତ ଅଧିକାର ନାହିଁ—କାନ୍ଦିବାକୁ ସେ ବେଳ ପାଇବ କେଉଁଠି ?......ପୁଣି ମଲା ଲୋକପାଇଁ ଶୋକ କରି କ'ଣ ମିଳିବ ? ସେ କ'ଣ ଆଉ ଫେରି ଆସିବ ? ଆମର କର୍ତ୍ତବ୍ୟ ଜୀଅନ୍ତା ଲୋକଙ୍କ ପାଇଁ—"

ପୁଣି ଦେଖ—ଏ ବାପ, ମା, ପୁଅ, ସ୍ତ୍ରୀ—ସବୁ ଖାଲି ଗୋଟାଏ ଗୋଟାଏ ମାୟା । କିନ୍ତୁ ପ୍ରକୃତରେ କେହି କାହାର ନୁହନ୍ତି । ନଈବଢ଼ିରେ ଭାସିଆସନ୍ତି କେତେ କାଠିକୁଟା—କୂଳରେ ଲାଗି କେତେବେଳଯାଏ ଏକାଠି ରହନ୍ତି । ପୁଣି ଗୋଟିଏ ସ୍ରୋତ ଲହଡ଼ି ଆସିଲେ ଅଲଗା ଅଲଗା ହୋଇଯାନ୍ତି । କେତେ ଖସି ତଳକୁ ଗଳିଯାଏ—କେତେ ପୁଣି ନୂଆ ଆସି ଉପରେ ଲାଗେ,......ଗଛଡ଼ାଳରେ ଆସି ଏକାଠି ହୁଅନ୍ତି କେତେ ଜାତିକା ଚଢ଼େଇ—କିଚିରି ମିଚିରି ଶବଦରେ

କେତେଦିନ କାନଅତସ ପକାନ୍ତି । ଆନନ୍ଦ କୋଳାହଳରେ ଆମ୍ବତୋଟା ଉଛୁଳି-ଉଠେ; କିନ୍ତୁ ସେ ମୋଟେ ଅଢ଼େଇ ଦିନକୁ । ତା'ପରେ କେତେବେଳେ କିଏ ଖସି ଚାଲିଯାଏ କେହି ଜାଣି ପାରନ୍ତି ନାହିଁ......ଅଜଣା ଅଶୁଣା ବାଟୋଇ ଆସି ଝଡ଼ବେଳେ ରୁଣ୍ଡ ହୁଅନ୍ତି ଗଛମୂଳେ । ବଇଶାଖ ଖରାରେ ଛାତି ଫାଟି ଯାଉଥାଏ । ଦୂର ମରୀଚିକାକୁ ଦେଖି ବାଟୋଇ ଆନନ୍ଦିତ ହୁଅନ୍ତି । ଅତ୍ମୀୟ ଲୋକଭଳି ଆପଣା ଆପଣା ଭିତରେ ଦୁଃଖସୁଖ ହୁଅନ୍ତି—ବେଳ କଟେ । ଯେଝା ଦୁଃଖରେ ଯେଝା ବାଟରେ ଯା'ନ୍ତି—କେହି କାହା କଥା ଭାବନ୍ତି ନାହିଁ ।......ଏସବୁ ମାୟା—ସବୁ ମରୀଚିକା—ଏଥିରେ ଛନ୍ଦି ହୋଇ ପଥ ହୁଡ଼ିଗଲେ ଚଳିବ ନାହିଁ । ପଛକଥା ଭୁଲି ଆଗକୁ ଗୋଡ଼ ବଢ଼େଇବାକୁ ହେବ ।

ତା'ପରେ ତମର ଏକା ସ୍ତ୍ରୀ ମରିନାହିଁ—ଦୁନିଆରେ ଅନେକ ଲୋକଙ୍କର ଏମିତି ଅକାଳରେ ସ୍ତ୍ରୀ ମରିଛି । ସାହାଜାହାନ, ଉପେନ୍ଦ୍ର ଭଞ୍ଜଙ୍କଠାରୁ ଆରମ୍ଭ କରି ଗୋପବନ୍ଧୁ, ମଧୁସୂଦନ, ଆଚାର୍ଯ୍ୟହରିହର ପର୍ଯ୍ୟନ୍ତ ସମସ୍ତଙ୍କର ସ୍ତ୍ରୀ ବିୟୋଗ ଘଟିଛି ଏମିତି ଅବେଳରେ—ଅସମୟରେ । ମହାତ୍ମାଗାନ୍ଧୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ରାଜଗୋପାଳାଚାରୀ, ସୁରେନ୍ଦ୍ର ଦ୍ୱିବେଦୀ—ସମସ୍ତେ ବିପତ୍ନୀକ । କିନ୍ତୁ କେହି ତ ସେମାନଙ୍କ ଭିତରୁ ଭାଙ୍ଗି ପଡ଼ିନାହାନ୍ତି—ବରଂ ସେମାନେ ପ୍ରତ୍ୟେକ କରିଛନ୍ତି ବିରାଟ ସାଧନା—ଅଲୌକିକ କାର୍ଯ୍ୟ । ଆଜି ସେହି ବିଧୁର-ବନ୍ଧୁର ତରୁଣଗଣ ହୋଇଛନ୍ତି ଦେଶରେ ଶର୍ବଶ୍ରେଷ୍ଠ ନେତା, କବି, ସାଧୁ, ସେବକ ।

ଟିକିଏ ଚନ୍ତାକରି ବିନୟ ଭାଇ ! ଖାଲି ଭାବପ୍ରବଣତାରେ ଭାସି ଯାଅ ନାହିଁ । ମୁଁ ଜାଣେ, ତମ ପ୍ରାଣରେ ଭାରି ଆଘାତ ଲାଗିଛି । ଗୃହତଳର କଲିଜା ଓପାଡ଼ି ଦେଇଥିଲେ ବି ଏତେ ବାଧି ନଥାନ୍ତା, କିନ୍ତୁ କ'ଣ କରିବା ? ପାଠଶାଠ ପଢ଼ି ଆମେ ଯଦି ଏ ଧକ୍କା ସହି ନପାରିବା, ତେବେ ଆଉ ସହିବ କିଏ ? ସେ ବାଇଆ ବୁଦ୍ଧି ଛାଡ଼—ଜଣଙ୍କ ପାଇଁ ନ କାନ୍ଦି ତମେ ଗଣଙ୍କ ପାଇଁ କାନ୍ଦ—ଜୀବନକୁ ହତ୍ୟା ନକରି ଉତ୍ସର୍ଗ କରିଦିଅ ।"

ବୋକାଙ୍କ ଭଳି ବନସ୍ତ ଗ୍ଧହିଁ ରହିଥିଲା ଆନୁସ୍ଥାର ମୁହଁକୁ । ପଅ ତା'ହେଲେ କ'ଣ ସେ ହୁଡ଼ିଛି ? ମଣିଷଙ୍କ୍ର ଗୁଡ଼ି ମଡ଼ା ପାଇଁ ସେ ପାଗଳ ହୋଇଛି ? ବସି ବସି ବନସ୍ତ ଭାବିଗଲା ଆକାଶ ପାତାଳ— ମୁଣ୍ଡରେ ଚେତା ପଶିଲା ।

× × × ×

ଦୁଇମାସ କଟିଯାଇଛି । ବନସ୍ତର ପାଗଳାମି କମିଆସିଛି ଅଧାଅଧି । ପୁଣି ଘୋଷାର ଘୋଷାର ହୋଇ ସେ ଆରମ୍ଭ କରନ୍ତି ନୈଶ ବିଦ୍ୟାଳୟ —ସମବାୟ ଷ୍ଟୋର — ଔଷଧ ବିତରଣ । ଡାକ୍ତରୀ ପାଶ୍‌କରି ବି ଆନୁସ୍ଥାର ଫେରିଆସିଛି ତା'ପାଖକୁ । କାମ କରୁଛି ତା' ଡାହାଣ ହାତ ହୋଇ ।

କାହ୍ନୁବାବୁ ଚିଠି ଲେଖିଥିଲେ – ପିଲାଟି ଭଲ ଅଛି । ଅନୁବାବୁ ଦେଇଥିବା ନାଁଟି ଏକୋଇଶିଆ ଦିନ ଦିଆ ହେଉଛି......ଜାଦନର ପହିଲି ପ୍ରଭାତରେ ଯେତେବେଳେ ମିନ, ବନସ୍ତ ଛଳ ଛଳ ପାଣି ଫୋଟକା ଭଳି ଫଯାର ସୁଅରେ ଏଣେ ତେଣେ ଭାସି ବୁଲୁଥିଲେ, ଠିକ୍ ସେତିକିବେଳେ ହୋଇଥିଲା କ୍ଷୁଦ୍ର କଳିକାଟିର ଆବିର୍ଭାବ । ତା' ଧୀରେ ଧୀରେ ପାଖୁଡ଼ା ମେଲି ଆଜି ପୂର୍ଣ୍ଣ-ପ୍ରସ୍ଫୁଟିତ ପୁଷ୍ପ ହୋଇ ହସି ଉଠିଛି । ତେଣୁ ସେହି ସରସ ସ୍ମୃତିଟିକି ଚିର ସଜୀବ ରଖିବା ପାଇଁ ଆନୁସ୍ଥାର ବାଛି ବାଛି ନାଁ ଦେଇଥିଲା "ପ୍ରଭାତ କୁସୁମ" । ତା'ହିଁ ଶେଷରେ ରହିଲା । ଆନୁସ୍ଥାର ମନ ପୁରିଉଠିଲା ଆନନ୍ଦରେ ।

ସେଦିନ ବି ହୋଇଥାଏ ଜହ୍ନରାତି । ବଗିଚାରେ ଫୁଟିଥାଏ ଅସୁମାରି ଫୁଲ । ରଜନୀଗନ୍ଧାର ପ୍ରାଣପୂଲକା ମହକ ଭାସି ଆସୁଥାଏ ଦୂରରୁ । ପୋଖରୀହୁଡ଼ା ଚଉଡ଼ରୀ ଉପରେ ବସି ବନସ୍ତ କ'ଣ ଲେଖିଯାଉଥାଏ ଗୋଟିଏ ଖାତାରେ । କଳକଳ ରବ କରି ଟେଣ୍ଡାଳିଆ ଯୋଡ଼ିଏ ଆକାଶରେ ଉଡ଼ିଗଲେ । ଜାଗି ଉଠିଲା ମନରେ ପିଛିଲା ସ୍ମୃତି—ଭାସି ଉଠିଲା ଆଖି ଆଗରେ ମିନାର ହସ ହସ ମୁହଁଟି । ସେଦିନ ସେ କହିଥିଲା—'ଯଦି ସେହି କଅଁଳ ଶିଶୁଟିର କଅଁଳ କୁଆଁ ଡାକ ଶୁଣିବା ଆଗରୁ ଗର୍ଭଧାରଣୀ ମା' ଆଗରୁ ବାଟକାଟି ଗୁଲିଯାଏ, ତେବେ ତମ କହିବା ଅନୁଯାୟୀ ଆଉ ଏକରେ ଏକ ମିଶି ତିନ ହେବ କେମିତି ?' ବନସ୍ତ ପାଟିରେ ହାତ ଦେଇ କହିଥିଲା—'କାଲରୁଣ୍ଡୀଟା...। କିନ୍ତୁ ଶେଷରେ ତା'ର କଥାହିଁ ସତ ହେଲା—ରୁଣ୍ଡ

ସୁଚୁଣ୍ଡ ହେଉଛି ତା'ର......ବିଦାରି ହୋଇ ଆସିଲା ବିନୟଙ୍କର ବୁକୁ । ଅପ୍ ଅପ୍ କରି ଦି'ବୁନ୍ଦା ଲୁହ ଗଡ଼ିପଡ଼ିଲା ଖାତାରେ । ଆଲୁସ୍ମାର ଆସି କେତେବେଳେ ପଛରେ ଠିଆ ହୋଇଥିଲା । ବିନୟଙ୍କର ସେ ଆଡ଼କୁ ନଜର ନାହିଁ । ଧୀରେ ଧୀରେ ଆଲୁସ୍ମାର ଯାଇଁ ପାଖରେ ବସିଲା ।

"କ'ଣ ଲେଖୁଛୁ ବିନୟ ଭାଇ !"

"ଲେଖୁଛି ଖଣ୍ଡିଏ ବହି—ତାଜମହଲ ଗଢ଼ି ପାରିବା ଭଳି ତ ମୋର ଆଉ କ୍ଷମତା ନାହିଁ । ମୁଁ ଗଢ଼ୁଛି ଏଇ ଖଣ୍ଡିକ । ଯା'ର ଭିତରେ ମୁଁ ଚିରଦିନ ପାଇଁ ନେଇ ବସାଇ ରଖିବି ତା'କୁ । ଓଡ଼ିଆ ଘରର ଅଳିଅଳି ଝିଅ ବୋହୂମାନେ ଆଦର କରି ଏଇଟିକି ତୋଳି ନେଲେ ମୋ ଜୀବନ ସାର୍ଥକ ହେବ—ମୋ ଦୁଃଖିନୀ ପ୍ରିୟା ସରଗରେ ଆଉ ଶାନ୍ତି ପାଇବ ।"

"କ'ଣ ଦେବ ଭାଇ ବହିଟି ନାଁ ?"

'ଆଉ କ'ଣ ଦେଇପାରେ ? ସେହି ଦୁଃଖିନୀ ନାଁରେହିଁ ନାମକରଣ କରିବି । ତା'ର ପୁରା ନାଁ ଯାହା ଥିଲା, ଅବିକଳ ସେହି ନାଁ ରହିବ ବହିଟିର ।"

"ମିନତି"

"ହଁ" ।

***

ମୁଦ୍ରାକର ଶ୍ରୀ ଅମ୍ଲାନବଦନ ପଟ୍ଟନାୟକ, ନବଜୀବନ ପ୍ରିଣ୍ଟର୍ସ
ଝାଞ୍ଜିରିମଙ୍ଗଳା, କଟକ-୯

Bada gharara jhia